ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୩/୨୦୨୬ (୧୪ ପୃଷ୍ଠା) Bhubaneswar, Monday, March 23/2026 Page 14 ₹ 7.00 | SAMBALPUR
୫୨ଶ ଭାଗ ୧୧୭ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 52 ISSUE 117 ମୂଲ୍ୟ₹୭/-


भारत की जनगणना 2027 CENSUS OF INDIA

गृह मंत्रालय
भारत सरकार
सत्यमेव जयते

# ଆମର ଜନଗଣନା
# ଆମର ବିକାଶ

**ଭାରତର ସବୁଠାରୁ ବଡ଼ ଜନଭାଗୀଦାରି ପ୍ରକ୍ରିୟା, ଜନଗଣନା ୨୦୨୭ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି ।**
**ଏହା କେବଳ ଏକ ଗଣନା ନୁହେଁ... ଏହା ବିକଶିତ ଭାରତ @ ୨୦୪୭ର ମୂଳଦୁଆ ।**

### ଜନଗଣନାର ପ୍ରଥମ ପର୍ଯ୍ୟାୟ

- ଘରଗୁଡ଼ିକର ତାଲିକା ପ୍ରସ୍ତୁତି ଓ ଘରଗୁଡ଼ିକର ଗଣନା
- ଏପ୍ରିଲରୁ ସେପ୍ଟେମ୍ବର, ୨୦୨୬ ମଧ୍ୟରେ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦ୍ୱାରା ଚୟନ କରାଯାଇଥିବା ୩୦ ଦିନିଆ ଅବଧିରେ
- ପ୍ରତ୍ୟେକ ଘର ସମ୍ପର୍କିତ ସୂଚନା ରେକର୍ଡଭୁକ୍ତ ହେବ
- ଘରେ ଉପଲବ୍ଧ ଥିବା ସୁବିଧା, ସମ୍ପତ୍ତି ଏବଂ ସେଗୁଡ଼ିକର ମୌଳିକ ସୂଚନା ସଂଗ୍ରହ କରାଯିବ

### ଆତ୍ମ-ଗଣନା କେମିତି କରିବେ?

**ଆତ୍ମ-ଗଣନା**
ଅନଲାଇନ୍ ପୋର୍ଟାଲ୍ (se.census.gov.in) ପରିଦର୍ଶନ କରନ୍ତୁ ଏବଂ ଏସ୍‌ଇ ଆଇଡି ହାସଲ କରନ୍ତୁ

ଗଣନାକାରୀ ଆପଣଙ୍କ ଘରକୁ ଆସିଲେ ତାଙ୍କୁ ଆପଣଙ୍କର ଏସ୍‌ଇ ଆଇଡି ଦିଅନ୍ତୁ

### ଜନଗଣନାର ଲାଭ କ'ଣ?

- ଭବିଷ୍ୟତର ନୀତିଗୁଡ଼ିକ ପାଇଁ ନିର୍ଭୁଲ ଆଧାର
- ସମ୍ବଳଗୁଡ଼ିକର ନିରପେକ୍ଷ ବିତରଣ
- ଠିକ୍ ସ୍ଥାନରେ ଠିକ୍ ଯୋଜନା
- ଉତ୍ତମ ବିଦ୍ୟାଳୟ, ଚିକିତ୍ସାଳୟ ଓ ସଡ଼କ
- ପ୍ରତ୍ୟେକ ବର୍ଗ ଓ ପ୍ରତ୍ୟେକ ଅଞ୍ଚଳର ଉପଯୁକ୍ତ ବିକାଶ

**ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ଫେବୃଆରୀ, ୨୦୨୭ରେ ସଞ୍ଚାଳିତ ହେବ ।**

**ଆସନ୍ତୁ, ଆମର ଦାୟିତ୍ୱ ତୁଲାଇବା ଓ ଜନଗଣନାରେ ଅଂଶଗ୍ରହଣ କରିବା**

### ଆପଣଙ୍କର ସୂଚନା ସମ୍ପୂର୍ଣ୍ଣ ସୁରକ୍ଷିତ

- ଜନଗଣନା ଅଧିନିୟମ, ୧୯୪୮ ଅନୁଯାୟୀ ଆପଣଙ୍କ ସୂଚନାକୁ ଗୋପନୀୟ ରଖାଯିବ
- ନାମ ଓ ପରିଚୟ ସାର୍ବଜନୀନ ହେବ ନାହିଁ
- ଟିକସ କିମ୍ବା କୌଣସି ପ୍ରକାର ତଦନ୍ତ ଉଦ୍ଦେଶ୍ୟରେ ତଥ୍ୟ ବ୍ୟବହୃତ ହେବନାହିଁ

### ଆପଣଙ୍କର ସହଯୋଗ ଏକାନ୍ତ ଆବଶ୍ୟକ

- ଘରକୁ ଆସିଥିବା ଗଣନାକାରୀଙ୍କୁ ଠିକ୍ ଏବଂ ସମ୍ପୂର୍ଣ୍ଣ ସୂଚନା ଦିଅନ୍ତୁ
- ଆପଣଙ୍କ ଦ୍ୱାରା ଦିଆଯାଇଥିବା ଠିକ୍ ସୂଚନା ଆଗାମୀ ବହୁ ବର୍ଷ ପାଇଁ ଦେଶର ଅଭିବୃଦ୍ଧିର ଦିଗ ନିର୍ଣ୍ଣୟ କରିବ



CensusIndia2027

CBC 19108/13/0026/2526

# ପ୍ରୋତ୍ସାହନ ଅଭାବ, ମୁହଁ ମୋଡୁଛନ୍ତି ପିଆଜ ଚାଷୀ

**କଳାହାଣ୍ଡି ଜିଲ୍ଲା**

- ଅମଳ ବେଳେ ଅଭାବୀ ବିକ୍ରି
- ଆରମ୍ଭରୁ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ହେଉନାହିଁ


କାର୍ଯ୍ୟକ୍ଷମ ହେଉ ନ ଥିବା ଶୀତଳଭଣ୍ଡାର

ଭବାନୀପାଟଣା,୨୨।୩(ଉତ୍ତମ କୁମାର ଦାଶ)

ଧାନ ଚାଷ ପରେ କଳାହାଣ୍ଡିର ଚାଷୀ କପା ଓ ପିଆଜକୁ ଅର୍ଥକରୀ ଫସଲ ଭାବେ ଗ୍ରହଣ କରିଛନ୍ତି। ଏଣୁ କଳାହାଣ୍ଡିରେ ପିଆଜକୁ ତୃତୀୟ ଫସଲ ଭାବେ ମାନ୍ୟତା ମିଳିଛି। ହେଲେ ପ୍ରୋତ୍ସାହନ ଅଭାବରୁ ଜିଲାର ଚାଷୀ ପିଆଜ ଚାଷରୁ ଏବେ ମୁହଁ ମୋଡୁଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଚଳିତବର୍ଷ ଜିଲାର ୧୩ ବ୍ଲକରେ ୩୭୮୦ ହେକ୍ଟର ଜମିରେ ପିଆଜ ଚାଷ ହେଉଛି। ହେକ୍ଟର ପିଛା ୧୨ଟନ ଉତ୍ପାଦନ ହାରରେ ଚଳିତବର୍ଷ ପ୍ରାୟ ୪୦ହଜାର ଟନ ପିଆଜ ଉତ୍ପାଦନ ହେବା ଆଶା କରାଯାଉଛି। ପିଆଜ ଚାଷ ପାଇଁ ବିଭାଗୀୟ ସ୍ତରରେ ଖସଡ଼ା ପ୍ରସ୍ତୁତ ହେଉଥିଲେ ବି ସେହି ଅନୁପାତରେ ଚାଷୀଙ୍କୁ ପ୍ରୋତ୍ସାହନ ମିଳୁ ନ ଥିବା ଅଭିଯୋଗ ହେଉଛି। ପିଆଜ ମଞ୍ଜିର ସରକାରୀ ମୂଲ୍ୟ କିଲୋ ପିଛା ପ୍ରାୟ ୧୨୭୦ଟଙ୍କା। ସେହିପରି ଚାଇନା କିଙ୍ଗ ଭେରାଇଟି ମଞ୍ଜି କିଲୋ ପିଛା ୧୯୦୦ ଓ କଳସ ଭେରାଇଟି ମଞ୍ଜି ୨୪୦୦ ଟଙ୍କା ରହିଛି। ହେଲେ ଦେଶୀ ପିଆଜ ମଞ୍ଜି ଅପେକ୍ଷା ଏବେ ହାଇବ୍ରିଡ଼ ମଞ୍ଜି ପ୍ରାୟ ୧୮୦୦ରୁ ୨ ହଜାର ଟଙ୍କାରେ କିଣୁଛନ୍ତି ଚାଷୀ। କାରଣ ହାଇବ୍ରିଡ଼ ବିହନ ଅଧିକ ଅମଳ ଦେବା ସହ ଦୀର୍ଘଦିନ ଯାଏ ସୁରକ୍ଷିତ ରହେ। ମଞ୍ଜି ତଳି ପକାଇ ପ୍ରାୟ ମାସେ ପରେ ତଳି ରୋଇ ଚାଷ ଆରମ୍ଭ କରାଯାଉଛି। ପାଣି ଅଭାବରୁ ଚାଷୀମାନେ ପିଆଜ କିଆରିରେ ଛୋଟ ଛୋଟ କୂଅ କରୁଛନ୍ତି। ସ୍ଥାନୀୟ ଭାଷାରେ ଟେଣ୍ଡା ପାଟି କୁହାଯାଉଥିବା କାଠ, ବାଉଁଶରେ ପାଣି ଉଠାଇ କିଆରିରେ ଜଳସେଚନ କରାଯାଉଛି। ପ୍ରବଳ ଖରାରେ ପିଆଜ ତୋଳିବା ପରେ ତାକୁ କାଟି ଗଦା କରୁଛନ୍ତି। ହେଲେ ବିକ୍ରି ବେଳକୁ ଶୋଷଣର ଶିକାର ହେଉଛନ୍ତି। ଚଳିତବର୍ଷ ସ୍ଥାନୀୟ ଅଞ୍ଚଳରେ ପିଆଜ ଉତ୍ପାଦନ ଆରମ୍ଭ ହୋଇ ନ ଥିଲାବେଳେ ନାଗପୁର ଓ ରାୟପୁରରୁ ପିଆଜ ଆମଦାନୀ ହେଉଛି, ଯାହାକି କେଜି ପିଛା ୧୮ରୁ ୨୦ଟଙ୍କାରେ ବିକ୍ରି ହେଉଛି। ତେବେ ସ୍ଥାନୀୟ ପିଆଜ ଉତ୍ପାଦନ ପରେ ହାଟକୁ ଆସିଲେ କମ ମୂଲ୍ୟରେ ବିକ୍ରି ପାଇଁ ଚାଷୀ ବାଧ୍ୟ ହୁଅନ୍ତି। ଜିଲାର ପିଆଜ ଅଞ୍ଚଳ ଭାବେ ପରିଚିତ ଭବାନୀପାଟଣା ବ୍ଲକ ବୋର୍ଡ଼ା ଅଞ୍ଚଳକୁ ପୂର୍ବରୁ ପଶ୍ଚିମବଙ୍ଗ ଓ ରାୟପୁର ଅଞ୍ଚଳର ବ୍ୟବସାୟୀଙ୍କ ଟ୍ରକ୍ ଆସୁଥିଲା। ହେଲେ ଏବେ ଆଉ ସେ ସ୍ଥିତି ନାହିଁ। ପାଣି ସମସ୍ୟା, ପିଆଜ ସଂରକ୍ଷଣ ସମସ୍ୟା ତଥା ଲାଭ ହେଉ ନ ଥିବାରୁ ଚାଷୀ ପିଆଜ ଉପରୁ ମୁହଁ ମୋଡ଼ିଲେଣି। ପୁଣି ଶ୍ରମିକ ଅଭାବ ଚାଷୀ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏସବୁ କାରଣରୁ ଦିନେ ପିଆଜ ଚାଷ ପାଇଁ କଳାହାଣ୍ଡିର ମିଲକି ଅଞ୍ଚଳ ଭାବେ ପରିଚିତ ବୋର୍ଡ଼ା ଭୂଖଣ୍ଡର କାନ୍ଦୁଲଝର, କନ୍ଦାଖାଲ, ପଲନା, ଡୁମରିଆ, ଅର୍ଲ ଅଞ୍ଚଳର ହେକ୍ଟର ହେକ୍ଟର ଜମି ଏବେ ଖାଲି ପଡ଼ିଛି । କେବଳ ପାରମ୍ପରିକ ଭାବେ ଖରିଫ ଧାନ ଚାଷ କରି ଚାଷୀ ହାତରେ ହାତ ଦେଇ ବସିଛନ୍ତି। ମରୁଡ଼ି ପ୍ରବଣ ବୋର୍ଡ଼ା ଅଞ୍ଚଳରେ ଜଳସେଚନର ସୁବିଧା ନ ଥିବାରୁ ଚାଷୀ ଅର୍ଥକରୀ ଚାଷ କରିବାରୁ ବଞ୍ଚିତ ହେଉଛନ୍ତି। କଳାହାଣ୍ଡିରେ ପିଆଜ ଉତ୍ପାଦନ ଯେତିକି କଷ୍ଟସାଧ ବିକ୍ରିବଟା ଓ ସଂରକ୍ଷଣ ତା'ଠାରୁ ଅଧିକ ସମସ୍ୟାଯୁକ୍ତ। ଜିଲାରେ ଚାଷୀ ନିଜସ୍ୱ ଉଦ୍ୟମରେ ହିଁ ପିଆଜ ଉତ୍ପାଦନ ପରେ ବିକ୍ରି ଓ ସଂରକ୍ଷଣ କରନ୍ତି। ଏଣୁ ସଂରକ୍ଷଣ ସୁବିଧା ନ ଥିବାରୁ କମ ମୂଲ୍ୟରେ ପିଆଜ ବିକିବାକୁ ଚାଷୀ ବାଧ୍ୟ ହେଉଛନ୍ତି । ଜିଲାର କୌଣସି ସ୍ଥାନରେ ପିଆଜ ସଂରକ୍ଷଣ ପାଇଁ ଭାଡ଼ି କିମ୍ବା ଶୀତଳଭଣ୍ଡାର ମଧ୍ୟ ନାହିଁ। ଜିଲାର ଥୁଆମୂଳ ରାମପୁରରେ ଥିବା ଛୋଟ ଶୀତଳ ଭଣ୍ଡାରଟି ସମ୍ପୂର୍ଣ୍ଣ ଅକାମୀ ହୋଇଗଲାଣି। ୨୦୨୪ରେ ଉଦ୍ୟାନ କୃଷି ବିଭାଗରୁ ଜୁନାଗଡ଼ ଜିଲିଙ୍ଗଦରର ତ୍ରିଭୁବନ ପଣ୍ଡା, କେସିଙ୍ଗା ବ୍ଲକ ଗୋକୁଳେଶରର ମନୋହର ଶବର ଓ ରେଙ୍ଗାଲିର ସରୋଜ ବାରିକଙ୍କୁ ୫ ମେଟ୍ରିକ ଟନର ଶୀତଳ ଭଣ୍ଡାର ଦିଆଯାଇଥିଲା। ତେବେ ତାହା ଆଦୌ କାମ ଦେଉ ନ ଥିବା ଅଭିଯୋଗ ହେଉଛି। ଜିଲିଙ୍ଗଦରର ଚାଷୀ ତ୍ରିଭୁବନ ପଣ୍ଡାଙ୍କ କହିବା ଅନୁଯାୟୀ, ପ୍ରତିଷ୍ଠା ହେବା ଦିନଠାରୁ ଏହି ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ହେଉନାହିଁ। ସମ୍ପୃକ୍ତ କମ୍ପାନୀ ଆସି ଶୀତଳଭଣ୍ଡାର ଲଗାଇ ଦେଇ ଗଲେ। ତା'ପରେ ଆଉ କାହାର ଦେଖାନାହିଁ। ଉଦ୍ୟାନ କୃଷି ବିଭାଗ ନିକଟରେ ଅଭିଯୋଗ କଲେ କୌଣସି ପଦକ୍ଷେପ ନେଉନାହାନ୍ତି। ଶୀତଳ ଭଣ୍ଡାର ଦେବା ସମୟର ଫଟୋରେ ଏହି ଯୋଜନା ସୀମିତ ବୋଲି ସେ ପ୍ରକାଶ କରିଛନ୍ତି। ଏ ନେଇ ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଅଜୟ କୁମାର ପ୍ରଧାନଙ୍କୁ ପଚାରିବାରୁ ସରକାରୀ ସ୍ତରରେ ପିଆଜ ଚାଷ ପାଇଁ ଚାଷୀମାନଙ୍କୁ ବିହନ ଓ ସବ୍‌ସିଡି ପ୍ରଦାନ କରାଯାଉଛି। ତେବେ ରବି ଚାଷ ପାଇଁ ବିହନ ଆସି ନ ଥିବାବେଳେ ଖରିଫରେ ବିହନ ଦିଆଯାଇଥିଲା। ଛୋଟ ଶୀତଳଭଣ୍ଡାର ତିଆରି କରିଥିବା କମ୍ପାନୀକୁ ଚିହ୍ନଟ କରାଯାଇ ବ୍ଲାକଲିଷ୍ଟ କରାଯିବ ବୋଲି ସେ କହିଥିଲେ।

## ଚବିଶ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସଯାତ୍ରା


କଳସ ଶୋଭାଯାତ୍ରାରେ ଆସି ମନ୍ଦିରରେ ପହଞ୍ଚିଥିବା ଶ୍ରଦ୍ଧାଳୁ।

ଖଡ଼ିଆଳ,୨୨।୩ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଭୁଲିଆସିକୁଆଁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦିବସ ଉପଲକ୍ଷେ ହେବାକୁ ଥିବା ଚବିଶ ପ୍ରହର ଅଖଣ୍ଡ ନମଯଜ୍ଞ ସକାଶେ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳାପୁରୁଷ ନିକଟସ୍ଥ ନୂଆ ବନ୍ଧରୁ କଳସରେ ପବିତ୍ର ଜଳ ପୂର୍ଣ୍ଣ କରି ନଗର ପରିକ୍ରମା କରିଥିଲେ। ଏହି ଯାତ୍ରାରେ ସଂକୀର୍ତ୍ତନ ଦଳ ସାମିଲ ହେବା ସହ ହରିବୋଲ ହୁଳହୁଳି ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସନ୍ଧ୍ୟାରେ ପ୍ରହରି ମଣ୍ଡପରେ କଳସ ସ୍ଥାପନ ପରେ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞରେ ୧୩ଟି ସଂକୀର୍ତ୍ତନ ଦଳ ସାମିଲ ହୋଇଛନ୍ତି। ନାମଯଜ୍ଞରେ ଚନ୍ଦୁଲାଲ ମେହେର ଓ ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀକାନ୍ତି ମେହେର କର୍ତ୍ତା ଦାୟିତ୍ୱ ନିର୍ବାହ କରୁଥିବାବେଳେ ଜଗନ୍ନାଥ ମନ୍ଦିର ପୂଜକ ଭଗବାନ ପଣ୍ଡା ଓ ସହଯୋଗୀ ପୂଜାକାର୍ଯ୍ୟ ତୁଲାଉଛନ୍ତି। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀ ସହଯୋଗ କରିଛନ୍ତି।

## ଶହୀଦ ଦିବସ ଅବସରରେ ସଫେଇ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୁବକ ସଂଘ ସଦସ୍ୟଙ୍କ ସହ ଅତିଥିବୃନ୍ଦ।

କର୍ଲାମୁଣ୍ଡା,୨୨।୩(ପ୍ରଦୀପ କୁମାର ସାହୁ)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ମୋ ଭାରତ କଳାହାଣ୍ଡି ଶାଖା ନେତୃତ୍ୱରେ ରବିବାର କର୍ଲାମୁଣ୍ଡା ବ୍ଲକ କୁଶୁର୍ଲା ହଜାରୀପଡ଼ା କଳାରୁଦ୍ର ଯୁବକ ସଂଘ ପକ୍ଷରୁ ଶହୀଦ ହୋଇଥିବା ୩ ସ୍ୱାଧୀନତା ବିପ୍ଳବୀ ଭଗତ ସିଂହ, ସୁଖଦେବ ଏବଂ ରାଜଗୁରୁଙ୍କ ଉଦ୍ଦେଶ୍ୟରେ ଶାନ୍ତିବନ ପୋଖରୀ ଓ ଶାନ୍ତି ବନ ପରିସର ସଫେଇ କରାଯାଇଥିଲା। ଏଥିରେ ଅତିଥି ଭାବେ ହରଗୌରୀ ମହାବିଦ୍ୟାଳୟ କୁଶୁର୍ଲା ଶିକ୍ଷାବିଭାଗ ଅଧ୍ୟାପିକା ଜ୍ୟୋତିମାଳା ରାଉତ, ମୁଡିଙ୍ଗ ଗ୍ରା.ପ. ପୂର୍ବତନ ସରପଞ୍ଚ ଟଙ୍କଧର ନାଏକ, ପ୍ରକୃତି ବନ୍ଧୁ ସନତ କୁମାର ସାହୁ ଯୋଗଦେଇଥିଲେ। ଅନୁଷ୍ଠାନର ସଭ୍ୟା ନିବେଦିତା ପ୍ରିୟଦର୍ଶିନୀ ସାହୁ, ରେଖାଞ୍ଜଳି ସାହୁ, ଝିଲିରାଣୀ ସାହୁ, ରଶ୍ମିତା ସାହୁ, ସୁମିତ୍ରା ସାହୁ, ଲଳିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଧରିତ୍ରୀ ପ୍ରଭାବ: ମରାମତି ହେଲା ବ୍ଲକ ପ୍ରବେଶପଥ

ଥୁଆମୂଳ ରାମପୁର, ୨୨।୩ (ଦୁର୍ଗା କୀର୍ତ୍ତି)

ଥୁଆମୂଳ ରାମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟର ମୁଖ୍ୟ ପ୍ରବେଶ ପଥ ଅସୁରକ୍ଷିତ ରହିଥିଲା। ଏଠାରେ ଲାଗିଥିବା ଲୁହା ଜାଲି ମଝିରେ ଫାଙ୍କ ଯୋଗୁ ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିଲେ। ଏ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନ ତତ୍ପରତା ପ୍ରକାଶ କରି ଏହାକୁ ମରାମତି ପାଇଁ ପଦକ୍ଷେପ ନେଇଛି। ସୂଚନାଯୋଗ୍ୟ ଯେ, ଗୋରୁ ଓ ଅନ୍ୟାନ୍ୟ ପଶୁଙ୍କ ଅବାଧ ପ୍ରବେଶ ରୋକିବା ପାଇଁ ବ୍ଲକ କାର୍ଯ୍ୟାଳୟର ପ୍ରବେଶ ଦ୍ୱାରରେ ଏହି ଲୁହା ଜାଲି ଲଗାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଏହି ପାଇପଗୁଡ଼ିକ ମଝିରୁ ବାହାରିଯିବା ସହ ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିଲା। ଶତାଧିକ ଲୋକ ଓ ଯାନବାହନ ଚଳାଚଳ କରୁଥିବା ବେଳେ ଦୁର୍ଘଟଣା ଘଟିବା ଆଶଙ୍କା ଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ଏବଂ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇଥିଲା। ସହକାରୀ ଯନ୍ତ୍ରୀ ସାଲକୁ ହେମ୍ବ୍ରମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରବିବାର ଏହି ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପାଦିତ ହୋଇଛି। ପୁରୁଣା ଓ ନଷ୍ଟ ହୋଇଯାଇଥିବା ଲୁହା ପାଇପଗୁଡ଼ିକୁ ବାହାର କରାଯାଇ ସେଠାରେ ନୂତନ ଏବଂ ଉଚ୍ଚମାନର ଲୁହା ଜାଲି ଲଗାଯାଇଛି। କାମ ଚାଲୁଥିବା ସମୟରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟର ମାନ ଯାଞ୍ଚ କରିଥିଲେ। ଦୀର୍ଘ ଦିନରୁ ପଡ଼ି ରହିଥିବା ଏହି ସମସ୍ୟାର ସମାଧାନ ହେବା ଫଳରେ ଏବେ ଯାତାୟାତ ସମ୍ପୂର୍ଣ୍ଣ ସୁରକ୍ଷିତ ହୋଇପାରିଛି। ବ୍ଲକ ପ୍ରଶାସନର ତ୍ୱରିତ ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।


ବ୍ଲକ ପ୍ରବେଶପଥରେ ଲାଗିଥିବା ଲୁହାଜାଲି ବଦଳାଯାଉଛି।

## ଗୋଲାମୁଣ୍ଡା ଥାନା ପୂର୍ବତନ ଏଏସ୍‌ଆଇ ନିର୍ଦ୍ଦୋଷରେ ଖଲାସ

**ମାରପିଟ ଘଟଣାରେ ଲାଞ୍ଚ ମାମଲା**

ଭବାନୀପାଟଣା,୨୨।୩ (ଉତ୍ତମ କୁମାର ଦାଶ)

ଜମିଜମା ଘଟଣାରେ ଏକ ମାରପିଟ ମାମଲାରେ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବଦ୍ରିନାରାୟଣ ନନ୍ଦ ଗୋଲାମୁଣ୍ଡା ଥାନାର ପୂର୍ବତନ ଏଏସ୍‌ଆଇ ରାଜକପୁର ବେହେରାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୧୯ ମସିହା ଜୁନ ୨୫ରେ ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଡୁଡ଼କେଲ ଗ୍ରାମର ତ୍ରିନାଥ ନାଏକ ଓ ସେହି ଗ୍ରାମର ଦୟାନିଧି ଭତ୍ରିଆଙ୍କ ପରିବାର ମଧ୍ୟରେ ଜମିଜମା ବିବାଦକୁ ନେଇ ମାରପିଟ ହୋଇଥିଲା। ଏ ସମ୍ପର୍କରେ ତ୍ରିନାଥ ଗୋଲାମୁଣ୍ଡା ଥାନାରେ ଏତଲା ଦେଇଥିଲେ। ପରବର୍ତ୍ତୀ ସମୟରେ ଦୟାନିଧି ଭତ୍ରିଆ ମଧ୍ୟ ଅନୁରୂପ ଏତଲା ଦେଇଥିଲେ। ତେବେ ଏଏସ୍‌ଆଇ ବେହେରା ଏହି ମାମଲାରେ ତ୍ରିନାଥଙ୍କୁ ଚାରିଦିନ ଥାନାରେ ଅଟକ ରଖି ୨୦୧୯ ଜୁଲାଇ ୯ ତାରିଖରେ କୋର୍ଟ ଚାଲାଣ କରିଥିଲେ। ଜୁଲାଇ ୧୬ରେ ତ୍ରିନାଥ ଜାମିନରେ ଆସିବା ପରେ ସମ୍ପୃକ୍ତ ଏଏସ୍‌ଆଇ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରି ଟଙ୍କା ନ ଦେଲେ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବେ ବୋଲି ଧମକ ଦେଇଥିଲେ। ଏ ସମ୍ପର୍କରେ ତ୍ରିନାଥ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଲାଞ୍ଚ ନେଉଥିବାବେଳେ ଏଏସ୍‌ଆଇ ଭିଜିଲାନ୍ସ ହାତରେ ଧରାପଡ଼ି କୋର୍ଟ ଚାଲାଣ ହୋଇଥିଲେ। ତେବେ ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତ ଏଏସ୍‌ଆଇ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ କ୍ଷିରୋଦ ପ୍ରସାଦ ନେଗୀ ମାମଲା ପରିଚାଳନା କରୁଥିଲେ।

## ବଢୁଛି ଗ୍ରୀଷ୍ମତାତି, ଖୋଲିନି ଜଳଛତ୍ର

ଖଡ଼ିଆଳ,୨୨।୩ (ସୁଜିତ କୁମାର ପ୍ରଧାନ)

ଖଡ଼ିଆଳ ସହରେ ପାରଦ ଉପର ମୁହାଁ ହୋଇଛି। ଗତ କିଛିଦିନ ହେଲା ତାପମାତ୍ରା ୩୫ ଡିଗ୍ରି ଉପରେ ରହୁଛି। ଆସନ୍ତା ସପ୍ତାହେ ମଧ୍ୟରେ ତାପମାତ୍ରା ୪ରୁ ୫ ଡିଗ୍ରି ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି। ଗ୍ରୀଷ୍ମ ପ୍ରକୋପ ବଢୁଥିବା ବେଳେ ପ୍ରଶାସନ ପକ୍ଷରୁ ସହରରେ ପାନୀୟ ଜଳ ବ୍ୟବସ୍ଥା କରାଯାଇନାହିଁ। ସହରର ପ୍ରତି ୨୦୦ ମିଟର ଦୂରତାରେ ଗୋଟିଏ ଲେଖାଏ ଜଳଛତ୍ର ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିଲେ ହେଁ ଏବେ ଯାଏ ଗୋଟିଏ ବି ଜଳଛତ୍ର ଖୋଲି ପାରିନାହିଁ। ଜନ ଗହଳି ପୂର୍ଣ୍ଣ ସ୍ଥାନ ଓ ବୁଲା ଗୋରୁଙ୍କ ପାଇଁ ମଧ୍ୟ ପାନୀୟ ଜଳ ସୁବିଧା ହୋଇ ପାରିନାହିଁ। ପ୍ରସ୍ତୁତି ବୈଠକରେ ଶ୍ରମିକମାନେ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ କାମ କରିବେ ନାହିଁ ବୋଲି ଆଲୋଚନା ହୋଇଥିଲା। ହେଲେ ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ଖଡ଼ିଆଳ ବ୍ଲକରେ ଗ୍ରୀଷ୍ମ ମୁକାବିଲା ପାଇଁ ସମସ୍ତ ବିଭାଗର ଅଧିକାରୀଙ୍କୁ ନେଇ ଯୋଜନା ପ୍ରସ୍ତୁତି ହୋଇଥିଲେ ହେଁ ଏପର୍ଯ୍ୟନ୍ତ ତା'ର କାର୍ଯ୍ୟକାରିତା ଦେଖିବାକୁ ମିଳି ନାହିଁ। ବିଗତ ବର୍ଷ ତୁଳନାରେ ଚଳିତବର୍ଷ ବିଭିନ୍ନ ଗ୍ରାମାଞ୍ଚଳ, ବ୍ଲକ ଓ ଏନ୍‌ଏସିରେ ଅଧିକ ଜଳଛତ୍ର ଖୋଲିବା ପାଇଁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛନ୍ତି। ହେଲେ ସେସବୁ କେବଳ ନିଷ୍ପତ୍ତିରେ ସୀମିତ ରହିଛି। ଅନ୍ୟପକ୍ଷରେ ଖରା ସମୟରେ ଥଣ୍ଡା ପାନୀୟ, ଲସି ଓ ଆଖୁ ସରବତ ଦୋକାନରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ପ୍ରଶାସନ ତୁରନ୍ତ ଜଳଛତ୍ର ଖୋଲିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ମିଲନ କୁମାର ଝାଙ୍କରଙ୍କୁ ପଚାରିବାରୁ ସହର ସମେତ ବ୍ଲକ ଓ ପଞ୍ଚାୟତ ଅଞ୍ଚଳରେ ଖୁବ୍‌ଶୀଘ୍ର ଜଳଛତ୍ର ଖୋଲିବା ନେଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତାଙ୍କ ଶପଥପାଠ



ପ୍ରାଥମିକ ଶିକ୍ଷକ ସଂଘର ନିର୍ବାଚିତ କର୍ମକର୍ତ୍ତା।

ଭବାନୀପାଟଣା,୨୨।୩ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଶିକ୍ଷକ ଭବନଠାରେ ରବିବାର ପ୍ରାଥମିକ ଶିକ୍ଷକ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥପାଠ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି ଯୋଗ ଦେଇଥିବାବେଳେ ରାଜ୍ୟ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଖବରଦାତା ଦେବେନ୍ଦ୍ର ବିଶି, ରାଜ୍ୟ ଉପସଭାପତି ଦୀପକ ରଞ୍ଜନ ଦାଶ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବି ପଟ୍ଟନାଏକ, ଶିକ୍ଷାବିତ୍ ଶିବପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉପଦେଷ୍ଟା ମଣ୍ଡଳୀ ଉପସ୍ଥିତିରେ ଜିଲା ସଭାପତି ପଦ୍ମଲୋଚନ ନାଏକ, ଜିଲା ସାଧାରଣ ସମ୍ପାଦକ ଅଜିତ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ପ୍ରଧାନ, ଉପସଭାପତି ବୀରେନ୍ଦ୍ର ବାଗ, ସୁରେନ୍ଦ୍ର କୁମାର ଦୋରା, ଉପସଭାନେତ୍ରୀ ବସୁମତୀ ସାହୁ, ସଂଗଠନ ସମ୍ପାଦକ ଶିବପ୍ରସାଦ ଦାସ, ଜିଲା ଯୁଗ୍ମ ସମ୍ପାଦକ ବେଣୁଧର ବିଶ୍ୱାଳ, ସୁବାସ ବାଗ, ତରଙ୍ଗ ଚଣ୍ଡୀ, ଜିଲା ସଂଯୋଜକ କ୍ଷୀରସାଗର ସାହୁ, ଜିଲା କୋଷାଧ୍ୟକ୍ଷ ଭାବରେ ତପନ କୁମାର ବେହେରା ଶପଥ ନେଇଥିଲେ। ଭବାନୀପାଟଣା ସଦର ବ୍ଲକ ସଭାପତି ମଧୁସୂଦନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୩ ବ୍ଲକର ସଭାପତି ସମ୍ପାଦକ, କର୍ମକର୍ତ୍ତାଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ନୂଆପଡ଼ା,୨୨।୩ (ମକାରୁ ବେମାଲ)

ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ରବିବାର ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଆୟୋଜନ ପାଇଁ ମହିମା ଧର୍ମର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷୀରୋଦ ନିବାସ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାର ପାଇଁ ନୂଆପଡ଼ା ଜିଲା ସଦର ମହକୁମାଠାରେ ଏକ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଆୟୋଜନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିରେ ହୋମଯଜ୍ଞ, ସେବାଯଜ୍ଞ, ଅନ୍ନଯଜ୍ଞ, ଜ୍ଞାନଯଜ୍ଞ ଓ ଦୀପଯଜ୍ଞ ଆୟୋଜନ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି । ଆଗାମୀ ବୈଠକରେ ଯଜ୍ଞ ତାରିଖ ଓ ସ୍ଥାନ ଧାର୍ଯ୍ୟ ହେବ ବୋଲି ନିଷ୍ପତ୍ତି ହୋଇଛି । ବିଭିନ୍ନ ଦାୟିତ୍ୱ ତୁଲାଇବା ପାଇଁ ଏକ କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ହେମନ୍ତ କୁମାର ଦଣ୍ଡସେନା ସଭାପତି, ବାସୁଦେବ ବିଶି ସମ୍ପାଦକ ଓ ସଦାନନ୍ଦ ଭୋଇ କୋଷାଧ୍ୟକ୍ଷ ଭାବରେ ମନୋନୀତ ହୋଇଛନ୍ତି। ମହିମା ଧର୍ମୀ ମନୁରାମ ଶବର ସଂଯୋଜକ ଓ ସଭ୍ୟ ଭାବରେ ଗଦାଧର ରଣା, କ୍ଷୀରୋଦ ନିବାସ ପଣ୍ଡା, ରତନ କେତକୀ, ମକାରୁ ବେମାଲ, ଦେବେନ୍ଦ୍ର ଜଗତଙ୍କୁ ମନୋନୀତ କରାଯାଇଛି। ଅନ୍ୟ ପଦବୀଗୁଡିକ ଆଗାମୀ ବୈଠକରେ ଚୟନ କରାଯିବ ବୋଲି କମିଟି ତରଫରୁ ନିଷ୍ପତ୍ତି ହୋଇଛି। ଏହି ବିଶ୍ୱଶାନ୍ତି ଯଜ୍ଞରେ ଜିଲାର ସର୍ବ ଧର୍ମାବଲମ୍ବୀ ଲୋକଙ୍କୁ ସାମିଲ କରାଯିବ ବୋଲି ଆୟୋଜକ କମିଟି ସୂଚନା ଦେଇଛି ।

## ଯୁବ ଓ ମହିଳା ଯାଦବ ସମାଜର କର୍ମକର୍ତ୍ତା ଚୟନ

କୋକସରା,୨୨।୩ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କୋକସରା ବ୍ଲକ ସଦର ପଞ୍ଚାୟତ ଚିଲିଗୁଡାସ୍ଥିତ ଯାଦବ ଭବନଠାରେ ରବିବାର ବ୍ଲକ ଯାଦବ ସମିତିର ଯୁବ ଓ ମହିଳା କର୍ମକର୍ତ୍ତା ଚୟନ କରାଯାଇଛି। ବ୍ଲକ ସମିତିର ସଭାପତି ଦ୍ୱାରିକାନାଥ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜନ୍ମେଜୟ ଯାଦବ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସର୍ବସମ୍ମତି କ୍ରମେ ବ୍ଲକ ଯୁବ ଯାଦବ ସଭାପତି ଭାବରେ ଯୋଗେନ୍ଦ୍ର ହଂସ ମନୋନୀତ ହୋଇଥିଲେ। ଉପସଭାପତି ଚନ୍ଦ୍ର ଗୋପାଳ, ଅଭିମନ୍ୟୁ ବାଗ ଓ ଦୁଷ୍ମନ୍ତ ଗହିର, ସମ୍ପାଦକ କାଳୀକୃଷ୍ଣ ବାଗ, ସହସମ୍ପାଦକ ଡିଙ୍ଗର ଗହିର, ଭଜନଲାଲ ନାଗ ଓ ଦେବେନ୍ଦ୍ର ଘି, କୋଷାଧ୍ୟକ୍ଷ ଭାବରେ ମନୋଜ ରାଉତ ପ୍ରମୁଖ ମନୋନୀତ ହୋଇଥିଲେ। ସେହିପରି ମହିଳା ଯାଦବ ସମିତିର ସଭାନେତ୍ରୀ ଭାବେ ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ, ସମ୍ପାଦିକା ବୃନ୍ଦା ପାତ୍ର, କୋଷାଧ୍ୟକ୍ଷ ସଞ୍ଜୁ ଗୋପାଳ ମନୋନୀତ ହୋଇଥିଲେ। ଯାଦବ ସମିତିର ମିଡ଼ିଆ ସଂଯୋଜକ ଭାବେ ଜଗଦୀଶ ନାଏକଙ୍କୁ ମନୋନୀତ କରାଯାଇଛି। ନୂତନ ପଦାଧିକାରୀମାନଙ୍କୁ ଭଗବାନ ଶ୍ରୀକୃଷ୍ଣଙ୍କ ପାଖରେ ଶପଥପାଠ କରାଯାଇଥିଲା। ପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଯାଦବ ମହାସଭା ସମ୍ପାଦକ ବିଦ୍ୟାଧର ଗହୀର, ଉପସଭାପତି ଲିଙ୍ଗରାଜ ବେହେରା, କୋଷାଧ୍ୟକ୍ଷ ଗଣେଶ୍ୱର ପୁଞ୍ଜି, କାର୍ଯ୍ୟକାରୀ ସଭାପତି ସୁଦର୍ଶନ ବେହେରା, କର୍ମଚାରୀ ସଂଘ ସଭାପତି ପ୍ରେମଚାନ୍ଦ ଗୋପାଳ, ସମ୍ପାଦକ ଭାଗବତ କଟା, ଜିଲା ମହିଳା ସଭାନେତ୍ରୀ ରଶ୍ମିରେଖା ରାଉତ ସମେତ ବ୍ଲକର ୨୦ ଆଞ୍ଚଳିକ ଯାଦବ ସମାଜର ସଭାପତି, ସମ୍ପାଦକ, ଯୁବ ଓ ମହିଳା କର୍ମକର୍ତ୍ତା ଯୋଗ ଦେଇଥିଲେ।


ବୈଠକରେ ଉପସ୍ଥିତ ଯାଦବ ସମାଜର କର୍ମକର୍ତ୍ତା।

## ଜଳ ସଞ୍ଚୟ ନେଇ ସଚେତନ ହେବାକୁ ଆହ୍ୱାନ

ନୂଆପଡ଼ା,୨୨।୩ (ମକାରୁ ବେମାଲ)

ନୂଆପଡ଼ା ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହଠାରେ ରବିବାର ବିଶ୍ୱ ଜଳ ଦିବସ ଓ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ବଲାଙ୍ଗୀର ବବିତା ସିଂ, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋହିତ ଭୋଇ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରହଲ୍ଲାଦ ସାହୁ, ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ବଢେଇ, ସହକାରୀ ଯନ୍ତ୍ରୀ ଦୀପ୍ତିମୟୀ ଶତପଥୀ, ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ରୋହିତ ଅଗ୍ରୱାଲ, ସହକାରୀ ଯନ୍ତ୍ରୀ ସୌରଭ ରଞ୍ଜନ ପ୍ରଧାନ, ବନ ବିଭାଗ ଏସିଏଫ୍ ପ୍ରସନ୍ନଜିତ ନାୟକ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ପ୍ରାଧିକରଣ ସଚିବ ଦାଶ ଜାତୀୟ ଜଳ ଦିବସର ମହତ୍ୱ ଓ ଜଳ ସଂରକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଲିଙ୍ଗଗତ ଭେଦଭାବ ନ ରଖି ଉଭୟ ନାରୀ ଓ ପୁରୁଷ ଜଳ ସଞ୍ଚୟ ନେଇ ସଚେତନ ହେବାକୁ ସେ ଆହ୍ୱାନ କରିଥିଲେ। ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଗ୍ରୱାଲ ପାଣି ପଞ୍ଚାୟତ ଗଠନ ଓ ଏହା ଦ୍ୱାରା ହେଉଥିବା ଜଳ ସଂରକ୍ଷଣ ଏବଂ ଜଳର ସଦୁପଯୋଗ ବିଷୟରେ ଆଲୋଚନା କରିଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ସିଂ ଜଳ ପ୍ରଦୂଷଣ ଓ ଏହାର ନିୟନ୍ତ୍ରଣ ପାଇଁ ସରକାରଙ୍କ ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ତଥା ପ୍ରଦୂଷଣ ନିୟନ୍ତ୍ରଣରେ ଜନସାଧାରଣଙ୍କ ଭୂମିକା ଉପରେ ମତ ରଖିଥିଲେ। ସଭା ଶେଷରେ ସମସ୍ତେ ସ୍ୱଚ୍ଛ ଓ ସବୁଜ ପରିବେଶ ରକ୍ଷା କରିବା ପାଇଁ ଶପଥପାଠ କରିଥିଲେ ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଭିନ୍ନ ବିଭାଗୀୟ ଅଧିକାରୀମାନେ।

**ଶିବିରରେ ୩୧ୟୁନିଟ ରକ୍ତ ସଂଗ୍ରହ**

**ବରଗଡ଼,(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଗୋପାଳପୁରଠାରେ ମା' ସମଲେଶ୍ୱରୀ ମନ୍ଦିର ଓ ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ପାଳନ ଅବସରରେ ରବିବାର ମନ୍ଦିର ପ୍ରତିଷ୍ଠା କମିଟି ଓ ନିଷ୍ଠା ପରିବାରର ମିଳିତ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ନିଷ୍ଠା ପରିବାରର ଉପଦେଷ୍ଟା ରାମ ନିବାସ ଅଗ୍ରୱାଲ ଉଦ୍ଘାଟନ କରିଥିଲେ। ମନ୍ଦିର ଦର୍ଶନ କରିବା ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ଶିବିରରେ ରକ୍ତଦାନ କରିଥିଲେ। ଏହି ଶିବିରରେ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ୩୧ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

# ସ୍ୱଚ୍ଛ ସହର ପାଇଁ ଜନ ସହଭାଗିତା ଲୋଡ଼ା

## ବରଗଡ଼ରେ ସ୍ୱଚ୍ଛତା ଅଭିଯାନ ସମର୍ପଣ ଆରମ୍ଭ

**ବରଗଡ଼,୨୨।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦ ପକ୍ଷରୁ ରବିବାର ସ୍ୱଚ୍ଛତା ଅଭିଯାନ ସମର୍ପଣ ଆରମ୍ଭ ହୋଇଛି। ବିଶ୍ୱ ଜଳ ଦିବସ ଅବସରରେ ସ୍ଥାନୀୟ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏହି ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବୀର ସୁରେନ୍ଦ୍ର ସାଏ ଛକ ପର୍ଯ୍ୟନ୍ତ ସାମୂହିକ ଶୋଭାଯାତ୍ରା ଏବଂ ସଫେଇ ହୋଇଥିଲା। ପୌରାଧକ୍ଷା କଳ୍ପନା ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସେହିପରି ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ଜିଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମିନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସମସ୍ତ ଅତିଥିଙ୍କ ସମେତ ସ୍ଥାନୀୟ ଚାଷୀ, ବୁଣାକାର, କଳାକାର, ସମାଜସେବୀ, ବ୍ୟବସାୟୀ, ଛାତ୍ରୀଛାତ୍ର, ଯୁବତୀ, ଯୁବକ ପ୍ରମୁଖ ଶୋଭାଯାତ୍ରା ଏବଂ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇ ବରଗଡ଼ ସହରକୁ ସ୍ୱଚ୍ଛ, ସୁନ୍ଦର କରିବା ପାଇଁ ସକ୍ରିୟ ଭାଗିଦାରୀରେ ଏକ ଜନ ଆନ୍ଦୋଳନ ରୂପ ଦେବା ପାଇଁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସମସ୍ତେ ସହରରେ ସ୍ୱଚ୍ଛତା ଆଣିବା ପାଇଁ ସଂକଳ୍ପ ନେଇଥିଲେ।


ସମର୍ପଣ ଅଭିଯାନରେ ବରଗଡ଼ ବିଧାୟକ, ପୌରାଧ୍ୟକ୍ଷ ସଫେଇ କରୁଛନ୍ତି।

କାର୍ଯ୍ୟକ୍ରମରେ ଜିଲାପାଳ ଗୋୟଲ କହିଥିଲେ, ସହରର ସମସ୍ତ ନାଗରିକ, ଛାତ୍ରୀଛାତ୍ର, ଯୁବଗୋଷ୍ଠୀ, ସାମାଜିକ କର୍ମୀଙ୍କ ସମେତ ସ୍ଥାନୀୟ ସଙ୍ଗଠକମାନଙ୍କୁ ଅନ୍ତର୍ଭୁକ୍ତ କରି ବରଗଡ଼ ସହରକୁ ଏକ ଆଦର୍ଶ ସ୍ୱଚ୍ଛ ସହରଭାବେ ଗଢ଼ି ତୋଳିବା ଏହି ଅଭିଯାନର ଲକ୍ଷ୍ୟ। ତେବେ ଏଥିପାଇଁ ଜନ ସହଭାଗିତା ଏବଂ ସାମୂହିକ ପ୍ରଚେଷ୍ଟା ଲୋଡ଼ା। ଫଳରେ ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖିବା ସମସ୍ତଙ୍କ ଦାୟିତ୍ୱବୋଧ ହେବା ଉଚିତ୍ ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ସମର୍ପଣ ଅଭିଯାନକୁ ପ୍ରୋତ୍ସାହିତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ମଳ ଓ ସୁଗନ୍ଧ ନାମକ ୨ଟି ମାସ୍କଟ୍ ଏବଂ ସମ୍ବଲପୁରୀ ବସ୍ତ୍ରାଳୟ ତରଫରୁ ସ୍ଥାନୀୟ ବୁଣାକାରମାନଙ୍କ ଦ୍ୱାରା ନିର୍ମିତ ସମର୍ପଣ କପଡ଼ା ବ୍ୟାଗକୁ ଅତିଥିମାନେ ଲୋକାର୍ପିତ କରିଥିଲେ।

ସମର୍ପଣ ଅଭିଯାନକୁ ମୁଖ୍ୟତଃ ୩ଟି ସ୍ତମ୍ଭ ଅର୍ଥାତ୍ ମାଟିର ସେବା, ଶୁଦ୍ଧଜଳ ଏବଂ ସବୁଜ ବଜାରରେ ବିଭକ୍ତ କରାଯାଇଛି ବୋଲି କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା। ମାଟିର ସେବା ସ୍ତମ୍ଭରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଦାୟିତ୍ୱ ସମ୍ପନ୍ନଭାବେ ସହରକୁ ସ୍ୱଚ୍ଛ, ସୁନ୍ଦର ଓ ଉର୍ବର ରଖିବା ପାଇଁ ସାମୁହିକ ପ୍ରତିବଦ୍ଧ ହେବା, ଶୁଦ୍ଧଜଳ ସ୍ତମ୍ଭରେ ସହରର ସମସ୍ତ ପୋଖରୀ, କେନାଲ ଗୁଡ଼ିକୁ ପ୍ଲାଷ୍ଟିକ ଆବର୍ଜନାମୁକ୍ତ ରଖିବା ଓ ନିୟମିତ ପରିଷ୍କାର ପରିଚ୍ଛନ୍ନତା ସହିତ ରକ୍ଷଣାବେକ୍ଷଣ କରିବା ଏବଂ ସବୁଜ ବଜାର ସ୍ତମ୍ଭରେ ପ୍ରତ୍ୟେକ ଘର, ଦୋକାନରେ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ବଦଳରେ କପଡ଼ା ବ୍ୟାଗ ବ୍ୟବହାର ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବା, ପରିବେଶ ସଂରକ୍ଷଣ ସହିତ ବୁଣାକାରଙ୍କ ଜୀବିକାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରହିଛି ବୋଲି କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା। ସେହିପରି ବଜାରରେ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର କମାଇବା ପାଇଁ କପଡ଼ାରେ ନିର୍ମିତ ସମର୍ପଣ ବ୍ୟାଗ ପ୍ରଚଳନ, ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ସମର୍ପଣ ସାରଥୀଭାବେ ନିଜ ଅଞ୍ଚଳରେ ସଫେଇ କାର୍ଯ୍ୟର ନେତୃତ୍ୱ ପ୍ରଦାନ, ସାମାଜିକ କର୍ମୀ, ଯୁବଗୋଷ୍ଠୀ, ସ୍ୱେଚ୍ଛାସେବୀଙ୍କୁ ସମର୍ପଣ ସେବକଭାବେ ଦାୟିତ୍ୱ ପ୍ରଦାନ କରିବା ଏବଂ ସେମାନଙ୍କୁ ସମର୍ପଣ ସେବୀଭାବେ ସମ୍ମାନିତ କରାଯିବା ସହିତ ସେମାନଙ୍କ ନାମରେ ସାର୍ବଜନୀନ ସ୍ଥାନରେ ବୃକ୍ଷରୋପଣ କରାଯିବ ବୋଲି ସୂଚନା ଦିଆଯାଇଥିଲା।

## ରଣେଶ୍ୱର ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା


ବାହାରିଥିବା କଳସ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ।

**ପାଇକମାଳ,୨୨।୩(ବଡ ଶତପଥୀ)**

ଗଡ଼ଫୁଲଝେର ଛତିଶଗଡ଼ରେ କୁଲତା ଜାତିର ଇଷ୍ଟଦେବ ରଣେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ୨୩ତାରିଖରୁ ଆରମ୍ଭ ହେବ। ୨୭ତାରିଖ ଯାଏ ଉତ୍ସବ ଚାଲିବ। ଏହାର ଅବ୍ୟବହିତ ପୂର୍ବରୁ ଏକ କଳସ ଶୋଭାଯାତ୍ରାରେ ପ୍ରାୟ ୨୫୦୦ ମହିଳା ବରଗଡ଼ ଜିଲା ନୃସିଂହନାଥ ନିକଟ ପାପନାଶିନୀ ଝରଣାରୁ ପାଣି ନେବାକୁ ଆସିଥିଲେ। ଏଥିପାଇଁ ନୃସିଂହନାଥ ନିକଟ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ରବିବାର ହୋଇ ଉଠିଥିଲା ଚଳଚଞ୍ଚଳ। ସେଠାରୁ ଆସିଥିବା ମହିଳା ଶ୍ରଦ୍ଧାଳୁ ଓ ଅନ୍ୟମାନେ ପାପନାଶିନୀ ଝରଣାରୁ ପୂର୍ଣ୍ଣଜଳ କଳସ ଏକ ଶୋଭାଯାତ୍ରାରେ ଆସି ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ପୂଜା କରିଥିଲେ। ପରେ ସେଠାରୁ ସମସ୍ତେ ପ୍ରାୟ ୪କିଲୋମିଟର ଏକ ଶୋଭାଯାତ୍ରାରେ ଯାଇଥିଲେ। ସେଠାରୁ ସ୍ୱତନ୍ତ୍ର ମୋଟର ଯାନରେ ସମସ୍ତେ ଗଡ଼ଫୁଲଝେର ଅଭିମୁଖେ ଯାଇଥିଲେ। ଏ ନେଇ ସେଠାରୁ ଆସିଥିବା କୁଲତା ସମାଜ ଅଧକ୍ଷ ଗିରିଧାରୀ ସାହୁଙ୍କୁ ପଚାରିବାରୁ ରଣେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୩ତାରିଖରୁ ୫ଦିନ ଯାଏ ଚାଲିବ। ବାବାଙ୍କ ଆଶୀର୍ବାଦରୁ ଆମେ ନୃସିଂହନାଥ ଆସିଛୁ ଓ ତାଙ୍କ ଆଶିଷ ଯୋଗୁ ବିନା ଦ୍ୱିଧାରେ ଘରେ ପହଞ୍ଚି ଯିବୁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପାଇକମାଳ ରାମଚଣ୍ଡୀ ମନ୍ଦିରର ଯୁବସଙ୍ଗଠନ କର୍ମକର୍ତ୍ତା ଓ ପାଇକମାଳ କେନ୍ଦ୍ରର ସମସ୍ତ କୁଲତା ଜାତିର ମା, ଭଉଣୀଭାଇ ସହଯୋଗ କରିଥିଲେ।

## ସମଲେଶ୍ୱରୀଙ୍କ କୁଷ୍ମାଣ୍ଡା ବେଶ



**ବରଗଡ଼,୨୨।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମା'ସମଲେଶ୍ୱରୀଙ୍କ ପୀଠରେ ବାସନ୍ତିକ ନବରାତ୍ର ପୂଜା ଚାଲିଛି। ଉକ୍ତ ପୂଜାର ଚତୁର୍ଥ ଦିବସ ରବିବାରରେ ଦେବୀ କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କୁ ଏହି ବେଶରେ ଦର୍ଶନ କଲେ ସମସ୍ତ ପାପ ନାଶ ହୋଇଥାଏ, ସମ୍ପଦ ଓ ଶକ୍ତିର ଉନ୍ନତି ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଫଳରେ ସମଲେଶ୍ୱରୀଙ୍କୁ ଏହି ବେଶରେ ଦର୍ଶନ ପାଇଁ ସକାଳୁ ମନ୍ଦିରରେ ପ୍ରବଳ ଭକ୍ତଙ୍କ ଭିଡ଼ ହୋଇଥିଲା। ମନ୍ଦିର କମିଟି ପକ୍ଷରୁ ଦେବୀଙ୍କ ଦର୍ଶନ ସକାଶେ ଭକ୍ତଙ୍କ ପାଇଁ ସୁବ୍ୟବସ୍ଥା କରାଯାଇଥିଲା।

## ଭିନ୍ନକ୍ଷମ ସଚେତନତା କାର୍ଯ୍ୟକ୍ରମ

**ଭେଡ଼େନ,୨୨।୩(ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଚିଚିଣ୍ଡା ପଞ୍ଚାୟତ ଅନ୍ତର୍ଗତ ମେହେରପଡ଼ା କଲ୍ୟାଣ ମଣ୍ଡପରେ ଶନିବାର ଭିନ୍ନକ୍ଷମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାୱାର ଅଫ୍ ଦିବ୍ୟାଙ୍ଗସ୍, ଭେଡ଼େନ ବ୍ଲକ ଶାଖା ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପାୱାର ଅଫ୍ ଦିବ୍ୟାଙ୍ଗସ୍‌ର ପ୍ରତିଷ୍ଠାତା ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ସୁଶିଲ ମେହେର, ଏଚଭର୍ସ ହେଲପିଂ ଫାଉଣ୍ଡେଶନର ସଭାପତି ଦିବାକର ମାଝୀ, ଜାତୀୟ ପୁରସ୍କାରପ୍ରାପ୍ତ ବାନ୍ଧଶିଳ୍ପୀ ହରିଶଙ୍କର ମେହେର, ସରପଞ୍ଚ ସୀମା ମେହେର ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଦିବ୍ୟାଙ୍ଗମାନେ ସମାଜରେ ସମ୍ମାନ, ସ୍ୱାଭିମାନର ସହିତ ରହିବା ଏବଂ ସେମାନଙ୍କ ବ୍ୟବସାୟିକ ଥଇଥାନ ଦିଗରେ ପାୱାର ଅଫ୍ ଦିବ୍ୟାଙ୍ଗସ୍ ଅନୁଷ୍ଠାନର ଭୂମିକା ଉପରେ ମୁଖ୍ୟଅତିଥି ଅଗ୍ରୱାଲ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ପୁରୁଷୋତ୍ତମ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ସମ୍ପାଦକ ସନ୍ତୋଷ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।


ଭିନ୍ନକ୍ଷମ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଏବଂ ଉପସ୍ଥିତ ଲୋକେ।

## ଡଙ୍ଗାଘାଟ ଗ୍ରାମକୁ ଯାଉନି ଲକ୍ଷ୍ମୀ ବସ

**ପଦ୍ମପୁର,୨୨।୩ (ପ୍ରଦୀପ୍ତ ଦାଶ)**

ଗ୍ରାମାଞ୍ଚଳର ଲୋକଙ୍କୁ ସହରାଞ୍ଚଳକୁ ଯିବା ଆସିବା ପାଇଁ ସରକାର ଲକ୍ଷ୍ମୀ ବସ ଚଳାଚଳର ବ୍ୟବସ୍ଥା କରିଛନ୍ତି। ମାତ୍ର ବିଡମ୍ବନା ହେଲା ପଦ୍ମପୁର ବ୍ଲକର ଡ଼ଙ୍ଗାଘାଟ ଗ୍ରାମପଞ୍ଚାୟତ ହେଡକ୍ୱଟରକୁ ଏହି ବସ ଯାଉନାହିଁ। ଏହି ପଞ୍ଚାୟତରେ ଲକ୍ଷ୍ମୀ ବସ ପାଇଁ ବସଷ୍ଟାଣ୍ଡ ମଧ ନିର୍ମିତ ହୋଇଛି, ମାତ୍ର ବସ ଆସୁନାହିଁ। ଯାହାଫଳରେ ଏହି ଗ୍ରାମର ଯାତ୍ରୀ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀଙ୍କଠାରୁ ଆରମ୍ଭ କରି ଡଙ୍ଗାଘାଟ ସରପଞ୍ଚ ଶଙ୍କରଷଣ ନାଗ ମଧ ପଦ୍ମପୁର ବିଡ଼ିଓଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ ମାତ୍ର ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନାହିଁ। ପ୍ରଶାସନ ଏ ସମ୍ପର୍କରେ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବୁବୁଡ଼ାରେ ଷୋହଳ ପ୍ରହର ନାମଯଜ୍ଞ ସମାପନ


ସମାପନ ଉତ୍ସବରେ ଭକ୍ତମାନେ ବିସର୍ଜନ ପାଇଁ ଯାଉଛନ୍ତି।

**ପଦ୍ମପୁର,୨୨।୩ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ବ୍ଲକ ଅଧୀନ ବୁବୁଡ଼ା ଗ୍ରାମରେ ଆୟୋଜିତ ଷୋହଳ ପ୍ରହର ନାମଯଜ୍ଞ ରବିବାର ସମାପନ ହୋଇଯାଇଛି। ଏହି ନାମଯଜ୍ଞର ପୂଜାକାର୍ଯ୍ୟ ଡିଲେଶ୍ୱର ବରିହା, ରାଜେଶ ଡନସନା ଓ ପୀତବାସ ବୁଡେକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ପଣ୍ଡିତ ପୂଜକ ପରମେଶ୍ୱର ଦାଶ ବେଦମନ୍ତ୍ର ଉଚ୍ଚାରଣ ମାଧ୍ୟମରେ ପୂଜନ କାର୍ଯ୍ୟ ଆରମ୍ଭ କରିଥିଲେ। ସମାପନ ଅବସରରେ ନାମଯଜ୍ଞ କମିଟିର ସଦସ୍ୟ ଅର୍ଜୁନ ବଡ଼ଗୁଛିଆ, ବିରେନ କୁମାର ଦାଶ, ଧନଞ୍ଜୟ ବୁଡେକ, କ୍ଷୀରନ୍ଧର ବରିହା, ଟିକେଶ୍ୱର ବରିହା, ହେମନ୍ତ ବଡ଼ଗୁଛିଆ, ତରଣୀ ସାହୁ, ଜଗବନ୍ଧୁ ସାହୁ, କୁଳମଣି ମେହେର, ଜୟଲାଲ ବିଶି, ଅମୃତ ବରିହା, କେତନ ବରିହା, ପ୍ରକାଶ ବୁଡେକ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷର ନାମଯଜ୍ଞ ପରିଚାଳନା କମିଟିର ସଭାପତି ବିରେନ କୁମାର ଦାଶ, ଉପସଭାପତି ଭାବେ ଗଜାନନ ବୁଡେକ ଓ ଲିଙ୍ଗରାଜ ବୁଡେକ, ସମ୍ପାଦକ ଭାବେ ହେମନ୍ତ ବଡ଼ଗୁଛିଆ, ଯୁଗ୍ମ ସମ୍ପାଦକ ଭାବେ କ୍ଷୀରସାଗର ବୁଡେକ ଏବଂ କୋଷାଧକ୍ଷ ଭାବେ ରାଜେଶ ସାହା ଓ ଶମ୍ଭୁ ଡନସନା ମୁଖ୍ୟ ଭୂମିକା ନିଭାଇଥିଲେ।

## କବିତା ଦିବସରେ କବିତା ପାଠୋତ୍ସବ


କବିତା ପାଠୋତ୍ସବରେ ଯୋଗଦେଇଥିବା କବିବୃନ୍ଦ।

**ବରଗଡ଼,୨୨।୩(ପ୍ରେମାନନ୍ଦ ଖମାରୀ)**

ବରଗଡ ସହରରେ ଶନିବାର ସନ୍ଧ୍ୟାରେ ଟୁଗେଦର୍ ଫର୍ ପ୍ଲିଜର ଅନୁଷ୍ଠାନ ପକ୍ଷରୁ ବିଶ୍ୱ କବିତା ଦିବସ ପାଳିତ ହୋଇଛି। ସ୍ଥାନୀୟ ଭଟଲି ଛକସ୍ଥିତ ଉକ୍ତ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅକ୍ଷୟ କୁମାର ଭୋଇ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ତରଣୀସେନ ବୁଧିଆ, ଦୁଃଖୁ ମିଶ୍ର, ବିନୋଦ ପଣ୍ଡା, ଦେବାର୍ଚ୍ଚନ ସା, ଭୁବନାନନ୍ଦ ପ୍ରଧାନ, ସୁରେନ୍ଦ୍ର ଭୋଇ, ଅକ୍ଷୟ ଭୋଇ, କପିଳ ବାଗ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ରାଜେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟରେ ଚାରାରୋପଣ

**ବରଗଡ଼,୨୨।୩(ପ୍ରେମାନନ୍ଦ ଖମାରୀ)**

ବରଗଡ ଜିଲା ସଂକୀର୍ତ୍ତନ ପରିଷଦ ପକ୍ଷରୁ ରବିବାର ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ସହରସ୍ଥିତ ରାଣାପ୍ରତାପ ସ୍କୁଲ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସଂକୀର୍ତ୍ତନ ପରିଷଦର ଅଧ୍ୟକ୍ଷ ପ୍ରମୋଦ ଦାଶଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଷଦ ପକ୍ଷରୁ ଭରତ ପ୍ରଧାନ, ମେଘନାଦ ଭୋଇ, ରାମଚନ୍ଦ୍ର ସାହୁ, ଲଳିତ ମୋହନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପଣସ, ଜାମୁ, କରଞ୍ଜ, ନିମ୍ବ ଆଦି ଚାରାରୋପଣ କରିଥିଲେ। ଆସନ୍ତା ଜୁନ ୫ ଉକ୍ତ ବିଦ୍ୟାଳୟ ପରିସରରେ ଆହୁରି ଚାରାରୋପଣ କରାଯିବ ବୋଲି ଜିଲା ସଂକୀର୍ତ୍ତନ ପରିଷଦର ଅଧ୍ୟକ୍ଷ ଦାଶ ସୂଚନା ଦେଇଛନ୍ତି।


ରାଣାପ୍ରତାପ ସ୍କୁଲ ପରିସରରେ ଚାରାରୋପଣ କରାଯାଉଛି।

## ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ପାଇକମାଳ,୨୨।୩(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ରାଧାକୃଷ୍ଣ ମନ୍ଦିର ପରିସରରେ ୩ ଦିନ ଧରି ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର କଳସଯାତ୍ରାରେ ଶତାଧିକ ମହିଳା ପବିତ୍ର ଜଳ ୧୦୮ କଳସିରେ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ସେହି ଲଗ୍ନ ସମୟରୁ ଦିବାରାତ୍ର ଚାଲିଥିଲା ହରେ ରାମ ମହାମନ୍ତ୍ର। କର୍ତ୍ତା ଭାବରେ ରାମକୁମାର ଗୁପ୍ତା ଓ ତାଙ୍କର ଧର୍ମପତ୍ନୀ ବିମଳା ଦେବୀ, ଚମ୍ପାଲାଲ ଗୁପ୍ତା ଓ ତାଙ୍କ ସହଧର୍ମିଣୀ ପାୟଲ, ଅନିଲ ଗୁପ୍ତା ଓ ତାଙ୍କ ସହଧର୍ମିଣୀ ସୋନୀ, ମୁକେଶ ଗୁପ୍ତା ଓ ତାଙ୍କ ସହଧର୍ମିଣୀ ରାନୀ ଦେବୀ, ତଥା ନୀତେଶ ଗୁପ୍ତା ଓ ତାଙ୍କ ସହଧର୍ମିଣୀ ପୂଜା ଗୁପ୍ତା ଯଜ୍ଞରେ ଆହୁତି ପ୍ରଦାନ ସହ ଦାନ ଦକ୍ଷିଣା ପ୍ରଦାନ କରିଥିଲେ। ଏଥିରେ ଗୋକୁଳା ମହାପାତ୍ର, ଦେବେନ୍ଦ୍ର ଶତପଥୀ ଦକ୍ଷଗିରି ପୂଜା ପାଠ, ହୋମଯଜ୍ଞ କରିଥିଲେ। ଦୈନନ୍ଦିନ ପ୍ରାୟ ୬ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ପ୍ରସାଦ ସେବନ କରିଥିଲେ। ପ୍ରକୃତି ବନ୍ଧୁ ବଡ ଶତପଥୀ ଯଜ୍ଞ ସ୍ମୃତି ପାଇଁ ଏକ ଅଶୋକ ଗଛ ପ୍ରଦାନ କରି ଉପଯୁକ୍ତ ସ୍ଥାନରେ ଲଗାଇ ଏହାର ଯତ୍ନ ନେବାପାଇଁ କର୍ତ୍ତା ଦମ୍ପତିମାନଙ୍କୁ ଉପଦେଶ ଦେଇଥିଲେ। ଏଥିରେ ୬ଟି ବଛା ବଛା ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ। ତୁର୍ଲା, କେଛୋମାଲ, ଲିଙ୍ଗମାରନି, ଡୁଙ୍ଗୁରିପାଲି, ହୀରାପୁର, କୋକନରା ପ୍ରମୁଖ ଗ୍ରାମରୁ ସଂକୀର୍ତ୍ତନ ଦଳ ଆସିଥିଲେ। ରବିବାର ଶେଷଦିନ ସଂକୀର୍ତ୍ତନ ବୈଠକ ରାତି ୧୦ଟା ଯାଏଁ ଚାଲିବ ବୋଲି ଚମ୍ପାଲାଲ ଗୁପ୍ତା କହିଛନ୍ତି।

# ବିକ୍ରି ହୋଇପାରିନି ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ଚାଷୀଙ୍କ ଧାନ

**ବରଗଡ଼,୨୨।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଆଉ ମାସକ ପରେ ରବିଧାନ ଅମଳ ହେବ। ଫଳରେ ରବି ଧାନବିକ୍ରିପାଇଁ ବର୍ତ୍ତମାନ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଚାଲିଛି। କିନ୍ତୁ ଗତ ଖରିଫ୍‌ରେ ଅମଳ ହୋଇଥିବା ଧାନ ବିକ୍ରି ପାଇଁ ଏପର୍ଯ୍ୟନ୍ତ ଜିଲାର ଅନେକ ଚାଷୀ ପଞ୍ଜୀକୃତ ହୋଇପାରି ନାହାନ୍ତି। ଫଳରେ ସେମାନଙ୍କ ଧାନ ବିକ୍ରି ହୋଇ ପାରି ନାହିଁ ଏବଂ ତାହା କ୍ଷେତ, ଖଳା ସମେତ ବିଭିନ୍ନ ମଣ୍ଡିରେ ବିକ୍ରି ଅପେକ୍ଷାରେ ରହିଛି। ସେହି ଧାନ ବିକ୍ରି ପାଇଁ ଚାଷୀମାନେ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ଠାରୁ ଆରମ୍ଭ କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଧାଁ ଧପଡ଼ ହୋଇଛନ୍ତି। ସ୍ଥାନୀୟ ବିଧାୟକମାନଙ୍କୁ ମଧ୍ୟ ଏହି ସମସ୍ୟା ଅବଗତ କରିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କୁ ଲେଖି ଜଣାଇଛନ୍ତି। ଏହାସତ୍ତ୍ୱେ କିଛି ସୁଫଳ ମିଳିପାରି ନାହିଁ। କେବଳ ସେତିକି ନୁହେଁ, ଏପରିକି ଏକଦା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ ଚାଲିଥିବାବେଳେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ବାଦ୍ ପଡ଼ିଥିବା ସମସ୍ତ ଯୋଗ୍ୟଚାଷୀଙ୍କୁ ଧାନବିକ୍ରି ଟୋକନ ମିଳିବ ବୋଲି ନିର୍ଭର ପ୍ରତିଶୃତି ଦେଇଥିଲେ।


ଧାରଣାସ୍ଥଳରେ ଚାଷୀମାନେ ଭୋଜନ କରୁଛନ୍ତି।

ସେହିପରି ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମଧ୍ୟ ବିଧାନସଭାରେ ଚାଷୀଙ୍କ ଏଭଳି ସମସ୍ୟାକୁ ସ୍ୱୀକାର କରିବା ସହିତ ସମ୍ପୃକ୍ତ ଚାଷୀମାନେ ଯେଭଳି ଧାନବିକ୍ରି କରି ପାରିବେ, ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସତ୍ତ୍ୱେ ସରକାର ସେ ଦିଗରେ କିଛି ପଦକ୍ଷେପ ନେଇ ନାହାନ୍ତି। ଅନ୍ୟପଟେ ଧାନବିକ୍ରି କରି ପାରି ନ ଥିବା ଚାଷୀଙ୍କ ମଧ୍ୟରେ କୁହୁଳୁଥିବା ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଗତ ୯ତାରିଖରୁ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାନଗଦା କରି ଦିନରାତି ଧାରଣାରେ ବସିଛନ୍ତି। ଧାରଣାସ୍ଥଳୀରେ ରନ୍ଧାବଢ଼ା କରି ଭୋଜନ କରିବା ସହିତ ଖରାବର୍ଷା ସହି ନିଜର ହକ୍ ଦାବିରେ ଚାଷୀମାନେ ଧାରଣା ଜାରି ରଖିଛନ୍ତି। ଧାରଣାକୁ କଂଗ୍ରେସ, ବିଜେଡ଼ି ସମେତ ବିଭିନ୍ନ ସଙ୍ଗଠନ ସମର୍ଥନ ମଧ୍ୟ କରିଛନ୍ତି। କିନ୍ତୁ ସମସ୍ୟାର ସମାଧାନ ହୋଇ ନାହିଁ। ସରକାର ସେମାନଙ୍କ ଧାନ ନ କିଣିଲେ ଆଗକୁ ଚାଷୀମାନେ ସପରିବାର ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

- **ବିଧାୟକଙ୍କ ସ୍ୱୀକାର, ସରକାର ନିର୍ବିକାର**
- **୧୪ଦିନରେ ପହଞ୍ଚିଲା ଚାଷୀଙ୍କ ଧାରଣା**
- **ଧାରଣାସ୍ଥଳୀରେ ରନ୍ଧାବଢ଼ା, ଭୋଜନ**

ସୂଚନା ଅନୁଯାୟୀ, ଗତବର୍ଷ ନଭେମ୍ବର ୨୮ରୁ ବରଗଡ଼ ଜିଲାରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିଲା। ସେହିଦିନଠାରୁ ଧାନମଣ୍ଡି ଗୁଡ଼ିକ ଖୋଲିବା ପରେ ଜିଲାର ପଞ୍ଜୀକୃତ ଚାଷୀମାନେ ଧାନ ବିକ୍ରିବଟା କରିଥିଲେ। କିନ୍ତୁ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତିର ବିଭାଗୀୟ ଅଧିକାରୀଙ୍କଠାରେ ଧାନବିକ୍ରି ପଞ୍ଜୀକରଣ ପାଇଁ ଆବଶ୍ୟକ କାଗଜାତ୍ ଦାଖଲ ସହିତ ଆବେଦନ କରିବା ସତ୍ତ୍ୱେ ଜିଲାର ଅନେକ ଚାଷୀ ପଞ୍ଜୀକୃତ ହୋଇପାରି ନାହାନ୍ତି। ଜିଲାର ଭେଡ଼େନ, ଅମ୍ବାଭୋନା, ପାଇକମାଳ, ଗାଇସିଲେଟ୍ ସମେତ ବିଭିନ୍ନ ବ୍ଲକରେ ଏଭଳି ଶତାଧିକ ଚାଷୀ ଧାନବିକ୍ରି ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଏହାକୁ ନେଇ ଚାଷୀମାନେ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ହେଲେ ଚାଷୀଙ୍କୁ ଆଶ୍ୱାସନା ଛଡ଼ା ଅନ୍ୟକିଛି ମିଳିପାରି ନାହିଁ। ଜିଲାର ପ୍ରାୟ ୨୫୦୦ରୁ ୩ହଜାର ପର୍ଯ୍ୟନ୍ତ ଚାଷୀ ବିଭାଗୀୟ ଅବହେଳା ଯୋଗୁ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ବୋଲି ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି। ସହରାଚିକ୍ରା ମଣ୍ଡିରେ ସର୍ବାଧିକ୨୫ରୁ ୩୦ହଜାର ପକେଟ୍ ଧାନ ବିକ୍ରି ଅପେକ୍ଷାରେ ଥିବାବେଳେ ପାଇକମାଳରେ ୧୫୦୦, ଅମ୍ବାଭୋନାରେ ୧୫୦୦ ପକେଟ୍ ଧାନ ଏଭଳି ପଡ଼ି ରହିଛି। ସେହିପରି ଅନ୍ୟ ବ୍ଲକରେ ମଧ୍ୟ ଅନେକ ଚାଷୀ ଏଭଳି ସମସ୍ୟାରେ ଛନ୍ଦି ହୋଇ ପଡ଼ିଛନ୍ତି। ଅପରପକ୍ଷେ ଆସନ୍ତା ୩୧ତାରିଖ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ସରିଯିବ। ତେବେ ବିଭାଗୀୟ ଅବହେଳା ଯୋଗୁ ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ଚାଷୀଙ୍କ ଧାନ କିଣା ନଗଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ମହାପାତ୍ର କହିଛନ୍ତି।

## ହତ୍ୟା ଘଟଣା: ୨ ଭାଇ ଗିରଫ

**ବୌଦ୍ଧ,୨୨।୩ (ଅଜିତ କୁମାର ବାରିକ)**

ବୌଦ୍ଧ ଥାନା ଅଧୀନ କାଶଲପୁର ଗ୍ରାମରେ ଘଟିଥିବା ହତ୍ୟା ଘଟଣାରେ ପୋଲିସ ୨ ଭାଇଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ମୁଣ୍ଡାପଡ଼ା ଗ୍ରାମର ଆକାଶ ଗୁରୁ ଏବଂ ସମ୍ରାଟ ଗୁରୁ। ପୋଲିସ ସୂଚନା ଅନୁଯାୟୀ, ମୁଣ୍ଡାପଡ଼ା ଗ୍ରାମର ବାସୁଦେବ ଝାଙ୍କର(୨୮) ଓ ଶାନ୍ତନୁ ଝାଙ୍କର (୩୪) ସମ୍ପର୍କୀୟ ଭାଇ ଅଟନ୍ତି। ଶାନ୍ତନୁ ଫଟୋଗ୍ରାଫର କାମ କରନ୍ତି। ଗତ ୧୫ ତାରିଖରେ ଶାନ୍ତନୁ ଓ ବାସୁଦେବ ବ୍ରାହ୍ମଣପାଲି ପଞ୍ଚାୟତର ବକପାଲି ଗ୍ରାମକୁ ଏକ ବାହାଘରରେ ଯୋଗଦେବାକୁ ଯାଇଥିଲେ। ସେଠାରୁ ସେମାନେ ରାତିରେ ଫେରୁଥିବାବେଳେ କାଶଲପୁର ହରିପୁର ଛକ କେନାଲ ନିକଟରେ ଆକାଶ ଭୋଜିରୁ ଘରକୁ ଫେରୁଥିବାବେଳେ ବାସୁଦେବ ଓ ଶାନ୍ତନୁଙ୍କ ସହିତ ପାଟିତୁଣ୍ଡ ହୋଇଥିଲା। ଫଳରେ ଆକାଶଙ୍କୁ ସେମାନେ ମାଡ଼ ମାରିଥିଲେ। ଆକାଶ ଘରକୁ ଆସି ଭାଇ ସମ୍ରାଟ ଗୁରୁଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରେ ଏକ କାତି ଧରି ଦୁଇ ଭାଇ କାଶଲପୁର ହରିପୁର ଛକକୁ ଯାଇ ବାସୁଦେବ ଓ ଶାନ୍ତନୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିଯୋଗୁ ଘଟଣାସ୍ଥଳରେ ବାସୁଦେବଙ୍କ ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ଭାଗବତ ସପ୍ତାହ ଉଦ୍‌ଯାପିତ

ରାଉରକେଲା,୨୨।୩(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ଦୁର୍ଗାପୁର ପାହାଡ ଉପରେ ଥିବା ରାଧାକୃଷ୍ଣ ମନ୍ଦିର ପରିସରରେ ଆୟୋଜିତ ହୋଇଥିବା ଭାଗବତ ସପ୍ତାହ ରବିବାର ଶେଷ ହୋଇଛି। ଏହି ଉତ୍ସବରେ ପଣ୍ଡିତ ନୃସିଂହ ଚରଣ ମିଶ୍ର ଯୋଗଦେଇ ଭାଗବତ କଥା ଅମୃତ ଉପରେ ବିସ୍ତୃତ ମତ ପ୍ରକାଶ କରିଥିଲେ। ଭାଗବତ ହେଉଛି ସମାଜକୁ ବାନ୍ଧି ରଖିବାର ପ୍ରମୁଖ ସ୍ରୋତ । ଭାଗବତ ସମାଜକୁ ପ୍ରେମ ଓ ପବିତ୍ରା ସହ ସଂସ୍କାରର ବାର୍ତ୍ତା ଦେଇଥାଏ ବୋଲି ପ୍ରବଚକ ମିଶ୍ର ଅବଗତ କରିଥିଲେ। ଏହି ୭ ଦିନିଆ ଉତ୍ସବରେ ବାସନ୍ତୀ କଲୋନୀ ତଥା ଆଖପାଖ ଅଞ୍ଚଳରୁ ପ୍ରାୟ ୧୩୦ ଜଣ ମହିଳା ଏକତ୍ରିତ ହୋଇ ସାମୁହିକ ଭାଗବତ ପାଠ କରିଥିଲେ। ଏହି ଉତ୍ସବର ଉଦ୍‌ଯାପନି ଉତ୍ସବରେ ମନ୍ଦିର ପରିସରରେ ଆୟୋଜିତ ହୋଇଥିବା ବିଶ୍ୱଶାନ୍ତି ନିମେନ୍ତ ହୋମଯଜ୍ଞରର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମନ୍ଦିରର ବରିଷ୍ଠ ସଦସ୍ୟ ସିଦ୍ଧେଶ୍ୱର ପଣ୍ଡା, ଗୋକୁଳ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଘର କବାଟ ତାଲା ଭାଙ୍ଗି ଚୋରି: ଜଣେ ଗିରଫ

ରାଉରକେଲା,୨୨।୩(ଦିନେଶ ମିଶ୍ର)

ଛେଣ୍ଡ ପୋଲିସ କଳିଙ୍ଗବିହାର ଅଞ୍ଚଳରେ ବାସ କରୁଥିବା ଜଣେ ବ୍ୟକ୍ତିଙ୍କ ଘର କବାଟ ଭାଙ୍ଗି ଚୋରି କରିଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ସେକ୍ଟର-୧୭ ଲକ୍ଷ୍ମୀମାର୍କେଟ ବସ୍ତିର ଆକାଶ ହରିପାଲ ଓରଫ ଗୁଲଟି(୩୦)। ପୋଲିସ ଏନେଇ(୭୬।୨୬)ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ କହିବା ଅନୁଯାୟୀ, ଛେଣ୍ଡ ସ୍ଥିତ କଳିଙ୍ଗବିହାର ଘର ନମ୍ବର ସିଁର୍ଥିଏଲ୍-୨୨ ଫେଜ୍-୩ରେ ପରିତୋଷ କୁମାର ମହାନ୍ତି ପରିବାର ସହ ବାସ କରନ୍ତି। ପରିତୋଷ କୌଣସି କାମରେ ତାଙ୍କ ଘର ଚାବି ପକାଇ ବାହାରକୁ ଯାଇଥିଲେ। ଘରଟି ବନ୍ଦଥିବା ଦେଖି କେହି ଦୁର୍ବୃତ୍ତ ତାଙ୍କ ଘର କବାଟ ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିଲେ। ପରେ ଗତ ୪ ତାରିଖରେ ପରିତୋଷ ଘରକୁ ଫେରିବା ପରେ ଘର କବାଟ ଚାବି ଭଙ୍ଗା ଯାଇଥିବା ଦେଖି ସେ ପୋଲିସକୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଘଟଣାର ତଦନ୍ତ କରିବା ସହ ସିସିଟିଭି ଯାଞ୍ଚ କରି ଶେଷରେ ଅଭିଯୁକ୍ତ ଗୁଲଟିକୁ ଗିରଫ କରିଥିଲା। ଅଭିଯୁକ୍ତ ଗୁଲଟି ଠାରୁ ପୋଲିସ ୩ ହଜାର ୫୦୦ଟଙ୍କା ଜବତ କରିଥିଲା।

# କାଳଜୟୀ କବିତା ବିଶ୍ୱବ୍ୟାପୀ ହୋଇଥାଏ




ବିଶ୍ୱ କବିତା ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଇସ୍ପାତ ସାହିତ୍ୟ ସଂସଦର ବିଶ୍ୱ କବିତା ଦିବସ

ରାଉରକେଲା,୨୨।୩ (ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)

ସହରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ସେକ୍ଟର-୭ ସ୍ଥିତ କାର୍ଯ୍ୟାଳୟ ପରିସରରେ ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବିଶ୍ୱ କବିତା ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ପ୍ରାକ୍ତନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଯୁଗ୍ମନିର୍ଦ୍ଦେଶିକା ଡକ୍ଟର ମନସ୍ୱିନୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାଳଜୟୀ କବିତା ଓ ସର୍ବଦା ବିଶ୍ୱବ୍ୟାପୀ ହୋଇଥାଏ ବୋଲି ଅତିଥି ଦାଶ ତାଙ୍କ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ। ପ୍ରାବନ୍ଧକ ଡକ୍ଟର ନଗେନ କୁମାର ଦାସ ଉତ୍ସବରେ ମୁଖ୍ୟବକ୍ତା ଉପସ୍ଥିତ ରହି କବିତାର ବିଶ୍ୱ-ବିଶ୍ୱର କବିତା ଶୀର୍ଷକ ଉପରେ ବିସ୍ତୃତ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟ ମଞ୍ଚାସୀନ ଅତିଥିମାନେ ବିଶ୍ୱ କବିତା ଦିବସର ଆଭିମୁଖ୍ୟ ବର୍ଣ୍ଣନା କରି ବିଶ୍ୱ ସ୍ତରରେ ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଏକାଭିମୁଖୀ କରିବାରେ ବିଭିନ୍ନ ଭାଷାରେ ଲିଖିତ କବିତାଗୁଡିକ ଏକ ବଳିଷ୍ଠ ମାଧ୍ୟମ ବୋଲି ମତ ସାବ୍ୟସ୍ତ କରିଥିଲେ। ସଭା ଆରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ଜଳନ କରିଥିଲେ। ଉତ୍ସବରେ ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସହ ସାଧାରଣ ସମ୍ପାଦକ କବି ଶୁଶାନ୍ତ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡା ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସୁବ୍ରତା ପତିଙ୍କୁ କବି ରେବତୀ ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାର ଦ୍ୱିତୀୟ ଅଧୀବେଶନରେ ଗାଳ୍ପିକା ଡଲିରାଣୀ ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ ଓ ବିଜୟିନୀ ଜେନା, ଉପେନ୍ଦ୍ର ବସ୍ତିଆଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଡାକ୍ତର କୃପାସିନ୍ଧୁ ନାୟକ, ସତ୍ୟବ୍ରତ ଦାସ, ଦିବାକର ଦାସଳ ବଳରାମ ଦାସ, ପ୍ରୀତବାସ ପ୍ରଧାନ, ମଞ୍ଜୁଳା କୁମାରୀ ରଥ, ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ସହ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କବି ଓ କବିୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

# ପତଞ୍ଜଳି ଯୋଗ ସମିତିର ୨୫୧ କୁଣ୍ଡୀୟ ଯଜ୍ଞ



୨୫୧ କୁଣ୍ଡୀୟ ଯଜ୍ଞରେ ଅଂଶଗ୍ରହଣ କରିଥିବା ଆଚାର୍ଯ୍ୟଓ ଅନ୍ୟମାନେ।

ରାଉରକେଲା,୨୨।୩(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ପତଞ୍ଜଳୀ ଯୋଗ ପରିବାର ତରଫରୁ ରବିବାର ପୂର୍ବାହ୍ନରେ ରାଉରକେଲା ସେକ୍ଟର -୧୩ ସ୍ଥିତ ଦୁର୍ଗା ପୂଜା ପଡ଼ିଆରେ ୨୫୧ କୁଣ୍ଡୀୟ ଯଜ୍ଞ ଆଚାର୍ଯ୍ୟ ଡ.ସୁଦର୍ଶନଜୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ଡ. ସୁଦର୍ଶନଜୀ ପ୍ରଦୀପ ପ୍ରଜ୍ୱଳନ କରି ବୈଦିକ ରୀତି ଅନୁଯାୟୀ ଶୁଭାରମ୍ଭ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଯଜ୍ଞ କରିବା ଦ୍ୱାରା ମାନବ ସମାଜର ମଙ୍ଗଳ ହେବା ସହିତ ପରିବେଶକୁ ଶୁଦ୍ଧ ଓ ପବିତ୍ର କରିଥାଏ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶେଷ ଅତିଥିରୂପେ ଯୋଗ ଦେଇଥିଲେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ। ରାଜ୍ୟ ବିଏସଏନ୍ ପ୍ରଭାରୀ ସୁଧାଂଶୁ ଶେଖର ଅଧିକାରୀ, ରାଜ୍ୟ ପ୍ରଭାରୀ ରାଧାମାଧବ ବହିରଦାର, ରାଜ୍ୟ ମହିଳା ପ୍ରଭାରୀ ଜେ ଗିରିଜା ଦେବୀ, ସହ ରାଜ୍ୟ ବିଏସଏନ୍ ପ୍ରଭାରୀ ଅଙ୍କୁର ମାର୍ଥା, ସହ ରାଜ୍ୟ ପ୍ରଭାରୀ ସୁନୀଲ ଶର୍ମା, ରାଜ୍ୟ ସୋସିଆଲ ମିଡ଼ିଆ ପ୍ରଭାରୀ କ୍ଷୀତିଶ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିବେଦିତା ପତି ଓ ନୀତସ୍ମିନି ସ୍ୱାଇଁ, ସୁନନ୍ଦାଜୀଙ୍କ ସମେତ ଜିଲା ବିଏସଏନ୍ ପ୍ରଭାରୀ ନରେନ୍ଦ୍ର କୁମାର ବେହେରା, ଜିଲା ପ୍ରଭାରୀ ପ୍ରଦୀପ୍ତ ସାହୁ, ଜିଲା କିଷାନ୍ ପ୍ରଭାରୀ ପୀତବାସ ପ୍ରଧାନ, ଜିଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ଜିଲା ଯୁବା ପ୍ରଭାରୀ ରଞ୍ଜନ ସାମଲଙ୍କ ସମେତ ଭକ୍ତବୃନ୍ଦ ଯଜ୍ଞରେ ଅଂଶଗ୍ରହଣ କରିଥିଲେ। ଏହି ଯଜ୍ଞରେ ସହଯୋଗ କରିଥିଲେ ଆର୍ଯ୍ୟ ସମାଜ ମନ୍ଦିର, ଗାୟତ୍ରୀ ପରିବାର, ଆଦି ସଙ୍ଗଠନ ବୃନ୍ଦ। ଆମ ସଙ୍ଗଠନ ତରଫରୁ ବରିଷ୍ଠ ଯୋଗ ଶିକ୍ଷକ ହେମନ୍ତ କୁମାର ଜେନା, ସନ୍ଧ୍ୟାରାଣୀ ସାହୁ, ମଦନ ମୋହନ ବେହେରା, ହରେକୃଷ୍ଣ ସାହୁ, ଶରତ ଚନ୍ଦ୍ର ଦାସ, ଅଜିତ ପୃଷ୍ଟୀ, ଗଙ୍ଗାଧର ପଣ୍ଡା, ଗଙ୍ଗାଧର ତ୍ରିପାଠୀ, ପ୍ରଫୁଲ୍ଲ ଦାସ, ପ୍ରଦୀପ୍ତ ସାହୁ, ରମେଶ ବେହେରା, ଟିକେଶ୍ୱର୍ କାଲୋ, କବିବର ସାହୁ, ରଥ ହରିପାଲ୍ ଆଦି ଉଦଯୋଗ ଓ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ସପତ୍ନୀଙ୍କ ଯଜ୍ଞରେ ଅଂଶଗ୍ରହଣ କରିଥିଲେ।

# ନୃତ୍ୟ ନାଟିକା ମଧୁବସନ୍ତ, ଛଉ ନୃତ୍ୟରେ ଦର୍ଶକ ବିଭୋର




ବସନ୍ତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ବସନ୍ତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ରାଉରକେଲା,୨୨।୩(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ମ୍ୟୁଜିକ ସର୍କଲ ପରିସରରେ ଆୟୋଜିତ ହୋଇଥିବା ୩ଦିନିଆ ୪୯ତମ ବସନ୍ତମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଶନିବାର ଆୟୋଜିତ ହୋଇଯାଇଛି। ମହୋତ୍ସବର ପ୍ରଥମ ଅଧିବେଶନରେ ଆନ୍ତଃବିଦ୍ୟାଳୟ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ଏକକ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ବିଭିନ୍ନ କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ସାରଦା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଶିଳ୍ପପତି ବିପିନ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳାକାରଙ୍କ ନୃତ୍ୟକୁ ଦେଖି ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଆର୍‌ଏସ୍‌ପିର ଭାରପ୍ରାପ୍ତ ଅଧିକାରୀ ଆଲୋକ ବର୍ମା, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ଉପଦେଷ୍ଟା ବାଲଗୋପାଳ ମହାପାତ୍ର ଓ ଡ.ସମର ମୁଦାଲି ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟୁଜିକ ସର୍କଲର କଳାକାର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ଅତିଥିଗଣ ପ୍ରମାଣପତ୍ର ସହ ଫଳକ ଓ ଆର୍ଥକରାଶି ପ୍ରଦାନ କରିଥିଲେ। ଲିଖିତା ଡ୍ୟାନ୍ସ ଏକାଡମୀ ପକ୍ଷରୁ ଗ୍ରୁପ ଡ୍ୟାନ କଳାକାରମାନଙ୍କ ଦ୍ୱାରା କଥକ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିଭଳି ମ୍ୟୁଜିକ ସର୍କଲର କଳାକାରଙ୍କ ଦ୍ୱାରା ନୃତ୍ୟ ନାଟିକା ମଧୁ ବସନ୍ତ ଓ ଉତ୍ତରସାହି ବାରିପଦାର ଛଉ ନୃତ୍ୟ ସହ ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ଛଉ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନମୋହିଥିଲା। ଉପାଧ୍ୟକ୍ଷ ଅଭୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଲୁମନି ଆସୋସିଏଶନର ବାର୍ଷିକ ଉତ୍ସବ

### ଶିକ୍ଷା ସମାଜର ମୂଳ ଭିତ୍ତିସ୍ତମ୍ଭ

ରାଉରକେଲା,୨୨।୩(ଦିନେଶ ମିଶ୍ର)

ଉଦିତନଗର ସ୍ଥିତ ମ୍ୟୁନିସିପାଲ ଲାଇବ୍ରେରି ମଣ୍ଡପରେ ଉଦିତନଗର ହାଇସ୍କୁଲ ଆଲୁମିନୀ ଆସୋସିଏଶନ ପକ୍ଷରୁ ଅଷ୍ଟମ ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଉରକେଲା ବାଣିଜ୍ୟକର ଓ ଜିଏସ୍‌ଟି ବିଭାଗର ଅତିରିକ୍ତ ଆୟୁକ୍ତ ପ୍ରକାଶ ଚନ୍ଦ୍ର ଡୋରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ରାବ୍ଲକ ଶିକ୍ଷାଧିକାରୀ ସୁପ୍ରଭାତ ବେହେରା ଓ ଉଦିତନଗର ପି.ଏମଶ୍ରୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷାକର୍ମଚାରୀ ଅଶୋକ ଗୌଡ, ଅମିତ ମଲ୍ଲିକ, ନିରଞ୍ଜନ ପ୍ରଧାନ ଓ ଅବସରପ୍ରାପ୍ତ ଶିକ୍ଷକ ଅଶୋକ ମାହାନାଙ୍କୁ ସମ୍ମାନିତ କରାଯାଇଥିଲା। ସଭାର ଦ୍ୱିତୀୟ ଅଧୀବେଶନରେ ଆଲୁମିନିବୃନ୍ଦଙ୍କ ଦ୍ୱାରା ମନୋରଞ୍ଜନ ସଙ୍ଗୀତାନୁଷ୍ଠାନ ଟ୍ରାକ ରେକର୍ଡ ଗୀତ ପରିବେଷଣ କରାଯାଇଥିଲା। ଆସୋସିଏଶନର ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମ ସଭାପତି ପ୍ରତାପ ଶେଖର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା।

# କୋକ୍ ଓଭନ୍ସ ବ୍ୟାଟେରି-୭ ପ୍ରକଳ୍ପ କ୍ଷେତ୍ରରେ ସୁରକ୍ଷା ନାଟକ ମଞ୍ଚସ୍ଥ



ଠିକା ଶ୍ରମିକଙ୍କ ଦ୍ୱାରା ଆୟୋଜିତ ସୁରକ୍ଷା ନାଟକର ଏକ ଦୃଶ୍ୟ।

ରାଉରକେଲା, ୨୨।୩(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଅନ୍ତର୍ଗତ କୋକ୍ ଓଭନ୍ସ ବ୍ୟାଟେରି-୭ (ସିଓବି-୭) ପ୍ରକଳ୍ପ କ୍ଷେତ୍ରରେ ଜାତୀୟ ସୁରକ୍ଷା ମାସ-୨୦୨୬ ପାଳନ ଉପଲକ୍ଷେ ନିୟୋଜିତ ଠିକା ଶ୍ରମିକଙ୍କ ଦ୍ୱାରା ଚଳିତ ଏକ ସୁରକ୍ଷା ନାଟକ ମଞ୍ଚସ୍ଥ କରାଯାଇଥିଲା। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର, ସିଓ ଏବଂ ସିସିଡ଼ି ବିଭାଗର ସିଜିଏମ୍ ରାକେଶ ଜୋଶୀ, ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରାଙ୍କ ସହ ଆରଏସ୍‌ପି ଏବଂ ଏଲଆଣ୍ଡଟି ଲିମିଟେଡର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ପଲାଇ ଏହି ଭଳି ଅଭିନବ ପଦକ୍ଷେପକୁ ପ୍ରଶଂସା କରିଥିଲେ। ପ୍ରକଳ୍ପ କ୍ଷେତ୍ରରେ ସୁରକ୍ଷା ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ଷେତ୍ରରେ ପ୍ରତ୍ୟେକଙ୍କ ପାଇଁ ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା ବୋଲି ଉଲ୍ଲେଖ କରି ସମସ୍ତ କର୍ମଚାରୀ ଏବଂ ଠିକା କର୍ମଚାରୀଙ୍କୁ ସୁରକ୍ଷା ଅଭ୍ୟାସ ଏବଂ ଏହାର ପ୍ରକ୍ରିୟାଗୁଡ଼ିକୁ କଡ଼ାକଡ଼ି ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଲାଇ ସମସ୍ତ କଳାକାରଙ୍କୁ ସୂଚକ ଉପହାର ପ୍ରଦାନ କରିଥିଲେ। ପରେ ପ୍ରକଳ୍ପ କ୍ଷେତ୍ରରେ ବିକଶିତ ପରିବେଶ, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ଠିକା ଶ୍ରମିକଙ୍କ ଦ୍ୱାରା ପ୍ରଦର୍ଶିତ ଏହି ସୁରକ୍ଷା ନାଟକ, ସୁରକ୍ଷା ନିୟମ ପାଳନର ଗୁରୁତ୍ୱକୁ ପ୍ରଭାବଶାଳୀ ଚିତ୍ରଣ କରିଥିଲା ଏବଂ କିପରି ଅବହେଳା ଓ ଅସୁରକ୍ଷିତ ଅଭ୍ୟାସ ଦୁର୍ଘଟଣାର କାରଣ ହୋଇପାରେ ତାହା ପ୍ରଦର୍ଶିତ କରିଥିଲା। ସର୍ବଦା ସତର୍କ ରହିବା ଏବଂ ସୁରକ୍ଷିତ କାର୍ଯ୍ୟ ପଦ୍ଧତି ଅବଲମ୍ବନ କରିବା ଉପରେ ଉକ୍ତ ନାଟକ ଏକ ଗଭୀର ବାର୍ତ୍ତା ପ୍ରଦାନ କରିଥିଲା।

# ଇସ୍ପାତ ଶ୍ରମିକଙ୍କୁ ଗ୍ୟାସ ସିଲିଣ୍ଡର ଓ କୋଇଲା ଯୋଗାଇ ଦେବା ପାଇଁ ସିଆଇଟିୟୁର ଦାବି

ରାଉରକେଲା, ୨୨।୩(ସଙ୍ଗୀତା ଜେନା)

ସେକ୍ଟର-୧୬ ଶ୍ରମିକ ଭବନ ଠାରେ ବରିଷ୍ଠ ସମ୍ପାଦକ ଜୀବନ ବାରିହାଙ୍କ ସଭାପତିତ୍ୱରେ ସିଆଇଟିୟୁ ସମ୍ପାଦକ ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇ ଆମେରିକା ଓ ଇସ୍ରାଏଲର ଇରାନ ଉପରେ ଆକ୍ରମଣକୁ ବିରୋଧ କରାଯାଇଥିଲା। ଦେଶରେ ସଂକଟମୟ ସମୟରେ ସେଲ୍ କର୍ତ୍ତୃପକ୍ଷ ଯୁଦ୍ଧକାଳିନ ଭାବରେ ଇସ୍ପାତ ଶ୍ରମିକଙ୍କ ପରିବାର ପାଇଁ ରନ୍ଧନଗ୍ୟାସ ତଥା ଜାଳେଣୀ କୋଇଲା ଯୋଗାଇ ଦେବାପାଇଁ ଦାବି କରାଯାଇଛି। ଆଗାମୀ ଦିନରେ ଯୁଦ୍ଧର ଭୟଭୟତା ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହାଦ୍ୱାରା ପେଟ୍ରୋଲ, ଡିଜେଲ ଓ ପେଟ୍ରୋଲ ଜାତ ଦ୍ରବ୍ୟ ସହ ରନ୍ଧନ ଗ୍ୟାସର ଘୋର ଅଭାବ ସହ ଆହୁରି ମୂଲ୍ୟ ବୃଦ୍ଧି ଘଟିବ। ଏହାକୁ ହୃଦୟଙ୍ଗମ କରି ଆରଏସ୍‌ପି କର୍ତ୍ତୃପକ୍ଷ ଶ୍ରମିକମାନଙ୍କ ପାଇଁ ଗ୍ୟାସ ତଥା କୋଇଲା ଯୋଗାଇ ଦେବା ପାଇଁ ଦାବି କରିଥିଲେ। ବୈଠକରେ ପ୍ରଦୀପ ସେଠୀ, ବିମାନ ମାଇତି, ରତ୍ନାକର ନାୟକ, ଯଜ୍ଞେଶ୍ୱର ସାହୁ, ସଂଗ୍ରାମ ସାମଲ, ସନ୍ତୋଷ ବେହେରା, ଶିବରାମ ବେହେରା, ପିତାମ୍ବର ବେହେରା, କୁଳମଣୀ ରାଉତ ପ୍ରମୁଖ ଆଲୋଚନା କରିଥିଲେ।

# ରାମ ନବମୀ ପାଇଁ ରାଉରକେଲାରେ ହନୁମାନଙ୍କ ପତାକା ବିକ୍ରୟ



ରାଉରକେଲା,୨୨।୩ (ବିପ୍ଳବରଞ୍ଜନ ଦାଶ)

ବାସନ୍ତୀକ ନବରାତ୍ର ପୂଜା ସହର ବ୍ୟାପୀ ଚାଲିଥିବାବେଳେ ମାର୍ଚ୍ଚ ୨୭ରେ ରାମ ନବମୀ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ରାମ ନବମୀ ପାଇଁ ବଜାରରେ ହନୁମାନଙ୍କ ପ୍ରତିଛବି ଥିବା ପତାକା ବିକ୍ରୟ ଜୋରସୋରରେ ଚାଲିଛି। ସମଗ୍ର ସୁନ୍ଦରଗଡ଼ ଜିଲା ସମେତ ରାଉରକେଲା ସହରରେ ରାମ ନବମୀ ପାଇଁ ହନୁମାନଙ୍କ ପତାକା ବିକ୍ରୟ ହେଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଚୈତ୍ର ନବରାତ୍ରି ପାଇଁ ଅନେକ ଦେବୀ ମନ୍ଦିରରେ ମାତାଙ୍କ ପୂଜା କରାଯାଉଥିବାରୁ ଜୟ ମାତା ଦି ପଟ୍ଟି ସହିତ ମାତାଙ୍କ ଦୁପଟ୍ଟା ବିକ୍ରୟ ମଧ୍ୟ ଜୋରସୋରରେ ଚାଲିଛି। ହନୁମାନଙ୍କ ପତାକା ବଜାରରେ ୨୦ ଟଙ୍କାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଦାମ୍‌ରେ ବିକ୍ରି ହେଉଛି।

# ବିଶ୍ୱ ଜଳ ଦିବସ ପାଳନ ଅବସରରେ ଆଲୋଚନାଚକ୍ର

ରାଉରକେଲା,୨୨।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସ୍ଥାନୀୟ କେନ୍ଦ୍ରର ଇଞ୍ଜିନିୟର୍ସ (ଭାରତ) ଦ୍ୱାରା 'ଜଳ ଏବଂ ଲିଙ୍ଗ: ଯେଉଁଠାରେ ଜଳ ପ୍ରବାହିତ ହୁଏ, ସମାନତା ବୃଦ୍ଧି ପାଏ' ଶୀର୍ଷକ ଆଲୋଚନା ଉପରେ ଅନଲାଇନ୍ ଏବଂ ଅଫଲାଇନ୍ ମୋଡରେ ବିଶ୍ୱ ଜଳ ଦିବସ ପାଳନ କରାଯାଇଥିଲା। ରାଉରକେଲା ଇସ୍ପାତ ପ୍ଲାଣ୍ଟର ଜଳ ପରିଚାଳନା ବିଭାଗର ବରିଷ୍ଠ ପରିଚାଳକ ଯନ୍ତ୍ରୀ ଦୀପକ ଗର୍ଗ ବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ସଚିବ ଯନ୍ତ୍ରୀ ହିମାଂଶୁଶତପଥୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅଧ୍ୟକ୍ଷ ଯନ୍ତ୍ରୀ ଦୀପ୍ତଙ୍କର ମହାପାତ୍ର ସଭାର ଅଧ୍ୟକ୍ଷତା କରିଥିଲେ।

# ଶହୀଦ ରଘୁନାଥ ମାହାତୋଙ୍କ ଜୟନ୍ତୀ

ରାଉରକେଲା,୨୨।୩(ସଙ୍ଗୀତା ଜେନା)

କୁଡ଼ମାଲୀ ସାଂସ୍କୃତିକ ଆଖଡା, ରାଉରକେଲା ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଶହୀଦ ରଘୁନାଥ ମାହାତୋଙ୍କ ଜୟନ୍ତୀ ସେକ୍ଟର-୧ କମ୍ୟୁନିଟି ସେଣ୍ଟରରେ ଶନିବାର ସନ୍ଧ୍ୟା ୭ଟାରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଅବସରପ୍ରାପ୍ତ ପ୍ରଫେସର ନୃପେନ୍ଦ୍ର ମହାନ୍ତୋ କହିଥିଲେ, ଭାଷା, ସଂସ୍କୃତି ଓ ପରମ୍ପରା ହିଁ ଜାତିର ପରିଚୟ। ସେହିପରି ଏହାକୁ ପ୍ରତ୍ୟେକ ପରିସ୍ଥିତିରେ ସୁରକ୍ଷିତ ରଖିବା ଆବଶ୍ୟକ। ସେ ଭାଷା ଓ ସଂସ୍କୃତିକୁ ଛାଡ଼ିବା ଏବଂ ଅନ୍ୟ ସଂସ୍କୃତି ପ୍ରତି ବଢୁଥିବା ଆକର୍ଷଣ ନେଇ ଚିନ୍ତା ପ୍ରକାଶ କରିଥିଲେ। ଏଥିପାଇଁ ଏବେଠାରୁ ସଚେତନ ହୋଇ କାମ କରିବା ସହ କୁଡ଼ମାଲୀ ଭାଷା ଆଧାରିତ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ସେ ଜୋର ଦେଇଥିଲେ। ଏହି ଜୟନ୍ତୀ ଅବସରରେ ଜିଲା ଭାଜପା ମହାସଚିବ ନିରଞ୍ଜନ ମହାନ୍ତୋ ଓ ଓଡ଼ିଶା ଆଦିବାସୀ କୁଡ଼ମୀ ସମାଜର ମହାସଚିବ ମିଳନ ଚନ୍ଦ୍ର ମହାନ୍ତୋଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ମଧ୍ୟ ରଘୁନାଥ ମାହାତୋଙ୍କ ଜୀବନ ଆଦର୍ଶରୁ ଯୁବକମାନେ ପ୍ରେରଣା ନେବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ସେମିନାର ସହ ଝୁମର ସଙ୍ଗୀତ ଓ ନୃତ୍ୟର ଆୟୋଜନ ହୋଇଥିଲା। ଡା. ବିଦ୍ୟୁତପ୍ରଭା ମହାନ୍ତୋଙ୍କୁ ସମ୍ମାନିତ କରାଯାଇଥିଲା। ଝୁମର ଗାୟିକା ସସ୍ମିତା ମହାନ୍ତୋ, ପ୍ରଦୀପ ମହାନ୍ତୋ ଓ ଶମ୍ଭୁ ମହତୋଙ୍କ ଗୀତରେ ଲୋକମାନେ ନାଚି ଗାଇଥିଲେ। କୁଡ଼ମାଲୀ ସାଂସ୍କୃତିକ ଆଖଡାର ଅଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତୋ, ଉପାଧ୍ୟକ୍ଷ ସୀତାରାମ ମହାନ୍ତୋ, ସୁଭାଷ ମହାନ୍ତୋ, ବନମାଳୀ ମହାନ୍ତୋ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।




ଶହୀଦ ରଘୁନାଥ ମାହାତୋଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଆସ୍ଥା ପକ୍ଷରୁ ଅନନ୍ୟା ନାରୀ କାର୍ଯ୍ୟକ୍ରମ

ରାଉରକେଲା,୨୨।୩(ବିପ୍ଳବ ରଞ୍ଜନ ଦାଶ)

ସରକାରୀ ସୀକୃତି ପ୍ରାପ୍ତ ରାଉରକେଲାର ଅଗ୍ରଣୀ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ଆସ୍ଥା ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ସ୍ଥାନୀୟ ସିଭିକ ସେଣ୍ଟର ପ୍ରେକ୍ଷାଳୟଠାରେ ନାରୀ ଭିତ୍ତିକ କାର୍ଯ୍ୟକ୍ରମ ଅନନ୍ୟା ନାରୀ ଶନିବାର ରାତି ଦିନ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ସମାରୋହ ରେ ରାଉରକେଲା ନିର୍ବାହୀ ନିର୍ଦ୍ଦେଶକ (ଖଣି) ମୁନ୍ନା ପ୍ରସାଦ ସିଂହ ମୁଖ୍ୟ ଅତିଥି, ଡାକ୍ତର ହରିଶ ଦାସ ସମ୍ମାନିତ ଅତିଥି, ଭୁବନେଶ୍ୱରରୁ ଆସିଥିବା ସିଏସ୍‌ଆର୍ ମୁଖ୍ୟ ଡାକ୍ତର ଲୋପମୁଦ୍ରା ପ୍ରିୟଦର୍ଶନୀ ସେଲିବ୍ରିଟି ଅତିଥି, ଲାୟନ୍ସ କ୍ଲବର ସଭାପତି ବୈଶାଳୀ ଖେଡିଆ, ସୁରଭି ସଙ୍ଗୀତ ଅନୁଷ୍ଠାନର ମୁଖ୍ୟ ସ୍ମିତା ମିଶ୍ର, ସମ୍ବଲପୁରର ବିଶିଷ୍ଟ ସଙ୍ଗୀତକାର ମମତା ଜେନା ନିମନ୍ତ୍ରିତ ଅତିଥି ଭାବେ ସମାରୋହରେ ଯୋଗ ଦେଇ ଥିଲେ। ଆସ୍ଥା ଅନୁଷ୍ଠାନର ସଭାପତି ବିଷ୍ଣୁମୋହନ ମିଶ୍ର, ଉପସଭାପତି ରାଜକୁମାର ପଣ୍ଡା, ସାଧାରଣ ସମ୍ପାଦକ ଆଲୋକ ଜେନା ଓ ସାଂସ୍କୃତିକ ସମ୍ପାଦିକା ଶିବାନୀ ରଣା ମଞ୍ଚରେ ଉପସ୍ଥିତ ଥିଲେ। ନାରୀ ସର୍ବଦା ଏକ ଅଲଗା ପରିଚୟ, ସଶକ୍ତ ଓ ସମ୍ପ୍ରତି ନୂତନ ଦିଗ୍‌ଦର୍ଶକ ବୋଲି ନାରୀ ସଶକ୍ତିକରଣ ଦିଗରେ ଆସ୍ଥାର ନାମକରଣ (ଅନନ୍ୟା ନାରୀ) ଖୁବ ସୁନ୍ଦର ବୋଲି ମୁଖ୍ୟ ଅତିଥି କହିଥିଲେ। ପ୍ରାରମ୍ଭରେ ଆସ୍ଥାର ସାମାଜିକ ମାଧ୍ୟମ ଅଧିକାରୀ ପ୍ରତୀକ୍ଷା ସାହୁ ସ୍ୱାଗତ ଭାଷଣ ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ ସମ୍ପାଦିକା ଶିବାନୀ ରାଣା ବିଭିନ୍ନ କ୍ଷେତ୍ରରେ ନାରୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଉପରେ ଆଲୋକପାତ କରିଥିଲେ। ଶେଷରେ ସାଧାରଣ ସମ୍ପାଦକ ଆଲୋକ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କୁନୁ ରାନୀ ବିଶ୍ୱାଳ ଓ ମୋନାଲିସା ସାହୁ ସଞ୍ଚାଳନ କରିଥିଲେ। ଡାକ୍ତରୀ, ଶିକ୍ଷା, ସମାଜସେବା, ଖେଳାଳି, ଗାୟିକା ଓ ଫ୍ୟାଶନ ପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବିଶିଷ୍ଟ ନାରୀ ସମ୍ମାନରେ ଲୋପମୁଦ୍ରା ପ୍ରିୟଦର୍ଶନୀ, ମମତା ଜେନା, ଜନନୀ ମିଶ୍ର, ଉର୍ମିଳା ବେହେରା, ନୀତା କର, ଶ୍ରୀୟା ଗୁପ୍ତାଙ୍କୁ ଅନନ୍ୟା ନାରୀ ସମ୍ମାନ ସୂଚକ ଉତ୍ତରୀ, ଉପଢୌକନ ସହ ଉପହାର ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏକ ଚିତାକର୍ଷକ ଫ୍ୟାସନ ସୋ'ର ଆୟୋଜିତ ହୋଇଥିଲା।



ଅନନ୍ୟା ନାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଭାଜପାରେ ସାମିଲ ହେଲେ ସମିତି ସଭ୍ୟ**

କୁଚିଣ୍ଡା,(ବିରଞ୍ଚି ଦର୍ଗା): ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବାଉରୀଗୋଡା ପଞ୍ଚାୟତର ସମିତି ସଭ୍ୟ ତଥା ବିଜେଡି ନେତା ପରେଶ ପଟେଲ ୧୨ଜଣ ସମର୍ଥକଙ୍କ ସହ ରବିବାର ଭାଜପାରେ ଯୋଗଦେଇଛନ୍ତି। କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ ଭାଜପାର ପ୍ରଶିକ୍ଷଣ ଚାଲିଥିବା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ପଟେଲ ଓ ତାଙ୍କ ସମର୍ଥକଙ୍କୁ ଦଳୀୟ ଟୋପି ସହ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ତାଙ୍କ ଯୋଗଦାନ ବାଉରୀଗୋଡା ପଞ୍ଚାୟତ ସଂଗଠନକୁ ଅଧିକ ସୁଦୃଢ଼ କରିବ ବୋଲି ମନ୍ତ୍ରୀ ନାଏକ କହିଛନ୍ତି। ମନ୍ତ୍ରୀ ନାଏକଙ୍କ ଦୃଢ଼ ନେତୃତ୍ୱ ଓ ଉଭୟ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସଫଳତାରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିବା ସମିତି ସଭ୍ୟ ପଟେଲ କହିଛନ୍ତି।

## ସଂକ୍ଷେପରେ

### କଲମ ପରିବାର ପକ୍ଷରୁ ବିଶ୍ୱ କବିତା ଦିବସ ପାଳିତ

ସମ୍ବଲପୁର,୨୨।୩(ବି.ଶଙ୍କର)

ବିଶ୍ୱ କବିତା ଦିବସ କଲମ ପରିବାର ଟ୍ରଷ୍ଟ ପକ୍ଷରୁ ଶନିବାର ରାତି ୯ଟାରେ ସମ୍ବଲପୁର ସହରସ୍ଥିତ ସାମ୍ବାଦିକ ଭବନରେ ପାଳିତ ହୋଇଛି। ଟ୍ରଷ୍ଟ ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଟ୍ରଷ୍ଟ ଉପଦେଷ୍ଟା ପ୍ରଫେସର ପ୍ରଦୀପ କୁମାର ପଣ୍ଡା ମୁଖ୍ୟଅତିଥି, କିଶୋର କୁମାର ସାହୁ ମୁଖ୍ୟବକ୍ତା, ଡିଏସଏସଓ ସୌରଚନ୍ଦ୍ର ପାଣି ସମ୍ମାନିତ ଅତିଥିଭାବେ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ, କବିଙ୍କ ସମାଜ ପ୍ରତି ଦାୟିତ୍ୱ ଏବଂ ସମାଜ ଉପରେ କବିତାର ପ୍ରଭାବ ବାବଦରେ ମତ ରଖିଥିଲେ । ସମ୍ପାଦକ କ୍ଷେତ୍ରମଣି ବିଭାର ଙ୍କ ସଂଯୋଜନାରେ ବହୁଭାଷୀ କବିତା ପାଠ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଶାନ୍ତିଲତା ପାଣ୍ଡେ, ସୁଷମା ହୋତା, କଳ୍ପନା ମହାପାତ୍ର, ଡ. ସଙ୍ଗୀତା ନାଏକ, ଅନନ୍ୟା ବେହେରା, ପ୍ରଣତି ମହାପାତ୍ର, ଭବାନୀ ଶଙ୍କର ମେହେରଙ୍କ ସହ ବହୁ କବୟିତୀକବି ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଉପସଭାପତି ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଂସ୍କୃତିକ ଐତିହ୍ୟକୁ ସୁଦୃଢ଼ କରିବ

ସମ୍ବଲପୁର,୨୨।୩(ବି.ଶଙ୍କର)



ଅତିଥିଙ୍କ ସହ ବିଜୟୀ ସମ୍ପ୍ରଦା ଦଳ ।

**ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମ୍ପ୍ରଦା ପ୍ରତିଯୋଗିତା**

**ଶ୍ରେଷ୍ଠ ସ୍ଥାନ ହାସଲ କଲା ବଡ଼ଧରା ସମ୍ପ୍ରଦା ଦଳ**

ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ପକ୍ଷରୁ ସମ୍ପ୍ରଦା ପ୍ରତିଯୋଗିତା ଶନିବାର ରାତି ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ସମଲେଇ ମନ୍ଦିର ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅମ୍ବାପାଲି, ବାଦିମାଲ, ଦୟାଡେରା, ବଡ଼ଧରା, ଭୋଇଡେରା, ଗଙ୍ଗାଡିହି, ରଙ୍ଗିଆଟିକ୍ରା, ଖୁଟିଟକୁଲି ସଂପ୍ରଦା ଦଳ ଅଂଶଗ୍ରହଣ କରିଥିଲେ। କଳାକାରମାନଙ୍କ ଗୀତ, ନୃତ୍ୟବାଦ୍ୟରେ ସମଲେଇ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ଏଥିସହ ପ୍ରତିଯୋଗିତା ଭକ୍ତ ଓ ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ଏହି ପ୍ରତିଯୋଗିତାରେ ବଡ଼ଧରା ସମ୍ପ୍ରଦା ଦଳ ଶ୍ରେଷ୍ଠ ସ୍ଥାନ ହାସଲ କରିଥିଲେ। ସେହିପରି ଅମ୍ବାପାଲି ଦଳ ଦ୍ୱିତୀୟ ଓ ଦୟାଡେରା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ପୁରସ୍କାର ସ୍ୱରୂପ ୧୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ସେହିପରି ଦ୍ୱିତୀୟ ସ୍ଥାନକୁ ୭ ହଜାର ଓ ତୃତୀୟ ସ୍ଥାନ ପାଇଁ ୫ହଜାର ଟାଙ୍କର ପ୍ରୋତ୍ସାହନ ରାଶି ସହିତ ମାନପତ୍ର ଓ ଦେବୀ ସମଲେଇଙ୍କ ପ୍ରତିମା ଚିହ୍ନ ପ୍ରଦାନ କରାଯାଇଥିଲା। ଏଥିସହ ସମସ୍ତ ସହଭାଗୀ ଦଳଙ୍କୁ ୨ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଓ ଗସ୍ତ ଖର୍ଚ୍ଚ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରଦାନ କରାଯାଇଥିଲା । ବିଚାରକଭାବେ ଗୁରୁ କପିଳ ସାହୁ, ହେମନ୍ତ ମହାପାତ୍ର, ଗୁରୁ ରଞ୍ଜନ ସାହୁ ଏବଂ ପ୍ରଫେସର କାମଦେବ ସାହୁ ଉପସ୍ଥିତ ରହି ପ୍ରତିଯୋଗିତାର ନ୍ୟାୟସଙ୍ଗତ ମୂଲ୍ୟାୟନ କରିଥିଲେ। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପ୍ରଫୁଲ୍ଲ ହୋତା ସଂଯୋଜକ ଭାବେ କାର୍ଯ୍ୟ କରିଥିଲେ। ଏହି ଅବସରରେ ସଂସ୍କୃତି ଗବେଷକ ଡ. ଶ୍ୟାମ ସୁନ୍ଦର ଧରଙ୍କ ସହିତ ଟ୍ରଷ୍ଟ ବୋର୍ଡ ସଦସ୍ୟ ହେମନ୍ତ ମିଶ୍ର, ସନ୍ତୋଷ ପୃଷେଠ, ଦେବ କୁମାର ଆଜମେରିଆ ଓ ବିଚିତ୍ରାନନ୍ଦ ଆଚାର୍ଯ୍ୟ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ । ଏନେଇ ଟ୍ରଷ୍ଟ ବୋର୍ଡ ସଭାପତି ବାବୁ କହିଥିଲେ, ଏପରି କାର୍ଯ୍ୟକ୍ରମ ଆମ ସାଂସ୍କୃତିକ ଐତିହ୍ୟକୁ ସୁଦୃଢ଼ କରିବ । ଏଥିସହ ଅଗାମୀ ପିଢ଼ୀ ପର୍ଯ୍ୟନ୍ତ ପହଞ୍ଚାଇବାରେ ଏକ ମୁଖ୍ୟ ମାଧ୍ୟମ ହେବ । ଯାହାକି ଯୁବ ପିଢ଼ି ସଂପ୍ରଦା କଳା ବିଷୟରେ ଅବଗତ ହୋଇପାରିବେ। ସଂପ୍ରଦା ଦଳଙ୍କ ଅଂଶଗ୍ରହଣ ଆମ ସମାଜରେ ଏକତା ଓ ସମ୍ମିଳନର ଭାବନାକୁ ଦୃଢ଼ କରେ ତଥା ଆମର ସମୃଦ୍ଧ ଲୋକ ସଂସ୍କୃତିକୁ ନେଇ ଗର୍ବ କରିବା ଶିକ୍ଷା ଦେଇଥାଏ । ତେଣୁ ଆଗାମୀ ଦିନରେ ଏପରି ଆୟୋଜନକୁ ବ୍ୟାପକଭାବେ କରାଯିବା ପାଇଁ ପ୍ରୟାସ ଜାରି ରହିବ । ଏହି ପ୍ରତିଯୋଗିତା ମାଧ୍ୟମରେ ଲୋକ ସଂସ୍କୃତି, ପରମ୍ପରା ଓ ଏକତାକୁ ଆହୁରି ଦୃଢ଼ କରିବାରେ ଏକ ସୁଯୋଗ ସୃଷ୍ଟି କରିଛି ବୋଲି ସଭାପତି ବାବୁ କହିଛନ୍ତି ।

# ପଦାର୍ଥ ବିଜ୍ଞାନ ବିଭାଗର ୧୩ ଛାତ୍ରୀଛାତ୍ର କୃତକାର୍ଯ୍ୟ

ସମ୍ବଲପୁର,୨୨।୩(ପ୍ରମୋଦ ବହିଦାର)

**ଆଇଆଇଟି ଜେଏଏମ୍ ପରୀକ୍ଷାରେ ଜିଏମ୍ୟୁର ସଫଳତା**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ) ପଦାର୍ଥ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରମାନେ ସର୍ବଭାରତୀୟସ୍ତରରେ ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଭାରତୀୟ ପ୍ରଯୁକ୍ତି ସଂସ୍ଥାନ(ଆଇଆଇଟି) ମୁମ୍ବାଇ ଦ୍ୱାରା ପରିଚାଳିତ ମିଳିତ ପ୍ରବେଶିକା ପରୀକ୍ଷା (ଜେଏଏମ୍)ରେ ବିଭାଗର ୧୩ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ହୃଦାନନ୍ଦ ପୁରୋହିତ ସର୍ବଭାରତୀୟ ସ୍ତରରେ ୫୨ତମ ର୍ୟାଙ୍କ୍ ହାସଲ କରିଛନ୍ତି। କୌଶିକ କୁମାର ଗର୍ତିଆ ୧୫୦, ଲିପୁନ ମେହେର ୪୫୨ ର୍ୟାଙ୍କ୍ ହାସଲ କରିଛନ୍ତି। ଅନ୍ୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଷ୍ଣବୀ ଦାଶ (୯୨୦), ମନୀଷା ମେଣ୍ଡାଲି (୧୩୨୪), ଦାମୋଦର ସୁନା (୧୪୫୨), ପ୍ରିୟଙ୍କା ଶରାଫ(୨୨୭୪), ଡେଭିଡ ଚନ୍ଦ୍ରକାର (୨୬୮୧), ଉତ୍ପଳା ଦେବୀ(୨୮୩୧), ପ୍ରିୟାଂଶୀ ରଥ (୩୦୧୨), ରାମେଶ୍ୱର ସେଠ (୩୦୭୯), ପୂଜ୍ୟୟିନୀ ସାହୁ (୪୩୫୧)ଙ୍କ ସହିତ ଚିକୁନ କୁମାର ସାହୁ ମଧ୍ୟ ଯୋଗ୍ୟତା ହାସଲ କରିଛନ୍ତି। ଏହି ସଫଳତା ଜିଏମ୍ୟୁର ଜାତୀୟ ମାନ୍ୟତାରେ ମଧ୍ୟ ସହାୟକ ହେବ ବୋଲ କର୍ତ୍ତୃପକ୍ଷ କହିଛନ୍ତି।

# ପ୍ରଭାକରଙ୍କ ରଚନା ଗ୍ରନ୍ଥାବଳୀ ଆକାରରେ ପ୍ରକାଶନ ହେଉ



ଆୟୋଜିତ ସାରସ୍ୱତ ସମାରୋହରେ ମଞ୍ଚାସୀନ ଅତିଥି।

ସମ୍ବଲପୁର,୨୨।୩(ଭବାନୀ ଶଙ୍କର ଭୋଇ)

ସତ୍ୟନାରାୟଣ ସାହିତ୍ୟ ସଂସଦ ପକ୍ଷରୁ ସମ୍ବଲପୁର ମୁଦିପଡାସ୍ଥିତ ଜୀବନ କ୍ଲବଠାରେ ରବିବାର ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଗୋପୀନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ ମୁଖ୍ୟ ଅତିଥି, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ସମ୍ମାନୀତ ଅତିଥି, ଦେବାର୍ଚ୍ଚନ ଠାକୁର ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ପ୍ରଭାକର ପାଣିଗ୍ରାହୀଙ୍କ ଲିଖିତ ୪୭ ଖଣ୍ଡ ସାହିତ୍ୟ ଏବଂ ଭକ୍ତି କବିତା ଉପରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ନନ୍ଦ କବି ପାଣିଗ୍ରାହୀଙ୍କ ସରଳ ଜୀବନ ଏବଂ ଈଶ୍ୱରଙ୍କ ଉପରେ ରହିଥିବା ବିଶ୍ୱାସ ଉପରେ ଆଲୋକପାତ କରିଥିଲେ। ତାଙ୍କର ସମସ୍ତ ରଚନାରେ ବିଭୁଭକ୍ତି ତାଙ୍କୁ ଯଥାର୍ଥରେ ଭକ୍ତକବିର ପରିଚୟ ଦେଇଥିବା କହିଥିଲେ। ସମ୍ମାନୀତ ଅତିଥି ପାଣିଗ୍ରାହୀ ଭକ୍ତକବିଙ୍କର ସରଳ ଜୀବନ ତାଙ୍କର ରଚନାରେ ପ୍ରତିଫଳିତ ହୋଇଥିବା କହିଥିଲେ। ମୁଖ୍ୟବକ୍ତା ଦେବାର୍ଚ୍ଚନ ଠାକୁର ଭକ୍ତକବିଙ୍କ କବିତା ଗୁଚ୍ଛ, ଫୁଲ ଟାଙ୍ଗୀରୀ ପୁସ୍ତକ ଉପରେ ଆଲୋଚନା କରିଥିଲେ। ଏହାସହ ଭକ୍ତ କବିଙ୍କ ସମସ୍ତ ରଚନାବଳୀକୁ ନେଇ ସଂଗ୍ରହ କରି ଗ୍ରନ୍ଥାବଳୀ ପ୍ରକାଶ କରିବାକୁ ମତପ୍ରକାଶ କରିଥିଲେ। ସଂସଦ ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ଭାଷଣ ଦେଇଥିଲେ। ସାହିତ୍ୟକ ବିଭୂତିଭୂଷଣ ମିଶ୍ର, ପ୍ରଦୀପ ପାଣିଗ୍ରାହୀ, ଭବାନୀ ଶଙ୍କର ମେହେର, ସିଦ୍ଧିସରୂପା ପାଢ଼ୀ, ସୀତା ମିଶ୍ର, ଅମୀୟ କୁମାର ପାଣି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### କୁଚିଣ୍ଡା ନଗର ମଣ୍ଡଳ ପ୍ରଶିକ୍ଷଣ ଶିବିର

କୁଚିଣ୍ଡା,୨୨।୩(ବିରଞ୍ଚି ଦର୍ଗା)

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ରବିବାର ଅପରାହ୍ନରେ ଭାଜପା ନଗର ମଣ୍ଡଳସ୍ତରୀୟ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଉଦ୍‌ଘାଟିତ ହୋଇଛି। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ପୂର୍ବତନ ବିଧାୟକ ନାଉରୀ ନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଭାଜପା ରାଜ୍ୟ ସାମାଜିକ ଗଣମାଧ୍ୟମ ସଂଯୋଜକ ଉତ୍ତମ ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଜିଲା ସାଧାରଣ ସମ୍ପାଦକ ସୁଶିଲ କୁମାର କର, ରୁଦ୍ରପ୍ରତାପ ଦେଓ, ବୀରେନ୍ଦ୍ର କୁମାର ଚୌଧୁରୀ, ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥ ଶିବିରରେ ଉପସ୍ଥିତ ଥିଲେ। ୧୨୦ଜଣ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନଗର ମଣ୍ଡଳ ସାଧାରଣ ସମ୍ପାଦକ ମହେଶ ରାୟ ସଭା ପରିଚାଳନା କରିଥିଲେ। ଜିଲା ସମ୍ପାଦକ ବିଭୂତି କଲ୍ୟାଣ ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦୁଇଦିନ ଧରି ହେବାକୁ ଥିବା ପ୍ରଶିକ୍ଷଣ ଶିବିର ସୋମବାର ଅପରାହ୍ନରେ ଉଦ୍‌ଯାପିତ ହେବ।

# ମହାବିଦ୍ୟାଳୟସ୍ତରୀୟ ଲଘୁ ନାଟିକା ପ୍ରତିଯୋଗିତା



ମହାବିଦ୍ୟାଳୟସ୍ତରୀୟ ଲଘୁ ନାଟିକା ପ୍ରତିଯୋଗିତାରେ ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ ।

ସମ୍ବଲପୁର,୨୨।୩(ବି.ଶଙ୍କର)

ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ମହାବିଦ୍ୟାଳୟସ୍ତରୀୟ ଲଘୁ ନାଟିକା ପ୍ରତିଯୋଗିତା ରବିବାର ସ୍ଥାନୀୟ ସାଂସ୍କୃତିକ ସମାଜ ଭବନଠାରେ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୮ଟି ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ପରିଷଦ ସଭାପତି ଡ. ସୁରୁବାବୁ ମେହେର ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମଗ୍ର ପ୍ରତିଯୋଗିତାକୁ ସଦସ୍ୟ ସୂର୍ଯ୍ୟ ପାଣିଗ୍ରାହୀ ପରିଚାଳନା କରିଥିଲେ । ନାଟ୍ୟବିତ୍ ପ୍ରଦୀପ କୁମାର ପଣ୍ଡା, ନରେନ୍ଦ୍ର ବେହେରା ଓ ମୀନାକ୍ଷି ସୂପକାର ବିଚାରକ ଥିଲେ। ସହ ସମ୍ପାଦକ ବିରୂପାକ୍ଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଦସ୍ୟ ଭବାନୀ ଶଙ୍କର ଦାଶ, ଅଶୋକ କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାଶ, ଦୀନବନ୍ଧୁ ପଣ୍ଡା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଦେଶଭକ୍ତି, ବୃଦ୍ଧ ମାତାପିତାଙ୍କୁ ଅବହେଳା, କନ୍ୟାଭ୍ରୁଣ ହତ୍ୟା, କନ୍ୟା ସନ୍ତାନ ପ୍ରତି ଅବହେଳା ପ୍ରଭୃତି ବିବିଧ ପ୍ରସଙ୍ଗ ଉପରେ ନାଟିକାଗୁଡିକା ପରିବେଷିତ ହୋଇଥିଲା। ଚଳିତ ମାସ ୨୭ ତାରିଖରେ ପରିଷଦ ପକ୍ଷରୁ ପାଳିତ ହେବାକୁ ଥିବା ବିଶ୍ୱ ନାଟ୍ୟ ଦିବସ ଉତ୍ସବରେ ଏହି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ।

### ଚଷା ସମାଜ ବୈଠକ

ନାକଟିଦେଉଳ,୨୨।୩(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ ଅନ୍ତର୍ଗତ କୁଞ୍ଚାମୁରା ଶିବ ମନ୍ଦିରଠାରେ ରବିବାର ପଞ୍ଚାୟତସ୍ତରୀୟ ଚଷା ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଟଗାଁ ପଞ୍ଚାୟତ ଚଷା ସମାଜ ସଭାପତି ଗୋଲେଖ ବିହାରୀ ସାହୁ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟତଃ ତୃଣମୂଳସ୍ତରରୁ ଚଷା ସମାଜ ସଙ୍ଗଠନକୁ ଦୃଢ଼ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହିତ ଚଷା ସମାଜର ଲୋକେ ଏକତ୍ରିତ ହୋଇ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ନିମାନ୍ତେ ଆଗାମୀ ଦିନରେ ସରକାରଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନା କରିବା, ଚାଷରୁ କିପରି ଅଧିକ ଆୟ କରିବେ ଏବଂ ବିବାହ ଆଦି ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟକ୍ରମରେ ମଦ୍ୟପାନ ପରି ବିଭିନ୍ନ ନିଶାସେବନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବାରଣ କରାଯିବା ଉପରେ ଆଲୋଚନା କରାଯାଇଥିଲା। ଏଥିପ୍ରତି ସମାଜର ଲୋକେ ଯତ୍ନବାନ ହେବା ଦିଗରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସାଲେଭଟା ପଞ୍ଚାୟତ ଚଷା ସମାଜ ସଭାପତି ତ୍ରିନାଥ ଧଳ, ସମ୍ପାଦକ ସତ୍ୟ ନାରାୟଣ ସାହୁ ଏବଂ ଯାମୁଯୋରୀ ପଞ୍ଚାୟତ ସଭାପତି କିଶୋରୀ ବେହେରା, ଚାଷୀ ହରିହର ପ୍ରଧାନ ଅତିଥିଭାବେ ଯୋଗଦେଇ ଚଷା ସମାଜର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ସନ୍ତୋଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ବାଟଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ଚଷା ସମାଜ ସଭ୍ୟ ଉପସ୍ଥିତ ଥିଲେ।

### ଅଭିଷେକ ସ୍ମାରକୀ କ୍ରିକେଟ: ମିଷ୍ଟିରିୟସ ବୟେଜ ଚାମ୍ପିୟନ

ସମ୍ବଲପୁର,୨୨।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର କମିଶନର କଲୋନୀ କ୍ରିକେଟ କ୍ଲବ ପଡ଼ିଆରେ ଏଲଏନସିସି ଦ୍ୱାରା ଆୟୋଜିତ ତ୍ରିଦିବସୀୟ ଅଭିଷେକ ସ୍ମାରକୀ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ୪ଟି କ୍ୱାର୍ଟର ଫାଇନାଲ, ୨ଟି ସେମି ଫାଇନାଲ ଓ ଫାଇନାଲ ହୋଇଥିଲା। ଫାଇନାଲ ଖେଳ ଶ୍ୟାମ ଇଲେଭେନ ଓ ମିଷ୍ଟରିୟସ ବଏଜ ଟିମ ମଧ୍ୟରେ ଖେଳା ଯାଇଥିଲା। ଶ୍ୟାମ ଇଲେଭେନ ୩ ଓଭରରେ ୧୪ ରନ କରିଥିବା ବେଳେ ମିଷ୍ଟିରିୟସ ବୟେଜ ଟିମ ଏକ ଓଭରରେ ୧୫ ରନ ସଂଗ୍ରହ କରି ଚାମ୍ପିୟନ ଘୋଷିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏସଏମସିର ପୂର୍ବତନ ଅଧ୍ୟକ୍ଷ ଗିରିଶ ପଟେଲ ସମ୍ମାନୀତ ଅତିଥି ଭାବେ ଡ଼ାକ୍ତର ସଞ୍ଜୀବ ମିଶ୍ର, କବି ଡ଼କ୍ଟର ଦୀପେନ କୁମାର ପଟ୍ଟନାୟକ, ସରୋଜ କୁମାର ସାହୁ, ଚନ୍ଦ୍ର କୁମାର ଭୋଇ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟରେ ୧୪ଟି ଟିମ ଭାଗ ନେଇଥିଲେ। ଏଲଏନସିସି ସଭାପତି ତାପସ ପୂଝାରୀ, ସମ୍ପାଦକ ସୁଶାନ୍ତ ମହାକୁଡ଼ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

### ସମଲେଇ ମନ୍ଦିରରେ ଭଜନ ସନ୍ଧ୍ୟା

ସମ୍ବଲପୁର,୨୨।୩(ବି.ଶଙ୍କର)

ଚୈତ୍ର ନବରାତ୍ର ତିଥିର ଚତୁର୍ଥ ଦିନରେ ଶ୍ରୀଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଭକ୍ତିମୟ ଭଜନ ସନ୍ଧ୍ୟା ରବିବାର ସନ୍ଧ୍ୟା ୭ଟାରେ ସମଲେଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଗୁରୁ ଶ୍ରୀ ପ୍ରଫୁଲ୍ଲ ମିତ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରସିଦ୍ଧ କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ, ସୁପ୍ରଭା ପାଢ଼ୀ, ଏମ.ଶାନ୍ତିସୁଧା ସହ ଆକାଶବାଣୀ ସ୍ୱୀକୃତ କଳାକାର ଦିଲୀପ ସୁନା, ରବୀନ୍ଦ୍ର ପଣ୍ଡା, ନିର୍ମଳ ଚାନ୍ଦ, ମାନସ ଷଡ଼ଙ୍ଗୀ, ଶୁଭକାନ୍ତ ପଟ୍ଟନାୟକ, ମଳୟ ଦାଶ, କଳ୍ପନା ପତି, କଲ୍ୟାଣୀ ରଥ, ଅର୍ପିତା ବେହେରା, ରଞ୍ଜିତ ଚନ୍ଦ୍ର, ବିଶ୍ୱଜିତ ନାଗ, ବେଦ ମତି, ଭୂମି ସୂତା ଓ ଲୋପାମୁଦ୍ରା ବାଗ ଭଜନ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରଚିତ ଜୟ ମାତ ସମଲାଇ ଭଜନଟି ସମବେତ କଣ୍ଠରେ ପରିବେଷିତ ହୋଇଥିଲା । ଏହା ପରେ ସମ୍ବଲପୁରୀ, ଓଡ଼ିଆ ଓ ହିନ୍ଦୀ ଭାଷାର ବିଭିନ୍ନ ଭକ୍ତିମୟ ସଙ୍ଗୀତ ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ସଙ୍ଗୀତର ମଧୁର ଧ୍ୱନିରେ ଶ୍ରୋତାମାନେ ଭାବବିହ୍ୱଳ ହୋଇଥିଲେ। ଏମଆରକେ ରାଓ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା ଓ ଦେବ କୁମାର ଅଜମେରିଆ ଉପସ୍ଥିତ ଥିଲେ । ଡ. ମୋହନ ସାହୁ, ଡ.ଶ୍ୟାମ ସୁନ୍ଦର ଧର, ତ୍ରିଲୋଚନ ତ୍ରିପାଠୀ, ପଦ୍ମିନୀ ଦୋରା ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।

# ଭାଜପାରେ ଯୋଗଦେଲେ ବଡବାହାଲ ସରପଞ୍ଚ, ୬ ୱାର୍ଡସଭ୍ୟ

ରେଢ଼ାଖୋଲ,୨୨।୩(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ବଡବାହାଲ ପଞ୍ଚାୟତର ସରପଞ୍ଚ ମମତା ସାହୁଭାଜପାରେ ଯୋଗଦେଇଛନ୍ତି। ସରପଞ୍ଚ ସାହୁଙ୍କ ସହ ତାଙ୍କ ସ୍ୱାମୀ ସତ୍ୟନାରାୟଣ ସାହୁ ଏବଂ ପଞ୍ଚାୟତର ୬ଜଣ ୱାର୍ଡ଼ସଭ୍ୟ ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି। ସେମାନେ ପୂର୍ବରୁ ବିଜେଡିର ସମର୍ଥକ ଥିଲେ। ବଡବାହାଲଠାରେ ଭୀମଭୋଇ ମଣ୍ଡଳ ସଭାପତି ଶାନ୍ତନୁ ବାରିକଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ଭାଜପା ସରକାରଙ୍କ ବିକାଶ ଧାରାକୁ ପଞ୍ଚାୟତରେ ପହଞ୍ଚାଇବା ସହ ଉନ୍ନୟନମୂଳକ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଭାଜପାରେ ସାମିଲ ହୋଇଥିବା ସରପଞ୍ଚ ସାହୁ କହିଛନ୍ତି। ମିଶ୍ରଣ ପର୍ବରେ ଭାଜପା ଜିଲା ଉପ ସଭାପତି ପ୍ରମୋଦ ସାହୁ, ନଗର ସଭାପତି ସୁଷମା ମୁଣ୍ଡା, ସରୋଜ ପ୍ରଧାନ, ଧରଣୀ ସାହୁ, ବଟ କିଶୋର ପ୍ରଧାନ, ସଞ୍ଜୀବ ପ୍ରଧାନ, ପ୍ରଦୀପ ସେଠୀଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ଜଳର ସୁବିନିଯୋଗ ସୁରକ୍ଷିତ ଭବିଷ୍ୟତ ନିଶ୍ଚିତ କରିବ

ସମ୍ବଲପୁର,୨୨।୩(ବି.ଶଙ୍କର)

**ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ**

ବିଶ୍ୱ ଜଳ ଦିବସ ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ ସମ୍ବଲପୁର ସହର ଧନୁପାଲିସ୍ଥିତ ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଜଳର ଗୁରୁତ୍ୱ ଏବଂ ଏହାର ସଂରକ୍ଷଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା ବୋଲି ପ୍ରଧାନ ଶିକ୍ଷୟିତ୍ରୀ ମହାପାତ୍ର ସୂଚିତ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଏସବିଆଇ ବ୍ୟାଙ୍କ ମ୍ୟାନେଜର ତଥା ବରିଷ୍ଠ ନାଗରିକ ସଂଘର ପ୍ରଦୀପ ପଣ୍ଡା ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଥିଲେ, ଜଳର ସୁବିନିଯୋଗ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ଭବିଷ୍ୟତ ନିଶ୍ଚିତ କରିବ। ଏହି ଦିବସ ଉପଲକ୍ଷେ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ତର୍କ ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଶ୍ରେଣୀର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଯାଜ୍ଞସେନୀ ମେହେର ସଭା ପରିଚଳନା କରିଥିଲେ।



ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ବକ୍ତା ।

# ଗୁରୁଙ୍କ ତ୍ୟାଗ ସମାଜ ଗଠନରେ ସହାୟକ ହୁଏ

କୁଚିଣ୍ଡା,୨୨।୩(ବିରଞ୍ଚି ଦର୍ଗା)


ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ମଞ୍ଚାସୀନ ଅତିଥିମାନେ।

**ଚନ୍ଦନିମାଲ ପ୍ରାଥମିକ ସ୍କୁଲରେ ଅମୃତ ମହୋତ୍ସବ**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଚନ୍ଦନିମାଲ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଅବସରରେ ରବିବାର ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପଞ୍ଚସଖା ସଭାପତି ଅଧ୍ୟାପକ ସତ୍ୟନାରାୟଣ ପଟେଲଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଗୁରୁଙ୍କ ତ୍ୟାଗ ଆଦର୍ଶ ସମାଜ ଗଠନରେ ସହାୟକ ହୋଇଥାଏ। ତେଣୁ ଛାତ୍ରୀଛାତ୍ରମାନେ ଭଲ ପାଠ ପଢି ସୁନାଗରିକଭାବେ ଦେଶ ଗଠନରେ ସହଯୋଗର ହାତ ବଢାଇବାକୁ ପରାମର୍ଶ ଦେଇଥିଲେ। ଆଠଗାଁ ଋଷିକୂଳ ସେବାଶ୍ରମ ଟ୍ରଷ୍ଟ ଅଧ୍ୟକ୍ଷ ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀ ମୁଖ୍ୟବକ୍ତା, ପୁରାତନ ଛାତ୍ର ଡା.ଜୟରାମ ପଟେଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ନାୟକ, ସରପଞ୍ଚ ରଞ୍ଜିତା ପ୍ରଧାନ, ସମିତି ସଭ୍ୟା ସଂଯୁକ୍ତା ପଟେଲ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ଭୁବନେଶ୍ୱର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ପଟେଲ ବାର୍ଷିକ ବିବରଣୀ ପଠନ କରିଥିଲେ। ପରେ ମନ୍ତ୍ରୀ ନାଏକ ବିଦ୍ୟାଳୟ ପରିସରରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସିଆରସିସି ଶରତ ପଶାୟତ ସଭା ପରିଚାଳନା କରିଥିବାବେଳେ ପରିଚାଳନା କମିଟି ସଭାପତି ସଞ୍ଜିବ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଶିକ୍ଷକ ବିଶ୍ୱ ରଞ୍ଜନ ପଟେଲ, ହରେକୃଷ୍ଣ ଖର୍ସେଲ, ସହକାରୀ ଶିକ୍ଷୟିତ୍ରୀ କ୍ରିଷ୍ଣା ବରିହା, ପରିଚାଳନା କମିଟି ଉପସଭାପତି ରୀତା ରାଉତ, ଅଙ୍ଗନୱାଡ଼ି କର୍ମୀ ରୀତା ଭୋଇ, ଆଶା କର୍ମୀ ଜୟନ୍ତୀ ପଟେଲ, ଆନନ୍ଦରାମ ପାଣିଗ୍ରାହୀ, ବିନୟ କୁମାର ମାଝି, ରାଜେଶ କୁମାର ପଟେଲ, ତନୁଜ ରାଉତ ସହଯୋଗ କରିଥିଲେ। ଏହି ଅବସରରେ ମନ୍ତ୍ରୀ ବିଦ୍ୟାଳୟ ପାଇଁ ଭୂମିଦାତାଙ୍କ ଉତ୍ତରାଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୨୦୨୫-୨୬ ଶିକ୍ଷା ବର୍ଷରେ ସର୍ବଶ୍ରେଷ୍ଠ ଖେଳାଳି ମାନସ କିଷାନ ଓ ଶିଳ୍ପୀ ଭୋଇ,ସର୍ବଶ୍ରେଷ୍ଠ ସ୍ୱେଚ୍ଛାସେବୀ ଶୁଭମ କିଷାନ ଓ ସସ୍ମିତା ଦେହୁରୀ, ସର୍ବାଧିକ ନମ୍ବର ରଖିଥିବା ଛାତ୍ର ରିତେଶ କିଷାନ ଓ ଛାତ୍ରୀ ସୃଷ୍ଟି ସୁଲଗ୍ନା ପ୍ରଧାନ, ସର୍ବାଧିକ ଉପସ୍ଥାନ ନିରଞ୍ଜନ ବାଘ ଓ ସନ୍ଧ୍ୟାରାଣୀ କିଷାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୩/୨୦୨୬ | Bhubaneswar, Monday, March 23/2026





### ଡୁପ୍ଲାଣ୍ଟିସଙ୍କୁ ବିଶ୍ୱ ଇନ୍‌ଡୋର ପୋଲ୍‌ଭଲ୍ଟ ଟାଇଟଲ

ଏକ ନୂଆ ରେକର୍ଡ ସହ କ୍ରମାଗତ ୪ର୍ଥ ଥର ବିଶ୍ୱ ଇନ୍‌ଡୋର ପୋଲ୍‌ଭଲ୍ଟ ଟାଇଟଲ ହାସଲ କରିଛନ୍ତି ଆର୍ମାଣ୍ଡ ଡୁପ୍ଲାଣ୍ଟିସ।

୧୨

୦୨

### ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର କଲେ ଅନନ୍ୟା

ପୂର୍ବତନ କ୍ରିକେଟର ସଞ୍ଜୟ ବାଙ୍ଗରଙ୍କ ଟ୍ରାନ୍ସଜେଣ୍ଡର କନ୍ୟା ଅନନ୍ୟା ବାଙ୍ଗର ଥାଇଲାଣ୍ଡରେ ସଫଳତାର ସହ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର କରିଛନ୍ତି।



# ଜଳ ପରିଚାଳନାରେ ଲିଙ୍ଗଗତ ବୈଷମ୍ୟ ଦୂରହେଉ

## ୨୨୯୨ କୋଟିର ୧୭ଟି ପ୍ରକଳ୍ପର ଶିଳାନ୍ୟାସ, ୩୨୦ କୋଟିର ୧୨୪ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ ଜଳ ସମ୍ପଦ ବିଭାଗ ପକ୍ଷରୁ ବିଶ୍ୱ ଜଳ ଦିବସର ଫଟୋଚିତ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଲି ଦେଖୁଛନ୍ତି।

**ଭୁବନେଶ୍ୱର,୨୨।୩**
**(ରବିନାରାୟଣ ଜେନା)**

ବିଶ୍ୱ ଜଳ ଦିବସରେ ଜଳ ଅପଚୟ ନ କରିବାର ବାର୍ତ୍ତା ପ୍ରତିଟି ଘରେ ପହଞ୍ଚିବା ଦରକାର। ଜଳ ପରିଚାଳନାରେ ଲିଙ୍ଗଗତ ବୈଷମ୍ୟ ଦୂର କରିବା ସହ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଆମର ଲକ୍ଷ୍ୟ। ଏଥିସହ ପିଲାମାନଙ୍କୁ ସ୍କୁଲରୁ ହିଁ ପାଣି ବଞ୍ଚେଇବାର ଶିକ୍ଷା ଦେବାକୁ ପଡ଼ିବ। କାରଣ ସେମାନେ ହିଁ ଆଗାମୀ ଦିନର ଜଳ ସୈନିକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।ରାଜ୍ୟ ସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହ ୨୦୨୬ ରବିବାର ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ଜଳ ସମ୍ପଦ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରି କହିଛନ୍ତି, ଜଳର ଗୋଟିଏ ବୁନ୍ଦା ମଧ୍ୟ ବିଶ୍ୱର ଅନେକ ଲୋକଙ୍କ ପାଇଁ ଦୁର୍ମୂଲ୍ୟ। ତେଣୁ ଜଳର ଗୋଟିଏ ବୁନ୍ଦା ଯେପରି ନଷ୍ଟ ନ ହୁଏ, ସେଥିପାଇଁ ସମସ୍ତଙ୍କୁ ଶପଥ ନେବାକୁ ହେବ। ଆମେ ପାଣି ନଷ୍ଟ କରିବା ନାହିଁ ଏବଂ ବର୍ଷାପାଣିକୁ ସଞ୍ଚୟ କରି ମାଟିକୁ ସଜଳ ରଖିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀଙ୍କ ଜଳ ଜୀବନ ମିଶନକୁ ଏକ ବୈପ୍ଲବିକ ଯୋଜନା ବୋଲି କହି ମୁଖ୍ୟମନ୍ତ୍ରୀ ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଜଳାଭାବକୁ ଦୂର କରିବା ପାଇଁ ସଂକଳ୍ପ ନେବାକୁ ପଡ଼ିବ ବୋଲି କହିଛନ୍ତି। ଜଳ ଶକ୍ତି ଅଭିଯାନ ମାଧ୍ୟମରେ ଜଳ ସଂରକ୍ଷଣକୁ ଏକ ଜାତୀୟ ପ୍ରାଥମିକତା ଭାବେ ଗ୍ରହଣ କରିବା ଏବଂ ବର୍ଷାଜଳ ସଂରକ୍ଷଣ ମାଧ୍ୟମରେ ମହିଳାମାନଙ୍କୁ ଜଳ ଗୁଣବତ୍ତା ପରୀକ୍ଷା ଏବଂ ପରିଚାଳନା ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ଏହା ଫଳରେ ଜଳ ସେବା କ୍ଷେତ୍ରରେ ଆମେ କୌଣସି ବି ବର୍ଗଙ୍କୁ ପଛରେ ପକାଇବୁ ନାହିଁ ଏବଂ ସମସ୍ତଙ୍କ ପାଇଁ ସୁଲଭ ଜଳ ଉପଲବ୍ଧ ହେବ। ☞ପୃଷ୍ଠା-୨

| ଆଜିର ସମ୍ପାଦକୀୟ | ଭାରତ ଦେବ ୟୁଆନ୍ |
|---|---|










# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମହାନ୍ ବିପ୍ଳବୀ ଭଗତ ସିଂହଙ୍କ ଶହୀଦ ଦିବସ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: କଂଗ୍ରେସ ଭବନ ପରିସର, ସମୟ: ସକାଳ ୯ଟା ୩୦।
- ନିଖିଳ ଓଡ଼ିଶା ଉଦ୍ୟାନ ସାଥୀ ସଂଘ ପକ୍ଷରୁ ଗଣଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- କବି ମନମୋହନ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସାରସ୍ୱତ ସଭା, ସ୍ଥାନ: ସମ୍ମିଳନୀ କକ୍ଷ, ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସଂଭାବନା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଓ'କରିମ, ମାଷ୍ଟରକ୍ୟାଣ୍ଟିନ ଛକ, ସମୟ: ଅପରାହ୍ନ ୪ଟା ୩୦।
- ନୀଳକଇଁ ପରିବାର ପକ୍ଷରୁ ଗୀତ ଓ ଗଜଲର ମହକ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଶିକ୍ଷାସନ୍ଧାନ ଓ ଲୋହିଆ ଏକାଡେମୀ ପକ୍ଷରୁ ପୁସ୍ତକ ଉନ୍ମୋଚନ ଓ ଗାନ୍ଧୀ ଚର୍ଚ୍ଚା, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା ୩୦।

## ଖୋର୍ଦ୍ଧା

- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସକାଳ ୮ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ଭାଗବତ ପାରାୟଣ ଉଦ୍‌ଯାପନୀ, ସ୍ଥାନ: ବାହାର୍ଦ୍ଦାସ୍ଥିତ ଶ୍ରୀ ରାଧାମାଧବ ଜୀଉ ସେବାଶ୍ରମ, ବସ୍ତା, ସମୟ: ସକାଳ ୮ଟା।
- ଫଟୋ ପ୍ରଦର୍ଶନୀ, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ଜାତୀୟ ସମ୍ମିଳନୀ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ଇନ୍‌ଭେଷ୍ଟିଗେଶନ ଟ୍ରେନିଂ ପ୍ରୋଗ୍ରାମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ନବମୀ ପାଳନ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।
- ଶହୀଦ ଦିବସ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ନିତ୍ୟାନନ୍ଦ ବେହେରାଙ୍କ ପ୍ରଥମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଓ ସ୍ମୃତିସଭା, ସ୍ଥାନ: ରାମେଶ୍ୱରପୁର, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ମହୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମର ୩ୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ବଳଭଦ୍ରପୁର, ହାଟଡିହୀ, ସମୟ: ଅପରାହ୍ନ ୩ଟା।
- ରାମ ନବମୀ ଉପଲକ୍ଷେ ୫ମ ଦିବସରେ ପ୍ରବଚନ, ସ୍ଥାନ:ଢ଼ଅଁର, ହାଟଡିହୀ, ସମୟ:ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ପ୍ରତିଭା ଚୟନ କାର୍ଯ୍ୟକ୍ରମ, ସ୍ଥାନ:ବାରିପଦା ଷ୍ଟାଡିୟମ, ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆ, ସରକାରୀ ଉଚ୍ଚ ବିଦ୍ୟାଳୟ ଉଦଳା, କରଞ୍ଜିଆ ମିନି ଷ୍ଟାଡିୟମ, କଚେରୀ ପଡ଼ିଆ ରାଇରଙ୍ଗପୁର, ସମୟ: ସକାଳ ୭ଟା ୩୦।
- କପ୍ତିପଦା ଉପଖଣ୍ଡସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି,ସ୍ଥାନ:ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ,ସମୟ:ପୂର୍ବାହ୍ନ ୧୦ଟା ୩୦।
- ଭଞ୍ଜସେନାର ବିକ୍ଷୋଭ,ସ୍ଥାନ: ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଗ୍ରାମପଞ୍ଚାୟତ ସ୍ତରୀୟ ଜନଶୁଣାଣି, ସ୍ଥାନ: ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସ୍ତରୀୟ ମିଳିତ ଜନଶୁଣାଣି, ସ୍ଥାନ: ବୁଗୁଡା ବ୍ଲକ ଖୋଳଖାଲି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା। ।
- ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଜନଶୁଣାଣି, ସ୍ଥାନ: ଆସିକା ବ୍ଲକ ବାବନପୁର ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜନଗଣନା ସମ୍ପର୍କିତ ତାଲିମ, ସ୍ଥାନ: ଆସିକା ସରକାରୀ ବାଳିକା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭୁବନ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅଭିରାମ ପରମହଂସଙ୍କ ନାମଯଜ୍ଞ ଉତ୍ସବ, ସ୍ଥାନ: ଆମ୍ବପଡା, କରମୁଳ, ସମୟ: ଦିବା ୧୨ଟା।

## ଅନୁଗୋଳ

- ରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ମଣ୍ଡଳ କରଣ ଓ ପ୍ରସ୍ତୁତି ବୈଠକ, ସ୍ଥାନ : ଆଠମଲ୍ଲିକ ସହର, ସମୟ : ସନ୍ଧ୍ୟା ୬ ଟା।

## ଯାଜପୁର

- କମାଗଡ଼ ହିଙ୍ଗୁଳା ଯଜ୍ଞ ଉତ୍ସବର ୪ୟ ଦିନ, ସ୍ଥାନ : ଧର୍ମଶାଳା ବ୍ଲକର କମାଗଡ଼ ହେଙ୍ଗୁଳା ପଡ଼ିଆ, ସମୟ: ଦିବାରାତ୍ର।
- ଜିଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋରେଇ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଯଯାତି ମହୋତ୍ସବ ଅବସରରେ ବଲିଉଡ କଣ୍ଠଶିଳ୍ପୀ ନୀତି ମୋହନଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ପ୍ରଶାସନିକ ଭବନ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୨୦ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା ।
- ସହିଦ୍ ଭଗତ୍ ସିଂହଙ୍କ ୯୫ତମ ଫାସି ଦିବସ, ସ୍ଥାନ: ଗୋଡିପଡା ବଜାର ସହିଦ୍ ଭଗତ୍ ସିଂହ ପ୍ରତିମୂର୍ତ୍ତି ପାଖ, ସମୟ:ସକାଳ ୮ଟା ।
- ସହିଦ୍ ଭଗତ୍ ସିଂହଙ୍କ ଫାସି ଦିବସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଗୋଡିପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ:ସକାଳ ୮ଟା ୩୦ ।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ମାଁ ଠାକୁରାଣୀଙ୍କ କଳସୀ ଯାତ୍ରା ଶୁଭାରମ୍ଭ, ସ୍ଥାନ: ଡାବୁଗାଁ କଳସୀ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ମାଙ୍କ ନବଦିନ ଯାତ୍ରା ଆରମ୍ଭ, ସ୍ଥାନ: ଉମରକୋଟ, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ

- ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲମତାପୁଟ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ମହାଦେଇପୁଟ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ନନ୍ଦକା ପଞ୍ଚାୟତ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ସଚେତନ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ରେଙ୍ଗା, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବନାଗ୍ନି ନିରାକରଣ ସଚେତନତା କର୍ମଶାଳା, ସ୍ଥାନ: ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ, ବୈପାରିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ମାଲକାନଗିରି

- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କମାରପଲ୍ଲୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ମାଥିଲି ବ୍ଲକ୍, ସମୟ:ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ବାବା ବିଶାସହେ କୁଲତା ସମାଜ ପକ୍ଷରୁ ଚୈତ୍ର ନବରାତ୍ର ମହୋତ୍ସବରେ ଚଣ୍ଡୀପାଠ, ସ୍ଥାନ : ଠେମରା ସ୍ଥିତ ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡି ପୀଠ, ସମୟ : ସକାଳ ୮ଟା।
- ମା' ମଙ୍ଗଳାଙ୍କ ବାସନ୍ତିକ ନବ ଦିନାତ୍ମକ ପୂଜା ଉପଲକ୍ଷେ ଚଣ୍ଡୀପାଠ ଓ ହୋମ ଯଜ୍ଞ , ସ୍ଥାନ : ଭୁତାପଡା, ସମୟ : ସକାଳ ୮ଟା ୩୦ ।
- ସେବା ଭାରତୀ ସମ୍ବଲପୁର ମହାନଗର ନିଗମ ଶାଖା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ଭୀମଭୋଇ କଲ୍ୟାଣ ମଣ୍ଡପ, ସମୟ : ସକାଳ ୯ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଜମନକିରା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ମା'କାମାକ୍ଷା ଦେବୀଙ୍କ ବାସନ୍ତିକ ନବଦିନାତ୍ମକରେ ସ୍କନ୍ଦମାତା ପୂଜା, ସ୍ଥାନ : ବୈଦାରନୂଆପାଲି କାମାକ୍ଷା ବିହାର, ସମୟ : ପୂର୍ବାହ୍ନ ୧୧ଟା।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅମୃତ ବିହାର ପରିସରସ୍ଥ ପଡିଆ, ସମୟ : ଅପରାହ୍ନ ୪ଟା ୩୦।
- ଶ୍ରୀକଲଚରାଲ ଆସୋସିଏଶନ ଆୟୋଜିତ ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ-୨୦୨୬ ଉଦ୍‌ଯାପନୀ ଉତ୍ସବ ଏବଂ ଖଡିଆଳ ସାଂସ୍କୃତିକ ଅନୁଷ୍ଠାନର ସମ୍ବଲପୁରୀ ନାଟକ ଦାମୁର ମଞ୍ଚନ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୭ଟା।
- ଚଳଚ୍ଚିତ୍ର ପ୍ରଚ୍ଛଦପଟ୍ଟ ଗାୟିକା ଲତା ମଙ୍ଗେସକରଙ୍କ ସଙ୍ଗୀତ ନାଇଟର ପ୍ରସ୍ତୁତି ବୈଠକ, ସ୍ଥାନ : ଯବାନ ଇ ହିନ୍ଦ କ୍ଲବ, ସମୟ : ସନ୍ଧ୍ୟା ୭ଟା।

## ରାଉରକେଲା

- ଗ୍ରୀଷ୍ମକାଳୀନ କ୍ରିକେଟ ଶିବିର, ସ୍ଥାନ: ଡିଏଭି ଖେଳପଡିଆ ସମୟ: ସକାଳ ୬ଟା ୩୦।
- ଚୈତ୍ର ନବରାତ୍ରୀ, ୫ମଦିବସ, ସ୍ଥାନ: ଜଗଦା ମା' ବାଟମଙ୍ଗଳା ମନ୍ଦିର, ସମୟ: ସକାଳ ୭ଟା।
- ଚୈତ୍ର ଛଟ୍ ପର୍ବ ୨ୟ ଦିବସ, ସ୍ଥାନ: କୋଏଲନଦୀକୂଳ, ସମୟ: ସକାଳ ୮ଟା
- ଶହୀଦ ଭଗତସିଂହ ଜୟନ୍ତୀ, ସ୍ଥାନ: ଛେଣ୍ଡ କଲୋନୀ, ସମୟ: ସକାଳ ୮ଟା।
- ରାଉରକେଲା କଲେଜରେ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର--୪, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ଅପରାଧ କର୍ମଶାଳା, ୪ର୍ଥ ଦିବସ, ସ୍ଥାନ: ବିପିୟୁଟି, ସମୟ: ପୂର୍ବାହ୍ନ ୧୦ଟା।
- ଆଭା-ଅନ୍ୱେଷର ବାର୍ଷିକ ଉତ୍ସବ, ସ୍ଥାନ: ଡେଲିମାର୍କେଟ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ନାଟ୍ୟ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ,ସ୍ଥାନ:ବଣାଇ ବ୍ଲକ ଆଇଟିଡିଏ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ୧୦ଟା୩୦।

## ବରଗଡ଼

- ଚୈତ୍ର ନବରାତ୍ର ବାସନ୍ତିକ ପୂଜା, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ସକାଳ ୬ଟା।
- ବାବା ବିଶ୍ୱନାଥ ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ସନ୍ଧିବାହାଲ, ଗାଇସିଲେଟ, ସମୟ: ସକାଳ ୬ଟା।
- ବାସନ୍ତିକ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଦୁର୍ଗା ମନ୍ଦିର, ସୋହେଲା, ସମୟ: ସକାଳ ୭ଟା।
- ସମଲେଇ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗାଇସୀମା, ବରଗଡ଼, ସମୟ: ସକାଳ ୮ଟା।
- ରାମାୟଣ ପାରାୟଣ, ରାମଜୀ ମଠ, ଗାଇସିଲେଟ, ସମୟ: ସକାଳ ୯ଟା।
- ସ୍କୁଲ ପ୍ରତିଷ୍ଠାତା ସ୍ୱର୍ଗତ ଡା. ଧୀରେନ୍ଦ୍ର ନାଥ ମୁଣ୍ଡଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ, ବରପାଲି, ସମୟ: ସକାଳ ୯ଟା।
- ଜିଲା ଯାଦବ ସାଂସ୍କୃତିକ ସମାଜର କଲ୍ୟାଣ ମଣ୍ଡପ ଉଦ୍‌ଘାଟନୀ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ଘୁଲିପାଲି, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଛବ-୨୦୨୬, ସ୍ଥାନ: ଚେତନା ମଣ୍ଡପ, ସୋହେଲା, ସମୟ: ରାତି ୮ଟା ୩୦।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କଲମପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିତୀୟପର୍ଯ୍ୟାୟ ଜନଗଣନା ତାଲିମ ଶିବିର, ସ୍ଥାନ: ଭବାନୀପାଟଣା ମ୍ୟୁନିସିପାଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ମାଣିକପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: ମାଣିକପୁର ଖେଳ ପଡିଆ, ହରଭଙ୍ଗା ବ୍ଲକ, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଧଳପୁର, ହରଭଙ୍ଗା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ବାସନ୍ତିକ ନବରାତ୍ରପୂଜା ପଞ୍ଚମ ଦିବସ, ସ୍ଥାନ: ଦେବଗଡ଼ ସହର ମା' କନକଦୁର୍ଗା ମନ୍ଦିର, ମା' ଦକ୍ଷିଣକାଳୀ ଓ ଶନିମନ୍ଦିର, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ୍ ତାଲକୁଣ୍ଡି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' ' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଶୁଣାଣି, ସ୍ଥାନ: ବିନିକା ବ୍ଲକ ବାଉଁଶୁଣୀ ପଞ୍ଚୟେତ ଅଫିସ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୋଡେନ, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବୋଡେନ ବ୍ଲକ ରୋକାଲ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ ଛତା ଗାଁ, ସମୟ: ସକାଳ ୯ଟା ୪।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ବିଶ୍ୱନାଥପୁର ଗାଁ, ସମୟ: ସକାଳ ୯ଟା ୧୫।
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ଭୂଲିଆସିକୁଆଁ ଗାଁ, ସମୟ: ପ୍ରାତଃ ୫ଟା ୧୫।
- ୬ଠମ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଲଭା ପଞ୍ଚାୟତ ଠାକୁରପାଲି ଗାଁ, ସମୟ: ସକାଳ ୮ଟା ୪୫।
- ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ବୋଡେନ ବ୍ଲକ ଗୁନିବସା ଗାଁ, ସମୟ: ପ୍ରାତଃ ୪ଟା ୫୦।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ କୁଲିଗାଁ, ସମୟ: ସକାଳ ୮ଟା ୪୫।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ଖଡିଆଳ ବ୍ଲକ ଗୋଡଧୂଆପଦର, ସମୟ: ଅପରାହ୍ନ ୫ଟା ୦୬।

## ଝାରସୁଗୁଡ଼ା

- ଦୁର୍ଗା ମନ୍ଦିରରେ ମା' ସ୍କନ୍ଦମାତାଙ୍କ ପୂଜା, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୮ଟା।
- ବାସନ୍ତିକ ଦୁର୍ଗା ପୂଜନ କାର୍ଯ୍ୟକ୍ରମ, ସ୍ଥାନ: କନକଦୁର୍ଗା ମନ୍ଦିର, ଝାରସୁଗୁଡ଼ା ରେଳ ଷ୍ଟେଶନ ଛକ, ସମୟ: ସକାଳ ୮ଟା।
- ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ରଜରାଜନଗର ପୌରପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲମୀ ନାନୀ**
**ମୂଷା କାଟିନେଲା ପଣତ କାନି ।**

କିଛି ବ୍ୟକ୍ତି ନିହାତି ଓଲୁ ପ୍ରକୃତିର ହୋଇଥାନ୍ତି। ତାଙ୍କ ଆଗରେ ଘଟୁଥିବା ଘଟଣା ବିଷୟରେ କିଛି ବି ସୁରାକ ବା ଟେର ପାଇପାରି ନ ଥାନ୍ତି। ଅତି ଓଲି, ଏପରି ଓଲି ଯେ ନିଜ ପିନ୍ଧା ଲୁଗାର ପଣତକାନି କିଏ କାଟି ନେଲା ତାହା ସେ ନ ଜାଣି ପାରିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଲୁଅ ଲାଗଇ ଗଲୁ**
**ବାପା କରିଥିଲେ ବାଛି ବାଛି ଜୋଇଁ**
**ସେ'ତ ନିପଟ ଓଲୁ ।**

ଶ୍ରେଷ୍ଠ ବୋଲି ବିଚାର କରି ଆପଣେଇ ନିଆଯାଉଥିବା ବ୍ୟକ୍ତି ଅଯୋଗ୍ୟ, ଅପଦାର୍ଥ ବୋଲି ପ୍ରମାଣିତ ହେଲେ ମଣିଷ ହତୋତ୍ସାହିତ ହୋଇଯାଏ। ସାଧାରଣତଃ ଓଲୁ ବା ହୁଣ୍ଡା ପ୍ରକୃତିର ବ୍ୟକ୍ତି କୌଣସି ଗୁଣକୁ ଯୋଗ୍ୟ ହୋଇ ନ ଥାନ୍ତି। ତାଙ୍କ ଦ୍ୱାରା କୌଣସି କାର୍ଯ୍ୟ ଠିକ୍ ଢଙ୍ଗରେ କରାଯାଇ ପାରୁ ନ ଥିବା ସ୍ଥଳେ ଏପରି ଅଯୋଗ୍ୟ ବ୍ୟକ୍ତିକୁ ପତି ରୂପରେ ପାଇ ପତ୍ନୀ ମନ ଉଣା କରିବସିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଜଳ ପରିଚାଳନାରେ ...

ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଜଳ ସୁରକ୍ଷା ହେଉଛି ପ୍ରମୁଖ ସର୍ତ୍ତ । ଏଥିପାଇଁ ମହିଳା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଜଳସାଥୀ ଭାବେ ନିୟୋଜିତ କରାଯାଇଛି। ସେଥିପାଇଁ ଚଳିତ ବର୍ଷର ବିଶ୍ୱ ଜଳ ଦିବସର ବିଷୟବସ୍ତୁ 'ଜଳ ଏବଂ ଲିଙ୍ଗଗତ ସମାନତା'କୁ ଆଧାର କରି ସମସ୍ତ ରାଜ୍ୟବାସୀଙ୍କୁ ଜଳ ସୁରକ୍ଷା ପାଇଁ ଆଗେଇ ଆସିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଜଳର ଅଭାବ ଗରିବ ଲୋକଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରେ। ତେଣୁ ସମାଜରେ ଶେଷ ପାହାଚରେ ଥିବା ବ୍ୟକ୍ତିଙ୍କ ପାଖରେ ବିଶୁଦ୍ଧ ଜଳ ପହଞ୍ଚାଇବା ଆମ ଅନ୍ତ୍ୟୋଦୟ ନୀତିର ଅଂଶ ବିଶେଷ। ଆମ ସରକାର ମିଶନ୍ ପାୱାର୍ ଅଧୀନରେ ପ୍ରତିଟି ଅପହଞ୍ଚ ଗାଁ ଏବଂ ପଛୁଆ ଅଞ୍ଚଳକୁ ବିଶୁଦ୍ଧ ଜଳ ଯୋଗାଇବା ପାଇଁ କାର୍ଯ୍ୟ କରୁଛି। କୃଷି କ୍ଷେତ୍ରରେ ପ୍ରତି ବୁନ୍ଦା ଜଳରେ ଅଧିକ ଫସଲ ନୀତିକୁ ଆମେ ପ୍ରୋତ୍ସାହିତ କରୁଛୁ। 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ମାଧ୍ୟମରେ ବୃକ୍ଷ ରୋପଣ କରିବାରେ ଦେଶରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ନିଜର ସ୍ଥାନ ଅଧିକାର କରିଛି। ଆଗାମୀ ଦିନରେ ଜଳକୁ ନେଇ ଯେପରି କୌଣସି ବିବାଦ ନ ହୁଏ, ସେଥିପାଇଁ ମଧ୍ୟ ଆମ ରାଜ୍ୟ ସନ୍ତୁଳିତ ଜଳ ନୀତି ପ୍ରସ୍ତୁତ କରିଛି ବୋଲି କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୬୧୨ କୋଟି ଟଙ୍କାର ବହୁମୂଲ୍ୟ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏଥିମଧ୍ୟରୁ ପ୍ରାୟ ୨୨୯୨ କୋଟି ଟଙ୍କାର ୧୭ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ପ୍ରାୟ ୩୨୦ କୋଟି ଟଙ୍କାର ବ୍ୟୟ ବରାଦରେ ସମୁଦାୟ ୧୨୪ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଥିଲା।

### ଅବଶିଷ୍ଟାଂଶ

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି କହିଥିଲେ, ଯେଉଁ ସ୍ଥାନରେ ଲୋୟର ଲେଭେଲ୍ ବ୍ରିଜ୍‌ଗୁଡ଼ିକୁ ଭଙ୍ଗାଯାଇ ଅଧିକ ଉଚ୍ଚତା ବିଶିଷ୍ଟ ବ୍ୟାରେଜ ନିର୍ମାଣ କରାଯାଉଛି, ସେ ସ୍ଥାନରେ ପୁରୁଣା ନିମ୍ନସ୍ତରରେ ଥିବା ବ୍ରିଜ୍‌କୁ ଭଙ୍ଗା ନ ଯାଇ ସେ ସବୁରେ ଗେଟ୍ ଲଗାଇ ଜଳ ସଂରକ୍ଷଣ ନିମିତ୍ତ ବ୍ୟବହାର କରାଯାଉ। ଏହି ପ୍ରସ୍ତାବକୁ ଯାଞ୍ଚ କରି ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର କଲେ ଅନୟା ବାଙ୍ଗର

**ନୂଆଦିଲ୍ଲୀ,୨୨।୩**

ଭାରତର ପୂର୍ବତନ କ୍ରିକେଟର ସଞ୍ଜୟ ବାଙ୍ଗରଙ୍କ ଟ୍ରାନ୍ସଜେଣ୍ଡର କନ୍ୟା ଅନୟା ବାଙ୍ଗର ଥାଇଲାଣ୍ଡରେ ସଫଳତାର ସହ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର କରିଥିବା ପ୍ରକାଶ କରିଛନ୍ତି। ଏହି ଆବେଗିତ ଯାତ୍ରାରେ ସମର୍ଥନ ଦେଇଥିବା ବାପା ସଞ୍ଜୟ ଓ ପରିବାରକୁ ସେ ଶ୍ରେୟ ଦେଇଛନ୍ତି। ବ୍ୟକ୍ତିଗତ ଜୀବନରେ ଏହା ଅନୟାଙ୍କର ଏକ ଉଲ୍ଲେଖନୀୟ ପଦକ୍ଷେପ। ଅସ୍ତ୍ରୋପଚାର ସମୟରେ ଆବେଗିକ ପ୍ରକ୍ରିୟା ଏବଂ ସମର୍ଥନ ବ୍ୟବସ୍ଥା ତାଙ୍କୁ ସହାୟକ ହୋଇଥିଲା ବୋଲି ଅନୟା ସୋସିଆଲ ମିଡିଆରେ ଦେଇଥିବା ଅପ୍‌ଡେଟରେ କହିଛନ୍ତି। ହସ୍ପିଟାଲର ଏକ ଫଟୋକୁ ସେ ପୋଷ୍ଟ କରିଛନ୍ତି, ଯେଉଁଠି ସର୍ଜରି ପରେ ତାଙ୍କ ପାଖରେ ବାପା ସଞ୍ଜୟ ଉପସ୍ଥିତ ଥିବା ଦେଖାଯାଇଛି। ଏହି ଯାତ୍ରା ତାଙ୍କ ପାଇଁ ଓ ତାଙ୍କର ସମଗ୍ର ପରିବାର ପାଇଁ କେତେ ଚ୍ୟାଲେଞ୍ଜିଙ୍ଗ୍ ଥିଲା, ତାହା ଅନୟା ବର୍ଣ୍ଣନା କରିଛନ୍ତି।



ପିତା ସଞ୍ଜୟ ବାଙ୍ଗରଙ୍କ ସହ ଅନୟା ବାଙ୍ଗର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁଙ୍କ ଦ୍ୱାରା ଆହୂତ ଆନୁଷ୍ଠାନିକ କାମରେ ମନୋନିବେଶ କରି ପ୍ରଶଂସିତ ହେବେ। ଆତ୍ମୀୟଙ୍କ ସହିତ ଦର୍ଶନୀୟ ସ୍ଥାନ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ପରିବାର ପାଇଁ ପରିସ୍ଥିତି ବଶତଃ ଧାର କରଜ କରିବାକୁ ବାଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ପ୍ରମୋସନ ପାଇ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି।

**ବୃଷ** ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ମଧ୍ୟରେ ଗତିକରିବା କାରଣରୁ ଟେନ୍‌ସନ୍ ଲାଗିରହିବ। କେତେକ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ସରକାରୀ ସ୍ତରରେ ଅଟକି ରହିଥିବା କାମରେ ସାହାଯ୍ୟର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିବେ। ଅଭାବ ରହିବ ନାହିଁ କିନ୍ତୁ କେଣସି ବଡ ଧରଣର କାମ କରି ପାରିବେ ନାହିଁ।

**ମିଥୁନ** ପରିବାରର ଅକୁହାକଥାକୁ ବନ୍ଧୁଙ୍କ ସମ୍ମୁଖରେ କହି ମନକୁ ହାଲୁକା କରିପାରନ୍ତି। ଆର୍ଥିକ ଅଭାବ ଅନଟନକୁ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ବାରମ୍ବାର ବିଫଳ ହୋଇଥିବା ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ସମ୍ପୂର୍ଣ୍ଣ କରିପାରନ୍ତି। ପାରିବବାରିକ ଦିଗରୁ କେତେକ ବାଧାବିଘ୍ନ ସାମୟିକ ଆସିପାରେ।

**କର୍କଟ** କର୍ମକ୍ଷେତ୍ରରେ ଜଣେ ଅପରିଚିତ ବ୍ୟକ୍ତିଙ୍କ ସକାଶେ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ପରିବାର ପାଇଁ ମନଲାଖି ଜିନିଷ କିଣିବାକୁ ମନସ୍ଥ କରିବେ। ବନ୍ଧୁମେଳରେ ପାରସ୍ପରିକ ଆଲୋଚନା ଓ ସହମତି କାରଣରୁ କାର୍ଯ୍ୟ ହାସଲ ହେବ। ବାଣିଜ୍ୟ, ପରିବହନ, ପୂର୍ବ ସମସ୍ୟାରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ସିଂହ** ଆଜି ମାମୁଲି ଘଟଣାରେ ବିଜାତୀୟ ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ସାହିତ୍ୟାଲୋଚନା, ସଭାସମିତି, ଏଜେନ୍ସି ତଥା ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଭଲ ସମ୍ପର୍କ ନ ଥିବା ସହକର୍ମୀ ସମସ୍ୟାମୂଳକ ମନ୍ତବ୍ୟ ଦେଇ ପରିସ୍ଥିତିକୁ ବିଗାଡ଼ି ପାରନ୍ତି।

**କନ୍ୟା** ସାମାଜିକ ସ୍ତରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ପାରିବାରିକ ସମସ୍ୟାର ସମାଧାନ କରିବାରେ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଫାଇଦା ହାସଲ ପାଇଁ ଆତ୍ମୀୟମାନେ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି।

**ତୁଳା** ପରିବାରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଘର କଥାନେଇ ସହକର୍ମୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ଚେଷ୍ଟିତ ହେବେ। ପଦସ୍ଥବ୍ୟକ୍ତିଙ୍କ ସହାୟତାରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ବାଣିଜ୍ୟ,ବ୍ୟବସାୟ ଓ ପରିବହନ ସାମାନ୍ୟ ବାଧାପ୍ରାପ୍ତ ହୋଇପାରେ।

**ବିଛା** ପରିବାର ସହ ଯାତ୍ରା ସମୟରେ ଇଚ୍ଛା ନ ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇପାରନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରୁ ଫେରିବାରେ ବିଳମ୍ବ ଘଟିପାରେ। ସାମାଜିକ ସ୍ତରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ମନକୁ ବିଚଳିତ କରିବ। ପରିବାରରେ ସୁଖ ଶାନ୍ତି ବୃଦ୍ଧି ପାଇବା ସାଙ୍ଗକୁ କୌଶଳ ପ୍ରୟୋଗ କରି କାମ ହାସଲ କରିବେ।

**ଧନୁ** ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ସଭାସମିତିରେ ବନ୍ଧୁ ଗହଣରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପରିବାରର ଆବଶ୍ୟକତା ଅନୁଯାୟୀ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର** ଆଲୋଚନା ପରିସରରେ କଥାବାର୍ତ୍ତାରେ ସଂଯମତା ରକ୍ଷା ନ କଲେ ଅସୁବିଧାରେ ବେ। ପରିସ୍ଥିତିବଶତଃ କର୍ମକ୍ଷେତ୍ରରେ ଟେନ୍‌ସନ କମିଯିବାର ଆଶା ରହିଛି। ଆକସ୍ମିକ ଭାବରେ ବନ୍ଧୁମାନଙ୍କ ସହ ସୁଖଭ୍ରମଣର ସୁଯୋଗ ଲାଭ କରି ଖୁସି ହେବେ। ସାହିତ୍ୟରେ ଉନ୍ନତି କରିବେ ଏବଂ ସାମାଜିକ ସ୍ତରରେ ପ୍ରଶଂସିତ ମଧ୍ୟ ହେବେ।

**କୁମ୍ଭ** ପଡ଼ୋଶୀଙ୍କ ସହାୟତାରେ ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଘରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସହକର୍ମୀଙ୍କ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଅତି ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ ଏଣୁ ସତର୍କ ରହିବା ଭଲ।

**ମୀନ** ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ବିଜାତୀୟ ବ୍ୟକ୍ତିଙ୍କ ଶତ୍ରୁତା ହେତୁ ଆର୍ଥିକ ପ୍ରଗତିରେ ରୋକ୍ ଲାଗିପାରେ। ସାମାଜିକ ସ୍ତରରେ କିମ୍ବା ପରିବାରରେ ସାମ୍ୟତା ଆଣିବା ସକାଶେ ପଡ଼ୋଶୀ ସହାନୁଭୂତିର ହାତ ବଢ଼ାଇପାରନ୍ତି। ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କରନ୍ତୁ।

ଆଜି ମାର୍ଚ୍ଚ ୨୩ ତାରିଖ, ବିଶ୍ୱ ପାଣିପାଗ ଦିବସ, ଭଗତ୍ ସିଂ, ସୁଖଦେବ ଏବଂ ଜୟୀ ରାଜଗୁରୁଙ୍କ ଶହୀଦ ଦିବସ, ପବିତ୍ର ମସିହ ମଉଦ୍ ଦିବସ, ଚୈତ୍ର ଶୁକ୍ଳ ପଞ୍ଚମୀ ଯୁକ୍ତ ଷଷ୍ଠୀ ସୋମବାର। ପୀଠେ ବାସନ୍ତିକ ଷଷ୍ଠୀ ପୂଜା, ରାଶିନକ୍ଷତ୍ର-କୃତ୍ତିକା/ବୃଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୫୨ମି. ଗତେ ଘ. ୦୭।୨୨ମି. ମଧ୍ୟେ, ଘ.୧୦।୪୧ ମି. ଗତେ ଘ. ୦୧।୦୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା ।ସକାଳ ଘ.୦୭।୨୨ମି. ଗତେ ଘ. ୦୮।୫୨ମି. ମଧ୍ୟେ ରାହୁ କାଳ ।



ଗାଜାର ଖାନ୍ ୟୁନିସ୍‌ଠାରେ ରବିବାର ଇଦ୍-ଉଲ୍-ଫିତର୍‌ର ଦ୍ୱିତୀୟ ଦିନ ଅବସରରେ ପାଲେଷ୍ଟାଇନ ପିଲାମାନଙ୍କୁ ଇଦ୍ ଉପହାର ଦିଆଯାଉଥିବାବେଳେ ସ୍ୱେଚ୍ଛାସେବୀ ସଂଗଠନର ଜଣେ କର୍ମକର୍ତ୍ତା ଏକ ଶିଶୁକୁ ଖେଳାଉଛନ୍ତି। **(ଫଟୋ ସୌଜନ୍ୟ: ଗାର୍ଡିଆନ)**

# ୨ ବର୍ଷରେ ରଦ୍ଦ ହେଲାଣି ୧.୧୬ ଲକ୍ଷ ଡ୍ରାଇଭିଂ ଲାଇସେନ୍ସ

**ଭୁବନେଶ୍ୱର,୨୨।୩(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ସଡ଼କ ଦୁର୍ଘଟଣା ହ୍ରାସ କରିବାପାଇଁ ସଡ଼କ ସୁରକ୍ଷା ସପ୍ତାହଠାରୁ ଆରମ୍ଭ କରି ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାସହିତ ବିଭିନ୍ନ ଛକ ସ୍ଥାନରେ ଯୁଗ୍ମ ଚଢ଼ାଉ ହେଉଛି। ହେଲେ ସାଧାରଣ ଲୋକେ ସଚେତନ ହେଉ ନାହାନ୍ତି। ତେବେ ଯେଉଁ ଗାଡ଼ିଚାଳକମାନେ ବେପରୁଆ ଗାଡ଼ି ଚଳାଇବା ସହିତ ବାରମ୍ବାର ଟ୍ରାଫିକ ନିୟମ ଏବଂ ସରକାରୀ ନୀତି ନିୟମ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ ସରକାରଙ୍କ ପକ୍ଷରୁ ଶକ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗତ ୨ବର୍ଷ ମଧ୍ୟରେ ୧ଲକ୍ଷ ୧୬ହଜାର ୬୧୮ଜଣ ଗାଡ଼ି ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଗଲାଣି ବୋଲି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟରେ ୧ଲକ୍ଷ ୧୬ହଜାର ୬୧୩ଜଣ ଗାଡ଼ି ଚାଳକଙ୍କ ଲାଇସେନ୍ସ ରଦ୍ଦ ମଧ୍ୟରୁ ସୁନ୍ଦରଗଡ଼ରେ ସର୍ବାଧିକ ୧୨ହଜାର ୭୨୭ଜଣ ଅଛନ୍ତି। ସେହିପରି ଢେଙ୍କାନାଳରେ ୯ହଜାର ୫୬ଜଣଙ୍କ ଲାଇସେନ୍ସ ରଦ୍ଦ ହୋଇଥିବାବେଳେ ଅନୁଗୋଳରେ ୭ହଜାର ୫୭, କଳାହାଣ୍ଡିରେ ୫,୨୨୫, ରାଉରକେଲାରେ ୪,୪୯୦, ତାଳଚେରରେ ୪,୯୮୩, ଫୁଲବାଣୀରେ ୫ ହଜାର ୬୪, ରାୟଗଡ଼ାରେ ୪ହଜାର ୫୦ ଜଣଙ୍କ ଲାଇସେନ୍ସ ରଦ୍ଦ ହୋଇଛି। ଅନ୍ୟପକ୍ଷରେ ସମ୍ବଲପୁରରେ ମାତ୍ର ୧୭୯ଜଣଙ୍କ ଲାଇସେନ୍ସ ରଦ୍ଦ ହୋଇଥିବାବେଳେ ଯାଜପୁରରେ ୯୫୯, ଗଜପତିରେ ୭୦୭ ରହିଥିବାବେଳେ ଅବଶିଷ୍ଟ ଗାଡ଼ି ଚାଳକ ଅନ୍ୟାନ୍ୟ ଜିଲାରେ ରହିଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୋଟର ଯାନ ଆଇନ ଉଲ୍ଲଂଘନ କରିବା ଯୋଗୁ ଗତ ୨ବର୍ଷ ମଧ୍ୟରେ ୨୮୪କୋଟି ୭୧ଲକ୍ଷ ୬୪ହଜାର ୨୩୨ଟଙ୍କାର ଜରିମାନା ଆଦାୟ କରାଯାଇଛି। ସେଥିମଧ୍ୟରେ ରାଜ୍ୟ ☞ପୃଷ୍ଠା-୭

# ବଦଳିଲା ସୋଫିଆ, ଦାଶରଥି, ରମେଶଙ୍କ ଆସନ

## ମହଙ୍ଗା ପଡ଼ିଲା କ୍ରସ୍ ଭୋଟିଂ

**ଭୁବନେଶ୍ୱର,୨୨।୩(ରବିନାରାୟଣ ଜେନା)**

ରାଜ୍ୟ ସଭା ନିର୍ବାଚନ ଗତ ୧୬ ତାରିଖରୁ ଶେଷ ହେଲାଣି। ହେଲେ ଏପର୍ଯ୍ୟନ୍ତ ତା'ର ଉଷ୍ମତା ଥମି ନାହିଁ। କଂଗ୍ରେସ ପକ୍ଷରୁ ଦଳ ବିରୋଧରେ ଯାଇଥିବା ୩ ବିଧାୟକଙ୍କୁ ନିଲମ୍ବନ କରାଯିବା ସହିତ ବିଧାନସଭା ଗୃହରେ କିଭଳି ତାଙ୍କ ଆସନ ପରିବର୍ତ୍ତନ ହେବ ସେନେଇ ବାଚସ୍ପତିଙ୍କୁ ଅନୁରୋଧ କରାଯାଇଥିଲା। ଏ ସଂକ୍ରାନ୍ତରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରମୁଖ ବାଚସ୍ପତିଙ୍କୁ ଭେଟି ଅନୁରୋଧ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ କଂଗ୍ରେସର ଅଭିଯୋଗକୁ ବିଚାର କରି ନିଲମ୍ବିତ ୩ ସଦସ୍ୟଙ୍କ ଆସନକୁ ପରିବର୍ତ୍ତନ କରିଛନ୍ତି। ମାର୍ଚ୍ଚ ୨୦ରେ ଏସଂକ୍ରାନ୍ତରେ ବିଧାନସଭା ପକ୍ଷରୁ ବିଧିବଦ୍ଧ ଭାବେ ନିର୍ଦ୍ଦେଶନାମା ଜାରି ହୋଇଛି; ଯେଉଁଥିରେ ☞ପୃଷ୍ଠା-୭

# ଇନ୍ଧନ ଯୋଗାଣ ନିଶ୍ଚିତ କରିବାକୁ ମୋଦିଙ୍କ ଗୁରୁତ୍ୱ



ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ରବିବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା।

**ନୂଆଦିଲ୍ଲୀ,୨୨।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ଇନ୍ଧନ ଯୋଗାଣ କ୍ଷେତ୍ରରେ ସୃଷ୍ଟି ହୋଇଥିବା ସମସ୍ୟାର ମୁକାବିଲା ସହ ଦେଶରେ ଏଲ୍‌ପିଜି ଓ ପେଟ୍ରୋଲିୟମ ସାମଗ୍ରୀର ନିରନ୍ତର ଯୋଗାଣକୁ ନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଇଛନ୍ତି। ରବିବାର ନୂଆଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ପେଟ୍ରୋଲିୟମ ମନ୍ତ୍ରୀ ହର୍‌ଦୀପ୍ ସିଂ ପୁରି ପ୍ରମୁଖ ଉପସ୍ଥିତ ରହି ମଧ୍ୟପ୍ରାଚ୍ୟ ସ୍ଥିତିକୁ ନେଇ ଉପୁଜିଥିବା ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦେଶର ରନ୍ଧନ ଗ୍ୟାସ୍ ଏବଂ ପେଟ୍ରୋଲିୟମ ସାମଗ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏହାକୁ ନିଶ୍ଚିତ କରିବା ଲାଗି ପର୍ଯ୍ୟାପ୍ତ ପରିମାଣର ଇନ୍ଧନ ମହଜୁଦ ରଖିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲାବେଳେ ଯୁଦ୍ଧକୁ ନେଇ ବୈଶ୍ୱିକ ସ୍ତରରେ ପରବର୍ତ୍ତିତ ସ୍ଥିତି ଉପରେ ନଜର ରଖି ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ବିଶେଷକରି ଘରୋଇ ସ୍ତରରେ ଖାଉଟି, ଶିଳ୍ପାନୁଷ୍ଠାନ ଏବଂ ବ୍ୟବସାୟିକ କ୍ଷେତ୍ର ପାଇଁ ଜରୁରୀ ରହିଥିବା ଇନ୍ଧନ ଆବଶ୍ୟକତାକୁ ଯେଭଳି ନିରନ୍ତର ଯୋଗାଣ ବଜାୟ ରହେ ତାହାକୁ ଗୁରୁତ୍ୱ ଦେବାକୁ କୁହାଯାଇଛି। ଏହି କ୍ରମରେ ରାଜ୍ୟଗୁଡିକୁ ବ୍ୟବସାୟିକ ଗ୍ୟାସ୍ ସିଲିଣ୍ଡର ଆବଣ୍ଟନ ପରିମାଣକୁ ସରକାର ଅଗ୍ରାଧିକାର ଭିତ୍ତିରେ ବୃଦ୍ଧି କରିବା ସହ ଶିକ୍ଷାନୁଷ୍ଠାନ ଏବଂ ହସ୍ପିଟାଲଗୁଡ଼ିକୁ ଇନ୍ଧନ ଯୋଗାଣ ନିଶ୍ଚିତ କରିବାକୁ କହିଛନ୍ତି।

# ହର୍ମୁଜ ପ୍ରଣାଳୀ ଖୋଲ, ନ ହେଲେ ଧ୍ୱଂସ

## ଇରାନ୍‌କୁ ଟ୍ରମ୍ପ୍‌ଙ୍କ ୪୮ ଘଣ୍ଟାର ଚେତାବନୀ

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇପଡ଼ିଛି। ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣକୁ ଇରାନ୍ ଦୃଢ଼ ଜବାବ ଦେବା ଯୋଗୁ ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଯୁଦ୍ଧ ଥମିବାର ନାଁ ନେଉ ନାହିଁ। ବିଶେଷକରି ଇରାନ୍ ତା'ର ସୀମା ସଂଲଗ୍ନ ସାମୁଦ୍ରିକ ଜଳପଥ ହର୍ମୁଜ ପ୍ରଣାଳୀକୁ ବଳପ୍ରୟୋଗ କରି ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇପାରିଥିବାରୁ ଆରବୀୟ ଦେଶରୁ ବିଭିନ୍ନ ଦେଶକୁ ଯାଉଥିବା ତୈଳ ଓ ଗ୍ୟାସ୍ ବୋଝେଇ ଜାହାଜଗୁଡ଼ିକ ଅଟକି ରହିଛି। ଏଥିଯୋଗୁ ସାରା ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି ହୋଇଛି। ତୈଳ ଓ ଗ୍ୟାସ୍ ଯୋଗାଣ ଗୁରୁତର ବାଧାପ୍ରାପ୍ତ ହୋଇଛି। ଆମେରିକା ପ୍ରାୟ ୩ ସପ୍ତାହ ହେଲା ଏଭଳି ଅଚଳାବସ୍ଥାର ସମାଧାନ ପାଇଁ କୌଣସି ବାଟ ପାଇପାରୁ ନ ଥିବାବେଳେ ତା'ର ସହଯୋଗୀ ଓ ମିତ୍ର ଦେଶଗୁଡ଼ିକ ମଧ୍ୟ ଖୋଲା ସମର୍ଥନ ଦେଉ ନ ଥିବା ଦେଖିବାକୁ ମିଳିଛି। ଏଭଳିସ୍ଥଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର ଇରାନ୍‌କୁ ଅଲ୍ଟିମେଟମ୍ ବା କଠୋର ଚେତାବନୀ ଦେଇଛନ୍ତି। ୪୮ ଘଣ୍ଟା ମଧ୍ୟରେ ଇରାନ୍ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ'କୁ ସମ୍ପୂର୍ଣ୍ଣ ଭାବେ ଖୋଲା ନ କଲେ ଆମେରିକା ଇରାନର ସମସ୍ତ ପାୱାର ଗ୍ରୀଡ୍ ଏବଂ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକୁ ଧ୍ୱଂସ କରିଦେବ ବୋଲି ଟ୍ରମ୍ପ ଚେତାଇ ଦେଇଛନ୍ତି। ବିଶ୍ୱର ତୈଳ ବାଣିଜ୍ୟରେ ବାଧା ସୃଷ୍ଟି କରୁଥିବା ଏହି ଅବରୋଧକୁ ଆଉ ସହ୍ୟ କରାଯାଇପାରିବ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି। ୪୮ ଘଣ୍ଟାର ଏହି ସମୟସୀମା ଆସନ୍ତା ମଙ୍ଗଳବାର ଶେଷ ହେବାକୁ ଯାଉଥିବାବେଳେ ଇରାନ୍ ଏହାକୁ ଭ୍ରୂକ୍ଷେପ ନ କରି ପାଲଟା ଚେତାବନୀ ଦେଇଛି। ଆମେରିକା ଆକ୍ରମଣ କଲେ, କାତାର ଏବଂ ବାହାରିନ୍‌ରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯିବ। ସେହିପରି ସୌଦି ଆରବ ଏବଂ ୟୁଏଇ ଭଳି ପଡ଼ୋଶୀ ଦେଶଗୁଡ଼ିକର ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରାଯିବ। ଗୁରୁତ୍ୱପୂର୍ଣ୍ଣ ଆଇଟି ଭିତ୍ତିଭୂମି ସହ ଲବଣମୁକ୍ତକରଣ ପ୍ରକଳ୍ପଗୁଡ଼ିକୁ ମଧ୍ୟ ଟାର୍ଗେଟ କରାଯିବ ବୋଲି ଇରାନ୍ ଚେତାବନୀ ଦେଇଛି।

## ଆମେରିକା ସେନାଘାଟି, ଆରବ ତୈଳ କ୍ଷେତ୍ରଗୁଡ଼ିକୁ ଆକ୍ରମଣ କରିବୁ: ଇରାନ୍

**ୱାଶିଂଟନ୍,୨୨।୩(ରଏଟର୍ସ)**

ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଆକ୍ରମଣ-ପ୍ରତ୍ୟାକ୍ରମଣ ବେଳକୁ ବେଳ ବଢ଼ି ଚାଲିଥିଲାବେଳେ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ତୈଳ ପରିବହନ ପ୍ରସଙ୍ଗ ଉଭୟ ପକ୍ଷଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି। ହର୍ମୁଜ୍ ସାମୁଦ୍ରିକ ପଥକୁ ଇରାନ୍ କବ୍‌ଜା କରି ତୈଳ ଓ ଗ୍ୟାସ୍ ଯୋଗାଣ ବନ୍ଦ କରିଥିବାରୁ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହୁ ହୁ ହୋଇ ବଢ଼ି ଚାଲିଛି। ଏହାଦ୍ୱାରା ବୈଶ୍ୱିକ ଅର୍ଥନୀତିକୁ ପ୍ରଭାବିତ କରି ଇରାନ୍ ଆମେରିକା ସମେତ ବିଶ୍ୱ ସମୁଦାୟ ଉପରେ ଚାପ ସୃଷ୍ଟି କରିବାକୁ ରଣନୀତି କରିଛି। ଆମେରିକା ଇରାନ୍‌ର ଏହି ଆଭିମୁଖ୍ୟକୁ ବୁଝିପାରି ହର୍ମୁଜ୍ ସ୍ଥିତିକୁ ସ୍ୱାଭାବିକ କରିବାକୁ ଉଦ୍ୟମ କରି ଅନ୍ୟ ସହଯୋଗୀ ରାଷ୍ଟ୍ରଙ୍କ ସହଯୋଗ ଲୋଡ଼ିଥିଲେ ହେଁ ବିଫଳ ହୋଇଛି। ଏଭଳି ସ୍ଥିତିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍‌କୁ ଚେତାବନୀ ଦେଇ ହର୍ମୁଜ୍ ଷ୍ଟ୍ରେଟ୍‌କୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ କହିଛନ୍ତି। ଇରାନ୍ ଯଦି ୪୮ ଘଣ୍ଟା ମଧ୍ୟରେ ଏହାକୁ ମୁକ୍ତ କରି ସ୍ଥିତି ସ୍ୱାଭାବିକ ନ କରେ ତେବେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ। ☞ପୃଷ୍ଠା-୭

# ସର୍ବାଧିକ ସମୟ ସରକାର ମୁଖ୍ୟ ଭାବେ ମୋଦିଙ୍କ ରେକର୍ଡ

## କ୍ଷମତାରେ ୮,୯୩୧ ଦିନ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

### ସିକିମ୍‌ର ପୂର୍ବତନ ମୁଖ୍ୟମନ୍ତ୍ରୀ ଚାମ୍ଲିଙ୍ଗ୍‌ଙ୍କୁ ପଛରେ ପକାଇଲେ

**ନୂଆଦିଲ୍ଲୀ,୨୨।୩**

ଦେଶରେ ନିର୍ବାଚିତ ସରକାରଙ୍କ ମୁଖ୍ୟ ଭାବେ ସର୍ବାଧିକ ୮,୯୩୧ ଦିନ କ୍ଷମତାରେ ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ରାଜନୀତିରେ ଏକ ଐତିହାସିକ ସଫଳତା ହାସଲ କରିଛନ୍ତି। ଏଥିସହିତ ସେ ସିକିମ୍‌ର ପୂର୍ବତନ ମୁଖ୍ୟମନ୍ତ୍ରୀ ପଓ୍ୱନ କୁମାର ଚାମ୍ଲିଙ୍ଗ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ଚାମ୍ଲିଙ୍ଗ୍ ୮,୯୩୦ ଦିନ କ୍ଷମତାରେ ରହିଥିଲେ। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଏବଂ ଭାରତର ପ୍ରଧାନମନ୍ତ୍ରୀ ଭାବେ ରବିବାର ୮,୯୩୧ ଦିନ ପୂରଣ କରିଛନ୍ତି ଏବଂ ନେତୃତ୍ୱ ଭୂମିକାର ୨୫ତମ ବର୍ଷରେ ପ୍ରବେଶ କରିଛନ୍ତି। ଏହି ମାଇଲଖୁଣ୍ଟକୁ ଏକ ବିରଳ ତଥା ଉଲ୍ଲେଖନୀୟ ସଫଳତା ଭାବେ ଦେଖାଯାଉଛି, ଯାହାକି ଦଶନ୍ଧି ଧରି ନିରବଚ୍ଛିନ୍ନ ଜନସେବା ଏବଂ ସର୍ବୋଚ୍ଚ ସ୍ତରରେ ରାଜନୈତିକ ନେତୃତ୍ୱର ପ୍ରତିଫଳନ କରୁଛି। ନବୀନ ପଟ୍ଟନାୟକ (୨୦୦୦ ମାର୍ଚ୍ଚ ୫ରୁ ୨୦୨୪ ଜୁନ୍ ୧୨) ୮,୮୬୫ ଦିନ ଓଡ଼ିଶା ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ରହିଥିଲେ।

ପ୍ରଧାନମନ୍ତ୍ରୀ ତାଙ୍କ କ୍ୟାରିୟରର ଅନେକ ଉଲ୍ଲେଖନୀୟ ରେକର୍ଡ ହାସଲ କରିଛନ୍ତି। ସେ ଗୁଜରାଟରେ ସର୍ବାଧିକ କାଳ ମୁଖ୍ୟମନ୍ତ୍ରୀ ରହିଛନ୍ତି ଏବଂ ସବୁଠୁ ଅଧିକ ସମୟ ମୁଖ୍ୟମନ୍ତ୍ରୀ ଅଭିଜ୍ଞତା ସହ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସେ ସ୍ୱାଧୀନତା ପରେ ଜନ୍ମିତ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ, ଯିଏ କି କ୍ରମାଗତ ଭାବେ ୨୦୧୪, ୨୦୧୯ ଏବଂ ☞ପୃଷ୍ଠା-୭



ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ।**-ଶ୍ରୀଅରବିନ୍ଦ**



# ଭାରତ ଦେବ ୟୁଆନ୍

ଇରାନ୍ ସହିତ ଆମେରିକା ଓ ଇସ୍ରାଏଲ ଯୁଦ୍ଧ ଚତୁର୍ଥ ସପ୍ତାହରେ ପହଞ୍ଚିଛି। ସଦ୍ୟ ଘଟଣା ଦେଖିଲେ ଗୋଟିଏ ପଟେ ନତାଞ୍ଜ ଆଣବିକ କେନ୍ଦ୍ର ଉପରେ ଆମେରିକା ଓ ଇସ୍ରାଏଲ ବୋମାମାଡ଼ କରି ଇରାନ୍‌କୁ ଡରାଇବାକୁ ଚେଷ୍ଟା କରିଥିବା ବେଳେ ଅନ୍ୟପକ୍ଷରେ ଇରାନ୍ ଭାରତୀୟ ମହାସାଗରରେ ଅବସ୍ଥିତ ଡିଏଗୋ ଗାର୍ସିଆରେ ଥିବା ଆମେରିକା-ବ୍ରିଟେନ୍‌ର ସାମରିକ ଘାଟି ଉପରେ ବାଲିଷ୍ଟିକ୍ ମିଶାଇଲ୍ ଆକ୍ରମଣ କରିଛି। ଦୃଢ଼ ସାମରିକ ରଣକୌଶଳ ଦେଖାଇବାକୁ ଯାଇ ଇରାନ୍ ଯେଭଳି ଡିଏଗୋ ଗାର୍ସିଆକୁ ଟାର୍ଗେଟ କରିଛି, ତାହା ଟ୍ରମ୍ପ୍ ପ୍ରଶାସନକୁ ଭୟଭୀତ କରାଇଦେଲା ଭଳି ମନେହେଉଛି। ତେହରାନ୍ ନିଜ ଦୂରଗାମୀ କ୍ଷେପଣାସ୍ତ୍ରର ଭେଦ କ୍ଷମତାକୁ ୨,୦୦୦ କିଲୋମିଟର ମଧ୍ୟରେ ସୀମିତ ରଖିଥିବା ନେଇ ପୂର୍ବରୁ ପ୍ରକାଶ କରିଥିବା ବେଳେ ଇରାନ୍‌ରୁ ପ୍ରାୟ ୪,୦୦୦ କିଲୋମିଟର ଦୂରରେ ଥିବା ପାଶ୍ଚାତ୍ୟ ସେନାଘାଟିକୁ ଟାର୍ଗେଟ କରାଯିବା ଆମେରିକାକୁ ଏହା ଏକ କଡ଼ା ଜବାବ ବୋଲି ଧରାଗଲାଣି। ଏଥିରୁ ବୁଝିବାକୁ ହେବ ଯେ, ଇରାନ୍ ଅତି ସହଜରେ ସାମରିକ ଶକ୍ତି ପ୍ରୟୋଗ କରି ପାଶ୍ଚାତ୍ୟକୁ ବଡ଼ ଶିକ୍ଷା ଦେବାକୁ ଚାହୁଁଛି। ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶରେ ନିଜର ସାମରିକ ଘାଟି ସ୍ଥାପନ କରି ଇରାନ୍‌କୁ ଆମେରିକା ଭୟ ଦେଖାଇ ଆସୁଥିଲା। ଇରାନ୍ କୌଶଳ କରି ପ୍ରଥମେ ଆମେରିକାକୁ ଆକ୍ରମଣ ନ କରି ଇସ୍ରାଏଲକୁ ଟାର୍ଗେଟ କଲା। ଏଥିସହିତ ଆମେରିକା ସହ ସମ୍ପର୍କରେ ଥିବା ମଧ୍ୟପ୍ରାଚ୍ୟ ରାଷ୍ଟ୍ର ବାହାରିନ୍, କୁଏଟ୍, ଓମାନ୍, କାତାର, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ଜୋର୍ଡାନ୍ ଏବଂ ଇରାକ୍ ଉପରେ ଇରାନ୍ ଆକ୍ରମଣ କରି ତୈଳ ଭଣ୍ଡାର ଓ ଅନ୍ୟାନ୍ୟ ଶାକ୍ତିଶାଳୀ ଭିତ୍ତିଭୂମି ଦୋହଲାଇ ଦେଲା। ଏପରି ସମୟରେ ନାଟୋ ସମେତ ଅନ୍ୟ କେତେକ ଦେଶକୁ ଯୁଦ୍ଧର ଅଂଶବିଶେଷ ପାଲଟିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦେଇଥିବା ଆହ୍ୱାନ ପ୍ରତ୍ୟାଖ୍ୟାତ ହେବା ପରେ ସେ କ୍ଷୁବ୍ଧ ହୋଇଯାଇଛନ୍ତି। ଫଳସ୍ୱରୂପ ନତାଞ୍ଜ ପରମାଣୁ ସମୃଦ୍ଧ କେନ୍ଦ୍ର ଉପରେ ଆକ୍ରମଣ କରାଯାଇଥିଲା। ଏହି ସନ୍ଧିକ୍ଷଣରେ ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଆବ୍ବାସ ଆରାଗଚି କହିଛନ୍ତି ଯେ, ଆମେରିକା ଯେତେ କୌଶଳ କରି ଆକ୍ରମଣ କଲେ ମଧ୍ୟ ଇରାନ୍‌ର ପରମାଣୁ କାର୍ଯ୍ୟକ୍ରମକୁ ଧ୍ୱଂସ କରିପାରିଲା ନାହିଁ। ସମ୍ଭବତଃ ସେଥିପାଇଁ ଇରାନ୍ ସାଧାରଣରେ କହୁଛି ଯେ, ତୁମେ ଆମକୁ ଆଘାତ କଲେ ମଧ୍ୟ ଆମେ ଠିଆ ହୋଇଛୁ। ଏଭଳି ବାର୍ତ୍ତା ବିଶ୍ୱକୁ ଜଣାଇ ଦେଇଛି ଯେ, ଇରାନ୍ ମୁଣ୍ଡ ନୁଆଁଉ ନାହିଁ। ଇତିମଧ୍ୟରେ ହର୍ମୁଜ ପ୍ରଣାଳୀ ୪୮ ଘଣ୍ଟା ମଧ୍ୟରେ ଖୋଲିବା ଲାଗି ଟ୍ରମ୍ପ୍ ଇରାନ୍‌କୁ ମହଲତ ଦେଇଛନ୍ତି। ନ ହେଲେ ସେ ଇରାନ୍‌କୁ ଧ୍ୱଂସ କରିଦେବେ ବୋଲି କହିଛନ୍ତି।

ଏହି ପରିପ୍ରେକ୍ଷୀରେ ଦେଖିଲେ ଯୁଦ୍ଧରେ ସମ୍ପୃକ୍ତ ଦେଶଗୁଡ଼ିକ ତୁଳନାରେ ଭାରତ ବେଶି କ୍ଷତିରେ ପଡ଼ିବାର ଆଶଙ୍କା ଉପୁଜିଲାଣି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ତୈଳବାହୀ ଜାହାଜ ଚଳାଚଳ ଅନୁମତି ଦେବା ଲାଗି ଇରାନ୍ ଏ ନେଇ ଆର୍ଥିକ କାରବାର ଚାଇନା ମୁଦ୍ରା ୟୁଆନ୍ ମାଧ୍ୟମରେ କରିବାକୁ ଚିନ୍ତା କଲାଣି। ସାଧାରଣତଃ ପେଟ୍ରୋ ଡଲାରରେ ତୈଳ କାରବାର ହୋଇଆସୁଛି। ଯଦି ୟୁଆନ୍‌କୁ ଇରାନ୍ ବିଧିବଦ୍ଧ ବିନିମୟ ମୁଦ୍ରା ଭାବେ ଲାଗୁ କରିଦେଲା, ତାହା ହେଲେ ଆମେରିକାର ବିଶ୍ୱବ୍ୟାପୀ ଥିବା ଆର୍ଥିକ ଆଧିପତ୍ୟ ଦୁମ୍ କରି ତଳକୁ ଖସିପଡ଼ିବ। ଏଥିସହିତ ଭାରତ ତା'ର ପାରମ୍ପରିକ ଶତ୍ରୁ ଚାଇନା ମୁଦ୍ରାରେ କାରବାର କରି ଅସମ୍ମାନିତ ହେବା ଥୟ। ଏଭଳି ଏକ ସ୍ଥିତି ଭାରତକୁ ଦେଖିବାକୁ ପଡ଼ିବ ବୋଲି ଆଦୌ ଚିନ୍ତା କରାଯାଇ ନ ଥିଲା। ଏହି ସନ୍ଧିକ୍ଷଣରେ ପ୍ରସ୍ତାବିତ ବ୍ରିକ୍ସ ମୁଦ୍ରା କଥା ମନେପକାଯାଉ। ବ୍ରାଜିଲ୍, ରୁଷିଆ, ଭାରତ ଓ ଚାଇନା ୨୦୦୬ରେ ବ୍ରିକ୍ ନାମରେ ଏକ ବ୍ଲକ୍ ଗଠନ କରିଥିଲେ। ୨୦୧୦ରେ ଏଥିରେ ଦକ୍ଷିଣ ଆଫ୍ରିକା ଯୋଗଦେବା ପରେ ଏହାର ନାମ ହୋଇଥିଲା ବ୍ରିକ୍ସ। ୨୦୨୪ରେ ଏହି ସଙ୍ଗଠନର କଳେବର ବୃଦ୍ଧି ପାଇଥିଲା ଯେତେବେଳେ ଇଜିପ୍ଟ, ଇଥିଓପିଆ, ଇରାନ୍, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ୨୦୨୫ରେ ଇଣ୍ଡୋନେସିଆ ଏଥିରେ ଯୋଗଦେଇଥିଲେ। ବିଶ୍ୱ ଜନସଂଖ୍ୟାର ୪୮.୫ ପ୍ରତିଶତ ଏହି ସଙ୍ଗଠନରେ ରହିଥିବାରୁ ଏହାକୁ ନେଇ ଅନେକ ସମ୍ଭାବନା ସୃଷ୍ଟି ହୋଇଥିଲା। ଭାରତ ବ୍ରିକ୍ସର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ। ୨୦୧୮ରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ମଧ୍ୟରେ ସାଧାରଣ ମୁଦ୍ରା ପ୍ରଚଳନ କରିବା ଲକ୍ଷ୍ୟ ରଖାଯାଇ ବ୍ରିକ୍ସ ମୁଦ୍ରା ନେଇ ଆଲୋଚନା ହୋଇଥିଲା, ଯାହାକୁ ଭାରତ ଅସ୍ୱୀକାର କରିଥିଲା। କେବଳ ରାଜନୈତିକ ସୁବିଧାକୁ ଦୃଷ୍ଟିରେ ରଖି ଭାରତ ୟୁରୋ ଭଳି ଏକ ବ୍ରିକ୍ସ ମୁଦ୍ରାକୁ ବିରୋଧ କରିଥିଲା। ବିମୁଦ୍ରୀକରଣ ଭଳି ମୁଦ୍ରା ସହ ରାଜନୈତିକ ଖେଳ କରାଇ ହେବ ନାହିଁ ବୋଲି ଚିନ୍ତା କରି ଭାରତ ଏଭଳି ନିଷ୍ପତ୍ତି ନେଇଥିଲା। ଆଜି ଭାରତୀୟମାନେ ବୁଝୁଛନ୍ତି ଯଦି ଏବେ ବ୍ରିକ୍ସ ମୁଦ୍ରା ଥାଆନ୍ତା, ତାହା ହେଲେ ଭାରତ ଏହାର ସଦସ୍ୟ ରାଷ୍ଟ୍ର ଭାବେ ଲାଭବାନ ହୋଇଥାଆନ୍ତା। ଚାଇନା ମୁଦ୍ରା ୟୁଆନ ଜରିଆରେ ତୈଳ କାରବାର ହେଲେ ଭାରତକୁ ଅଧିକ କ୍ଷତି ସହିବାକୁ ପଡ଼ିବ। ଏଥିସହିତ ଭାରତର ସମ୍ମାନ ମଧ୍ୟ ମାଟିରେ ମିଶିଯିବ। କାରଣ ତୈଳ କାରବାର ପାଇଁ ୨ ମିଲିୟନ ଆମେରିକୀୟ ଡଲାରର ମୂଲ୍ୟ ୟୁଆନ୍ ଆକାରରେ ଦିଆଗଲେ ଯାଇ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ବ୍ୟବହାର ସମ୍ଭବ ହେବ।

ଆଉ ଏକ ଭୁଲ୍ ଭାରତ କରିଥିବାରୁ ଏବେ ପସ୍ତେଇବାକୁ ପଡୁଛି। ଇରାନ୍‌ର ଚବାହାର ବନ୍ଦର ଭିତ୍ତିଭୂମି ବିକାଶରେ ଭାରତ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରିଥିଲା। ଏବେ ତାହା ମାଧ୍ୟମରେ କାରବାର ବନ୍ଦ କରାଯାଇଥିବାରୁ ଭାରତ କ୍ଷତିଗ୍ରସ୍ତ ହେଉଛି। ବର୍ତ୍ତମାନର ତୈଳ ସଙ୍କଟ ସମୟରେ ଚବାହାର ବନ୍ଦର ଦେଇ କାରବାର ହୋଇଥିଲେ ଭାରତ ଲାଭବାନ ହୋଇଥାଆନ୍ତା। ଦେଖିବାକୁ ଗଲେ ଏବର ସ୍ଥିତିରେ ଇରାନ୍ ସହ ଯୁଦ୍ଧ କରି ଆମେରିକା ଓ ଇସ୍ରାଏଲ ହାରିଯାଇପାରନ୍ତି। ଅନ୍ୟପକ୍ଷରେ ଯୁଦ୍ଧରେ ସିଧାସଳଖ ସମ୍ପୃକ୍ତ ନ ଥାଇ ମଧ୍ୟ ଭାରତ ଗାତରେ ପଡ଼ିଯାଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 5 | | | | 7 | |
| | | 7 | | 8 | | 2 | | |
| | | | 1 | 4 | | | 8 | |
| | | | | | | | | |
| | 2 | | 8 | | | 1 | 6 | |
| | | | | 2 | 5 | | | |
| | | 5 | | 7 | | 3 | | 8 |
| | 7 | 4 | 2 | | 6 | 9 | 1 | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 6 | 3 | 4 | 2 | 8 | 5 | 9 |
| 5 | 8 | 2 | 9 | 1 | 6 | 3 | 7 | 4 |
| 4 | 3 | 9 | 5 | 7 | 8 | 1 | 6 | 2 |
| 9 | 2 | 1 | 6 | 8 | 7 | 5 | 4 | 3 |
| 3 | 4 | 8 | 1 | 2 | 5 | 6 | 9 | 7 |
| 6 | 5 | 7 | 4 | 9 | 3 | 2 | 1 | 8 |
| 7 | 9 | 3 | 8 | 5 | 1 | 4 | 2 | 6 |
| 2 | 6 | 5 | 7 | 3 | 4 | 9 | 8 | 1 |
| 8 | 1 | 4 | 2 | 6 | 9 | 7 | 3 | 5 |

ଗତକାଲିର ଉତ୍ତର

# ପରମାଣୁ ଅସ୍ତ୍ର ଛାୟାରୁ ମୁକ୍ତି



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ବର୍ତ୍ତମାନର ବିଶ୍ୱରେ ଲାଗିରହିଛି ତିନୋଟି ମହାସମର। ତନ୍ମଧ୍ୟରୁ ରୁଷିଆ-ୟୁକ୍ରେନ୍ ଏବଂ ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧ ବର୍ଷ ବର୍ଷ ଧରି ଚାଲିଥିଲା ବେଳେ ନିକଟରେ ଆରମ୍ଭ ହୋଇଛି ଅତୀବ ଭୟଙ୍କର ଆମେରିକା ଓ ଇସ୍ରାଏଲ୍ ବନାମ ଇରାନ୍ ଯୁଦ୍ଧ। ଏଥିରେ ଆମେରିକା ସହ ସୁସମ୍ପର୍କ ଥିବା ସମସ୍ତ ଉପସାଗରୀୟ ଦେଶ ବହୁମାତ୍ରାରେ କ୍ଷତିଗ୍ରସ୍ତ। ଏଣୁ ଆଶଙ୍କା କରାଯାଏ ଯେ, ରୁଷିଆ ଏବଂ ଚାଇନା ଯଦି ପ୍ରତ୍ୟକ୍ଷ ଭାବେ ଇରାନ୍ ସହଯୋଗରେ ଆଗେଇ ଆସନ୍ତି, ତାହାହେଲେ ଏହା ବିଶ୍ୱଯୁଦ୍ଧ ରୂପ ନେଇପାରେ ଏବଂ ଏଥିରେ ପ୍ରଳୟଙ୍କରୀ ପରମାଣୁ ଅସ୍ତ୍ରର ବିନିଯୋଗକୁ ଏଡ଼ାଇ ଦେଇ ହେବନାହିଁ। ଏହି ସମୟରେ ଏଥିସହିତ ପରୋକ୍ଷ ଭାବେ ସମ୍ପୃକ୍ତ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଛି। ତାହାହେଲା ଆମେରିକା ଓ ରୁଷିଆ ମଧ୍ୟରେ ଥିବା ପରମାଣୁ ଅସ୍ତ୍ରଶସ୍ତ୍ରକୁ ସୀମିତ କରିବାର 'ନିଉ-ଷ୍ଟ୍ରାଟେଜିକ୍ ଆର୍ମସ୍ ରିଡକ୍‌ସନ୍ ଟ୍ରିଟି' ବା 'ନିଉ-ଷ୍ଟାର୍ଟ' ଚୁକ୍ତିର କାର୍ଯ୍ୟକାଳ ସମାପ୍ତ ହୋଇଯିବ ଏବଂ ଏହି ଦେଶ ଦ୍ୱୟ ତାହାକୁ ବଢ଼ାଇବା ଲାଗି ରାଜିନୁହନ୍ତି। ଫଳରେ ପୃଥିବୀରେ ଏ ଅସ୍ତ୍ରର ପ୍ରତିଯୋଗିତା ବୃଦ୍ଧିପ୍ରାପ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ବିଶ୍ୱ ରାଜନୀତିରେ ପରମାଣୁ ଅସ୍ତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଆସିଛି। ଉଦାହରଣ ସ୍ୱରୂପ ଏହାରି ଭୟରେ ଏ ଅସ୍ତ୍ରର ଅଧିକାରୀ ଦେଶଗୁଡ଼ିକ ପରସ୍ପର ମଧ୍ୟରେ ଯୁଦ୍ଧକୁ ଯଥାସମ୍ଭବ ଏଡ଼ାଇ ଚାଲିଛନ୍ତି। ଅନ୍ୟପକ୍ଷରେ, ଏହାର ଉତ୍ପାଦନ ଓ ବ୍ୟବହାର ଉପରେ ରୋକ ଲଗାଇବା ପାଇଁ ସ୍ୱାକ୍ଷରିତ ହୋଇଛି ଅନେକ ଚୁକ୍ତି, ଅବଶ୍ୟ ଏହା ସତ୍ତ୍ୱେ ବି ଏହାର ପ୍ରସାର ଘଟିଚାଲିଛି। ତେବେ ସୀମିତ ଭାବେ।

ପରମାଣୁ ଅସ୍ତ୍ରସବୁକୁ ନେଇ ସ୍ୱାକ୍ଷରିତ ଚୁକ୍ତିଗୁଡ଼ିକ ମଧ୍ୟରେ ରହିଛି ୧୯୭୦ ମସିହାରେ ୫ଟି ପରମାଣୁ ଶକ୍ତିସମ୍ପନ୍ନ ଦେଶଗୁଡ଼ିକ ସମେତ ୧୯୧ଟି ଦେଶ ଦ୍ୱାରା ସମ୍ପାଦିତ 'ନିଉକ୍ଲିୟର୍ ନନ୍-ପ୍ରୋଲିଫୋରେସନ୍ ଟ୍ରିଟି'। ଏହାପରେ ଆସିଛି ୧୯୯୬ ମସିହାରେ 'କଂପ୍ରେହେନ୍‌ସିଭ୍ ଟେଷ୍ଟବ୍ୟାନ୍ ଟ୍ରିଟି', ୧୯୯୧ରେ ରୁଷିଆ ଏବଂ ଆମେରିକା ମଧ୍ୟରେ 'ଷ୍ଟ୍ରାଟେଜିକ୍ ଆର୍ମସ୍ ରିଡକସନ୍‌ଟ୍ରିଟ' (ବା ଷ୍ଟାର୍ଟ) ଏବଂ ୨୦୧୦ରେ 'ନିଉ-ଷ୍ଟ୍ରାଟେଜିକ୍ ଆର୍ମସ୍ ରିଡକସନ୍ ଟ୍ରିଟି, ୨୦୨୧ରେ 'ଲିମିଟେଡ୍ ଟେଷ୍ଟ ବ୍ୟାନ୍ ଟ୍ରିଟି' ତଥା ଆହୁରି ଅନେକ। ତେବେ ବର୍ତ୍ତମାନ ସେସବୁ ନିସ୍ତେଜ ହେବାରେ ଲାଗିଛନ୍ତି। ଇତିମଧ୍ୟରେ ଭାରତ, ପାକିସ୍ତାନ, ଉତ୍ତର କୋରିଆ, ଇସ୍ରାଏଲ ଆଦି ଦେଶ ଏ ଅସ୍ତ୍ରର ଅଧିକାରୀ ହୋଇପାରିଛନ୍ତି। ପୁନଶ୍ଚ ଏ କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହୋଇଛି ବିଗତ ଫେବୃୟାରୀ ୫, ୨୦୨୬ ଦିନ ରୁଷିଆ ଓ ଆମେରିକା ମଧ୍ୟରେ ଥିବା 'ନିଉ-ଷ୍ଟାର୍ଟ' ଚୁକ୍ତିର ଅବଧି ଶେଷ ହେବା, ପରମାଣୁ ଅସ୍ତ୍ର ନିର୍ମାଣ ଏବଂ ନିୟୋଜନକୁ ସୀମିତ ରଖିବା ପାଇଁ ଉଦ୍ଦିଷ୍ଟ ଏ ଚୁକ୍ତିର ପୁନଃ ନବୀକରଣ ଲାଗି ସେ ଉଭୟ ଦେଶ ଆଉ ରାଜି ହେଉନାହାନ୍ତି, ଅର୍ଥାତ୍ ସେମାନେ ବୋଧହୁଏ ଏବେ ଚାହୁଁଛନ୍ତି ନିଜ ନିଜର ପରମାଣୁ ଅସ୍ତ୍ର ସାମର୍ଥ୍ୟକୁ ପରିବର୍ଦ୍ଧିତ କରିବାକୁ।



ବର୍ତ୍ତମାନ ଏ ଅସ୍ତ୍ର ସର୍ବାଧିକ ସଂଖ୍ୟାରେ ରହିଛି ରୁଷିଆ ଏବଂ ଆମେରିକା ନିକଟରେ-ତାହା ଯଥାକ୍ରମେ ୫୮୮୯ ଏବଂ ୫୨୨୪। ତାଙ୍କ ପଛକୁ ଅଛନ୍ତି ଚାଇନା (୪୧୦), ଫ୍ରାନ୍ସ (୨୯୦), ବ୍ରିଟେନ୍ (୨୨୫), ପାକିସ୍ତାନ (୧୭୦), ଭାରତ (୧୬୦), ଇସ୍ରାଏଲ୍ (୧୯୦) ଏବଂ ଉତ୍ତରକୋରିଆ (୩୦)। ଅତଏବ ଉପରୋକ୍ତ ଚୁକ୍ତି ଅବଧି ସମାପ୍ତ ହେବା ଫଳରେ ପୃଥିବୀରେ ପୁନର୍ବାର ପରମାଣୁ ଅସ୍ତ୍ର ପ୍ରତିଯୋଗିତା ବୃଦ୍ଧିପ୍ରାପ୍ତ ହେବାର ଆଶଙ୍କା ଦେଖାଯାଇଛି। ଉଦାହରଣ ସ୍ୱରୂପ ଇତିମଧ୍ୟରେ ଆମେରିକା ଅଭିଯୋଗ ଆଣିଛି ଯେ, ୨୦୨୦ଠାରୁ ଚାଇନା ନୂଆ ନୂଆ ପରମାଣୁ ଅସ୍ତ୍ରମାନ ପରୀକ୍ଷା କରୁଛି। ଏଣୁ ଉଭୟ ରୁଷିଆ ଏବଂ ଚାଇନାଠାରୁ ଏ କ୍ଷେତ୍ରରେ ଅଗ୍ରଣୀ ହୋଇ ରହିବା ପାଇଁ ଖୁବ୍‌ଶୀଘ୍ର ଏ ଅସ୍ତ୍ରର ଉନ୍ନତତର ସଂସ୍କରଣମାନ ପରୀକ୍ଷା ଆରମ୍ଭ କରିବାକୁ 'ପେଣ୍ଟାଗନ୍'କୁ ନିର୍ଦ୍ଦେଶ ଦେଲେଣି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏହା ଫଳରେ ପୁନଶ୍ଚ ନୂତନ ପ୍ରତିଯୋଗିତାର ସୂତ୍ରପାତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ପୁନଶ୍ଚ ଏଥିରେ କୃତ୍ରିମ ମେଧାର ଉପଯୋଗ କଥା ମଧ୍ୟ କୁହାଗଲାଣି। ଏହା ପରିସ୍ଥିତିକୁ ଆହୁର ଜଟିଳ ଏବଂ ଭୟାବହ କରିଦେବ। ଅତଏବ ଏ କ୍ଷେତ୍ରରେ ପ୍ରତିଯୋଗିତା କେବଳ ରୁଷିଆ ଓ ଆମେରିକା କିମ୍ବା ଚାଇନା ମଧ୍ୟରେ ସୀମାବଦ୍ଧ ରହିବନାହିଁ। ଅନ୍ୟ ଦେଶଗୁଡ଼ିକ ମଧ୍ୟ ଏଥିପାଇଁ ମନ ବଳାଇପାରନ୍ତି।

'ନିଉ-ଷ୍ଟାର୍ଟ' ଚୁକ୍ତିକୁ ରୁଷିଆ ଓ ଆମେରିକା ୨୦୧୦ରେ ସ୍ୱୀକୃତି ପ୍ରଦାନ କରିଥିଲେ। ତତ୍ପରେ ୨୦୨୧ରେ ତାହାର ଅବଧି ୫ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା। ଏହାର ଆଭିମୁଖ୍ୟ ଥିଲା ଏ ଉଭୟ ଦେଶ ଏହି ସମୟରେ ପରମାଣୁ ଅସ୍ତ୍ର ତିଆରି ଏବଂ ତାହାର ନିୟୋଜନ ସୀମିତ ରଖିବେ। ଏଥି ଅନୁଯାୟୀ ସେମାନେ ପ୍ରତ୍ୟେକ ସର୍ବାଧିକ ୭୦୦ଟି ପରମାଣୁ ଅସ୍ତ୍ର ବହନକାରୀ ବ୍ୟବସ୍ଥା (ଉଡ଼ାଜାହାଜ ଓ ବିଭିନ୍ନ ପ୍ରକାର କ୍ଷେପଣାସ୍ତ୍ର)ରେ ୧୫୫୦ଟି ପର୍ଯ୍ୟନ୍ତ ପରମାଣବିକ ଅସ୍ତ୍ର ସଜ୍ଜିତ ରଖିପାରିବେ। ପୁନଶ୍ଚ ସେମାନେ ପ୍ରତି ଦୁଇବର୍ଷରେ ଥରେ ନିଜ ନିଜର ଅସ୍ତ୍ରସଂଖ୍ୟା ସମ୍ପର୍କରେ ସୂଚନା ପ୍ରଦାନ କରିବେ ଏବଂ ଚାହିଁଲେ ପରସ୍ପରର ଅସ୍ତ୍ରାଗାର ତଦାରଖ କରିପାରିବେ ବୋଲି ଏଥିରେ ବ୍ୟବସ୍ଥା ଥିଲା। ତେବେ ଏହି ଚୁକ୍ତିଟି ଅନେକ ବର୍ଷ ଧରି ଶିଥିଳ ଅବସ୍ଥାକୁ ଆସିଯାଇଥିଲା। କାରଣ ଦୀର୍ଘ ସମୟ ହେଲା କେହି କାହାରି ଅସ୍ତ୍ରାଗାର ତଦାରଖ କରିପାରିନଥିଲେ। ବିଶେଷକରି ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ଏହା ସମ୍ପୂର୍ଣ୍ଣ ବନ୍ଦ ଥିଲା।

ଅବଶ୍ୟ ନିଉ-ଷ୍ଟାର୍ଟ ଚୁକ୍ତି ବିଶ୍ୱକୁ ପରମାଣୁ ଅସ୍ତ୍ର ବିପଦରୁ ମୁକ୍ତ କରିବାକୁ ଅଭିପ୍ରେତ ନ ଥିଲା। ତେବେ ଏହା ଏହି ପ୍ରତିଯୋଗିତାକୁ ଅଧିକ ହେବାକୁ ଦେଇନଥିଲା। ଏବେ ଏହାର ଅବଧି ଶେଷ ହୋଇଛି। ଏଣୁ ସମୟ ଆସିଛି ଚୁକ୍ତିଟିକୁ ନୂତନ ରୂପ ଦେଇ ଅଧିକ ବ୍ୟାପକ ଏବଂ କ୍ରିୟାଶୀଳ କରିବା ଲାଗି ସମ୍ପାଦନ କରିବା। ଅତଏବ ବିଶ୍ୱର ସବୁ ଦେଶ ଏଥିରେ ସାମିଲ ହୋଇପାରିବେ। ଏପରିକି ଏହାକୁ ସମ୍ପୂର୍ଣ୍ଣ ଅସ୍ତ୍ର ବିରତି ଦିଗରେ ମଧ୍ୟ ସମ୍ପ୍ରସାରିତ କରାଯାଇପାରିବ।

୧୯୭୦ ମସିହାରେ କାର୍ଯ୍ୟକାରୀ ହୋଇଥିବା 'ନିଉକ୍ଲିୟର ନନ୍-ପ୍ରୋଲିଫୋରେସନ ଟ୍ରିଟି' ଥିଲା ଏଭଳି ଏକ ବଳିଷ୍ଠ ପଦକ୍ଷେପ। ଏହାକୁ ୧୯୯୫ ମସିହାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବୃଦ୍ଧି କରାଯାଇଛି। ଆଗାମୀ ଏପ୍ରିଲ-ମେ ମାସରେ ଏହାର ପୁନଃ ସମୀକ୍ଷା ଲାଗି ନ୍ୟୁୟର୍କଠାରେ ଆନ୍ତର୍ଜାତିକ ସମ୍ମିଳନୀଟିଏ ବସିବାକୁ ଯାଉଛି। ଅତଏବ ପରମାଣୁ ଅସ୍ତ୍ରଶସ୍ତ୍ରକୁ ଧୀରେ ଧୀରେ ହ୍ରାସ କରି ଏକ ସମୟ ସୀମା ମଧ୍ୟରେ ବିଶ୍ୱକୁ ଏଥିରୁ ସମ୍ପୂର୍ଣ୍ଣ ମୁକ୍ତ କରିବା ଲାଗି ତହିଁରେ ବ୍ୟବସ୍ଥା ରଖିବାକୁ ଏହା ସୁଯୋଗ ସୃଷ୍ଟି କରିଛି। ପୁନଶ୍ଚ ଭାରତ, ଉତ୍ତର କୋରିଆ, ପାକିସ୍ତାନ, ଇସ୍ରାଏଲ ଭଳି ପରମାଣୁ ଅସ୍ତ୍ରଧାରୀ ହୋଇଥିଲେ ହେଁ ଏଥିରେ ସ୍ୱାକ୍ଷର କରି ନ ଥିବା ଦେଶ ଏବେ ତାହା କରିପାରିବେ ବୋଲି ଆଶା କରାଯାଏ। ଏହା ସମ୍ଭବ ହୋଇପାରିଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ପରମାଣୁ ଅସ୍ତ୍ରର ଭୟଙ୍କର ଛାୟାରେ ଥିବା ମଣିଷସମାଜ ହୁଏତ ସେଥିରୁ କିଛି ମାତ୍ରାରେ ମୁକ୍ତ ହୋଇପାରିବ।

**ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ:୯୯୩୭୩୦୧୪୬୦**

# ତିନି ଚିରଞ୍ଜୀବୀଙ୍କ ବିଚାର



ବ୍ରଜମୋହନ ମିଶ୍ର

ଶହୀଦ ଭଗତ ସିଂ, ସୁଖଦେବ ଓ ଶିବରାମ ରାଜଗୁରୁଙ୍କ ଅପରାଧଜନିତ ବିଚାରକୁ କଦାପି ବିଚାର କୁହାଯାଇ ପାରିବ ନାହିଁ। ତାହା ଅନ୍ୟାୟ, ଅବିବେକିତା ଓ ଅସଭ୍ୟତାର ଏକ ଉଦାହରଣ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ। ଭାରତର ସ୍ୱାଧୀନତା ଲାଭ ପାଇଁ ଯେଉଁ ସଶସ୍ତ୍ର ସଂଗ୍ରାମ ଏକ ପ୍ରମୁଖ ଭୂମିକା ନିଭାଇଥିଲା, ତା'ର ବନ୍ଦିମାନ ସତ୍ତା ହେଉଛନ୍ତି ଉଲ୍ଲିଖିତ ଅମରତ୍ରୟୀ, ଯେଉଁମାନଙ୍କୁ ୧୯୩୧ ମାର୍ଚ୍ଚ ୨୩ ତାରିଖ ରାତି ୭ ଘଣ୍ଟିକା ୩୦ ମିନିଟରେ ଲାହୋରର କେନ୍ଦ୍ରୀୟ କାରାଗାରରେ ଫାଶୀ ଦିଆଯାଇଥିଲା। ତାହାପୁଣି ଦୀର୍ଘଦିନ ବିଚାରର ପ୍ରଦର୍ଶନ ପରେ। ଏ ଅମାନୁଷିକ ଦୁର୍ଘଟଣାର ପ୍ରଭାବ ସମ୍ପର୍କରେ ତତ୍କାଳୀନ ବିଶିଷ୍ଟ ସମ୍ବାଦପତ୍ର ଦି ଟ୍ରିବ୍ୟୁନ କଡ଼ାମନ୍ତବ୍ୟ ପ୍ରକାଶ କରିଥିଲେ। ଦୁଇଟି କେସ୍ ପାଇଁ ଏହି ମୃତ୍ୟୁଞ୍ଜୟୀ ମହାବୀରଙ୍କ ବିଚାରର ପ୍ରହସନ ଚାଲିଥିଲା। ପ୍ରଥମଟି ହେଉଛି, ୧୯୨୮ ମସିହାରେ ସାଇମନ କମିଶନଙ୍କ ବିରୋଧରେ ଲାହୋରରେ ପ୍ରଦର୍ଶିତ ବିକ୍ଷୋଭରେ ନେତୃତ୍ୱ ନେଉଥିବା ପଞ୍ଜାବ କେଶରୀ ଲାଲା ଲଜ୍‌ପତରାୟଙ୍କ ଉପରେ ସେଇବର୍ଷ ୩୦ ଅକ୍ଟୋବରରେ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଜେମ୍ସ ଏ. ସ୍କଟଙ୍କ ଅମାନୁଷିକ ଆକ୍ରମଣ; ଯାହାଫଳରେ ଲାଲାଜୀ ଶହୀଦ ହେଲେ ୧୭ ନଭେମ୍ବର ୧୯୨୮ରେ। ଏପରି ଜଣେ ନରାଧମକୁ ଧରାପୃଷ୍ଠରୁ ବିଦାୟ ଦେବାକୁ ଉକ୍ତ ତିନି ବିପ୍ଳବୀ ତଥା ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍ ସୁଚିନ୍ତିତ ଯୋଜନା କରନ୍ତି, କିନ୍ତୁ ତାଙ୍କୁ ଚିହ୍ନିବାରେ ଭୁଲ୍ କରି ରାଜଗୁରୁ ଓ ଭଗତ ସିଂ ସହକାରୀ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଜନ୍ ପି. ସଣ୍ଡର୍ସଙ୍କୁ ହତ୍ୟା କରନ୍ତି ୧୯୨୮ ମସିହା ୧୭ ଡିସେମ୍ବର ପ୍ରାୟ ଅପରାହ୍ନ ୪.୧୫ରେ ଏବଂ ଧରା ନ ପଡ଼ି ପଳାୟନ କରନ୍ତି।

ଦ୍ୱିତୀୟ କେସ୍ ହେଉଛି ୧୯୨୯ ଏପ୍ରିଲ ୮ରେ କେନ୍ଦ୍ରୀୟ ଆସେମ୍ବ୍ଲିରେ ସେମାନଙ୍କ ଦ୍ୱାରା ବୋମା ପିଙ୍ଗା। ସ୍ୱେଚ୍ଛାଚାରୀ ଇଂରେଜ ସରକାର ଦୁଇଟି ଭାରତ ବିରୋଧୀ ବିଲ୍ ଗୃହୀତ କରାଇଲେ (କ) ଟ୍ରେଡ୍ ଡିସ୍‌ପ୍ୟୁଟସ୍ ବିଲ୍, (ଖ) ପବ୍ଲିକ ସେଫ୍‌ଟିବିଲ୍। ଏହି ବୋମା ବିସ୍ଫୋରଣ ମାଧ୍ୟମରେ ସେମାନେ ଏହି ଦୁଇ ବିଲ୍‌ର ପ୍ରତିବାଦ କରିବା ସହ ଲାଲା ଲଜ୍‌ପତ ରାୟଙ୍କ ନିର୍ମମ ହତ୍ୟାର ପ୍ରତିବାଦ ଦର୍ଶାଇବାକୁ ଚାହୁଁଥିଲେ। ଏ ବୋମା ଏପରି ସ୍ଥାନରେ ନିକ୍ଷେପ କରାଯାଇଥିଲା ଯେ, ସେଥିରୁ ସ୍ପଷ୍ଟ ଜଣାଯାଉଥିଲା ଏହାର ଉଦ୍ଦେଶ୍ୟ ନଥିଲା କାହାକୁ ହତ୍ୟା କରିବା, ବରଂ ଏହାର ଉଦ୍ଦେଶ୍ୟଥିଲା ଇଂରେଜ ସରକାରଙ୍କୁ ଚେତାବନୀ ଦେବା। ଏହି କାଣ୍ଡ ପରେ ଭଗତ ସିଂ ଓ ସାଥୀ ବଟୁକେଶ୍ୱର ଦତ୍ତ ସ୍ୱତଃ ପୋଲିସ ହାତରେ ସେହି ସ୍ଥାନରେ ଧରାଦେଇଥିଲେ। ଫଳରେ ସେମାନେ ଗିରଫ ହେଲେ ଏବଂ ସେମାନଙ୍କୁ ଏଥିରେ ସହାୟତା କରିଥିବା ସେମାନଙ୍କ ଅନ୍ୟ ସାଥୀମାନଙ୍କ ବିଚାର ହେଲା। ଏହି ବୋମା ବିସ୍ଫୋରଣ ମାମଲାରେ ସେମାନଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟାକାଣ୍ଡ ଭିଆଇବାକୁ ଚେଷ୍ଟା କରିଥିବା ଅଭିଯୋଗ ଆଣିଥିଲେ ବୋମା ବିସ୍ଫୋରଣ କେସ୍‌ର ବିଚାର କରିଥିବା ସେସନ୍ସ କୋର୍ଟରେ ନ୍ୟାୟମୂର୍ତ୍ତି ଲିଓନାର୍ଡ ମିଲେଟ୍, ଯଦିଓ ଘଟଣା ସ୍ଥଳରେ ସେମାନଙ୍କୁ ଗିରଫ କରିଥିବା ପୋଲିସ ଅଫିସର ସର୍ଜେଣ୍ଟ ଏଚ୍. ଡି. ଟେରୀ ସ୍ପଷ୍ଟ ପ୍ରକାଶ କରିଥିଲେ ଯେ, ଭଗତଙ୍କୁ ଗିରଫ କଲାବେଳେ ତାଙ୍କ ହାତରେ ଥିବା ବନ୍ଧୁକକୁ ସେ ତଳମୁହାଁ କରି ଧରିଥିଲେ ଏବଂ ସାମାନ୍ୟ ଚେଷ୍ଟା କରି ନ ଥିଲେ ଖସି ଯିବା ପାଇଁ ଅର୍ଥାତ୍ ଜାଣିଶୁଣି ଆସାମୀ ଦ୍ୱୟ ପୋଲିସ୍ ନିକଟରେ ଧରାଦେଇଥିଲେ। ଏହି ମୋକଦ୍ଦମାର ବିଚାର କରାଯାଇ ସେମାନଙ୍କୁ ଚଉଦବର୍ଷ ଆଜୀବନ କାରାଦଣ୍ଡ ଆଦେଶ ହୋଇଥିଲା। ଏହା ବିରୋଧରେ ସେମାନଙ୍କ ଆବେଦନ (ଅପିଲ) ଅଗ୍ରାହ୍ୟ କରାଯାଇଥିଲା। ଏହା ସଭ୍ୟ ଇଂରେଜ ବିଚାରଧାରାର ଆଉ ଏକ ଅସଭ୍ୟ, ଘୃଣ୍ୟ ଅବିଚାର। ୧୫ ଏପ୍ରିଲ ୧୯୨୯ରେ ଲାହୋର ବାମା ତିଆରି କାରଖାନାକୁ ଆବିଷ୍କାର କରିଥିଲେ ଇଂରେଜ ପୋଲିସ। ଫଳରେ ଭଗତ ସିଂଙ୍କ ବିପ୍ଳବୀ ସଂଘ ହିନ୍ଦୁସ୍ତାନ ସୋସାଲିଷ୍ଟ ରିପବ୍ଲିକାନ୍ ଆର୍ମିର ଅନେକ ସଦସ୍ୟ ଗିରଫ ହେଲେ; ଯେଉଁମାନଙ୍କ ମଧ୍ୟରୁ ସାତଜଣ ରାଜସାକ୍ଷୀ ପାଲଟିଗଲେ। ଫଳରେ ସଣ୍ଡର୍ସ ହତ୍ୟାକାଣ୍ଡରେ ଭଗତ ସିଂ, ରାଜଗୁରୁ ଓ ସୁଖଦେବ ସଂପୃକ୍ତ ବୋଲି ଜଣାପଡ଼ିଲା। ସେମାନଙ୍କ ମୋକଦ୍ଦମାର ବିଚାର ଆରମ୍ଭ ହେଲା। ଭଗତ ସିଂଙ୍କୁ ଦିଲ୍ଲୀ ଜେଲ୍‌ରୁ ମିଆଁୱାଲି ଜେଲକୁ ସ୍ଥାନାନ୍ତର କରାଗଲା।



ବିଚାର ତ୍ୱରାନ୍ୱିତ କରିବା ବାହାନାରେ ଭାଇସ୍‌ରାୟ ଲର୍ଡ ଅରୱିନ ଏକ ଅଧ୍ୟାଦେଶ ବଳରେ ୧ ମେ ୧୯୩୦ରେ ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଗଠନ କଲେ। ପ୍ରକୃତରେ ଏହାର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଥିଲା କୌଣସି ପ୍ରକାରେ ଅଭିଯୁକ୍ତମାନଙ୍କୁ ଯଥାଶୀଘ୍ର ପ୍ରାଣଦଣ୍ଡରେ ଦଣ୍ଡିତ କରିବା। ଏହି ଟ୍ରିବ୍ୟୁନାଲର ଥିଲା ଅଖଣ୍ଡକ୍ଷମତା। ଏ ଅଧ୍ୟାଦେଶ କେତେ ଅନୈତିକ ଓ ପ୍ରାଣଘାତକ ତାହା ଜଣାଯାଏ ତା'ର କ୍ଷମତାରୁ, ଯଥା: କୋର୍ଟରେ ଅଭିଯୁକ୍ତମାନଙ୍କ ବିନା ଉପସ୍ଥିତିରେ ମଧ୍ୟ ବିଚାର ଚାଲିପାରିବ। ପୁଣି ଏ ଟ୍ରିବ୍ୟୁନାଲ ରାୟ ବିରୋଧରେ ଅପିଲ କରାଯାଇ ପାରିବ କେବଳ ଲଣ୍ଡନରେ ଅବସ୍ଥିତ ପ୍ରିଭି କାଉନ୍‌ସିଲରେ। ଲାହୋରର ପୁଞ୍ଚ୍ ହାଉସ୍‌ରେ ଭଗତଙ୍କ ସମେତ ୧୮ ଜଣ ଅଭିଯୁକ୍ତଙ୍କ ବିରୋଧରେ ୫ ମେ ୧୯୩୦ରୁ ୧୧ ସେପ୍ଟେମ୍ବର ୧୯୩୦ ପର୍ଯ୍ୟନ୍ତ ବିଚାରର ପ୍ରହସନ ପରେ ୭ ଅକ୍ଟୋବରରେ ଟ୍ରିବ୍ୟୁନାଲ ୩୦୦ ପୃଷ୍ଠାର ରାୟ ଶୁଣାଇଲେ। ସେମାନଙ୍କ ଦୋଷ (ଭଗତ ସିଂ, ସୁଖଦେବ ଓ ରାଜଗୁରୁ) ଥିଲା ସଣ୍ଡର୍ସ ହତ୍ୟାକାଣ୍ଡରେ ସଂପୃକ୍ତି। ଅନ୍ୟ ୧୨ ଜଣ ଅଭିଯୁକ୍ତଙ୍କୁ ଖଲାସ କରି ଦିଆଯାଇଥିଲା, କିନ୍ତୁ ଉକ୍ତ ତିନିଜଣଙ୍କୁ ଫାଶୀ ଦଣ୍ଡାଦେଶ ଦିଆଯାଇଥିଲା। ପରେ ଲଣ୍ଡନର ପ୍ରିଭି କାଉନ୍‌ସିଲରେ ସେମାନଙ୍କ 'କ୍ଲେମେନ୍ସି' ଆବେଦନ ପତ୍ରକୁ ଚକ୍ରାନ୍ତକରି ଖାରଜ କରିଦିଆଗଲା। ଫଳରେ ୨୩ ମାର୍ଚ୍ଚ ୧୯୩୧ ରାତି ୭.୩୦ରେ ଏହି ତିନି ଚିରଞ୍ଜୀବୀଙ୍କୁ ଫାଶୀ ଦିଆଗଲା (ଯାହା ଘୋର ଅନ୍ୟାୟ, କାରଣ ସୂର୍ଯ୍ୟାସ୍ତ ପରେ ଫାଶୀଦେବା ଜେଲ ଆଇନ ବିରୁଦ୍ଧ)। ପୁଣି ରାତି ଅନ୍ଧାରରେ ଏହି ଶହୀଦମାନଙ୍କ ଶବକୁ ଟିକି ଟିକି କରି କାଟି ବସ୍ତାରେ ଭର୍ତ୍ତିକରି ଲାହୋର ଜେଲରୁ ଖୁବ୍‌ଗୁପ୍ତରେ ନିଆଯାଇ ପଞ୍ଜାବର ହୁସେନିୱାଲା ଠାରେ ଶତଲେଜ୍ ନଦୀ ନିକଟରେ ସତ୍କାର କରାଯାଉଥିଲା ବେଳେ ଜନସାଧାରଣ ଜାଣିଯିବା ଭୟରେ ଇଂରେଜ କର୍ମଚାରୀମାନେ ସେଠାରୁ ପଳାଇ ଯାଇଥିଲେ।

ଏ ସବୁ ଅମାନୁଷିକତାର ବିସ୍ତୃତ ବିବରଣୀ ଅଧ୍ୟୟନ କଲେ ଆମେ ନିଶ୍ଚୟ ଏକମତ ହେବା, ବିଶିଷ୍ଟ ଲେଖକ ଏ.ଜି. ନୁରାନୀଙ୍କ ସହ ଯେ କହିଛନ୍ତି, ଭଗତ ସିଂଙ୍କ ବିଚାର ଠିକ୍ ୧୭୭୫ ଓ ୧୮୫୮ରେ ହୋଇଥିବା ଯଥାକ୍ରମେ ମହାରାଜା ନନ୍ଦ କୁମାର ଓ ବାହାଦୁର ଶାହ ଜାଫରଙ୍କ ବିଚାରପରି। "...ଭଗତ ସିଂଙ୍କ ବିଚାରର ଛଳନାମୟ ଦିଗ ଗଭୀରଭାବେ ଅଧ୍ୟୟନ କରାଯାଇ ନାହିଁ"। ଆଜିର ଏ ଶହୀଦ ଦିବସରେ ସେହି ତିନି ଅମୃତ ସନ୍ତାନଙ୍କୁ ମୋର ଆଭୂମି ପ୍ରଣାମ।

**ଭଦ୍ରକ**
**ମୋ: ୮୦୧୮୦୮୭୮୩୧**

## ଏଇ ଭାରତରେ

ମହାରାଷ୍ଟ୍ର ପୁଣେର ଜୁନ୍ନାର ପାହାଡ଼ର ସବୁଜ ଆକର୍ଷଣ ଏବେ ପର୍ଯ୍ୟଟକଙ୍କୁ ବିମୋହିତ କରୁଛି। ଏହା ସମ୍ଭବ ହୋଇଛି ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରିବାର ଯୋଗୁ। ରମେଶ ଖାରମେଲ, ସ୍ତ୍ରୀ ସ୍ୱାତି ଓ ତାଙ୍କ ସନ୍ତାନ ମୟୂରେଶ ଓ ବୈଷ୍ଣବୀ ପାହାଡ଼ ଚାରିପାଖରେ ୭୦ଟି ଖାଇ ଖୋଳିବା ସହ ଗଛ ଲଗାଇଛନ୍ତି। ରମେଶ ସେନାରୁ ଅବସର ନେଇ ଘରକୁ ଫେରିବା ପରେ ଜୁନ୍ନାର ପାହାଡ଼କୁ ଦେଖି ତାହାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ଏହି କାର୍ଯ୍ୟ ଜାରି ରଖିଛନ୍ତି। ସେ ପରିବାର ସହିତ ସପ୍ତାହାନ୍ତରେ କୋଦାଳ, ଶାବଳ, କୋଡ଼ି ଓ ଝୁଡ଼ି ଧରି ଖାଇ ଖୋଳିବାକୁ ବାହାରି ଯାଆନ୍ତି। ଏବେ ସୁଦ୍ଧା ୭୦ଟି ଖାଇ ଖୋଳି ସାରିଲେଣି ଯେଉଁଥିରେ ୮ ଲକ୍ଷ ଲିଟର ବର୍ଷାଜଳ ଗଚ୍ଛିତ ରହିପାରୁଛି। ଖାଇ କଡ଼ରେ ସେ ୧୩ ପ୍ରକାରର ୪୫୦ ଗଛ ଲଗାଇ ସାରିଲେଣି ଓ ଆଗକୁ ଆଉ ୫୦୦ ଗଛ ଲଗାଇବା ପାଇଁ ଯୋଜନା କରିଛନ୍ତି। ମହାରାଷ୍ଟ୍ର ସରକାର ରମେଶଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଜୁନ୍ନାର ପାହାଡ଼କୁ ପର୍ଯ୍ୟଟନ ସ୍ଥଳୀ ଭାବେ ଘୋଷଣା କରିସାରିଛନ୍ତି। କେବଳ ଏତିକି ନୁହେଁ, ସେ ବିଭିନ୍ନ ଜିଲାର ୪୦୦ରୁ ଊର୍ଦ୍ଧ୍ୱ ସ୍କୁଲକୁ ଯାଇ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ସମ୍ପର୍କରେ ପିଲାମାନଙ୍କୁ ସଚେତନ କରିସାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୩ ମାର୍ଚ୍ଚ ୧୯୭୬**

- ପୂର୍ବତନ ପାର୍ଲାମେଣ୍ଟ ସଦସ୍ୟ ତଥା ମାର୍କ୍ସବାଦୀ ନେତା ଏ.କେ. ଗୋପାଳଙ୍କ ୭୩ ବର୍ଷ ବୟସରେ ପରଲୋକ।
- ତାମିଲନାଡୁ ରାଜ୍ୟପାଳ ମୋହନଲାଲ ମୁଖାର୍ଜୀ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।
- ସରକାର ସମ୍ବାଦପତ୍ରଗୁଡ଼ିକ ଉପରେ ରହିଥିବା ଯାଞ୍ଚ ବ୍ୟବସ୍ଥାକୁ ଉଠାଇ ଦେଇଛନ୍ତି।

## ଚିରନ୍ତନୀ

ନ ପାରେ ତୁମ ସାଥିରେ ଉଡି
ବେଦନା ତଳେ ଯାଇଛି ବୁଡ଼ି
ପବନ ତାକୁ ଠେଲିଲା ଆଜି
ସ୍ୱପନ ଏବେ ଦେଲା ଘଉଡ଼ି ।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭିତ୍ତିଭୂମିର ସ୍ୱଚ୍ଛତା ଆବଶ୍ୟକ

ମହାଶୟ,

ପାଞ୍ଚ ଟଙ୍କାର ବିସ୍କୁଟ୍ ପ୍ୟାକେଟରେ ଯଦି ସମସ୍ତ ଉପାଦାନ, ପୋଷକ ତତ୍ତ୍ୱ ଏବଂ ନିର୍ମାତାଙ୍କ ସମ୍ପୂର୍ଣ୍ଣ ବିବରଣୀ ରହିପାରୁଛି, ତେବେ କୋଟି କୋଟି ଟଙ୍କାର ସରକାରୀ ପ୍ରକଳ୍ପ କ୍ଷେତ୍ରରେ ଏଭଳି ସ୍ୱଚ୍ଛତା କାହିଁକି ନାହିଁ? ଆଜିର ସମୟରେ ଆମକୁ ପ୍ରତିଟି ସରକାରୀ କାର୍ଯ୍ୟ ପାଇଁ ଏକ "ପ୍ରକଳ୍ପ ଗୁଣବତ୍ତା ସୂଚକ" ବାଧ୍ୟତାମୂଳକ କରିବାକୁ ହେବ। ପ୍ରତ୍ୟେକ ନିର୍ମାଣସ୍ଥଳରେ ଏକ ସ୍ଥାୟୀ 'କ୍ୟୁଆର୍ କୋଡ' ଲଗାଯିବା ଉଚିତ, ଯାହାକୁ ସ୍କାନ୍ କଲେ ଜଣେ ସାଧାରଣ ନାଗରିକ ପ୍ରକଳ୍ପର ମୋଟ ବଜେଟ, ବ୍ୟବହୃତ ସାମଗ୍ରୀର ମାନ, କାର୍ଯ୍ୟର ଅବଧି ଏବଂ ଦାୟିତ୍ୱରେ ଥିବା ଠିକାଦାର ଓ ସରକାରୀ ଅଧିକାରୀଙ୍କ ନାମ ଜାଣିପାରିବେ। ପ୍ରକଳ୍ପ ସମ୍ପର୍କିତ ତଥ୍ୟ ଅଜ୍ଞାତ ରହିଲେ ଦୁର୍ନୀତି ବୃଦ୍ଧି ପାଏ। ଯେତେବେଳେ ନାମ ଏବଂ ବଜେଟ ସାଧାରଣ ରେକର୍ଡରେ ଡିଜିଟାଲ ଭାବରେ ମିଳେ ସେତେବେଳେ ଉତ୍ତରଦାୟିତ୍ୱ ବୃଦ୍ଧି ପାଇ ଏବଂ ସ୍ୱଚ୍ଛତାର ସହ କାର୍ଯ୍ୟ ସମ୍ପନ୍ନ ହୋଇପାରିବ। ଆମେ ଦେଉଥିବା ଟିକସର ଠିକ୍ ବିନିଯୋଗ ପାଇଁ ଏହି ଡିଜିଟାଲ ସ୍ୱଚ୍ଛତା ଅପରିହାର୍ଯ୍ୟ। ଆଶା କରୁ ସରକାର ଏଥିପ୍ରତି ଦୃଷ୍ଟି ଦେବେ।

**-ଅଭିଦତ୍ତ ବରାଳ**
**କୁସୁନପୁର, ଚାନ୍ଦୋଳ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରଥମ ସନ୍ଧ୍ୟାରେ ନାଟକ ଅସ୍ମିତା ମଞ୍ଚସ୍ଥ

### ବିଶ୍ୱ ନାଟ୍ୟଦିବସ ଅବସରରେ ଜାତୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ



ଜାତୀୟ ନାଟକ ମହୋତ୍ସବ ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି।

ରାଉରକେଲା,୨୨।୩
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଅଗ୍ରଣୀ ନାଟ୍ୟାନୁଷ୍ଠାନ ସମ୍ପର୍କ ଦ୍ୱାରା ଆୟୋଜିତ ବିଶ୍ୱ ନାଟ୍ୟଦିବସ ଅବସରରେ ଜାତୀୟ ନାଟକ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବର ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଦୀପିକା ମହିଳା ସଂହତିର ସଭାପତି ନମ୍ରତା ବର୍ମା ଏପରି ଅଭୂତପୂର୍ବ ଜାତୀୟ ନାଟକ ମହୋତ୍ସବ ଆୟୋଜନ କରି ସମ୍ପର୍କ ରାଉରକେଲାର ନାଟ୍ୟ ପରମ୍ପରାକୁ ଋଦ୍ଧିମନ୍ତ କରୁଛି ବୋଲି ମତ ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିବା ବରିଷ୍ଠ ନାଟ୍ୟକାର ତଥା ଶିକ୍ଷାବିତ ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ରାଉରକେଲା ପରି ଉପାନ୍ତ ସହରରେ ଏପରି ଜାତୀୟ ନାଟକ ମହୋତ୍ସବ ଆୟୋଜନ ନିଶ୍ଚିତ ପ୍ରଶଂସାଯୋଗ୍ୟ ବୋଲି ଅଭିମତ ରଖିଥିଲେ। ଅନୁଷ୍ଠାନର ସଭାପତି ସୁବ୍ରତା ପତିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ପରିଚାଳିତ ହୋଇଥିଲା। ରାଉରକେଲାର ବରିଷ୍ଠ ଅଭିନେତା ଆଲୋକ ବୋଷଙ୍କୁ ସମ୍ପର୍କ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଗଙ୍ଗାଧର ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ। ଝିଲିମା ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଆଶାଲତା ଦାସ, ରୁନୁ ବେକ୍, ସନ୍ଧ୍ୟାରାଣୀ ଦାସ, କଲ୍ୟାଣୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

ପରିଶେଷରେ ବ୍ୟକ୍ତିର ଅସ୍ମିତା ବା ସ୍ୱାଭିମାନ କିପରି ଜାତିର ସ୍ୱାଭିମାନକୁ ଋଦ୍ଧିମନ୍ତ କରେ ତାହା ନାଟକରେ ପ୍ରଦର୍ଶିତ ହୋଇଛି। ନାଟ୍ୟକାର ଭାସ୍କର ମହାପାତ୍ରଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ନାଟକ 'ଅସ୍ମିତା'ସମ୍ପର୍କର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ନାଟକରେ ଭରି ରହିଥିବା ମନଛୁଆଁ କାହାଣୀ, ସଙ୍ଗୀତ, ଉଦ୍‌ବେଗ, ରହସ୍ୟ ଦର୍ଶକଙ୍କ ମନକୁ ଦେଢଘଣ୍ଟା କାଳ ବାନ୍ଧି ରଖିଥିଲା। ଶକ୍ତି ପ୍ରସାଦ ମିଶ୍ରଙ୍କ ସୁମଧୁର ସଙ୍ଗୀତ, ରାକେଶ ଶତପଥୀଙ୍କ ଆଖିଝଲସା ଆଲୋକ ସମ୍ପାତ, ପ୍ରଳୟ ଶତପଥୀଙ୍କ ଆକର୍ଷଣୀୟ ମଞ୍ଚ ସଜ୍ଜା ସାଙ୍ଗକୁ ସୁରେନ୍ଦ୍ର ପାଢୀ, ବିଜୟ ପାତ୍ର, ସୁଦକ୍ଷାରାଣୀ ରାଉତ, ପୁଷ୍ପଲତା ବିଶୋଇ, ନିବେଦିତା ଦାସ, ଅନୁସ୍ମୃତି ନାୟକ, ବିବେକାନନ୍ଦ ଦାଶଙ୍କ ସହିତ ଭାସ୍କର ମହାପାତ୍ରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସୋମବାର ନାଟକ ମାୟା ପୁରୀ ଥିଏ ଲାଇଟ କୋଲକାତାର କଳାକାରମାନେ ମଞ୍ଚସ୍ଥ କରିବେ।

# ଅଧିକାର ମିତ୍ର ତୋଫାନଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର


ଜିଲାପାଳଙ୍କଠାରୁ ପ୍ରକୃତିବନ୍ଧୁ ପୁରସ୍କାର ଗ୍ରହଣ କରୁଛନ୍ତି ତୋଫାନ।

ନୂଆପଡ଼ା,୨୨।୩
(ମକାରୁ ବେମାଲ)

ବିଶ୍ୱ ବନ ଦିବସ ୨୦୨୬ରେ ପ୍ରକୃତିବନ୍ଧୁ ପୁରସ୍କାର ପାଇଛନ୍ତି ଆଇନ ଛାତ୍ର ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧିକାର ମିତ୍ର ତୋଫାନ ବାଗ। କୋମନା ବ୍ଲକ ଅନ୍ତର୍ଗତ ଝଗ୍ରାହୀ ଗାଁର ତୋଫାନ ଜିଲା ଆଇନସେବା ପ୍ରାଧିକରଣ ଅଧିକାର ମିତ୍ର ଭାବରେ ସେ ବିଭିନ୍ନ ଜନହିତକର କାର୍ଯ୍ୟ କରିଆସୁଛନ୍ତି। ବିଶେଷ କରି ପରିବେଶ ସୁରକ୍ଷା, ୨ ଶହରୁ ଊର୍ଦ୍ଧ୍ୱ ଚାରା ରୋପଣ ଓ ପ୍ଲାଷ୍ଟିକ ବର୍ଜନ ପାଇଁ ସେ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରିଛନ୍ତି । ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶ୍ୱ ବନ ଦିବସରେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଅଧିକାର ମିତ୍ର ବାଗଙ୍କୁ ମାନପତ୍ର ସହ ୧୦ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରିଛନ୍ତି। ଏହି ସମ୍ମାନ ଗ୍ରହଣ କରିବା ପରେ ବାଗ ନିଜ ପ୍ରତିକ୍ରିୟାରେ କହିଲେ ଏହି ପୁରସ୍କାର ମୋର ଦାୟିତ୍ୱକୁ ଆହୁରି ବଢାଇ ଦେଇଛି। ଆଇନସେବା ପ୍ରାଧିକରଣ ମାଧ୍ୟମରେ ପରିବେଶ ସୁରକ୍ଷା ଏବଂ ଜନସେବା କାର୍ଯ୍ୟକୁ ଅଧିକ ନିଷ୍ଠାର ସହ କରିବି ବୋଲି କହିଛନ୍ତି । ଏହି ଅବସରରେ ପ୍ରାଧିକରଣର କର୍ମକର୍ତ୍ତା ଓ ସ୍ଥାନୀୟ ବୁଦ୍ଧିଜୀବୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଜଙ୍ଗଲ ନାହିଁ ତ, କିଛି ନାହିଁ



ଜଙ୍ଗଲ ସୁରକ୍ଷା ସଚେତନତା ରାଲିରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ସୁନ୍ଦରଗଡ,୨୨।୩
(ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ ଜିଲା ସବଡେଗା ବ୍ଲକ ହମିରପୁର ଗ୍ରାମ ପଞ୍ଚାୟତର ଗୋପପୁର ବନସୁରକ୍ଷା ସମିତିରେ ଶନିବାର ବିଶ୍ୱ ଜଙ୍ଗଲ ଦିବସ ପାଳିତ ହୋଇଯାଇଛି। ଜଙ୍ଗଲ ଆମ ପରିବେଶ ପାଇଁ ଅତ୍ୟନ୍ତ ଜରୁରୀ। ତେଣୁ ଆମେ ଚାରା ରୋପଣ କରିବା ଉଚିତ। ଜଙ୍ଗଲ ବଞ୍ଚିଲେ ପରିବେଶ ବଞ୍ଚିବ ଏବଂ ଆମର ଭବିଷ୍ୟତ ସୁରକ୍ଷିତ ରହିବ ବୋଲି ଆୟୋଜିତ ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ସହଯୋଗୀ-ସେବକ (ସ୍ୱେଚ୍ଛାସେବୀ ଅନୁଷ୍ଠାନ)ର କ୍ଷେତ୍ର ପରିଚାଳନା ଏକକରେ କାର୍ଯ୍ୟରତ ଟିମ ଲିଡର ପ୍ରତାପ କୁମାର ଛୁରିଆ, ଉନ୍ନୟନ ଅଫିସର ମିତ୍ରଭାନୁ ମାହାର ଓ ଦେବାଶିଷ ସେଠିଙ୍କ ଦ୍ୱାରା ଗୋପପୁରରେ ବିଶ୍ୱ ଜଙ୍ଗଲ ଦିବସ ପାଳିତ ହୋଇଯାଇଛି। ଜଙ୍ଗଲ ଦିବସ ପାଳନ ଅବସରରେ ବନପାଳ ଅଞ୍ଜନା ଗରଡିଆ, ଗୋପପୁର ବନ ସୁରକ୍ଷା ସମିତିର ସଭାପତି ଟଙ୍କଧର ବଞ୍ଛୋର, କୋଷାଧକ୍ଷ ସୁରେନ୍ଦ୍ର ବିଶାଳ, ବନ ସହାୟକ ସୁନୀଲ ଟପ୍ପୋ ଓ ବନ ସୁରକ୍ଷା ସମିତିବାସୀ ତଥା ତିଲଜୋରା ଓ ରସରାଜପୁର ବନ ସୁରକ୍ଷା ସମିତିର ସଭ୍ୟ ଯୋଗଦାନ କରି ଏହି ଉତ୍ସବକୁ ପାଳନ କରିଥିଲେ। ପ୍ରଥମେ ସଭାରେ ଉପସ୍ଥିତ ଥିବା ଲୋକଙ୍କୁ ପୃଥିବୀ ତଥା ପୃଥିବୀରେ ବସବାସ କରୁଥିବା ମନୁଷ୍ୟ ସମାଜ ଏବଂ ପ୍ରତ୍ୟେକ ଜୀବଜନ୍ତୁଙ୍କ ପ୍ରତି ଜଙ୍ଗଲର ଅବଦାନ ବିଷୟରେ ବିସ୍ତୃତ ଭାବେ ବୁଝାଯାଇଥିଲା। ତେଣୁ ଜଙ୍ଗଲକୁ ସୁରକ୍ଷା ଦେବା ଓ ଜଙ୍ଗଲ ସମ୍ପ୍ରସାରଣରେ ମୁଖ୍ୟ ଭୂମିକା ଗ୍ରହଣ କରିବାପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ସଭାପରେ ଗ୍ରାମରେ ରାଲି ଦ୍ୱାରା ସ୍ଲୋଗାନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା।

# କୀଟନାଶକ ପିଇ ଯୁବକ ମୃତ

**ବାଲିଶଙ୍କରା,୨୨।୩(ହୃଦାନନ୍ଦ ବାରିକ):** ତଳସରା ଥାନା ଅନ୍ତର୍ଗତ ଖମପୁର ଗ୍ରାମରେ ଗତ ୧୯ ତାରିଖ ସନ୍ଧ୍ୟାରେ କୌଣସି କଥାକୁ କେନ୍ଦ୍ରକରି ବାବୁଲ ବାଘ (୩୦) କୀଟନାଶକ ପିଇ ଦେଇଥିଲେ। ମୁହଁରୁ ଫେଣ ବାହାରୁଥିବା ଦେଖି ପରିବାର ଲୋକେ ତାଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାବୁଲଙ୍କ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ତଳସରା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

BATHWAL CORPORATION

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ପେଙ୍ଗୁଇନ ଟ୍ରେଡିଂ ଏଣ୍ଡ ଏଜେନ୍ସି ଲିମିଟେଡ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, କୋଇଡା ତହସିଲ ଅନ୍ତର୍ଗତ ରାଇକେଲା ଓ ତନ୍ତରା ଗ୍ରାମରେ ୪୯.୩୭୨ ହେକ୍ଟର ପରିମିତ ଖଣି ଲିଜ ଅଞ୍ଚଳରେ ଅବସ୍ଥିତ ରାଇକେଲା ଓ ତନ୍ତରା ଲୌହ ଖଣିର ବାର୍ଷିକ ୨.୫୯୨ ନିୟୁତ ଟନରୁ ବାର୍ଷିକ ୪.୯୫ ନିୟୁତ ଟନର ସମ୍ପ୍ରସାରଣ ଭାରତ ସରକାରଙ୍କର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶ ମଞ୍ଜୁରୀ ସଂଖ୍ୟା SEIAA File No.549993/41-MINB1/09-2025 ତା.୧୭.୦୩.୨୦୨୬ ରିଖ ଦିନ ପ୍ରାପ୍ତ ହୋଇଛି।

ରମଣ ରଶ୍ମି ନାୟକ, ଅଭିକର୍ତ୍ତା

**କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, କୋଣାର୍କ, ପୁରୀ**

ପତ୍ରାଙ୍କ ସଂଖ୍ୟା-୧୦୦୮/ତାରିଖ ୨୦.୦୩.୨୦୨୬

**ନିଲାମ ଇସ୍ତାହାର**

No.13001/714/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ପରିଷଦଙ୍କ ତରଫରୁ ଚଳିତ ଆର୍ଥିକ ବର୍ଷ ୨୦୨୬-୨୦୨୭ ପାଇଁ ପରିଷଦର ବିଭିନ୍ନ ସମ୍ପତ୍ତି ନିଲାମ ଓ ଫି ଆଦାୟ କରିବାପାଇଁ ଜଉମୁଦ ନିଲାମ କରାଯିବ । ସେଗୁଡ଼ିକ ହେଲା:- (୧) କ୍ରମିକ ସଂ. ୧ ରୁ ୧୮- ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ଠାରୁ ୨୦୨୮-୨୯ ପର୍ଯ୍ୟନ୍ତ (ତିନି ବର୍ଷ ପାଇଁ), (୨) କ୍ରମିକ ସଂ. ୧୯ ରୁ ୨୪- ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ (ଏକ ବର୍ଷ ପାଇଁ) ।

ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ନିର୍ଦ୍ଧାରିତ ଫର୍ମ ତା.୨୦.୦୩.୨୦୨୬ରିଖ ଠାରୁ ତା.୨୬.୦୩.୨୦୨୬ରିଖ ଅପରାହ୍ନ ଘ.୧୨.୩୦ମି. ମଧ୍ୟରେ କାର୍ଯ୍ୟାଳୟରେ ଦେୟଯୁକ୍ତ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ଉପରୋକ୍ତ ସମୟ ମଧ୍ୟରେ ଟେଣ୍ଡର ଫର୍ମ କ୍ରୟ କରି ତା.୨୬.୦୩.୨୦୨୬ରିଖ ପୂର୍ବାହ୍ନ ଘ.୧୧.୩୦ ମି. ସମୟ ମଧ୍ୟରେ ପରିଷଦ କାର୍ଯ୍ୟାଳୟରେ ଥିବା ସୂଚିତ ନିଲାମ ବାକ୍ସରେ ଜଉମୁଦ ଯୁକ୍ତ ଟେଣ୍ଡର ଫର୍ମ ଓ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜ ଯଥା ଫଟୋ ପରିଚୟପତ୍ର ଏବଂ ଆଧାର କାର୍ଡର ଅବିକଳ ନକଲ ଦାଖଲ ଦେଇ ଟେଣ୍ଡରରେ ଭାଗ ନେଇପାରିବେ । ଉକ୍ତ ନିଲାମ ତା.୨୬.୦୩.୨୦୨୬ରିଖ ଅପରାହ୍ନ ଘ.୧୨.୩୦ ମି.ରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ସର୍ବସମ୍ମୁଖରେ ଖୋଲାଯିବ । ନିଲାମ ସଂପର୍କୀୟ ସମସ୍ତ ସର୍ତ୍ତାବଳୀ ଟେଣ୍ଡର ଫର୍ମରେ ସୂଚିତ କରାଯାଇଅଛି । ଟେଣ୍ଡର ଫର୍ମ କାର୍ଯ୍ୟାଳୟରେ କେବଳ ସରକାରୀ କାର୍ଯ୍ୟଦିବସରେ ଦେୟଯୁକ୍ତ ପ୍ରାପ୍ତ ସମ୍ଭବ ।

OIPR-13001/13174/1/25-26/0003

ସ୍ୱା./-ନିର୍ବାହୀ ଅଧିକାରୀ
କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ

**GOVERNMENT OF ODISHA**
**e-Procurement Notice, ANGUL (R&B) DIVISION**
**Bid Identification No. 77 of 2025-26**
e-mail ID - angulrbdivision@yahoo.co.in

No.34001/241/2526

| | | |
|---|---|---|
| 1 | Number of Works | 03 (Three) number of road works 07 (Seven) number of building works |
| 2 | Approximate estimated cost | Varies from 5.47 lakh to 84.00 lakh |
| 3 | Period of completion | Varies from 02 (Two) to 06 (Six) Calendar months |
| 4 | Date & Time of availability of bid document in the portal | From Dt.25.03.2026 |
| 5 | Last date / Time for receipt of bid in the portal | Dt.08.04.2026 up to 5.00 P.M. |
| 6 | Date of opening Bid | Dt.09.04.2026 at 11.00 A.M. |
| 7 | Name and address of the Office Inviting Bid | Superintending Engineer, Angul (R&B) Division, Angul |

8 The bidders must participate in **ONLINE** bidding only. Further details can be seen from the e-procurement portal https:/ tendersodisha.gov.in

OIPR-34001/34074/1/25-26/0008

Sd./- Superintending Engineer,
Angul (R&B) Division

**ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ମଣ୍ଡଳ, କୋରାପୁଟ**
ଡି.ଏନ୍.କେ. ରୋଡ୍, ଦମକଳ ଷ୍ଟେସନ ପାର୍ଶ୍ୱ, କୋରାପୁଟ, ପିନ୍-୭୬୪୦୨୦

**OFFICE OF THE ADDITIONAL ENGINEER**
**RURAL WATER SUPPLY & SANITATION CIRCLE, KORAPUT**
At- D.N.K Road, Beside Fire Station, Koraput, Pin-764020, Email - acerwsskpt@gmail.com
**Tender Identification No. 02 /ACE/RWSS/KPT/2025-26/ 19.03.2026**

**No.25001/351/2526** : The Additional Chief Engineer, RWS&S Circle, Koraput on behalf of the Governor of Odisha invites Percentage Rate Bids in Double cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work. | 1. Rural piped water supply to village Deobharandi PH-I of G.P. Naktisemoda under Raighar Block in the district of Nabarangpur. 2. Rural piped water supply to village Chhatabeda PH -I of G.P. Parua under Raighar Block in the district of Nabarangpur. |
| 2 | Time period for completion | Eleven (11) Months. |
| 3 | Estimated Cost. | Varies from Rs. 168.06 Lakhs to Rs. 396.54 Lakh respectively |
| 4 | Total Nos of works | 2 nos. |
| 5 | Tender cost | Rs.10,000.00/- Each. |
| 6 | Class of Contractor | "B" & "A" |
| 7 | Availability of Bid document in the website | Dt. 26.03.2026 at 17.00 hours to 06.04.2026 up to 17.00 hours. |
| 8 | Last Date of Seeking clarification | During the Office hours of 02.04.2026 |
| 9 | Date of Opening of Bid | Dt. 07.04.2026 at 11.00 AM |

***Note: The amount put to tender is exclusive of GST. The intending bidders should offer their rates which shall be exclusive of GST applicable as per norms. GST applicable on works contract shall be paid over the bill amount at the time of payment of bill.***

Further details can be seen in the bidding documents which is available in the e-procurement portal https/www.tendersorissa.gov.in Subsequent corrigendum if required shall be appeared in the website Authority reserves the right to reject any or all tenders without assigning any reason thereof.

OIPR-25001/25115/1/25-26/0002

Sd./- Addl. Chief Engineer,
RWS&S Circle, Koraput

## ଚୋରା ଶାଳ କାଠ ଜବତ ଘଟଣା

# ମାମଲା ରୁଜୁ: ଅଭିଯୁକ୍ତ ଫେରାର

ବଡ଼ଗାଁ,୨୨।୩(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସାହାଜବାହାଲ ଗ୍ରାମରେ ଲକ୍ଷାଧିକ ଟଙ୍କାର ଶାଳ କାଠ ଜବତ କରିବା ଘଟଣାରେ ବଡ଼ଗାଁ ବନାଞ୍ଚଳ ଓଆର କେସ ନମ୍ବର ୧୫୯/୨୬ରେ ଦେଓ ନାରାୟଣ ସାହୁଙ୍କ ନାମରେ ମାମଲା ରୁଜୁ କରିଛି। ହେଲେ ସେ ଫେରାର ଅଛନ୍ତି। ଏହି ଘଟଣାରେ ବ୍ୟବହୃତ ୨ଟି ଟ୍ରାକ୍ଟର ଜବତ କରାଯାଇଛି।

ଏ ସମ୍ପର୍କରେ ଫରେଷ୍ଟର ରିଙ୍କି ନାଏକଙ୍କୁ ପଚାରିବାରୁ, ବଡ଼ଗାଁ ବନାଞ୍ଚଳ ଓଆର କେସ ନମ୍ବର ୧୫୯/୨୬ ରେ ଦେଓ ନାରାୟଣ ସାହୁଙ୍କ ନାମରେ ମାମଲା ରୁଜୁ ହୋଇଥିବା ଓ ସେ ଫେରାର ଥିବା କହିଛନ୍ତି। ଟ୍ରାକ୍ଟର ଡାଲାର ନମ୍ବର ସ୍କ୍ରଟିର ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ଆରଟିଓଙ୍କୁ ଚିଠି କରାଯାଇଥିବା ଫରେଷ୍ଟର ନାଏକଙ୍କ ଠାରୁ ସୂଚନା ମିଳିଛି।

ଦେଓ ନାରାୟଣଙ୍କ ଘରେ ପ୍ରଚୁର ପରିମାଣର ଚୋରା ଶାଳ କାଠ ଥିବା ସମ୍ପର୍କରେ କେତେଜଣ ଗ୍ରାମବାସୀ ଡିଏଫଓଙ୍କୁ ଜଣାଇଥିଲେ। ଅଭିଯୋଗ ହେବା ପରେ ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ରାଜ କୁମାର ସେଠୀଙ୍କ ନେତୃତ୍ୱରେ ବଡ଼ଗାଁ ଡେପୁଟି ରେଞ୍ଜର ଅମୂଲ୍ୟ ସେନାପତି, ଫରେଷ୍ଟର ହେମବତି ସିଂ, ନୀତିନ କଛରୀଆ, ରିଙ୍କି ନାଏକ, ଏପିଆର ପୋଲିସ ଫୋର୍ସ ଉପସ୍ଥିତିରେ ଦେଓ ନାରାୟଣଙ୍କ ଘରେ ଓ ସେ ରଖିଥିବା ଆଖପାଖ ଗ୍ରାମର କେତୋଟି ସ୍ଥାନ ରେ ଗୁରୁବାର ଓ ଶୁକ୍ରବାର ଚଢ଼ାଉ କରିଥିଲେ। ଅଭିଯୁକ୍ତ ଦେଓ ନାରାୟଣ ଙ୍କ ଘରେ, ବାଡ଼ି ପଟେ ଏବଂ କେତେକ ସ୍ଥାନ ରେ ରଖାଯାଇଥିବା ଲକ୍ଷାଧିକ ଟଙ୍କାର ଶାଳ କାଠ ଜବତ କରି ମାମଲା ରୁଜୁ କରାଯାଇଛି। ୯୪ ସିଏଫଟିରୁ ଅଧିକ ଶାଳ ଓ ମୂଲ୍ୟବାନ କାଠ ଜବତ କରାଯାଇଛି।

# ପୂର୍ଣ୍ଣଚନ୍ଦ୍ର ସ୍ମୃତି ନ୍ୟାସର ବାଞ୍ଛାନିଧି ରଥଙ୍କ ପରଲୋକ

### ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ମରଶରୀର ଦାନ


ସ୍ୱର୍ଗତ ବାଞ୍ଛାନିଧି ରଥ

ବଲାଙ୍ଗୀର,୨୨।୩
(ବୀରେନ୍ଦ୍ର କୁମାର ଝାଙ୍କର)

ପୂର୍ଣ୍ଣଚନ୍ଦ୍ର ସ୍ମୃତି ନ୍ୟାସର ପ୍ରତିଷ୍ଠାତା ବାଞ୍ଛାନିଧି ରଥଙ୍କ ଶନିବାର ରାତିରେ ବଲାଙ୍ଗୀର କୋଶଳନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ୧୯୩୨ ମସିହାରେ ତତ୍କାଳୀନ ପାଟଣା ଷ୍ଟେଟରେ ଜନ୍ମିତ ରଥ ବଲାଙ୍ଗୀର ରାଜେନ୍ଦ୍ର କଲେଜରୁ ବିଏ ପାସ କରିବା ପରେ କଟକ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଡିଗ୍ରୀ ଲାଭ କରି କିଛି ସମୟ ଓକିଲାତି କରିଥିଲେ । ପରେ ସେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗରେ ଚାକିରି କରିଥିଲେ । ସେ ନାଲ୍‌କୋର ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ଅବସର ନେଇଥିଲେ । ରଥ ତତ୍କାଳୀନ ପାଟଣା ରାଜ୍ୟ ତଥା ବଲାଙ୍ଗୀର ଜିଲା ତରଫରୁ ଉଭୟ ଫୁଟବଲ ଏବଂ ହକି ଖେଳି ସୁନାମ ଅର୍ଜନ କରିଥିଲେ । ସେ ଜୀବନର ଶେଷ ପର୍ଯ୍ୟନ୍ତ ସମାଜ ସେବାରେ ନିଜକୁ ବ୍ରତୀ ରଖିଥିଲେ । ପ୍ରକାଶଯୋଗ୍ୟ, ରଥଙ୍କ ବଳିଷ୍ଠ ନେତୃତ୍ୱରେ ଏହି ଟ୍ରଷ୍ଟ ଆନୁକୂଲ୍ୟରେ ଇତିହାସ ତଥା ପ୍ରତ୍ନତାତ୍ତ୍ୱିକ ଗବେଷଣାଧର୍ମୀ ଅନେକ ପୁସ୍ତକ ପ୍ରକାଶିତ ହେବା ସହ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି । ଅମଳିନ ବ୍ୟକ୍ତିତ୍ୱର ଅଧିକାରୀ ବାଞ୍ଛାନିଧି ଅନ୍ତିମ ଇଚ୍ଛାନୁଯାୟୀ ତାଙ୍କ ମରଶରୀରକୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଭେଷଜ ଛାତ୍ରମାନଙ୍କ ପଠନ ନିମନ୍ତେ ପୂର୍ବରୁ ଇଚ୍ଛାପତ୍ର ଦେଇଥିଲେ। ପରଲୋକ ପରେ ତାଙ୍କ ପରିବାରବର୍ଗ ତାଙ୍କ ମରଶରୀରକୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜକୁ ଦାନ କରିଥିବା ଜଣାଇଛନ୍ତି। ସ୍ୱର୍ଗତ ରଥଙ୍କ ତିରୋଧାନ ଖବର ପ୍ରଚାରିତ ହେବା ପରେ ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତି ନିଜର ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

No.11001/63/2526

**Government of Odisha**
**Higher Education Department**

**Important notice for the applicants seeking admission into 2 year B.Ed./B.H.Ed./M.Ed. Courses at the State Public Universities and Colleges participating under SAMS for the Academic Session 2026-27**

It is for information of all concerned that admission into 2 year B.Ed./B.H.Ed./M.Ed. Courses for the HEIs participating under SAMS shall be done through an Entrance test. Accordingly, the candidates are hereby instructed to fill-up the Common Application Form by visiting the SAMS B.Ed./B.H.Ed./M.Ed. portal as per the timeline mentioned below. Information Brochure for course B.Ed./B.H.Ed./M.Ed. is available on the SAMS portal. Please refer to the Information Brochure before filling up the CAF. The key points of e-Admission for the Academic Year 2026-27 are as follows.

1. Like the previous academic session, admissions into 2 year B.Ed./B.H.Ed./M.Ed. courses for the Academic Session 2026–27 shall be made exclusively on the basis of scores obtained in the Entrance Test.
2. In the current academic session, Phase-I admission will be conducted initially. Based on the availability of vacant seats, the Higher Education Department may consider conducting Phase-II or SPOT admissions later only for left out students.
3. Like previous Year, In the current academic session (AY: 2026-27), same counselling based online admission will be implemented. For Applicants who got a seat in a round are advised to choose one of the following options Freeze and Slide.
   Freeze: - If an applicant is satisfied with the allotted HEI, S/he can choose this option. After selecting the "Freeze" option, applicants have to pay the admission fees for that seat allocated. The required fees will be shown in the screen and s/he has to pay the fees in online mode only. The applicants who will choose the "Freeze" option can download the Intimation Letter and have to visit the selected HEIs to complete the admission formalities.
   Slide: - If an applicant has accepted the allotted seat but also wants for his/her higher preferences, s/he can choose this option. After selecting the "Slide" option, applicants have to pay the admission fees for that seat allocated. The required fees will be shown in the screen and s/he has to pay the fees in online mode only. However, such applicants need not have to visit the allocated HEIs, as they will not get the Intimation Letter and they will wait for the subsequent round of selection.
4. Whenever a seat is allocated, applicants are compulsorily required to choose one of the option – Freeze, or Slide – carefully. If the applicant will not choose any of the options that implies the applicant is rejecting the offered/allocated seat and s/he will be out of the counselling process for the subsequent rounds of that Phase. The detail process of "Freeze" & "Slide" is mentioned in the Information Brochure available on the SAMS portal.
5. As per previous year practice, the CAF fees and Admission fees will be taken through online mode for this academic session.
6. While applying for the CAF for B.Ed., B.H.Ed. & M.Ed. Courses applicants are advised to check the Eligibility Criteria mentioned in the Information Brochure.
7. The candidates, whose final U.G. results are awaited (not published), can also apply on-line in the CAF to appear the Entrance Examination. But they must provide their Choice Locking (preference of HEIs) and upload their marks by logging into the "Existing Students Login" as per the timeline fixed by the Higher Education Department.
8. The applicants wish to be considered for Scholarship from the Higher Education Department must upload the Residence, Income & Caste Certificates while filling up the CAF. Hence, they are advised to keep ready the required certificates in well advance before filling up the CAF. If the applicants fail to upload the certificates during filling up the CAF, another chance will be given to upload the certificates during updation of graduation marks/choice filling timeline.
9. The Timelines mentioned below are tentative and if all the seats are filled in a particular round, then subsequent rounds will not take place.

Timeline for 2 Year B.Ed., B.H.Ed., M.Ed. courses e-Admission for the year 2026-27 under 'Student Academic Management System (SAMS)' is given below. Any change in the timeline will be published on the website https://te.samsodisha.gov.in/ . The applicants are requested to read the Information Brochure carefully.

| SL# | Activities | Timeline |
|---|---|---|
| 1) | Availability of online Common Application Form(CAF) in the website www.samsodisha.gov.in | 23.03.2026 (11.00 AM) |
| 2) | Last date of applying online CAF through www.samsodisha.gov.in | 06.04.2026 (11.45 PM) |
| 3) | Editing of the CAF (if required) for the CAF submitted earlier (No fresh CAF will be allowed during this period) | 07.04.2026 (11.00 AM to 11.45 PM) |
| 4) | Submission of applicant's data to State Selection Board (SSB) to conduct the Entrance Examination by OCAC | 13.04.2026 |
| 5) | Availability of Hall Ticket on the website of the State Selection Board (SSB) i.e. https://ssbodisha.ac.in and also a link will be available on SAMS portal for downloading the admit Card (https://www.samsodisha.gov.in/) | 27.05.2026 (02.00 PM onwards) |
| 6) | Conduct of Entrance Test-2026 for B.Ed. Course | 31.05.2026 (Sunday) |
| 7) | Conduct of Entrance Test – 2026 for B.H.Ed. and M.Ed. Courses | 03.06.2026 (Wednesday) |
| 8) | Hosting of Provisional Answer Keys (B.Ed.,B.H.Ed. & M.Ed. courses) by SSB, Odisha on its official portal (https://ssbodisha.ac.in/) | 04.06.2026 |
| 9) | Receiving objections to the Provisional Answer Keys by the Candidates on their Student's Login on SAMS Portal: https://www.samsodisha.gov.in/ by paying a non-refundable processing fee of Rs. 200/- for each question challenged (Payment will be collected in Online Mode) | 05.06.2026 to 07.06.2026 |
| 10) | Submission of objections to the Provisional Answer Keys data to SSB, Odisha by OCAC | 09.06.2026 |
| | Hosting of Revised/Final Answer Key by SSB, Odisha on its official Portal (https://ssbodisha.ac.in/), Handing over the entrance marks to OCAC by SSB, Odisha, Publication of Entrance Mark, Updation of Graduation/Equivalent marks, Choice filling of HEIs by the eligible applicants and publication of Provisional Allotment of Seats for different Rounds. | Dates will be notified by the Higher Education Department Later |

**For more details please contact: e-Admission Helpline (Toll Free) Number 155335 / 1800-345-6770**

OIPR-11001/11001/1/25-26/0021

Officer on Special Duty
PTC Section

**ମହିଳାଙ୍କ ମୃତଦେହ ଜବତ**

କୁଚିଣ୍ଡା,(ବିରଞ୍ଚି ଦର୍ଜୀ): ସମ୍ବଲପୁର ଜିଲା କୁଚିଣ୍ଡା ସହର ଉପକଣ୍ଠ କାଳୀ ମନ୍ଦିର ପାଖ ଉପରକଟାରୁ ରବିବାର ସ୍ଥାନୀୟ ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ରିପୋର୍ଟ ଲେଖାହୋ ପର୍ଯ୍ୟନ୍ତ ମହିଳାଙ୍କ ପରିଚୟ ମିଳିନାହିଁ। ତାଙ୍କ ବୟସ ୪୫ରୁ ୫୦ ହେବ ବୋଲି କୁଚିଣ୍ଡା ଆଇଆଇସି ରାଧାକାନ୍ତ ବାରିକ କହିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୬)ରୁଜୁ ହୋଇଛି। ସକାଳେ ଉପରକଟା ପୋଖରୀରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନା ପଠାଯାଇଛି।



# ପ୍ରେମ ଆଗରେ ପ୍ରତିଶୋଧ ମଧ୍ୟ ହାର ମାନିଥାଏ

**ସମ୍ବଲପୁର,୨୨।୩(ବି.ଶଙ୍କର)**

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପ୍ରଯୋଜିତ ଏବଂ ଶ୍ରୀକଲରାଲ ଆସୋସିଏଶନ ଆୟୋଜିତ ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ ରବିବାର ଦ୍ୱିତୀୟ ରଜନୀରେ ବଙ୍ଗଳା ଭାଷାର ନାଟକ ଡଲିୟା ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ମଞ୍ଚସ୍ଥ ହୋଇଥିଲା। ବିଶ୍ୱକବି ରବୀନ୍ଦ୍ର ନାଥ ଟେଗୋରଙ୍କ ମୂଳ ଗଳ୍ପକୁ ଆଧାର କରି ନାଟକ ରଚନା କରିଥିଲେ ହୃଷୀକେଶ ସୁଲଭ ଓ ନିର୍ଦ୍ଦେଶନା ଦେଇଥିଲେ ଦେବାଶିଷ ଦତ୍ତ। ପଶ୍ଚିମବଙ୍ଗ କୋଲାକାତା ଇନଷ୍ଟିଚ୍ୟୁଟ ଅଫ୍ ଫେକ୍ଟୁ୍ୟଏଲ ଥିଏଟର ଆର୍ଟସ କଳାକାରମାନେ ନାଟକ ମଞ୍ଚସ୍ଥ କରିଥିଲେ। ପ୍ରେମ ଆଗରେ ପ୍ରତିଶୋଧ ମଧ୍ୟ ଦିନେ ହାର ମାନିଯାଏ । ଔରଙ୍ଗଜେବଙ୍କ ଭୟରେ ଶାହ ସୁଜା ଦେଶାନ୍ତର ହୋଇ ଆରାକାନ ରାଜାଙ୍କ ଆଶ୍ରୟ ନିଅନ୍ତି। ହେଲେ ସେଠାରେ ତାଙ୍କ ପାଇଁ ପରିସ୍ଥିତି ହୁଏ ଭିନ୍ନ । ଆରାକାନ୍ ରାଜା ସୁଜାଙ୍କ କନ୍ୟାକୁ ବିବାହ କରିବା ପାଇଁ ଚାହାନ୍ତି। ହେଲେ ଏହି ପ୍ରସ୍ତାବରେ ସୁଜା ଅସମ୍ମତ ହୁଅନ୍ତି। ଫଳତଃ ରାଜା ସପରିବାରକୁ ନଦୀରେ ବୁଡ଼ାଇ ମାରିଦେବା ପାଇଁ ଆଦେଶ ଦିଅନ୍ତି। ସୁଜାଙ୍କ ବଡ଼ ଝିଅ ଆତ୍ମହତ୍ୟା କରନ୍ତି। ଦ୍ୱିତୀୟ ଝିଅ ଜୁଲିକା ସୁଜାଙ୍କ ଏକ ବିଶ୍ୱସ୍ତ କର୍ମଚାରୀ ରେହେମତଙ୍କ ସହିତ ପଳାୟନ କରିଥାନ୍ତି ଏବଂ ସାନଝିଅ ଅମିନା ନଦୀରେ ଭାସି ଯାଇ ଏକ ଧିବର ଦ୍ୱାରା ରକ୍ଷା ପାଆନ୍ତି। ଅମିନା ବଡ଼ ହେବା ପରେ ଡଲିୟା ନାମକ ଜଣେ ଯୁବକଙ୍କ ପ୍ରେମରେ ପଡ଼ଯାନ୍ତି। ପିତୃହତ୍ୟାର ନିଆଁରେ ଜଳୁଥିବା ଜୁଲିକା ସମୟକ୍ରମେ ଅମିନାର ସାକ୍ଷାତ ପାଏ। ଅମିନା ଜୁଲିକା ପାଖରୁ ପିତାଙ୍କ ସମସ୍ତ ଖବର ଜାଣିବା ପରେ ଉଭୟେ ରାଜବଂଶର ସମସ୍ତଙ୍କୁ ହତ୍ୟା କରିବା ପାଇଁ ଯୋଜନା କରନ୍ତି। ଆରାକାନ୍ ରାଜକୁମାର ଅମିନାଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ ଦିଅନ୍ତି। ଏହି ଖବର ପାଇଲା ପରେ ଅମିନା ଓ ଜୁଲିକା ରାଜକୁମାରଙ୍କୁ ହତ୍ୟା କରିବାର ଯୋଜନା କରନ୍ତି । ହେଲେ ବିବାହ ପରେ ଅମିନା ଜାଣିବାକୁ ପାଆନ୍ତି ଯେ, ତାହାର ପ୍ରେମିକ ଡଲିୟା ହିଁ ଆରକାନ୍ ରାଜବଂଶର ରାଜକୁମାର ଅଟନ୍ତି। ପ୍ରତିଶୋଧର ନିଆଁ ସେହି କ୍ଷଣି ନିର୍ବାପିତ ହୋଇଯାଏ ଏବଂ ପ୍ରେମର ବିଜୟ ହୁଏ। ଏହିପରି ଏକ ବାର୍ତ୍ତାକୁ ନେଇ ବଙ୍ଗଳା ନାଟକ ଡଲିୟା ଗତିଶୀଳ ହୋଇଥିଲା।

କଳାକାରମାନଙ୍କ ନିଖୁଣ ଅଭିନୟକୁ ଦର୍ଶକମାନେ ଭରପୁର ଉପଭୋଗ କରିବା ସହିତ ଭୁରି ପ୍ରଶଂସା କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ କ୍ରିଷାନୁ ବାନାର୍ଜୀ ଓ ଆଲୋକ ସମ୍ପାତର ଦାୟିତ୍ୱରେ ଥିଲେ ପ୍ରସେନଜିତ ଭଟ୍ଟାଚାର୍ଯ୍ୟ। ଆୟୋଜକ ଶ୍ରୀକଲରାଲ ଆସୋସିଏଶନ୍ ସମ୍ପାଦକ ତଥା ନାଟ୍ୟ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସଂସ୍କୃତି ଗବେଷକ ଡ.ଶ୍ୟାମସୁନ୍ଦର ଧର, ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡ.ପରେଶ ଚନ୍ଦ୍ର ଦାନୀ ଓ ଶିବ ଶଙ୍କର ନନ୍ଦ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଗୋପକୃଷ୍ଣ ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସମ୍ବଲପୁରର ନାଟ୍ୟ ନିର୍ଦ୍ଦେଶକ ତଥା ମଞ୍ଚ ଅଭିନେତା ପ୍ରଦୀପ ପଣ୍ଡାଙ୍କୁ ଶ୍ରୀନାଟ୍ୟ ସମ୍ମାନ, ସୁନ୍ଦରଗଡ଼ର ଅଭିନେତା ବିଜୟ ମହାରଣାଙ୍କୁ ଡ. ପଞ୍ଚାନନ ମିଶ୍ର ସ୍ମୃତି ସମ୍ମାନ ଓ ବରଗଡ଼ର ଅଭିନେତ୍ରୀ କନକ ଦନସନାଙ୍କୁ ସାଧନା ସମ୍ମାନରେ ସମ୍ମାନିତ କରା ଯାଇଥିଲା । ସଭା କାର୍ଯ୍ୟ ପରିଚାଳନା କରିଥିଲେ ସତ୍ୟନାରାୟଣ ସାହୁ।


ମଞ୍ଚସ୍ଥ ଡଲିୟା ନାଟକର ଏକ ଦୃଶ୍ୟ।

**ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ**

**କୋଲକାତା କଳାକାରଙ୍କ ଦ୍ୱାରା ନାଟକ ଡଲିୟା ମଞ୍ଚସ୍ଥ**

# ଚୋରି ଘରୋଇ ଆମ୍ବୁଲାନ୍ସ ଉଦ୍ଧାର, ୩ ଗିରଫ

**ସମ୍ବଲପୁର,୨୨।୩(ପ୍ରମୋଦ ବହିଦାର)**

ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ(ଭିମସାର୍) ପଛପଟ୍ ରାସ୍ତାରୁ ଏକ ଆମ୍ବୁଲାନ୍ସ ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କ୍ଷେତରାଜପୁର ଭୁୟାଁପଡ଼ାର ରାଜ ଓରଫ ରାମ ଅବତାର ସିଂ, ବିହାରୀପଡ଼ାର ରାଜେଶ ଗୁପ୍ତା ଏବଂ ଆଇପିଏସ୍ ସ୍କୁଲ୍ ଅଞ୍ଚଳର ବିଶାଳ ଓରଫ ଭରତ ଗନ୍ତାୟତ। ସେମାନଙ୍କଠାରୁ ଚୋରି ଆମ୍ବୁଲାନ୍ସ ସହିତ ଦୁଇଟି ମୋବାଇଲ୍ ପୋଲିସ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୩୫/୨୬)ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁସାରେ ଗତ ୨୦ ତାରିଖ ରାତି ପ୍ରାୟ ୯ଟାରେ ବୁର୍ଲା ଦୈନିକ ବଜାରର ଛୋଟେଲାଲ ପ୍ରସାଦ ନିଜ ଆମ୍ବୁଲାନ୍ସ(ନଂ.ଓଡ଼ି-୧୫-ବି-୨୯୪୮)କୁ ଭିମସାର ସ୍ତ୍ରୀ ଓ ପ୍ରସୂତି ବିଭାଗ ପଛପଟେ ରାସ୍ତାରେ ରଖି ଘରକୁ ଯାଇଥିଲେ। ମାତ୍ର ପରଦିନ ସକାଳେ ସେଠାରେ ତାଙ୍କର ଆମ୍ବୁଲାନ୍ସ ନ ଥିଲା। ଏ ନେଇ ସେ ଥାନାରେ ଏତଲା ଦେଇଥିଲେ। ତଦନ୍ତ ବେଳେ ଅଭିଯୁକ୍ତମାନେ ଆମ୍ବୁଲାନ୍ସକୁ ବୌଦ୍ଧରେ ଏକ କବାଡିବାଲାଙ୍କୁ ବିକ୍ରି ପାଇଁ ଯୋଜନା କରୁଥିବା ବେଳେ ଏନେଇ ହ୍ୱାଟ୍ସଆପ୍‌ରେ ବୁର୍ଲା ଡ୍ରାଇଭର ସଂଘର ଜଣେ ସଦସ୍ୟଙ୍କ ନିକଟକୁ ଏକ ବାର୍ତ୍ତା ଆସିଥିଲା। ଏନେଇ ପୋଲିସକୁ ସୂଚନା ଦେବା ପରେ ବୁର୍ଲା ପୋଲିସର ଏକ ସ୍ୱତନ୍ତ୍ର ଦଳ ଜାଲ ବିଛାଇ ଅଭିଯୁକ୍ତମାନେ ଆମ୍ବୁଲାନ୍ସକୁ ନେଇ ବିନକା ଅଭିମୁଖେ ଯିବା ବେଳେ ବାଟରେ ସୋନପୁର ଟାଉନ ଥାନା, ବୀରମହାରାଜପୁର ଓ ଧର୍ମଶାଳା ପୋଲିସ ସହାୟତାରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଚୋରି ଆମ୍ବୁଲାନ୍ସକୁ ଉଦ୍ଧାର କରିଥିଲେ। ଥନାକୁ ଆଣି ପଚରା ଉଚରା ବେଳେ ସେମାନେ ଦୋଷ ସ୍ୱୀକାର କରିଥିଲେ। ନକଲି ଚାବିରେ ଆମ୍ବୁଲାନ୍ସକୁ ଚୋରି କରି ନେଇଥିଲେ ବୋଲି କହିଥିଲେ। ପୋଲିସ ରବିବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।


ଉଦ୍ଧାର ଆମ୍ବୁଲାନ୍ସ ସହିତ ଗିରଫ ୩ ଅଭିଯୁକ୍ତ।

# ଗୋ ଆଧାରିତ ସମନ୍ୱିତ କୃଷିର ଆବଶ୍ୟକତା ରହିଛି



କୃଷକ ସମ୍ମିଳନୀରେ ସାମିଲ ହୋଇଥିବା ଗବେଷକ ଏବଂ କୃଷକ।

**ସମ୍ବଲପୁର,୨୨।୩(ଭବାନୀ ଶଙ୍କର ଭୋଇ)**

**ଗୋବର୍ଦ୍ଧନ ବଡମାଲରେ ଅଭିନବ କୃଷକ ସମ୍ମିଳନୀ**

ଅଭିନବ କୃଷି ଗବେଷଣା ସଂସ୍ଥା ପକ୍ଷରୁ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର ଗୋବର୍ଦ୍ଧନ ବଡମାଲସ୍ଥିତ ଉତ୍କର୍ଷ ନେଚର ଭିଲେଜରେ ରବିବାର ଅଭନବ କୃଷକ ସମ୍ମିଳନୀ ଆୟୋଜିତ ହୋଇଥିଲା। କୃଷି ଗବେଷକ ଦିବ୍ୟରାଜ ବେରିହାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଭିଷେକ ସ୍ୱାଇଁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ ଲାଇଫ ସାଇନ୍ସର ଅବସରପ୍ରାପ୍ତ ପ୍ରଫେସର ପ୍ରଭାତ କୁମାର ମହାପାତ୍ର କୃଷକମାନଙ୍କୁ ଜୈବିକ କୃଷିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଦୋଷ ଆଚାର୍ଯ୍ୟ ଆଧୁନିକ କୃଷିରେ ଟେକ୍ନୋଲୋଜିର ଭୂମିକା ଉପରେ ଆଲୋକପାତ କରିଥିଲେ। ସୀତାକାନ୍ତ ବେହେରା, ଗୋ ଆଧାରିତ ସମନ୍ୱିତ ପ୍ରାକୃତିକ କୃଷି ଉପରେ ଜୋର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ବୌଦ୍ଧ, କୁଚିଣ୍ଡା ଆଦି ଅଞ୍ଚଳରୁ ୭୦ରୁ ଅଧିକ କୃଷକ ଏବଂ କୃଷି ଉଦ୍ୟମୀ ଯୋଗଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ କୃଷି ଉଦ୍ୟମୀ ପୁରସ୍କାର ପୁରୁଷ ବର୍ଗରେ ବୌଦ୍ଧ ଜିଲା ପୁରୁଣାକଟକର ପ୍ରଗତିଶୀଳ ଆମ୍ବ ଚାଷୀ ସଂଗ୍ରାମ ପ୍ରଧାନଙ୍କୁ, ମହିଳା ବର୍ଗରେ ଉତ୍କର୍ଷ ନେଚର ଭିଲେଜର ସ୍ମୃତି ଦୀପମାଳା ବେହେରାଙ୍କୁ ସମ୍ମାନୀତ କରାଯାଇଥିଲା। ସଂସ୍ଥା ଅଧକ୍ଷ କୈବଲ୍ୟ ପ୍ରଧାନ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ସଦସ୍ୟ ସଦସ୍ୟ ଜଟାଭୂଷଣ ସାହୁ ସଂସ୍ଥାର ଦୃଷ୍ଟିକୋଣ ସହ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଭବିଷ୍ୟତ ଯୋଜନା ବିଷୟରେ ଅଲୋଚନା କରିଥିଲେ। ସୁକାନ୍ତି ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ଦିନରେ କଟିଲା ୧୯ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚାଲାଣ

**ସମ୍ବଲପୁର,୨୨।୩(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲାରେ ଅମାନିଆ ଗାଡ଼ି ଚାଳକଙ୍କ ଉପରେ ପରିବହନ ବିଭାଗ ଶନିବାରଠାରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ। ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁଙ୍କ ସୂଚନା ଅନୁସାରେ, ଏହି ଅଭିଯାନରେ ପ୍ରଥମ ଦୁଇ ଦିନ ମଧ୍ୟରେ ୨୫୬ଟି ଚାଲାଣ କଟାଯାଇଥିବା ବେଳେ ପ୍ରାୟ ୧୯ ଲକ୍ଷ ୨୬ ହଜାର ୮୮ ଟଙ୍କା ଜରିମାନା ସାମିଲ ରହିଛି। ସେଥିରୁ ଘଟଣାସ୍ଥଳରେ ୪୧୨୧୦ ଟଙ୍କା ଆଦାୟ କରାଯାଇଛି। ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନ ପାଇଁ ୫ଟି ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି।

# ସମ୍ବଲପୁରରେ ବ୍ୟବସାୟିକ ରନ୍ଧନ ଗ୍ୟାସ ସଙ୍କଟ

**ସମ୍ବଲପୁର,୨୨।୩(ପ୍ରମୋଦ ବହିଦାର)**

**ହୋଟେଲ୍, ରେଷ୍ଟୁରାଣ୍ଟକୁ ଇଣ୍ଡକ୍ସନ ଭରସା**

ସମ୍ବଲପୁର ସହର ଓ ଆଖପାଖ ଅଞ୍ଚଳରେ ଏବେ ରନ୍ଧନ ଏଲ୍‌ପିଜି ଗ୍ୟାସର ଅଭାବ ଦେଖାଦେଇଛି। ବିଶେଷକରି ୧୯କେଜି ବିଶିଷ୍ଟ ବ୍ୟବସାୟିକ ଏଲପିଜି ସିଲିଣ୍ଡର ଅଭାବ ଯୋଗୁ ସ୍ଥାନୀୟ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଖାଦ୍ୟ ଷ୍ଟଲଗୁଡ଼ିକ ଗୁରୁତରଭାବେ ପ୍ରଭାବିତ ହୋଇଛନ୍ତି। ଗ୍ରାହକମାନଙ୍କୁ ସମୟ ଅନୁସାରେ ଖାଦ୍ୟ ଯୋଗାଇବା ପାଇଁ ଅନେକ ହୋଟେଲ ମାଲିକ ଏବେ ଏଲ୍‌ପିଜି ଗ୍ୟାସ ବଦଳରେ ବୈଦ୍ୟୁତିକ ଇଣ୍ଡକ୍ସନ ଚୁଲା ଉପରେ ନିର୍ଭର କରୁଛନ୍ତି। ତେବେ ଇଣ୍ଡକ୍ସନ ଚୁଲା ବଡ଼ ହୋଟେଲ୍ ଓ ରେଷ୍ଟୁରାଣ୍ଟର ଆବଶ୍ୟକତା ପୂରଣ କରିବାରେ ସମ୍ପୂର୍ଣ୍ଣ ସଫଳ ହେଉନାହିଁ। କେତେକ ଛୋଟ ହୋଟେଲରେ କୋଇଲା ଚୂଲା ଓ କାଠ ଚୁଲିରେ ରୋଷେଇ କରାଯାଉଥିବା ଦେଖିବାକୁ ମିଳିଛି। ସମ୍ବଲପୁରରେ ଲାଗି ରହିଥିବା ବ୍ୟବସାୟିକ ଗ୍ୟାସ୍‌ର ଏଭଳି ସଙ୍କଟକୁ ନେଇ ହୋଟେଲ୍ ଓ ରେଷ୍ଟୁରାଣ୍ଟ ସଂଘ ସଭାପତି ଅଜିତ ସାମନ୍ତରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରିଥିଲେ। ସଂଘ ସଭାପତି ସାମନ୍ତରାୟ କହିଥିଲେ ସମ୍ବଲପୁରରେ ବର୍ତ୍ତମାନ ୩୧ଟି ବଡ଼ ହୋଟେଲ୍ ଓ ୫୦ରୁ ଊର୍ଦ୍ଧ୍ୱ ରେଷ୍ଟୁରାଣ୍ଟ ରହିଛି। ମାତ୍ର ବର୍ତ୍ତମାନ ଏଲ୍‌ପିଜି ଗ୍ୟାସ ସଙ୍କଟ ଯୋଗୁ ରେଷ୍ଟୁରାଣ୍ଟ ମେନ୍ୟୁରୁ ତନ୍ଦୁର ବ୍ୟଞ୍ଜନକୁ ସମ୍ପୂର୍ଣ୍ଣ ଭାବେ ଭାବେ ବାଦ୍ ଦିଆଯାଇଛି। ଗ୍ରାହକଙ୍କ ଚାହିଦା ଅନୁସାରେ ବ୍ୟଞ୍ଜନର ଚାହିଦା ପୂରଣରେ ଅସୁବିଧା ହେଉଛି। ତେଣୁ ବିଭିନ୍ନ କମ୍ପାନୀର ସମ୍ମିଳନୀ ପାଇଁ ବୁକିଂକୁ ବାତିଲ କରିବାକୁ ପଡୁଛି। ଏଥିପାଇଁ ହୋଟେଲ୍ ଓ ରେଷ୍ଟୁରାଣ୍ଟ ବ୍ୟବସାୟ ପ୍ରଭାବିତ ହେଉଛି ବୋଲି ସେ କହିଛନ୍ତି। ତେବେ ସାଂପ୍ରତିକ ପରିସ୍ଥିତିରେ ହୋଟେଲ ଓ ରେଷ୍ଟୁରାଣ୍ଟ ଆଦିରେ ଗ୍ରାହକ ସେବା ପରିଚାଳନା ପାଇଁ ଗ୍ୟାସର ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।


BATHWAL CORPORATION

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ପେଙ୍ଗୁଇନ ଟ୍ରେଡିଂ ଏଣ୍ଡ ଏଜେନ୍ସି ଲିମିଟେଡ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, କୋଇଡା ତହସିଲ ଅନ୍ତର୍ଗତ ରାଇକେଲା ଓ ତନ୍ତରା ଗ୍ରାମରେ ୪୯.୩୭୨ ହେକ୍ଟର ପରିମିତ ଖଣି ଲିଜ ଅଞ୍ଚଳରେ ଅବସ୍ଥିତ ରାଇକେଲା ଓ ତନ୍ତରା ଲୌହ ଖଣିର ବାର୍ଷିକ ୨.୫୯୨ ନିୟୁତ ଟନରୁ ବାର୍ଷିକ ୪.୯୫ ନିୟୁତ ଟନର ସମ୍ପ୍ରସାରଣ ଭାରତ ସରକାରଙ୍କର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶ ମଞ୍ଜୁରୀ ସଂଖ୍ୟା SEIAA File No.549993/41-MINB1/09-2025 ତା.୧୭.୦୩.୨୦୨୬ ରିଖ ଦିନ ପ୍ରାପ୍ତ ହୋଇଛି।

ରମଣ ରଶ୍ମି ନାୟକ, ଅଭିକର୍ତ୍ତା



**କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, କୋଣାର୍କ, ପୁରୀ**

ପତ୍ରାଙ୍କ ସଂଖ୍ୟା-୧୦୦୮/ତାରିଖ ୨୦.୦୩.୨୦୨୬

**ନିଲାମ ଇସ୍ତାହାର**

No.13001/714/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ପରିଷଦଙ୍କ ତରଫରୁ ଚଳିତ ଆର୍ଥିକ ବର୍ଷ ୨୦୨୬-୨୦୨୭ ପାଇଁ ପରିଷଦର ବିଭିନ ସମ୍ପତ୍ତି ନିଲାମ ଓ ଫି ଆଦାୟ କରିବାପାଇଁ ଜଉମୁଦ ନିଲାମ କରାଯିବ । ସେଗୁଡ଼ିକ ହେଲା:- (୧) କ୍ରମିକ ସଂ. ୧ ରୁ ୧୮- ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ଠାରୁ ୨୦୨୮-୨୯ ପର୍ଯ୍ୟନ୍ତ (ତିନି ବର୍ଷ ପାଇଁ), (୨) କ୍ରମିକ ସଂ. ୧୯ ରୁ ୨୪- ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ (ଏକ ବର୍ଷ ପାଇଁ) ।

ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ନିର୍ଦ୍ଧାରିତ ଫର୍ମ ତା.୨୦.୦୩.୨୦୨୬ରିଖ ଠାରୁ ତା.୨୬.୦୩.୨୦୨୬ରିଖ ଅପରାହ୍ଣ ଘ.୧୨.୩୦ମି. ମଧ୍ୟରେ କାର୍ଯ୍ୟାଳୟରେ ଦେୟଯୁକ୍ତ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ଉପରୋକ୍ତ ସମୟ ମଧ୍ୟରେ ଟେଣ୍ଡର ଫର୍ମ କ୍ରୟ କରି ତା.୨୬.୦୩.୨୦୨୬ରିଖ ପୂର୍ବାହ୍ଣ ଘ.୧୧.୩୦ ମି. ସମୟ ମଧ୍ୟରେ ପରିଷଦ କାର୍ଯ୍ୟାଳୟରେ ଥିବା ସୂଚିତ ନିଲାମ ବାକ୍ସରେ ଜଉମୁଦ ଯୁକ୍ତ ଟେଣ୍ଡର ଫର୍ମ ଓ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜ ଯଥା ଫଟୋ ପରିଚୟପତ୍ର ଏବଂ ଆଧାର କାର୍ଡର ଅବିକଳ ନକଲ ଦାଖଲ ଦେଇ ଟେଣ୍ଡରରେ ଭାଗ ନେଇପାରିବେ । ଉକ୍ତ ନିଲାମ ତା.୨୬.୦୩.୨୦୨୬ରିଖ ଅପରାହ୍ଣ ଘ.୧୨.୩୦ ମି.ରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ସର୍ବସମ୍ମୁଖରେ ଖୋଲାଯିବ । ନିଲାମ ସଂପର୍କୀୟ ସମସ୍ତ ସର୍ତ୍ତାବଳୀ ଟେଣ୍ଡର ଫର୍ମରେ ସୂଚିତ କରାଯାଇଅଛି । ଟେଣ୍ଡର ଫର୍ମ କାର୍ଯ୍ୟାଳୟରେ କେବଳ ସରକାରୀ କାର୍ଯ୍ୟଦିବସରେ ଦେୟଯୁକ୍ତ ପ୍ରାପ୍ତ ସମ୍ଭବ ।

ସ୍ୱା./-ନିର୍ବାହୀ ଅଧିକାରୀ
କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ

OIPR-13001/13174/1/25-26/0003



**GOVERNMENT OF ODISHA**
**e-Procurement Notice, ANGUL (R&B) DIVISION**
**Bid Identification No. 77 of 2025-26**
e-mail ID - angulrbdivision@yahoo.co.in

No.34001/241/2526

| | | |
|---|---|---|
| 1 | Number of Works | : 03 (Three) number of road works 07 (Seven) number of building works |
| 2 | Approximate estimated cost | : Varies from 5.47 lakh to 84.00 lakh |
| 3 | Period of completion | : Varies from 02 (Two) to 06 (Six) Calendar months |
| 4 | Date & Time of availability of bid document in the portal | : From Dt.25.03.2026 |
| 5 | Last date / Time for receipt of bid in the portal | : Dt.08.04.2026 up to 5.00 P.M. |
| 6 | Date of opening Bid | : Dt.09.04.2026 at 11.00 A.M. |
| 7 | Name and address of the Office Inviting Bid | : Superintending Engineer, Angul (R&B) Division, Angul |

8 The bidders must participate in **ONLINE** bidding only. Further details can be seen from the e-procurement portal https:/ tendersodisha.gov.in

Sd./- Superintending Engineer,
Angul (R&B) Division

OIPR-34001/34074/1/25-26/0008



**ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ମଣ୍ଡଳ, କୋରାପୁଟ**
ଡି.ଏନ୍.କେ. ରୋଡ୍, ଦମକଳ ଷ୍ଟେସନ ପାର୍ଶ୍ୱ, କୋରାପୁଟ, ପିନ୍-୭୬୪୦୨୦

**OFFICE OF THE ADDITIONAL ENGINEER**
**RURAL WATER SUPPLY & SANITATION CIRCLE, KORAPUT**
At- D.N.K Road, Beside Fire Station, Koraput, Pin-764020, Email - acerwsskpt@gmail.com
**Tender Identification No. 02 /ACE/RWSS/KPT/2025-26/ 19.03.2026**

**No.25001/351/2526** : The Additional Chief Engineer, RWS&S Circle, Koraput on behalf of the Governor of Odisha invites Percentage Rate Bids in Double cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work. | 1. Rural piped water supply to village Deobharandi PH-I of G.P. Naktisemoda under Raighar Block in the district of Nabarangpur. 2. Rural piped water supply to village Chhatabeda PH -I of G.P. Parua under Raighar Block in the district of Nabarangpur. |
| 2 | Time period for completion | Eleven (11) Months. |
| 3 | Estimated Cost. | Varies from Rs. 168.06 Lakhs to Rs. 396.54 Lakh respectively |
| 4 | Total Nos of works | 2 nos. |
| 5 | Tender cost | Rs.10,000.00/- Each. |
| 6 | Class of Contractor | "B" & "A" |
| 7 | Availability of Bid document in the website | Dt. 26.03.2026 at 17.00 hours to 06.04.2026 up to 17.00 hours. |
| 8 | Last Date of Seeking clarification | During the Office hours of 02.04.2026 |
| 9 | Date of Opening of Bid | Dt. 07.04.2026 at 11.00 AM |

***Note: The amount put to tender is exclusive of GST. The intending bidders should offer their rates which shall be exclusive of GST applicable as per norms. GST applicable on works contract shall be paid over the bill amount at the time of payment of bill.***

Further details can be seen in the bidding documents which is available in the e-procurement portal https/www.tendersorissa.gov.in Subsequent corrigendum if required shall be appeared in the website Authority reserves the right to reject any or all tenders without assigning any reason thereof.

Sd./- Addl. Chief Engineer,
RWS&S Circle, Koraput

OIPR-25001/25115/1/25-26/0002



No.11001/63/2526

**Government of Odisha**
**Higher Education Department**

**Important notice for the applicants seeking admission into 2 year B.Ed./B.H.Ed./M.Ed. Courses at the State Public Universities and Colleges participating under SAMS for the Academic Session 2026-27**

It is for information of all concerned that admission into 2 year B.Ed./B.H.Ed./M.Ed. Courses for the HEIs participating under SAMS shall be done through an Entrance test. Accordingly, the candidates are hereby instructed to fill-up the Common Application Form by visiting the SAMS B.Ed./B.H.Ed./M.Ed. portal as per the timeline mentioned below. Information Brochure for course B.Ed./B.H.Ed./M.Ed. is available on the SAMS portal. Please refer to the Information Brochure before filling up the CAF. The key points of e-Admission for the Academic Year 2026-27 are as follows.

1. Like the previous academic session, admissions into 2 year B.Ed./B.H.Ed./M.Ed. courses for the Academic Session 2026–27 shall be made exclusively on the basis of scores obtained in the Entrance Test.
2. In the current academic session, Phase-I admission will be conducted initially. Based on the availability of vacant seats, the Higher Education Department may consider conducting Phase-II or SPOT admissions later only for left out students.
3. Like previous Year, In the current academic session (AY: 2026-27), same counselling based online admission will be implemented. For Applicants who got a seat in a round are advised to choose one of the following options Freeze and Slide.
   Freeze: - If an applicant is satisfied with the allotted HEI, S/he can choose this option. After selecting the "Freeze" option, applicants have to pay the admission fees for that seat allocated. The required fees will be shown in the screen and s/he has to pay the fees in online mode only. The applicants who will choose the "Freeze" option can download the Intimation Letter and have to visit the selected HEIs to complete the admission formalities.
   Slide: - If an applicant has accepted the allotted seat but also wants for his/her higher preferences, s/he can choose this option. After selecting the "Slide" option, applicants have to pay the admission fees for that seat allocated. The required fees will be shown in the screen and s/he has to pay the fees in online mode only. However, such applicants need not have to visit the allocated HEIs, as they will not get the Intimation Letter and they will wait for the subsequent round of selection.
4. Whenever a seat is allocated, applicants are compulsorily required to choose one of the option – Freeze, or Slide – carefully. If the applicant will not choose any of the options that implies the applicant is rejecting the offered/allocated seat and s/he will be out of the counselling process for the subsequent rounds of that Phase. The detail process of "Freeze" & "Slide" is mentioned in the Information Brochure available on the SAMS portal.
5. As per previous year practice, the CAF fees and Admission fees will be taken through online mode for this academic session.
6. While applying for the CAF for B.Ed., B.H.Ed. & M.Ed. Courses applicants are advised to check the Eligibility Criteria mentioned in the Information Brochure.
7. The candidates, whose final U.G. results are awaited (not published), can also apply on-line in the CAF to appear the Entrance Examination. But they must provide their Choice Locking (preference of HEIs) and upload their marks by logging into the "Existing Students Login" as per the timeline fixed by the Higher Education Department.
8. The applicants wish to be considered for Scholarship from the Higher Education Department must upload the Residence, Income & Caste Certificates while filling up the CAF. Hence, they are advised to keep ready the required certificates in well advance before filling up the CAF. If the applicants fail to upload the certificates during filling up the CAF, another chance will be given to upload the certificates during updation of graduation marks/choice filling timeline.
9. The Timelines mentioned below are tentative and if all the seats are filled in a particular round, then subsequent rounds will not take place.

Timeline for 2 Year B.Ed., B.H.Ed., M.Ed. courses e-Admission for the year 2026-27 under 'Student Academic Management System (SAMS)' is given below. Any change in the timeline will be published on the website https://te.samsodisha.gov.in/ . The applicants are requested to read the Information Brochure carefully.

| SL# | Activities | Timeline |
|---|---|---|
| 1) | Availability of online Common Application Form(CAF) in the website www.samsodisha.gov.in | 23.03.2026 (11.00 AM) |
| 2) | Last date of applying online CAF through www.samsodisha.gov.in | 06.04.2026 (11.45 PM) |
| 3) | Editing of the CAF (if required) for the CAF submitted earlier (No fresh CAF will be allowed during this period) | 07.04.2026 (11.00 AM to 11.45 PM) |
| 4) | Submission of applicant's data to State Selection Board (SSB) to conduct the Entrance Examination by OCAC | 13.04.2026 |
| 5) | Availability of Hall Ticket on the website of the State Selection Board (SSB) i.e. https://ssbodisha.ac.in and also a link will be available on SAMS portal for downloading the admit Card (https://www.samsodisha.gov.in/) | 27.05.2026 (02.00 PM onwards) |
| 6) | Conduct of Entrance Test-2026 for B.Ed. Course | 31.05.2026 (Sunday) |
| 7) | Conduct of Entrance Test – 2026 for B.H.Ed. and M.Ed. Courses | 03.06.2026 (Wednesday) |
| 8) | Hosting of Provisional Answer Keys (B.Ed.,B.H.Ed. & M.Ed. courses) by SSB, Odisha on its official portal (https://ssbodisha.ac.in/) | 04.06.2026 |
| 9) | Receiving objections to the Provisional Answer Keys by the Candidates on their Student's Login on SAMS Portal: https://www.samsodisha.gov.in/ by paying a non-refundable processing fee of Rs. 200/- for each question challenged (Payment will be collected in Online Mode) | 05.06.2026 to 07.06.2026 |
| 10) | Submission of objections to the Provisional Answer Keys data to SSB, Odisha by OCAC | 09.06.2026 |
| | Hosting of Revised/Final Answer Key by SSB, Odisha on its official Portal (https://ssbodisha.ac.in/), Handing over the entrance marks to OCAC by SSB, Odisha, Publication of Entrance Mark, Updation of Graduation/Equivalent marks, Choice filling of HEIs by the eligible applicants and publication of Provisional Allotment of Seats for different Rounds. | Dates will be notified by the Higher Education Department Later |

**For more details please contact: e-Admission Helpline (Toll Free) Number 155335 / 1800-345-6770**

Officer on Special Duty
PTC Section

OIPR-11001/11001/1/25-26/0021



ଲକ୍ଷ୍ନୌରେ ରବିବାର ଅନୁଷ୍ଠିତ ମହିଳା ସମ୍ମାନ ସମାରୋହରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ଦଳୀୟ ଏମ୍‌ପି ଡିମ୍ପଲ ଯାଦବ ଏବଂ ଅନ୍ୟମାନେ ଯୋଗ ଦେଇଛନ୍ତି।

## ସପ୍ତମ ପର୍ଯ୍ୟାୟରେ ୧୯ ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକ୍ ନିଲାମ କରିବେ ସରକାର

ନୂଆଦିଲ୍ଲୀ,୨୨।୩

ଘରୋଇ ସମ୍ବଳ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ସପ୍ତମ ପର୍ଯ୍ୟାୟରେ ୧୯ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକ୍ ନିଲାମ କରିବାକୁ ଯାଉଛନ୍ତି। ସୋମବାର ଏହି ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ବୈଶ୍ୱିକ ଯୋଗାଣ ଶୃଙ୍ଖଳରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିବାବେଳେ ସ୍ୱଚ୍ଛ ଇନ୍ଧନ, ଅତ୍ୟାଧୁନିକ ପ୍ରଯୁକ୍ତି, ସାର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସେକ୍ଟରରେ ଭାରତ ନିଜର ସ୍ୱାବଲମ୍ବନତା ବଢ଼ାଇବାକୁ ଚାହୁଁଥିବାରୁ ୧୯ଟି କ୍ରିଟିକାଲ ମିନେରାଲ୍ ବ୍ଲକ୍ ନିଲାମ କରିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୬ ପର୍ଯ୍ୟାୟ ନିଲାମ ପ୍ରକ୍ରିୟା ଶେଷ ହୋଇଥିବାବେଳେ ୪୬ଟି ଗୁରୁତ୍ୱପୂର୍ଣ୍ଣ ତଥା ରଣନୈତିକ ଖଣିଜ ବ୍ଲକ୍ ବିକ୍ରି ହୋଇଥିବା ଖଣି ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ଆର୍ଥିକ ବିକାଶ, ଦୀର୍ଘମିଆଦୀ ଖଣିଜ ସୁରକ୍ଷା ପାଇଁ କ୍ରିଟିକାଲ ମିନେରାଲ ଗୁରୁତ୍ୱପୂର୍ଣ୍ଣ। ବିଶେଷ କରି ସ୍ୱଚ୍ଛ ଶକ୍ତି ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଡ଼କୁ ବିଶ୍ୱର ପରିବର୍ତ୍ତନ ଯୋଗୁ ଲିଥିୟମ, ଗ୍ରାଫାଇଟ୍, ବିରଳ ମୃତ୍ତିକା ଉପାଦାନ (ଆର୍‌ଇଇ), ଟଙ୍ଗଷ୍ଟନ, ଭାନାଡିୟମ୍, ଟିଟାନିୟମ ଏବଂ ଅନ୍ୟାନ୍ୟ ବିରଳ ଧାତୁ ଭଳି ସମ୍ବଳର ଚାହିଦା ବୃଦ୍ଧି ପାଉଛି। ସେଗୁଡ଼ିକର ସୀମିତ ଉପଲବ୍ଧତା ଏବଂ ଭୂରାଜନୈତିକ ସୀମିତତା କାରଣରୁ ବିଶ୍ୱରେ ସୁଦୃଢ଼ ଯୋଗାଣ ଶୃଙ୍ଖଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସୋମବାର କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିଷନ ରେଡ୍ଡୀ ଏବଂ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ସପ୍ତମ ପର୍ଯ୍ୟାୟ ନିଲାମକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ସୁଦାନ ହସ୍ପିଟାଲରେ ଆକ୍ରମଣ: ୬୪ ମୃତ

କାଇରୋ,୨୨।୩

ସୁଦାନର ଡାର୍‌ଫୁର ଅଞ୍ଚଳରେ ଥିବା ଏକ ହସ୍ପିଟାଲ ଉପରେ ଆକ୍ରମଣ ଯୋଗୁ ୧୩ ଜଣ ପିଲାଙ୍କ ସମେତ ଅନ୍ୟୁନ ୬୪ ଜଣଙ୍କ ମୃତ୍ୟୁ ଘଟିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ଆକ୍ରମଣରେ ଅନ୍ୟୁନ ୮୯ ଜଣ ଆହତ ହୋଇଛନ୍ତି। ଗତ ଶୁକ୍ରବାର ହୋଇଥିବା ଆକ୍ରମଣ ଯୋଗୁ ଅଲ୍ ଡାଇନ୍ ଟିଚିଙ୍ଗ୍ ହସ୍ପିଟାଲ ଅକାମୀ ହୋଇଯାଇଥିବା ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଘେବ୍ରେୟେସସ୍ କହିଛନ୍ତି। ୨୦୨୩ ଏପ୍ରିଲରୁ ସୁଦାନରେ ସେନା ଏବଂ ବିରୋଧୀ ଅର୍ଦ୍ଧସାମରିକ ରାପିଡ୍ ସପୋର୍ଟ ଫୋର୍ସ (ଆର୍‌ଏସ୍‌ଏଫ୍) ମଧ୍ୟରେ କ୍ଷମତାକୁ ନେଇ ସଂଘର୍ଷ ଲାଗିରହିଛି। ହସ୍ପିଟାଲ ଉପରେ ଆକ୍ରମଣ ପାଇଁ ଆର୍‌ଏସ୍‌ଏଫ୍ ସେନାକୁ ଦାୟୀ କରିଛି।

## ରାଜ୍ୟଗୁଡ଼ିକୁ ଜେଲର ସବିଶେଷ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨।୩(ପି.ଟି.)

ଜେଲଗୁଡ଼ିକର ମଞ୍ଜୁରୀପ୍ରାପ୍ତ ସାମର୍ଥ୍ୟ ଏବଂ ବନ୍ଦୀମାନଙ୍କ ଗହଳି କମାଇବା ପାଇଁ କ’ଣ ପଦକ୍ଷେପ ନିଆଯାଇଛି ଆଦି କାରାଗାର ସମ୍ପର୍କିତ ସବିଶେଷ ତଥ୍ୟ ଦାଖଲ କରିବା ପାଇଁ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ମେ’ ୧୮ ସୁଦ୍ଧା ବିବରଣୀ ଦାଖଲ କରିବାକୁ କୁହାଯାଇଛି। ଜେଲଗୁଡ଼ିକରେ ଥିବା ମହିଳା ବନ୍ଦୀଙ୍କ ସଂଖ୍ୟା, ସେମାନଙ୍କ ପାଇଁ କ’ଣ ସୁବିଧା ଉପଲବ୍ଧ ଅଛି, ମହିଳା ବନ୍ଦୀଙ୍କ ସହ ରହୁଥିବା ପିଲାଙ୍କ ଶିକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବା ଲାଗି କ’ଣ ପଦକ୍ଷେପ ନିଆଯାଇଛି, ତାହା ଜଣାଇବାକୁ ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ୍ ମେହଟ୍ଟାଙ୍କ ଖଣ୍ଡପୀଠ କହିଛନ୍ତି। ଜେଲଗୁଡ଼ିକରେ ଅମାନବୀୟ ସ୍ଥିତି ସମ୍ପର୍କିତ ଖବରକୁ ନେଇ ସୁପ୍ରିମକୋର୍ଟ ନିଜଆଡୁ ମାମଲା ବିଚାର ପାଇଁ ଗ୍ରହଣ କରିଥିବାବେଳେ ବରିଷ୍ଠ ଆଇନଜୀବୀ ଗୌରବ ଅଗ୍ରୱାଲ ଜଣେ ଆମିକସ୍ କ୍ୟୁରି ଭାବେ ଉକ୍ତ ମାମଲାରେ ଅଦାଲତଙ୍କୁ ସହାୟତା କରୁଛନ୍ତି।

# ଇସ୍ରାଏଲୀ ଆଣବିକ କେନ୍ଦ୍ର ଉପରେ ଆକ୍ରମଣ



ଇରାନର କ୍ଷେପଣାସ୍ତ୍ର ମାଡ଼ରେ ଇସ୍ରାଏଲ୍‌ର ଦିମୋନା ସହରରେ ଧ୍ୱଂସ ହୋଇଯାଇଥିବା ଏକ ବିଲ୍ଡିଂ।

## ନତାଞ୍ଜ ଆକ୍ରମଣର ପ୍ରତିଶୋଧ ନେଲା ଇରାନ୍

ତେଲ୍ ଆଭିଭ୍ ,୨୨।୩

ଇରାନ୍‌ରେ ନତାଞ୍ଜ ଆଣବିକ କେନ୍ଦ୍ର ଉପରେ ଇସ୍ରାଏଲ ଶନିବାର ଆକ୍ରମଣ କରିବାର କିଛି ଘଣ୍ଟା ମଧ୍ୟରେ ଇରାନ୍ ଇସ୍ରାଏଲ ଉପରେ ଜୋରଦାର୍ ଆକ୍ରମଣ କରିଛି। ଇସ୍ରାଏଲର ପ୍ରମୁଖ ଆଣବିକ ଗବେଷଣା କେନ୍ଦ୍ରକୁ ଟାର୍ଗେଟ କରି ଇରାନ୍ ବାଲିଷ୍ଟିକ୍ ମିଶାଇଲ ଦ୍ୱାରା ଆରାଦ୍ ଏବଂ ଦିମୋନା ସହର ଉପରେ ଆକ୍ରମଣ କରିଥିଲାବେଳେ ୧୬୦ରୁ ଅଧିକ ଲୋକ ଆହତ ହେବା ସହ ବହୁ ଘରଦ୍ୱାର ଧ୍ୱଂସ ହୋଇଯାଇଛି। ଆରାଦ୍ ସହରରେ ୮୪ ଏବଂ ଦିମୋନା ସହରରେ ୭୮ ଜଣ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଲୋକଙ୍କ ଅବସ୍ଥା ଗମ୍ଭୀର ରହିଥିବା କୁହାଯାଇଛି। ତେବେ ଦିମୋନା ସହରଠାରୁ ୧୩ କି.ମି. ଦୂରରେ ରହିଥିବା ଇସ୍ରାଏଲର ଆଣବିକ କେନ୍ଦ୍ରର କୌଣସି କ୍ଷତି ଘଟି ନ ଥିବା ଅନ୍ତର୍ଜାତୀୟ ଆଣବିକ ଶକ୍ତି କେନ୍ଦ୍ର (ଆଇଏଇଏ) ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଇସ୍ରାଏଲର ଆଣବିକ କେନ୍ଦ୍ରକୁ ଟାର୍ଗେଟ କରି ଇରାନ୍ ଆକ୍ରମଣ କରିଥିବା ଦିମୋନା ସହର ଇସ୍ରାଏଲର ‘ ଲିଟିଲ ଇଣ୍ଡିଆ’ ଭାବେ ପରିଚିତ। ଏହି ସହରର ମୋଟ ଜନସଂଖ୍ୟାର ୩୦ ଭାଗ ହେଉଛନ୍ତି ଭାରତୀୟ ଇହୁଦି। ସେମାନେ ଇସ୍ରାଏଲ ବାସିନ୍ଦା ହୋଇଥିଲେ ମଧ୍ୟ ହିନ୍ଦୀ ଏବଂ ମରାଠି ଭାଷାରେ କଥାବାର୍ତ୍ତା କରନ୍ତି। ୧୯୫୦ରୁ ୧୯୬୦ ଦଶକ ମଧ୍ୟରେ ମହାରାଷ୍ଟ୍ର ଏବଂ କେରଳ ଆଦି ରାଜ୍ୟରୁ ଇସ୍ରାଏଲ ଯାଇଥିବା ଭାରତୀୟମାନେ ଏଠାରେ ବସବାସ କରୁଛନ୍ତି। ସେମାନେ ବିଶେଷଭାବେ ହୀରା ବ୍ୟବସାୟ କ୍ଷେତ୍ରରେ କାର୍ଯ୍ୟ କରୁଥିଲାବେଳେ ଅନ୍ୟ କେତେକ ଆଇଟି କ୍ଷେତ୍ରରେ କାର୍ଯ୍ୟ କରନ୍ତି। ଦିମୋନା ବ୍ୟତୀତ ଇସ୍ରାଏଲର ହାଇଫା , ତେଲ୍ ଆଭିଭ୍ , ଆଫୁଲା ଏବଂ ଆରାଦ୍ ଆଦି ସହରରେ ମଧ୍ୟ ବହୁ ସଂଖ୍ୟାରେ ଭାରତୀୟ ରହିଛନ୍ତି।

## ଆମେରିକାର ଏଫ୍-୧୫ ଖସାଇଥିବା ଦାବି

ହର୍ମୁଜ ଦ୍ୱୀପ ନିକଟରେ ଆମେରିକାର ଏଫ୍-୧୫ ଲଢୁଆ ବିମାନକୁ ଇରାନ ସେନା ଖସାଇ ଦେଇଥିବା ଦାବି କରିଛି। ରବିବାର ଦକ୍ଷିଣ ସାମୁଦ୍ରିକ ଉପକୂଳରେ ହର୍ମୁଜ୍ ଦ୍ୱୀପ ନିକଟରେ ଏହି ବିମାନ ଇରାନ୍ ଆକାଶ ସୀମା ଭିତରେ ପ୍ରବେଶ କରିବା କ୍ଷଣି ଇରାନ୍ ସେନା ଏହାକୁ ଏୟାର ଡିଫେନ୍ସ ସିଷ୍ଟମ୍ ଦ୍ୱାରା ଖସାଇ ଦେଇଥିଲା ବୋଲି ମୁମ୍ବାଇରେ ଅବସ୍ଥାପିତ ଇରାନୀୟ ବାଣିଜ୍ୟ ରାଷ୍ଟ୍ରଦୂତ ‘X’ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ତେବେ ଇରାନ୍‌ର ଏହି ଦାବିକୁ ନେଇ ଆମେରିକା ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ। ଏହାପୂର୍ବରୁ ଆମେରିକାର ଏକ ଏଫ୍-୩୫ ଲଢୁଆ ବିମାନ ଇରାନ୍ ଟାର୍ଗେଟର ସମ୍ମୁଖୀନ ହୋଇ ମଧ୍ୟପ୍ରାଚ୍ୟସ୍ଥିତ ଆମେରିକୀୟ ସାମରିକ ଘାଟିରେ ଜରୁରୀ ଅବତରଣ କରିବାକୁ ବାଧ୍ୟ ହୋଇଥିଲା। ଏଫ୍-୩୫ ଆମେରିକାର ସବୁଠାରୁ ଅତ୍ୟାଧୁନିକ ବିମାନ ଭାବେ ଇରାନ୍ ସେନା ରାଡାର ସିଷ୍ଟମ ଦ୍ୱାରା ଟାର୍ଗେଟ ମଧ୍ୟକୁ ଆସିଥିବାରୁ ଏହାକୁ ନେଇ ଚର୍ଚ୍ଚା ବଢିଥିଲା। ହେଲେ ଏହାକୁ ଆମେରିକା ଅସ୍ୱୀକାର କରିବା ସହ ବିଶ୍ୱର ଯେକୌଣସି ଭାଗରେ ଏଫ୍-୩୫ ଉଡ଼ାଣକୁ ନେଇ କୌଣସି ସ୍ତରରେ ଚିନ୍ତା କରିବା ଉଚିତ ନୁହେଁ ବୋଲି ପେଣ୍ଟାଗନ୍ କହିଥିଲା।

## ଆର୍‌ଏଲ୍‌ଡିରେ ଯୋଗଦେଲେ କେ.ସି. ତ୍ୟାଗୀ



ନୂଆଦିଲ୍ଲୀ,୨୨।୩(ପି.ଟି.)

ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ପୂର୍ବତନ ନେତା କେ.ସି. ତ୍ୟାଗୀ ରବିବାର ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି)ରେ ଯୋଗଦେଇଛନ୍ତି। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଆର୍‌ଏଲ୍‌ଡି ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜୟନ୍ତ ଚୌଧରୀ ଉପସ୍ଥିତ ଥିଲେ। ତ୍ୟାଗୀ ଗତ ମଙ୍ଗଳବାର ଜେଡିୟୁ ଛାଡ଼ିବା ନେଇ ଘୋଷଣା କରିଥିଲେ। ୨୦୦୩ ଅକ୍ଟୋବରରେ ଜେଡିୟୁ ଗଠନ ହେବା ଦିନଠାରୁ ତ୍ୟାଗୀ ଉକ୍ତ ଦଳରେ ରହିଆସିବା ସହ ଏହାର ମୁଖ୍ୟ ସାଧାରଣ ସମ୍ପାଦକ, ମୁଖ୍ୟ ମୁଖପାତ୍ର ଓ ରାଜନୈତିକ ଉପଦେଷ୍ଟା ଆଦି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ। ଦଳ ଛାଡ଼ିଲେ ମଧ୍ୟ ସମାଜର ଅବହେଳିତ, କୃଷକ ଓ କୃଷିଜୀବୀଙ୍କ ସ୍ୱାର୍ଥ ପ୍ରତି ତାଙ୍କ ପ୍ରତିବଦ୍ଧତା ପୂର୍ବଭଳି ଅତୁଟ ରହିବ ବୋଲି ତ୍ୟାଗୀ କହିଥିଲେ। ଜେଡିୟୁ ଏବଂ ଆର୍‌ଏଲ୍‌ଡି ମଧ୍ୟରେ କିଛି ପାର୍ଥକ୍ୟ ନାହିଁ। ଉଭୟ ଦଳ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧରୀ ଚରଣ ସିଂ ଏବଂ ସମାଜବାଦୀ ନେତା ରାମ ମନୋହର ଲୋହିଆଙ୍କ ଆଦର୍ଶରେ ଅନୁପ୍ରାଣିତ ବୋଲି ସେ କହିଛନ୍ତି।

## ହେଲିକପ୍ଟର ଦୁର୍ଘଟଣାରେ ୬ ମୃତ

କାଇରୋ,୨୨।୩

କାତାରର ଏକ ସାମରିକ ହେଲିକପ୍ଟର ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ନିଖୋଜ ଅଛନ୍ତି। ବୈଷୟିକ ତ୍ରୁଟିରୁ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେଲା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ତେବେ ମୃତକମାନେ କେଉଁ ଦେଶର ତାହା ମନ୍ତ୍ରଣାଳୟ ସ୍ପଷ୍ଟ କରିନାହିଁ।

## ରୋପ୍‌ୱେ ଟ୍ରଲି ଖସି ଜଣେ ମୃତ, ୭ ଆହତ

ମହାସମୁନ୍ଦ,୨୨।୩

ଛତିଶଗଡ଼ର ମହାସମୁନ୍ଦ ଜିଲାରେ ପାହାଡ଼ ଉପରେ ଥିବା ମନ୍ଦିରକୁ ଯିବା ଲାଗି ରହିଥିବା ରୋପ୍‌ୱେ ଟ୍ରଲି ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିବା ସହ ୭ ଜଣ ଆହତ ହୋଇଛନ୍ତି। ରବିବାର ସକାଳ ପ୍ରାୟ ୧୦ଟା ସମୟରେ ୮ ଜଣ ଯାତ୍ରୀଙ୍କୁ ନେଇ ଟ୍ରଲିଟି ମନ୍ଦିର ପାଦଦେଶକୁ ଯାଉଥିବାବେଳେ କେବୁଲ ଛିଡ଼ିଯାଇଥିଲା ବୋଲି ଜିଲା ପ୍ରଶାସନ କହିଛି। ନବରାତ୍ରୀ ଉତ୍ସବ ଚାଲିଥିବାରୁ ବାଗବହରା ଅଞ୍ଚଳରେ ପାହାଡ଼ ଉପରେ ଅବସ୍ଥିତ ଖଲ୍ଲାରି ମାତା ମନ୍ଦିରରେ ପୂଜା କରିବା ପାଇଁ ଏହି ଯାତ୍ରୀମାନେ ଆସିଥିଲେ। ମୃତ ମହିଳା ଆୟୁଷି ସହ୍କାର(୨୮)ଙ୍କ ଘର ରାୟପୁର ବୋଲି ଜଣାପଡ଼ିଛି।

## ୨ ଗୁଣା ତରଳୁଛି ହିମାଳୟ ଗ୍ଲେସିୟର



କାଠମାଣ୍ଡୁ,୨୨।୩(ପି.ଟି.)

ହିନ୍ଦୁକୁଶ ହିମାଳୟରେ ଥିବା ଗ୍ଲେସିୟର ୨୦୦୦ରୁ ପୂର୍ବାପେକ୍ଷା ୨ ଗୁଣ ହାରରେ ତରଳୁଛି। ୧୯୯୦ରୁ ୨୦୨୦ ମଧ୍ୟରେ ୧୨ ପ୍ରତିଶତ ଅଞ୍ଚଳ ଗ୍ଲେସିୟର ହରାଇଲାଣି ବୋଲି ଆଇସିଆଇଏମ୍‌ଓଡି ( ଅନ୍ତର୍ଜାତୀୟ ସମନ୍ୱିତ ପର୍ବତ ବିକାଶ କେନ୍ଦ୍ର) ଦ୍ୱାରା ପ୍ରସ୍ତୁତ ୨ଟି ରିପୋର୍ଟରେ କୁହାଯାଇଛି। ପ୍ରତିବର୍ଷ ମାର୍ଚ୍ଚ ୨୧ରେ ବିଶ୍ୱ ଗ୍ଲେସିୟର ଦିବସ ପାଳନ ହେଉଥିଲାବେଳେ କାଠମାଣ୍ଡୁସ୍ଥିତ ଆଇସିଆଇଏମ୍‌ଓଡି ମୁଖ୍ୟାଳୟ ଉକ୍ତ ରିପୋର୍ଟ ପ୍ରକାଶ କରିଛି, ଯେଉଁଥିରେ ଅଞ୍ଚଳର ଗ୍ଲେସିୟରରେ କିଭଳି ପରିବର୍ତ୍ତନ ହେଉଛି, ତାହାର ଏକ ବିସ୍ତୃତ ପ୍ରମାଣ ଦିଆଯାଇଛି। ୫୦ ବର୍ଷ ଧରି ହିମାଳୟ ଗ୍ଲେସିୟର ଉପରେ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ୧୯୭୫ରୁ ମୋଟ ୨୭ ମିଟର ବହଳର ଗ୍ଲେସିୟର ବରଫ ତରଳିଛି। ମେରୁ ଅଞ୍ଚଳକୁ ବାଦ୍‌ଦେଲେ ହିମାଳୟ ପର୍ବତମାଳାରେ ସର୍ବାଧିକ ବରଫ ରହିଥାଏ। ଏସିଆ ମହାଦେଶର ଅନ୍ୟୁନ ୧୦ ବୃହତ୍ ନଦୀକୁ ଏହା ଜଳ ଯୋଗାଇ ବହୁ କୋଟି ଲୋକଙ୍କୁ ଖାଦ୍ୟ, ଜଳ, ଶକ୍ତି ଓ ଜୀବିକା ଯୋଗାଇବାରେ ସହାୟକ ହୋଇଥାଏ ବୋଲି ରିପୋର୍ଟରେ କୁହାଯାଇଛି। ଗ୍ଲେସିୟର ଅଞ୍ଚଳର ପ୍ରାୟ ୭୮ ଭାଗ ସମୁଦ୍ର ପତ୍ତନଠାରୁ ୪,୫୦୦ରୁ ୬,୦୦୦ ମିଟର ଉଚ୍ଚତା ମଧ୍ୟରେ ଅବସ୍ଥିତ, ଯେଉଁଠି ଉଚ୍ଚତା ବଢ଼ିବା ସହ ତାପମାତ୍ରା ବୃଦ୍ଧିର ହାର ମଧ୍ୟ ଅଧିକ ହୋଇଥାଏ ବୋଲି ରିପୋର୍ଟରେ କୁହାଯାଇଛି।

## ଅର୍ଦ୍ଧାଧିକ ଦେଶ ସ୍କୁଲରେ ଫୋନ୍ ନିଷେଧ କଲେଣି: ୟୁନେସ୍କୋ

ନୂଆଦିଲ୍ଲୀ,୨୨।୩(ପି.ଟି.)

ଶ୍ରେଣୀଗୃହରେ ପିଲାମାନଙ୍କ ଧ୍ୟାନ ହ୍ରାସ ପାଇବା ସହ ଇଣ୍ଟରନେଟ୍, ସୋସିଆଲ ମିଡିଆ ଏବଂ ମେସେଜିଂ ଆପ୍ ଜରିଆରେ ସେମାନଙ୍କୁ ଡରାଇବା, ଅପମାନିତ କରିବା ଓ ବଦନାମ କରିବା ଆଦି ଘଟଣା ଘଟୁଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏହି କାରଣରୁ ବିଶ୍ୱର ଅର୍ଦ୍ଧାଧିକ ଦେଶ ସ୍କୁଲରେ ଫୋନ୍ ବ୍ୟବହାରକୁ ନିଷେଧ କଲେଣି ବୋଲି ୟୁନେସ୍କୋର ବୈଶ୍ୱିକ ଶିକ୍ଷା ପର୍ଯ୍ୟବେକ୍ଷଣ (ଜିଇଏମ୍) ଟିମ୍ କହିଛି। ସୋସିଆଲ୍ ମିଡିଆ ବ୍ୟବହାର ଦ୍ୱାରା ପିଲାମାନଙ୍କ ଖାଦ୍ୟଗ୍ରହଣ ସମସ୍ୟାକୁ ଜଟିଳ କରିଦେଇଛି। ପୁଅଙ୍କ ତୁଳନାରେ ଝିଅମାନଙ୍କଠାରେ ଏଭଳି ସମସ୍ୟା ଦୁଇଗୁଣ ରହିଥିବା ଟିମ୍ ଜାଣିବାକୁ ପାଇଛି। ଇନ୍‌ଷ୍ଟାଗ୍ରାମ୍



ବ୍ୟବହାର କରିବା ପରେ ୩୨ ପ୍ରତିଶତ କିଶୋରୀ ସେମାନଙ୍କ ଶରୀରକୁ ନେଇ ଖରାପ ଅନୁଭବ କରୁଥିବା ଫେସ୍‌ବୁକ୍‌ର ନିଜସ୍ୱ ଗବେଷଣାରୁ ଜଣାପଡ଼ିଛି।

ଟିକ୍‌ଟକ୍‌ର ଆଲଗୋରିଦମ୍ ବିପଜ୍ଜନକ ଧାରା ସୃଷ୍ଟି କରିଛି। ଶରୀର ଫଟୋ କଣ୍ଟେଣ୍ଟ ଥାଇ କିଶୋରୀମାନଙ୍କୁ ଏଥିରେ ପ୍ରତି ୩୯ ସେକେଣ୍ଡରେ ଟାର୍ଗେଟ କରାଯାଉଛି ଏବଂ ସେମାନଙ୍କ ଖାଇବା ପ୍ରକ୍ରିୟାରେ ବ୍ୟତିକ୍ରମ ଦେଖାଯାଉଛି। ନିକଟରେ ହୋଇଥିବା ଏକ ବୈଶ୍ୱିକ ସର୍ବେକ୍ଷଣରୁ ଜଣାପଡ଼ିଛି, ୧୧୪ଟି ଶିକ୍ଷା ବ୍ୟବସ୍ଥା ସ୍କୁଲଗୁଡ଼ିକରେ ଜାତୀୟ ସ୍ତରରେ ନିଷେଧାଦେଶ ଲଗାଇଛନ୍ତି ଅର୍ଥାତ୍ ବିଶ୍ୱବ୍ୟାପୀ ୫୮ ପ୍ରତିଶତ ଦେଶରେ ଏଭଳି କଟକଣା ଲାଗୁ ହୋଇଛି। ୨୦୨୩ ଜୁନ୍‌ରେ ୨୪ ପ୍ରତିଶତ ସ୍କୁଲ୍‌ରେ କଟକଣା ଲାଗିଥିବାବେଳେ ୨୦୨୫ ପ୍ରଥମ ଭାଗରେ ଏହା ୪୦ ପ୍ରତିଶତକୁ ବୃଦ୍ଧି ପାଇଥିଲା। ୨୦୨୬ ମାର୍ଚ୍ଚ ସୁଦ୍ଧା ଏହା ଆହୁରି ୧୮ ପ୍ରତିଶତ ବଢ଼ି ୫୮ ପ୍ରତିଶତରେ ପହଞ୍ଚିଥିବା ଜିଇଏମ୍ ପକ୍ଷରୁ କୁହାଯାଇଛି।

# ଏକତରଫା ପ୍ରେମରୁ ତଣ୍ଟିଚିପି ହତ୍ୟା

## ଅଖା ଭିତରୁ ନାବାଳିକାଙ୍କ ମୃତଦେହ ଜବତ ଘଟଣା

### ପୂର୍ବତନ ଟ୍ୟୁଶନ ଶିକ୍ଷକ ଗିରଫ

ବାରିପଦା/କରଞ୍ଜିଆ,୨୨।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ/କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଞ୍ଚଳରେ ଅଖା ଭିତରୁ ଜଣେ ନାବାଳିକା ଛାତ୍ରୀ ମନସା ବିଧାଣୀଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ଅଟକ ଥିବା କରଞ୍ଜିଆ ବିଇଓ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର (ମୃତ ଛାତ୍ରୀଙ୍କ ପୂର୍ବତନ ଟ୍ୟୁଶନ ଶିକ୍ଷକ) ତ୍ରିଲୋଚନ ମହାକୁଡ଼ଙ୍କୁ ପୋଲିସ ଗିରଫ କରିଛି। ଏକତରଫା ପ୍ରେମରୁ ଅଭିଯୁକ୍ତ ନାବାଳିକା ତଥା ଅଷ୍ଟମ



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛି।

ଶ୍ରେଣୀର ଛାତ୍ରୀଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ନେଇ ସ୍ୱୀକାର କରିଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ତ୍ରିଲୋଚନ ଉକ୍ତ ଛାତ୍ରୀଙ୍କୁ ପୂର୍ବରୁ ଟ୍ୟୁଶନ କରୁଥିଲେ। ଏହି ସମୟରେ ସେ ଛାତ୍ରୀଙ୍କୁ ଏକତରଫା ପ୍ରେମ କରିବା ସହ କଥାବାର୍ତ୍ତା କରୁଥିଲେ। ଛାତ୍ରୀଙ୍କ ପରିବାର ଲୋକ ଏକଥା ଜାଣି ତାଙ୍କୁ ଗାଳିମନ୍ଦ କରିଥିଲେ। ଏଥିରେ ସେ ପ୍ରତିଶୋଧ ପରାୟଣ ହୋଇ ଛାତ୍ରୀଙ୍କୁ ଜୀବନରୁ ମାରିଦେବାର ଯୋଜନା କରିଥିଲେ। ଶୁକ୍ରବାର ଛାତ୍ରୀଙ୍କ ସହ କଥା ହେବା ପାଇଁ ଡାକିଥିଲେ। ସେଠାରୁ ଏକ ସ୍କୁଟିରେ ବସାଇ ନିଛାଟିଆ ସ୍ଥାନକୁ ନେଇଥିଲେ। ଉଭୟଙ୍କ ମଧ୍ୟରେ ଝଗଡ଼ା ବିସ୍ଫୋରକ ରୂପ ନେଇଥିଲା। ତ୍ରିଲୋଚନ ଏଥିରେ ଉତ୍କ୍ଷିପ୍ତ ହୋଇ ଛାତ୍ରୀଙ୍କ ତଣ୍ଟି ଚିପି ଅଚେତ କରିବା ପରେ ଅଣ୍ଟାରୁ ବେଲ୍ଟ କାଢ଼ି ବେକକୁ ବାନ୍ଧି ମାରିଦେଇଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ଦୁଇଟି ପ୍ଲାଷ୍ଟିକ ଅଖା ମୁଣ୍ଡ ଓ ଗୋଡ଼ ଆଡୁ ଭର୍ତ୍ତି କରି ବାଉଁଶ ବୁଦା ମୂଳରେ ଫିଙ୍ଗି ଦେଇଥିଲେ ବୋଲି ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ପ୍ରକାଶ କରିଛି। ଏ ସଂକ୍ରାନ୍ତରେ କରଞ୍ଜିଆ ପୋଲିସ ଏକ ହତ୍ୟା ମାମଲା (ନଂ.୧୧୧/୨୬) ରୁଜୁ କରିଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ଅଭିଯୁକ୍ତ ଜଣକ ବିବାହିତ ଓ ତାଙ୍କର ଦୁଇ ସନ୍ତାନ ଥିବା ପୋଲିସ କହିଛି। ଖବରଦାତା ସମ୍ମିଳନୀରେ କରଞ୍ଜିଆ ଏସ୍‌ଡିପିଓ ନବଚରଣ ନାଏକ ଏବଂ ଆଇଆଇସି ମୃତ୍ୟୁଞ୍ଜୟ ପ୍ରଧାନ ଉପସ୍ଥିତ ଥିଲେ।

# କଳାବାଘ ଚମଡ଼ା ଜବତ, ୫ ଅଟକ

ବାରିପଦା,୨୨।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

■ଫେଲ୍ ମାରିଲା ଏଆଇ କ୍ୟାମେରା
■ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ କୁଲିଅଣା ଅଞ୍ଚଳରୁ ବନ ବିଭାଗ ଏକ କଳାବାଘ (ମିଲେନାଷ୍ଟିକ ଟାଇଗର) ଚମଡ଼ା ଜବତ କରିଛି। ଘଟଣାରେ ୫ ଜଣକୁ ଅଟକ ରଖି ପଚରାଉଚୁରା କରୁଛି। ଅଧିକ ଲୋକଙ୍କ ସମ୍ପୃକ୍ତି ଥିବା ସନ୍ଦେହରେ ବିଭାଗ ଛାନ୍‌ଭିନ୍ ଚଳାଇଛି। ଏ ନେଇ ବନ ବିଭାଗ ସ୍ପଷ୍ଟ ସୂଚନା ଦେଇ ନ ଥିବା ବେଳେ ଅଟକ ୫ଜଣ କୁଲିଅଣା ଅଞ୍ଚଳର ବୋଲି ଜଣାପଡ଼ିଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ନିଜେ ଘଟଣାର ତଦନ୍ତ କରୁଛନ୍ତି। ଶିମିଳିପାଳରେ ବନ୍ୟଜନ୍ତୁଙ୍କ ସୁରକ୍ଷା ବାବଦରେ ଅନେକ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଶିକାର ରୋକାଯାଇ ପାରୁ ନ ଥିବାରୁ ପ୍ରାଣୀପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏପରିକି ଏଆଇ କ୍ୟାମେରା, ଶିମିଳିପାଳ ଟାଇଗର ଫୋର୍ସ, ପୋଲିସ ଫୋର୍ସ, ବନ କର୍ମଚାରୀ ଏବଂ ଗୋଇନ୍ଦା ବିଭାଗ ଶିକାରୀଙ୍କ ଚାଲ୍ ଆଗରେ ଫେଲ୍ ମାରିଛନ୍ତି। ସବିଶେଷ ତଥ୍ୟ ଜଣାପଡ଼ିବା ପରେ ଖବରଦାତା ସମ୍ମିଳନୀରେ ସମସ୍ତ ବିବରଣୀ ପ୍ରଦାନ କରାଯିବ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ବିଶ୍ୱାଳ କହିଛନ୍ତି।

ସୂଚନାଯୋଗ୍ୟ, ରବିବାର ସକାଳେ କୁଲିଅଣା ଅଞ୍ଚଳରେ ବାଘ ଚମଡ଼ା ବିକ୍ରି ପାଇଁ ମସୁଧା ଚାଲିଥିବା ବେଳେ ବନ ବିଭାଗ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୩ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ୫ ଜଣଙ୍କୁ ବନ ବିଭାଗ କାବୁ କରିଥିଲା। ତେବେ ବାଘ ଚମଡ଼ା କେଉଁଠାରୁ ଆସିଛି ଓ କିଏ ନେବାକୁ ଚାହିଁଥିଲା, ତାହାକୁ ନେଇ ତଦନ୍ତ ଜାରି ରହିଛି। ଏନେଇ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟଙ୍କୁ ପଚାରିବାରୁ ଶିମିଳିପାଳରେ ଅନେକ ଶହ କ୍ୟାମେରା ଲାଗିଥିବା ବେଳେ ଶିକାରୀଙ୍କ ଅନୁପ୍ରବେଶକୁ ନେଇ ବନ ବିଭାଗର ଦମ୍ଭୋକ୍ତି ପଦାରେ ପଡ଼ିଛି। କୋର୍ ଅଞ୍ଚଳରେ ଶିକାରୀମାନେ ପ୍ରବେଶ କରି ବିଶ୍ୱସ୍ତରରେ ପରିଚୟ ସୃଷ୍ଟି କରିଥିବା ଶିମିଳିପାଳରୁ କଳାବାଘ ଶିକାର କରିବା ଅତ୍ୟନ୍ତ ନିନ୍ଦନୀୟ। ଉଲ୍ଲେଖଯୋଗ୍ୟ, ୨ ବର୍ଷ ପୂର୍ବେ ଉଦଳା ଅଞ୍ଚଳରୁ କଳାବାଘ ଚମଡ଼ା ଧରାପଡ଼ିଥିଲା।

# କ୍ରିକେଟରଙ୍କୁ ହତ୍ୟା ଘଟଣାରେ ୨ ଗିରଫ

ଭଦ୍ରକ,୨୨।୩(ସନାତନ ରାଉତ)

## ସୁଧାରଗୃହକୁ ଗଲେ ନାବାଳକ

ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପା ଗୁଣ୍ଡୁଣିଆ ବଜାରରେ ଦୋଳ ମେଳଣ ଚାଲୁଥିବା ବେଳେ ଗତ ୮ ତାରିଖରେ ଯୁବ କ୍ରିକେଟର ସି. କୁମାରସ୍ୱାମୀଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଫେରାର ଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ଜଣେ ନାବାଳକଙ୍କୁ ଅନୁଗୋଳସ୍ଥିତ ସୁଧାରଗୃହକୁ ପଠାଯାଇଛି। ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ଏବଂ ଆଉ ଜଣେ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ରବିବାର ଅପରାହ୍ଣରେ ଭଦ୍ରକ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଅନିଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

ଡିଏସ୍‌ପି ପ୍ରଧାନ କହିଛନ୍ତି, ହତ୍ୟା ଘଟଣାରେ ୪ ଅଭିଯୁକ୍ତ ସମ୍ପୃକ୍ତ ଥିବାବେଳେ ସେମାନେ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଗତ ୧୪ ତାରିଖରେ ଅଭିଯୁକ୍ତ ହିମାଂଶୁ ମିଶ୍ର(୨୧)ଙ୍କୁ କେନ୍ଦୁଝରରୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ୧୭ ତାରିଖରେ ଅଭିଯୁକ୍ତ ନାବାଳକଙ୍କୁ କେନ୍ଦ୍ରାପଡ଼ାରୁ ପୋଲିସ ଧରିଥିଲା। ରବିବାର ଆଉ ଜଣେ ଅଭିଯୁକ୍ତ ବିଶ୍ୱଜିତ ବେହେରା(୨୫)ଙ୍କୁ ବାଲେଶ୍ୱରରୁ ଗିରଫ କରାଯାଇଛି। ସମସ୍ତ ଅଭିଯୁକ୍ତ ଟାଉନ ଥାନା ଅଧୀନ ବିଦାଙ୍ଗ ଗ୍ରାମର। ଏହି ହତ୍ୟାକାଣ୍ଡରେ କୌଣସି ପୂର୍ବଶତ୍ରୁତା ନ ଥିଲା। ମୃତ ସି. କୁମାରସ୍ୱାମୀଙ୍କ ସହ ଅଭିଯୁକ୍ତମାନେ ପରିଚିତ ଥିଲେ। ଘଟଣା ଦିନ ରାତିରେ କୌଣସି କଥାକୁ ନେଇ ସି. କୁମାର ସ୍ୱାମୀଙ୍କ ସହ କଥା କଟାକଟି ହେବାରୁ ଛୁରିରେ ହତ୍ୟା କରିଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ହତ୍ୟାକାଣ୍ଡରେ ବ୍ୟବହାର କରାଯାଇଥିବା ଛୁରିକୁ ଫୋରେନସିକ୍ ଲାବରେଟୋରିକୁ ପଠାଯାଇଛି। କୁମାରସ୍ୱାମୀଙ୍କ ବାପା ସି. ରମେୟାଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ମାମଲା (ନଂ.୧୭୪/୨୬) ରୁଜୁ ହୋଇଥିଲା।

# ବଚସାକୁ କେନ୍ଦ୍ରକରି ଗୁଳିମାଡ଼

ନବରଙ୍ଗପୁର/ଝରିଗାଁ,୨୨।୩(କିଶୋର ଚନ୍ଦ୍ର ମଣ୍ଡଳ)

## ଦେଶୀ ବନ୍ଧୁକ ଗୁଳିରେ ଯୁବକ ଗୁରୁତର

ନବରଙ୍ଗପୁର ଜିଲା ଝରିଗାଁ ଥାନା ଚକଲାପଦର ପଞ୍ଚାୟତ ଅଧୀନ ଏକମ୍ବାପଡ଼ା ଗ୍ରାମରେ ଜଣେ ଯୁବକଙ୍କ ଉପରେ ଶନିବାର ରାତିରେ ଗୁଳିମାଡ଼ ହୋଇଛି। ଏଥିରେ କୁସୁମପଦର ଗାଁର କନ୍ଦୁ ଭତ୍ରା (୩୦) ଗୁରୁତର ହୋଇଛନ୍ତି। କନ୍ଦୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏବେ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ କୌଣସି ଏକ କାରଣ ଯୋଗୁ କୁସୁମପଦର ଗ୍ରାମର କନ୍ଦୁଙ୍କ ସହ ଏକମ୍ବାପଡା ଗ୍ରାମର ବିଷମ ଶବରଙ୍କ ଝଗଡ଼ା ହୋଇଥିଲା। ଏଥିରେ ବିଷମ ରାଗିଯାଇ କନ୍ଦୁଙ୍କୁ ଠେଙ୍ଗାରେ ଆକ୍ରମଣ କରିବା ସହ ଦେଶୀ ବନ୍ଧୁକରୁ ଗୁଳି କରିଥିଲେ। ଗୁଳି ବାଜି କନ୍ଦୁ ଗୁରୁତର ହୋଇଥିଲେ। ପରିବାର ଲୋକେ କନ୍ଦୁଙ୍କୁ ଉଦ୍ଧାର କରି ଶନିବାର ବିଳମ୍ବିତ ରାତିରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର କରିଥିଲେ। ରବିବାର ସକାଳୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ କନ୍ଦୁଙ୍କୁ ଏବେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଖବରପାଇ ଝରିଗାଁ ଥାନାଧିକାରୀ ରଚିକା ମାଡକାମୀ ପହଞ୍ଚି ବିଷମଙ୍କୁ ଥାନାକୁ ଆଣି ପଚରାଉଚରା କରୁଛନ୍ତି। ଉକ୍ତ ଦେଶୀ ବନ୍ଧୁକଟି ସିଙ୍ଗଲ୍ ବ୍ୟାରେଲ୍ ମଜଲ୍ ଲୋଡିଂ ବନ୍ଧୁକ। ଏଥିରେ ଗୋଟିଏ ବ୍ୟାରେଲ୍ ଥାଏ ବୋଲି ଥାନାଧିକାରୀ କହିଛନ୍ତି। ଏନେଇ ଝରିଗାଁ ଥାନାରେ ୪୧/୨୦୨୬ ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି। ବିଷମଙ୍କ ବିରୋଧରେ ବିଏନ୍‌ଏସ୍ ଦଫା ୧୨୬/୧୧୮(୨)୧୦୯ ଏବଂ ଆର୍ମ୍ସ ଆକ୍ଟ ୨୫/୨୬ ଲଗାଯାଇଥିବା ସୂଚନା ମିଳିଛି।

# ଟ୍ରେନ୍ ବଗିରୁ ମୃତଦେହ ଜବତ

ଟିଟିଲାଗଡ଼,୨୨।୩(ଶରତ ମିଶ୍ର)

ଟିଟିଲାଗଡ଼ ରେଲଷ୍ଟେଶନରେ ତାମ୍ବରମ ଏକ୍ସପ୍ରେସ୍ ଟ୍ରେନ୍‌ବଗିରୁ ଜଣେ ଯୁବକଙ୍କ ମୃତଦେହ ରବିବାର ସକାଳେ ଜବତ ହୋଇଛି। ମୃତକ ହେଲେ ଝାଡଖଣ୍ଡର ରାଜେନ୍ଦ୍ର ତୁରୀ (୩୫)। ରାଜେନ୍ଦ୍ର ଚେନ୍ନାଇକୁ କାମ କରିବାକୁ ଯାଇଥିଲେ। ସେଠାରେ ରନ୍ଧନ ଗ୍ୟାସ ଅଭାବରୁ ଖାଇବାରେ ସମସ୍ୟା ଦେଖାଦେବାରୁ ଅନ୍ୟ ସାଙ୍ଗମାନଙ୍କ ସହ ଫେରୁଥିଲେ। ତେବେ ତାଙ୍କର କିଭଳି ମୃତ୍ୟୁ ହେଲା ତାହା ଜଣାପଡ଼ିନାହିଁ। ବଗିରୁ ତାଙ୍କ ମୃତଦେହ ଜବତ ହେବା ପରେ ଏହାକୁ ନେଇ ନାନା ଆଲୋଚନା ହେଉଛି। ଜିଆର୍‌ପି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଟିଟିଲାଗଡ଼ ଡାକ୍ତରଖାନା ପଠାଇଛି। ଟିଟିଲାଗଡ଼ ଆର୍‌ପିଏଫ୍ ଓ ଜିଆର୍‌ପି ପକ୍ଷରୁ ତଦନ୍ତ ଜାରି ରହିଛି।

# ପ୍ରେମ ନାଁରେ ଛାତ୍ରୀଙ୍କୁ ବ୍ଲାକମେଲ୍

ଗୋସାଣୀ,୨୨।୩(ଗଣେଶ ପାତ୍ର)

## ୨ ସହପାଠୀ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

ଗଜପତି ଜିଲା ଗୋସାଣି ବ୍ଲକ ଆର. ସୀତାପୁର ନିକଟରେ ଥିବା ଏକ ଘରୋଇ ଶିକ୍ଷା ଅନୁଷ୍ଠାନର ଜଣେ ଛାତ୍ରୀ ପ୍ରତାରଣାର ଶିକାର ହୋଇଛନ୍ତି। ୬ ମାସ ତଳେ ଛାତ୍ରୀଙ୍କୁ ତାଙ୍କର ଜଣେ ସହପାଠୀ ପ୍ରେମ ଜାଲରେ ଫସାଇ ଅସଦ୍‌ବ୍ୟବହାର କରିବା ସହ ୨ ସାଙ୍ଗଙ୍କ ସହ ମିଶି ଅଶ୍ଳୀଳ ଫଟୋ ଉଠାଇଥିଲେ। ପରେ ସେମାନେ ବ୍ଲାକମେଲ୍ କରୁଥିବା ଗୁରାଣ୍ଡି ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୪୦/୨୬ରେ ଏକ ମାମଲା ରୁଜୁ କରିଛି। ମୁଖ୍ୟ ଅଭିଯୁକ୍ତ ଫେରାର ଥିବାବେଳେ ତାଙ୍କର ୨ ସହଯୋଗୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ କାଶୀନଗର ଥାନା ଅଞ୍ଚଳର ଚିନ୍ମୟ କୁମାର ପ୍ରଧାନ ଓ ରାୟଗଡ଼ା ଜିଲାର ଆୟୁଷ କୁମାର ସିଂ।

ପୀଡ଼ିତା ଛାତ୍ରୀ ଜଣକ ପଶ୍ଚିମବଙ୍ଗର। ସେ ଗଜପତି ଜିଲାରେ ନିଜ କକାଙ୍କ ଘରେ ରହି ପାଠ ପଢୁଥିଲେ। ୬ମାସ ତଳେ ୩ ସହପାଠୀ କୌଣସି ବାହାନାରେ ଶିକ୍ଷା ଅନୁଷ୍ଠାନ ସମ୍ମୁଖରେ ଥିବା ଏକ ଦୋକାନକୁ ଡକାଇ କଥାବାର୍ତ୍ତା ହେବାବେଳେ କୋଲ୍ଡ ଡ୍ରିଙ୍କସରେ କିଛି ନିଶାଯୁକ୍ତ ପଦାର୍ଥ ମିଶାଇ ଛାତ୍ରୀଙ୍କୁ ପିଇବାକୁ ଦେଇଥିଲେ। ଏହାପରେ ୩ ଅଭିଯୁକ୍ତ ଛାତ୍ରୀଙ୍କୁ କୌଣସି ଏକ ସ୍ଥାନକୁ ନେଇ ଯାଇଥିଲେ। ପ୍ରେମିକ ଜଣକ ଅସଦବ୍ୟବହାର କରୁଥିବା ବେଳେ ୨ ସହଯୋଗୀ ଛାତ୍ରୀଙ୍କ ଅସଂଯତ ଅବସ୍ଥାର ଭିଡିଓ ଉତ୍ତୋଳନ କରୁଥିଲେ। ପରେ ଉକ୍ତ ଭିଡିଓକୁ ନେଇ ଛାତ୍ରୀଙ୍କୁ ବ୍ଲାକମେଲ୍ କରାଯିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଗୁରାଣ୍ଡି ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି, ମାମଲାର ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି।

# ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ସହ ଯୁବତୀ ମୃତ

ବିଷମ କଟକ,୨୨।୩(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡା ଜିଲା ବିଷମକଟକ ଥାନା ଅନ୍ତର୍ଗତ ଚାଟିକୋଣା ଗ୍ରାମ ନିକଟରେ ୩୨୬ ନମ୍ବର ରାଜ୍ୟ ରାଜପଥରେ ରବିବାର ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡି ଧକ୍କାରେ ବାଇକ୍ ଚାଳକଙ୍କ ସହ ପଛରେ ବସିଥିବା



ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ରାୟଗଡା ଅଞ୍ଚଳର ଆକାଶ ନାୟକ ଏବଂ ଯୁବତୀ ହେଲେ କଲ୍ୟାଣସିଂହପୁର ବ୍ଲକ୍ ସେରିଗୁମ୍ମା ପଞ୍ଚାୟତ କଣ ଗ୍ରାମର ପୂର୍ଣ୍ଣିଲୁ ମିଣିଆକା ବୋଲି ସୂଚନା ମିଳିଛି। ଘଟଣାସ୍ଥଳରେ ବିଷମ କଟକ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ୩ୟ ପୃଷ୍ଠାର ଅବଶିଷ୍ଟାଂଶ

### ୨ ବର୍ଷରେ ରଦ୍ଦ...

ପରିବହନ କର୍ତ୍ତୃପକ୍ଷ ୪୯କୋଟି ୧୨ଲକ୍ଷ ୭୧ହଜାର ୯୭୨ ଟଙ୍କାର ଜରିମାନା ଆଦାୟ କରିଥିବାବେଳେ ମୟୂରଭଞ୍ଜ ଡିଭିଜନ ୨୨କୋଟି ୨୯ଲକ୍ଷ ୭୧ହଜାର ୫୧୮ଟଙ୍କା,ଗଞ୍ଜାମରେ ୧୫କୋଟି ୨୪ଲକ୍ଷ ୭୧ହଜାର ୭୧୫ଟଙ୍କା, ଅନୁଗୋଳରେ ୧୨କୋଟି ୯୭ଲକ୍ଷ ୮୪ହଜାର ୧୫୪ଟଙ୍କା, କଟକରେ ୧୦କୋଟି ୫୬ଲକ୍ଷ ୬୬ହଜାର ୭୨୭ଟଙ୍କା ରହିଛି। ଏହାବାଦ୍ ଅବଶିଷ୍ଟ ଜିଲା ଓ ଡିଭିଜନରେ ବଳକା ଟଙ୍କା ଜରିମାନା ବାବଦକୁ ଆଦାୟ ହୋଇଛି।

### ବଦଳିଲା ସୋଫିଆ...

ବିଧାନସଭା ସଚିବ ସତ୍ୟବ୍ରତ ରାଉତ କଂଗ୍ରେସ ସଦସ୍ୟ କାଡାମଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ-ଇ'ର ୯ ନମ୍ବର ଆସନରେ ରମେଶ ଚନ୍ଦ୍ର ଜେନା, ୧୩ରେ ସୋଫିଆ ଫିର୍ଦ୍ଦୋସ ଏବଂ ୧୪ରେ ଦାଶରଥି ଗମାଙ୍ଗ ବସିବେ।

ଏନେଇ କାଡାମ କହିଛନ୍ତି, ୨୦ରେ ଗଣଶିକ୍ଷା, ଉଚ୍ଚଶିକ୍ଷା ଏବଂ ପୂର୍ତ୍ତ ବିଭାଗରେ ଖର୍ଚ୍ଚ ଦାବି ଆଲୋଚନାରେ ଦଳରୁ ନିଲମ୍ବିତ ହୋଇଥିବା ବିଧାୟକମାନେ ନିଜ ଆସନରେ ବସି ଆଲୋଚନାରେ ଭାଗ ନେଇଥିଲେ। ଏନେଇ ଦଳ ପକ୍ଷରୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସଂପୃକ୍ତ ୩ଜଣ ସଦସ୍ୟଙ୍କ ଆସନ ପରିବର୍ତ୍ତନ ହୋଇଛି। ଦଳ ବିରୋଧୀ ଆଇନ ପାଇଁ ସଂପୃକ୍ତ ୩ ସଦସ୍ୟଙ୍କୁ ଆଗାମୀ ଦିନରେ ଅଧିକ ମହଙ୍ଗା ସାବ୍ୟସ୍ତ ହେବ। ସେମାନେ ନିଜ ସ୍ୱାର୍ଥ ପାଇଁ ଦଳ ସହିତ ଯେଉଁ ବିଶ୍ୱାସଘାତକତା କରିଛନ୍ତି ତା'ର ପରିଣାମ ଭୋଗିବେ। ଆବଶ୍ୟକସ୍ଥଳେ ଦଳ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯିବ ବୋଲି କାଡାମ କହିଛନ୍ତି।

### ହର୍ମୁଜ ପ୍ରଣାଳୀ...

ଇରାନ୍‌ର ସବୁ ପାୱାର ପ୍ଲାଣ୍ଟକୁ ଉଡ଼ାଇ ଦେଇ ଅନ୍ଧାର କରିଦିଆଯିବ ବୋଲି ଟ୍ରମ୍ପ୍ ଚେତାଇ ଦେଇଛନ୍ତି। ଏପରିକି ଚେତବାନୀ ଦିଆଯିବାର ନିର୍ଦ୍ଦିଷ୍ଟ ସମୟ ଠାରୁ ଇରାନ୍ ଗଣନା ଆରମ୍ଭ କରି ପ୍ରସ୍ତୁତ ରହିବା ଉଚିତ ବୋଲି ଟ୍ରମ୍ପ୍ କହିବା ସହ ପ୍ରଥମେ ଆମେରିକା ସେନା ଇରାନ୍‌ର ସର୍ବବୃହତ ପାୱାର ପ୍ଲାଣ୍ଟକୁ ଟାର୍ଗେଟ କରିବ ବୋଲି ଟ୍ରମ୍ପ୍ କହିଛନ୍ତି। ଆମେରିକା ଏବଂ ଇସ୍ରାଏଲ ଇରାନ୍ ବିରୋଧରେ ନେବାକୁ ଥିବା କାର୍ଯ୍ୟାନୁଷ୍ଠାନରେ ସଫଳ ହୋଇଥିବାବେଳେ ବର୍ତ୍ତମାନ ଯୁଦ୍ଧକୁ ବିରତି ଦେବାର ସମୟ ଆସିଛି ବୋଲି ଟ୍ରମ୍ପ୍ କହିବାର କିଛି ଘଣ୍ଟା ପରେ ଏଭଳି ଧମକ ଦେଇଛନ୍ତି। ସେପଟେ ୨୨୦୦ ଆମେରିକୀୟ ମେରିନ୍ କମାଣ୍ଡୋଙ୍କୁ ନେଇ ଆମେରିକାର ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ଟ୍ରିପୋଲି ଇରାନ୍ ଅଭିମୁଖେ ଯାତ୍ରା କରି ନିକଟବର୍ତ୍ତୀ ହୋଇଥିବାବେଳେ ହର୍ମୁଜ୍ ଏବଂ ଇରାନ୍‌ର ଖର୍ଗ ଦ୍ୱୀପକୁ ଆମେରିକା କବ୍‌ଜାକୁ ନେବା ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି।

ଅପରପକ୍ଷରେ ଟ୍ରମ୍ପଙ୍କ ଏଭଳି ଧମକ ପରେ ଇରାନ୍ ହର୍ମୁଜ୍ ଷ୍ଟ୍ରେଟ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିଦେବାକୁ ପାଲଟା ଧମକ ଦେଇଛି। କେବଳ କେତେକ ନିର୍ଦ୍ଦିଷ୍ଟ ଦେଶକୁ ବାଦ୍ ଦେଇ ଏହି ସାମୁଦ୍ରିକ ପଥ ଦେଇ ଅନ୍ୟ କୌଣସି ଜାହାଜକୁ ଯାତାୟାତ ଲାଗି ଅନୁମତି ଦିଆଯିବ ନାହିଁ ବୋଲି ଇରାନ୍ କହିଛି। ଏହାଛଡ଼ା ଯଦି ଆମେରିକା ଇରାନ୍‌ର ପାୱାର ପ୍ଲାଣ୍ଟ ଉପରେ ଆକ୍ରମଣ କରେ ତେବେ ଇରାନ୍ ଉପସାଗରୀୟ ଅଞ୍ଚଳର ଅନ୍ୟ ଦେଶର ତୈଳ ଓ ଗ୍ୟାସ୍ ଭିତ୍ତିଭୂମି ଉପରେ ଆହୁରି ଜୋରଦାର୍ ଆକ୍ରମଣ କରିବା ସହ ସେଗୁଡିକର ୱାଟର ଡିସ୍‌ଲାଇନେଜେଶନ ପ୍ଲାଣ୍ଟଗୁଡ଼ିକ ଉପରେ ଆକ୍ରମଣକୁ ଜୋରଦାର କରାଯିବ ବୋଲି ଇରାନ୍ ପକ୍ଷରୁ କୁହାଯାଇଛି।

### ସର୍ବାଧିକ ସମୟ...

୨୦୧୪ ଲୋକ ସଭା ନିର୍ବାଚନରେ ବିଜୟ ହାସଲ କରିଛନ୍ତି, ଯାହାକି ରାଜନୀତିରେ ଦୀର୍ଘକାଳିନତା ଏବଂ ନିରନ୍ତର ଜନସମର୍ଥନକୁ ପ୍ରତିପାଦିତ କରୁଥିବା ଏକ କୃତିତ୍ୱ। ମୋଦି ୨୦୦୧ ଅକ୍ଟୋବର ୭ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ହୋଇ ୨୦୧୪ ମେ' ୨୧ ପର୍ଯ୍ୟନ୍ତ ଉକ୍ତ ପଦବୀରେ ରହିଥିଲେ। ଜାତୀୟ ରାଜନୀତିକୁ ଆସିବା ପୂର୍ବରୁ ସେ ମୁଖ୍ୟମନ୍ତ୍ରୀ ଭାବେ ୧୩ ବର୍ଷରୁ ଅଧିକ ସମୟ କ୍ଷମତାରେ ଥିଲେ। ୨୦୧୪ ମେ' ୨୬ରେ ସେ ଭାରତର ୧୪ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇ ଲୋକ ସଭାରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ପ୍ରଥମ ଅଣକଂଗ୍ରେସ ନେତା ହୋଇଥିଲେ। ସେହିପରି ସେ ପ୍ରଥମ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ ପୂରା ୨ଟି ପାଳି କ୍ଷମତାରେ ରହିବା ପରେ କ୍ରମାଗତ ତୃତୀୟ ଥର କ୍ଷମତାକୁ ଫେରିଛନ୍ତି। ଏହା ବ୍ୟତୀତ ଡିଜିଟାଲ କ୍ଷେତ୍ରରେ ଦେଖିଲେ, ୟୁଟ୍ୟୁବ୍ ଚ୍ୟାନେଲରେ ଚଳିତ ମାସ ଆରମ୍ଭରେ ମୋଦିଙ୍କ ସବ୍‌ସ୍କ୍ରାଇବର ସଂଖ୍ୟା ୩୦ ନିୟୁତରେ ପହଞ୍ଚିଥିଲା, ଯାହାକି ଉକ୍ତ ପ୍ଲାଟ୍‌ଫର୍ମରେ ଅନ୍ୟତମ ସର୍ବାଧିକ ଫଲୋ ହେଉଥିବା ବିଶ୍ୱ ନେତା। ସେହିପରି ଇନ୍‌ଷ୍ଟାଗ୍ରାମ୍‌ରେ ପ୍ରଧାନମନ୍ତ୍ରୀଙ୍କ ଫଲୋଅରଙ୍କ ସଂଖ୍ୟା ଫେବୃଆରୀରେ ୧୦୦ ନିୟୁତ ଅତିକ୍ରମ କରିଥିଲା। ସେ କ୍ଷମତାରେ ଥିବା ପ୍ରଥମ ବିଶ୍ୱନେତା ଓ ରାଜନେତା ଭାବେ ଏହି ସଫଳତା ହାସଲ କରିଛନ୍ତି। Xରେ ମୋଦିଙ୍କର ଫଲୋଅର ସଂଖ୍ୟା ୧୦୬.୪ ନିୟୁତ ରହିଛି।

ସର୍ବାଧିକ ସମୟ ସରକାର ମୁଖ୍ୟ ରହିବାରେ ମୋଦିଙ୍କ ସଫଳତାକୁ ସେବା, କଠିନ ପରିଶ୍ରମ ଓ ଅତୁଟ ପ୍ରତିଶ୍ରୁତିବଦ୍ଧତାର ଏକ ମାଇଲ୍‌ଖୁଣ୍ଟ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ମୋଦିଙ୍କ ଏହି ସଫଳତାକୁ ନେଇ ଶାହାଙ୍କ ସମେତ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଜେ.ପି. ନଡ୍ଡା, ପୀୟୁଷ ଗୋୟଲ, ଅଶ୍ୱିନୀ ବୈଷ୍ଣବ ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ପ୍ରମୁଖ ଉଚ୍ଚ ପ୍ରଶଂସା କରିଛନ୍ତି।

## ରାଜ୍ୟ ଖବର

# ଓଡ଼ିଶା, ଗୁଜରାଟ ମଧ୍ୟରେ ସାଂସ୍କୃତିକ ସମ୍ପର୍କ ଆହୁରି ସୁଦୃଢ଼ ହେବ

ଭୁବନେଶ୍ୱର,୨୨।୩(ସୌମ୍ୟରଞ୍ଜନ ରାଉତ)

## 'ଓଡ଼ିଶା ପରବ'ର ଦ୍ୱିତୀୟ ଦିବସ

ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଅହମ୍ମଦାବାଦରେ ଚାଲିଥିବା 'ଓଡ଼ିଶା ପରବ'ର ରବିବାର ଦ୍ୱିତୀୟ ଦିବସରେ ଓଡ଼ିଆ ପ୍ରବାସୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଗୁଜରାଟର ବିଭିନ୍ନ ପ୍ରାନ୍ତରେ ରହୁଥିବା ଓଡ଼ିଆ ସମ୍ପ୍ରଦାୟର ଲୋକେ ଏକାଠି ହୋଇ ଭାବର ଆଦାନପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଲେ, ସଂସ୍କୃତି, ବାଣିଜ୍ୟ, ପର୍ଯ୍ୟଟନ ଏବଂ ଗୋଷ୍ଠୀଗତ ବିକାଶ କ୍ଷେତ୍ରରେ ବିଭିନ୍ନ ରାଜ୍ୟ ମଧ୍ୟରେ ପାରସ୍ପରିକ ସହଯୋଗର ଆବଶ୍ୟକତା ରହିଛି। 'ଓଡ଼ିଶା ପରବ' କେବଳ ଏକ ସାଂସ୍କୃତିକ ପ୍ରଦର୍ଶନୀ ନୁହେଁ, ବରଂ ଏହା


ଓଡ଼ିଶା ପରବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟ ଅତିଥିମାନେ।

ଓଡ଼ିଶା ଏବଂ ଗୁଜରାଟର ଜନସାଧାରଣଙ୍କ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ସହ ପାରସ୍ପରିକ ବୁଝାମଣା ବୃଦ୍ଧି କରିବା ପାଇଁ ଏକ ସକ୍ରିୟ ମାଧ୍ୟମ। ଏହିଭଳି ପଦକ୍ଷେପ ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ସ୍ଥାୟୀ ସମ୍ପର୍କ ଗଠନ କରିବାରେ ସହାୟକ ହେବ ବୋଲି ସେ ମତପ୍ରକାଶ କରିଥିଲେ।

ଅନ୍ୟତମ ଅତିଥି ଭାବେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଅବସରପ୍ରାପ୍ତ ଆଇଏଏସ୍ ଅଫିସର ମହେଶ୍ୱର ସାହୁ ଏବଂ ଅହମ୍ମଦାବାଦ ଓଡ଼ିଆ ସାମାଜିକ ସାଂସ୍କୃତିକ ସଂଘର ସଭାପତି ଏଚ୍.କେ. ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ପ୍ରବାସୀ ଓଡ଼ିଆମାନେ ଉତ୍ସାହର ସହ ଅଂଶଗ୍ରହଣ କରି ନିଜ ଅନୁଭୂତି ଓ ମାଟି ସହ ରହିଥିବା ନିବିଡ଼ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ଗୁଜରାଟ ଭଳି ସ୍ଥାନରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ହସ୍ତତନ୍ତ, ଖାଦ୍ୟ ଏବଂ ପରମ୍ପରାର ପ୍ରଦର୍ଶନକୁ ନେଇ ସେମାନେ ଗର୍ବ ଅନୁଭବ କରିଥିଲେ।

# ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ନିୟମ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୩(ବନ୍ଦନା ସେଠୀ)

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଗତ କିଛିଦିନ ତଳେ କଟକ ଏସ୍‌ସିବି ମେଡିକାଲ କଲେଜରେ ଘଟିଥିବା ଅଗ୍ନିକାଣ୍ଡରେ ୧୨ଜଣଙ୍କ ମୃତ୍ୟୁ ପରେ ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଛି। ସମସ୍ତ ସରକାରୀ ହସ୍ପିଟାଲଗୁଡ଼ିକରେ ଅଗ୍ନି ନିରାପତ୍ତା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ନିୟମିତ ଯାଞ୍ଚ କରାଇବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ଲୋକସେବା ଭବନଠାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଗ୍ନି ନିରାପତ୍ତା ସଂକ୍ରାନ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମନ୍ତ୍ରୀ ଆଲୋଚନା କରିବା ସହ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନିରୀକ୍ଷଣ, ଅଗ୍ନି ସୁରକ୍ଷାମାନ ଠିକ୍ ଭାବେ ପାଳନ କରିବା ନିମନ୍ତେ ଅଧିକାରୀଙ୍କୁ ବିଶେଷ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ ମେଡିକାଲ କଲେଜ, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନି ସୁରକ୍ଷା ସମ୍ବନ୍ଧୀୟ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଆପତକାଳୀନ ପରିସ୍ଥିତିରେ ତ୍ୱରିତ ପ୍ରତିକ୍ରିୟା ଓ ରୋଗୀଙ୍କ ସୁରକ୍ଷାକୁ ସର୍ବପ୍ରଥମେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିବା ସହ ସମସ୍ତ ହସ୍ପିଟାଲରେ ଅଗ୍ନି ନିରୋଧକ ଯନ୍ତ୍ର ଠିକ୍ ଭାବରେ କାର୍ଯ୍ୟକ୍ଷମ ରହିବା ସହିତ ନିୟମିତ ଯାଞ୍ଚ ଓ ମକ୍ ଡ୍ରିଲ କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ ବିଭାଗ ଏବଂ ଅଗ୍ନିଶମ ବିଭାଗ ସହ ସମନ୍ୱୟ ରଖି ପଦକ୍ଷେପ ଗ୍ରହଣ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ରୋଗୀ ଓ ସାଧାରଣ ଲୋକଙ୍କ ସୁରକ୍ଷା ସରକାରଙ୍କ ପ୍ରଥମ ପ୍ରାଥମିକତା। ଏଥିରେ କୌଣସି ପ୍ରକାର ଅବହେଳା ସହ୍ୟ କରାଯିବ ନାହିଁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିବା ସହ ଆଗାମୀ ଦିନରେ ସମସ୍ତେ ଏଥିପ୍ରତି ସଚେତନ ରହିବାକୁ କହିଥିଲେ। ବୈଠକରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥ୍ ଏସ୍, ସ୍ୱତନ୍ତ୍ର ସଚିବ ଡା. ବିଜୟ ମହାପାତ୍ର ଓ ବରିଷ୍ଠ ଅଧିକାରୀଙ୍କ ସହ ସମସ୍ତ ଜିଲାର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ କଲେଜ ମୁଖ୍ୟମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀଙ୍କ ସୋସିଆଲ୍ ମିଡ଼ିଆରେ କଣ୍ଠଶିଳ୍ପୀ ଦୀପ୍ତିରେଖାଙ୍କ ଭଜନ




ଭୁବନେଶ୍ୱର,୨୨।୩(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀଙ୍କ ଭକ୍ତିମୟ ଭଜନ 'ଦୁର୍ଗତି ନାଶିନୀ ମା'ର ଭିଡିଓ ଲିଙ୍କ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କ ସୋସିଆଲ୍ ମିଡ଼ିଆ ଆକାଉଣ୍ଟ 'X'ରେ ପୋଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀ ଗୀତର ଲିଙ୍କ୍ ଶେୟାର କରି ହିନ୍ଦୀରେ ଲେଖିଛନ୍ତି ଯେ, ମାତାଙ୍କ ପ୍ରତି ଭକ୍ତିରେ ଅନନ୍ୟ ଶକ୍ତି ରହିଛି। ମାଆଙ୍କ ପୂଜା ଓ ଆରାଧନା କରିବା ଦ୍ୱାରା ଭକ୍ତଙ୍କ ମନ ସକାରାତ୍ମକ ଶକ୍ତିରେ ପରିପୂର୍ଣ୍ଣ ହୋଇଥାଏ ବୋଲି ସେ ଲେଖିଛନ୍ତି। ଏନେଇ କଣ୍ଠଶିଳ୍ପୀ ଦିପ୍ତି କହିଛନ୍ତି, ଏହି ଭିଡିଓଟି ୪ବର୍ଷ ତଳର। ବର୍ତ୍ତମାନ ଚୈତ୍ର ନବରାତ୍ରୀ ଚାଲିଥିବାରୁ ସେଥିପାଇଁ ପ୍ରଧାନମନ୍ତ୍ରୀ ତାଙ୍କ ଫେସ୍‌ବୁକ୍, X, ହ୍ୱାଟସଅପ୍ ଗ୍ରୁପ୍‌ରେ ଏହାକୁ ପୋଷ୍ଟ କରିଛନ୍ତି। ଏନେଇ ବହୁତ୍ ଖୁସି ଲାଗୁଛି। ମୁଁ କେବେ ଭାବି ନ ଥିଲି କି ପ୍ରଧାନମନ୍ତ୍ରୀ ତାଙ୍କ ସୋସିଆଲ୍ ମିଡ଼ିଆରେ ମୋ ଗୀତକୁ ପୋଷ୍ଟ କରିବେ। ଏହି ଗୀତକୁ ଶରତ ଚନ୍ଦ୍ର ମହାପାତ୍ର ଲେଖିଛନ୍ତି ଓ ମୋ ଗୁରୁ ପ୍ରଦୀପ କୁମାର ଦାସ କମ୍ପୋଜ୍ କରିଥିଲେ। କଟକସ୍ଥିତ ମା' ଧାକୁଲେଇ ପୀଠରେ ଗୀତଟିକୁ ସମ୍ପୂର୍ଣ୍ଣ ଟିମ୍ ଶୁଟିଂ କରିଥିଲେ। ତେଣୁ ସମସ୍ତଙ୍କୁ ହୃଦୟର ସହ ଧନ୍ୟବାଦ ଦେଉଛି।

# ଫଳପ୍ରଦ ଆଣ୍ଟିବାୟୋଟିକ ପଦାର୍ଥର ବିକାଶ


ନିକୁଞ୍ଜ ବିହାରୀ ସାହୁ

''ଉଚ୍ଚ-ବିଭେଦନଶୀଳ ଅଣୁବୀକ୍ଷଣ ଛବିରୁ ଜଣାଯାଏ ଯେ, ଏହି ଭାଇରସ ପ୍ରୋଟିନଗୁଡ଼ିକ ବ୍ୟାକ୍ଟେରିଆ ଶରୀର ମଧ୍ୟରେ ମୁରଜେ ପ୍ରୋଟିନକୁ ଅଚଳ କରି ଗୋଟିଏ ସ୍ଥାନରେ ବନ୍ଦୀ କରିଦିଏ, ଯାହା ଦ୍ୱାରା ବ୍ୟାକ୍ଟେରିଆର କୋଷଭିତ୍ତି ନିର୍ମାଣ ପ୍ରକ୍ରିୟା ଗୁରୁତର ବାଧାପ୍ରାପ୍ତ ହୋଇ ତା'ର ମୃତ୍ୟୁ ଘଟେ। ଉଲ୍ଲେଖନୀୟ ଭାବରେ ଅଲଗା ଅଲଗା ଭାଇରସ ନିଜର ପୃଥକ ପ୍ରୋଟିନ ବିକଶିତ କଲେ ସୁଦ୍ଧା ସବୁ ପ୍ରୋଟିନ ଅନୁରୂପ ପଦ୍ଧତିରେ ବ୍ୟାକ୍ଟେରିଆର ପ୍ରୋଟିନ 'ମୁରଜେ'କୁ ଅବରୋଧ କରିଥାନ୍ତି। ସୁତରାଂ ଏହି ଆବିଷ୍କାର ଆଗାମୀ ଦିନରେ ଏକ ନୂତନ ଓ ଫଳପ୍ରଦ ଆଣ୍ଟିବାୟୋଟିକ ପଦାର୍ଥ ବିକାଶ ଦିଗରେ ସମ୍ଭାବନା ବହନ କରିବ ବୋଲି ଆଶା କରାଯାଏ।''





ଏବେ କିଛି ବ୍ୟାଧି ସୃଷ୍ଟିକାରୀ ବ୍ୟାକ୍ଟେରିଆଙ୍କ ପ୍ରଚଳିତ ଜୀବାଣୁନାଶକ ଔଷଧ ବା ଆଣ୍ଟିବାୟୋଟିକ ପ୍ରତି ପ୍ରତିରୋଧକଶୀଳତା ବୃଦ୍ଧି ପାଇଛି। ଫଳରେ ଡାକ୍ତରଙ୍କ ପକ୍ଷରେ ଏଭଳି ଔଷଧ-ପ୍ରତିରୋଧୀ ବ୍ୟାକ୍ଟେରିଆଙ୍କ ଦ୍ୱାରା ସଂକ୍ରମିତ ରୋଗର ଚିକିତ୍ସା କରିବା କଷ୍ଟକର ହୋଇପଡୁଛି। ଏହାର ମୁକାବିଲା ନିମନ୍ତେ ଏବେ ବୈଜ୍ଞାନିକମାନେ ନୂତନ ଆଣ୍ଟିବାୟୋଟିକ ତତ୍ତ୍ୱର ସନ୍ଧାନ କରିବାକୁ ପ୍ରୟାସ ଚଳାଇଛନ୍ତି, ଯାହା ଏଭଳି ବ୍ୟାକ୍ଟେରିଆଙ୍କ ପ୍ରତିହତ ପାଇଁ ଫଳପ୍ରଦ ଭାବେ କାର୍ଯ୍ୟ କରିବ। ଏ କ୍ଷେତ୍ରରେ କିଛି ଅନାମଧେୟ ଭାଇରସ ପ୍ରତିଶ୍ରୁତି ବହନ କରିଥାନ୍ତି। ଗବେଷଣାରୁ ଜଣାପଡ଼ିଛି ଯେ, ଏହି ଭାଇରସଙ୍କ କିଛି ପ୍ରୋଟିନ ବ୍ୟାକ୍ଟେରିଆର କୋଷଭିତ୍ତି ନିର୍ମାଣ ପାଇଁ ଆବଶ୍ୟକ ମୁରଜେ ନାମକ ଏକ ପ୍ରମୁଖ ପ୍ରୋଟିନକୁ ଅକ୍ଷମ କରିଦିଏ, ଯାହା ଦ୍ୱାରା ଘଟଣାକ୍ରମେ ବ୍ୟାକ୍ଟେରିଆର ମୃତ୍ୟୁ ଘଟେ। ଉଚ୍ଚ-ବିଭେଦନଶୀଳ ଅଣୁବୀକ୍ଷଣ ଛବିରୁ ଜଣାଯାଏ ଯେ, ଏହି ଭାଇରସ ପ୍ରୋଟିନଗୁଡ଼ିକ ବ୍ୟାକ୍ଟେରିଆ ଶରୀର ମଧ୍ୟରେ ମୁରଜେ ପ୍ରୋଟିନକୁ ଅଚଳ କରି ଗୋଟିଏ ସ୍ଥାନରେ ବନ୍ଦୀ କରିଦିଏ, ଯାହା ଦ୍ୱାରା ବ୍ୟାକ୍ଟେରିଆର କୋଷଭିତ୍ତି ନିର୍ମାଣ ପ୍ରକ୍ରିୟା ଗୁରୁତର ବାଧାପ୍ରାପ୍ତ ହୋଇ ତା'ର ମୃତ୍ୟୁ ଘଟେ। ଉଲ୍ଲେଖନୀୟ ଭାବରେ ଅଲଗା ଅଲଗା ଭାଇରସ ନିଜର ପୃଥକ୍ ପ୍ରୋଟିନ ବିକଶିତ କଲେ ସୁଦ୍ଧା ସବୁ ପ୍ରୋଟିନ ଅନୁରୂପ ପଦ୍ଧତିରେ ବ୍ୟାକ୍ଟେରିଆର ପ୍ରୋଟିନ 'ମୁରଜେ'କୁ ଅବରୋଧ କରିଥାନ୍ତି। ସୁତରାଂ ଏହି ଆବିଷ୍କାର ଆଗାମୀ ଦିନରେ ଏକ ନୂତନ ଓ ଫଳପ୍ରଦ ଆଣ୍ଟିବାୟୋଟିକ ପଦାର୍ଥ ବିକାଶ ଦିଗରେ ସମ୍ଭାବନା ବହନ କରିବ ବୋଲି ଆଶା କରାଯାଏ। ଗବେଷଣାର ଏହି ଫଳାଫଳ ଚଳିତ ବର୍ଷ ଫେବୃଆରୀ ୨୬ ତାରିଖର 'ନେଚର' ପତ୍ରିକାରେ ପ୍ରକାଶିତ ହୋଇଛି। ଏହି ଗବେଷଣାର ସୂତ୍ରଧର ଥିଲେ ଯୁକ୍ତରାଷ୍ଟ୍ର ଆମେରିକର କାଲଟେକର ବିଲ୍ କ୍ଲେମନ୍ସ ଗବେଷଣାଗାରରେ କାର୍ଯ୍ୟରତ ଜଣେ ସ୍ନାତକ ଛାତ୍ର ୟାନଚେଙ୍ଗ ଏଭଲିନ ଲି।

**ନୂତନ ଆଣ୍ଟିବାୟୋଟିକ୍ସ ତତ୍ତ୍ୱ ବିକାଶର ଆବଶ୍ୟକତା**

ବ୍ୟାକ୍ଟେରିଆ ଶୀଘ୍ର ବିବର୍ତ୍ତିତ ହୋଇ ନୂଆ ରୂପରେ ଆତ୍ମପ୍ରକାଶ କରିଥାଏ। ସେମାନଙ୍କର ଏହି ଅଭୂତପୂର୍ବ ଅନୁକୂଳନଶୀଳତା ସାର୍ବଜନୀନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଘୋର ସମସ୍ୟା ସୃଷ୍ଟି କରିଛି। ଉପରୋକ୍ତ ଗବେଷଣାର ସହଗବେଷକ କ୍ଲେମନ୍ସ କୁହନ୍ତି ଯେ, 'ବିବର୍ତ୍ତନ ପ୍ରକ୍ରିୟା ପ୍ରକୃତିର ଏକ ଶକ୍ତିଶାଳୀ କାରକ; ତେଣୁ ବ୍ୟାକ୍ଟେରିଆର ଆଣ୍ଟିବାୟୋଟିକ୍ସ ପ୍ରତିରୋଧ କ୍ଷମତା ଦ୍ରୁତ ବିକଶିତ ହେଉଛି। ଏହାର ଅର୍ଥ ହେଉଛି, ଆମେ ବର୍ତ୍ତମାନ ଏପରି ଜୀବାଣୁ ସହିତ ମୁକାବିଲା କରୁଛୁ ଯାହା ଆମ ପାଖରେ ଥିବା ସମସ୍ତ ଔଷଧ ପ୍ରତି ପ୍ରତିରୋଧକଶୀଳ; ଅର୍ଥାତ ଆମର କୌଣସି ଔଷଧ ସେମାନଙ୍କ ବିରୋଧରେ କାର୍ଯ୍ୟ କରେ ନାହିଁ।'' କେବଳ ଆମେରିକାରେ ପ୍ରତିବର୍ଷ ହଜାର ହଜାର ଲୋକ ଆଣ୍ଟିବାୟୋଟିକ-ପ୍ରତିରୋଧୀ ଜୀବାଣୁଙ୍କ ସଂକ୍ରମଣରୁ ମୃତ୍ୟୁବରଣ କରିଥାନ୍ତି ଏବଂ ଏହି ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ତେଣୁ ଏହାର ମୁକାବିଲା ପାଇଁ ଆଗାମୀ ଦିନରେ ନୂତନ ଆଣ୍ଟିବାୟୋଟିକ୍ସ ପଦାର୍ଥର ସନ୍ଧାନ କରିବାର ଜରୁରୀ ଆବଶ୍ୟକତା ରହିଛି।'' ପ୍ରଚଳିତ ଔଷଧସବୁ ବ୍ୟାକ୍ଟେରିଆ ବିପକ୍ଷରେ ପ୍ରଭାବଶୀଳତା ହରାଇବା ଦୃଷ୍ଟିକୋଣରୁ, ଗବେଷକମାନେ ବ୍ୟାକ୍ଟେରିଆ ଶରୀରର ଏପରି କିଛି ନୂତନ ଦୁର୍ବଳ ବିନ୍ଦୁ ଖୋଜୁଛନ୍ତି ଯେଉଁଠାରେ ନୂତନ ଔଷଧ ପ୍ରୟୋଗ କରି ସେମାନଙ୍କୁ ପ୍ରତିହତ କରିପାରିବ।

**ନୂତନ ଲକ୍ଷ୍ୟସ୍ଥଳୀ**

ଏ କ୍ଷେତ୍ରରେ ଏକ ସହଜସାଧ୍ୟ କୌଶଳ ହେଉଛି ବ୍ୟାକ୍ଟେରିଆର କୋଷଭିତ୍ତି ଗଠନ କରୁଥିବା ଏକ କଠୋର ଉପାଦାନ ପେପ୍ଟିଡୋଗ୍ଲାଇକାନ ନିର୍ମାଣ ପାଇଁ ବ୍ୟବହୃତ କ୍ରିୟାପଥକୁ ପ୍ରତିହତ କରିବା। ଏହି ପ୍ରକ୍ରିୟାକୁ 'ପେପ୍ଟିଡୋଗ୍ଲାଇକାନ ଜୈବସଂଶ୍ଳେଷଣ କ୍ରିୟାପଥ' କୁହାଯାଏ। ଏହା ବୈଜ୍ଞାନିକମାନଙ୍କ ପାଇଁ ବିଶେଷ ଭାବରେ ଆକର୍ଷଣୀୟ; କାରଣ ପେପ୍ଟିଡୋଗ୍ଲାଇକାନ ପ୍ରୋଟିନ କେବଳ ବ୍ୟାକ୍ଟେରିଆଠାରେ ହିଁ ମିଳିଥାଏ, ମାନବ କୋଷରେ ନୁହେଁ। କ୍ଲେମନ୍ସ ଉଲ୍ଲେଖ କରିଛନ୍ତି ଯେ, ''ପେପ୍ଟିଡୋଗ୍ଲାଇକାନ ହେଉଛି ବ୍ୟାକ୍ଟେରିଆର ଅନନ୍ୟ ବୈଶିଷ୍ଟ୍ୟ, ଯାହା ଏହାକୁ ବୈଜ୍ଞାନିକମାନଙ୍କ ପାଇଁ ଏକ ଆକର୍ଷଣୀୟ ଆଣ୍ଟିବାୟୋଟିକ ଲକ୍ଷ୍ୟସ୍ଥଳୀରେ ପରିଣତ କରିଥାଏ।''

ପ୍ରଚଳିତ ଅନେକ ଆଣ୍ଟିବାୟୋଟିକ ପଦାର୍ଥର କାର୍ଯ୍ୟପ୍ରଣାଳୀ ଏହି ପଥକୁ ବ୍ୟାହତ କରିବା ପଦ୍ଧତି ଉପରେ ପର୍ଯ୍ୟବସିତ। ଗତ ୧୯୨୮ ମସିହାରେ ବୈଜ୍ଞାନିକ ଆଲେକଜାଣ୍ଡାର ଫ୍ଲେମିଂଙ୍କ ଦ୍ୱାରା ଆବିଷ୍କୃତ ବିଶ୍ୱର ସର୍ବପ୍ରଥମ ଆଣ୍ଟିବାୟୋଟିକ ଔଷଧ 'ପେନିସିଲିନ' ବ୍ୟାକ୍ଟେରିଆ ଶରୀରରେ ପେପ୍ଟିଡୋଗ୍ଲାଇକାନ ଉତ୍ପାଦନର ଏକ ଶେଷ ପର୍ଯ୍ୟାୟକୁ ଅବରୋଧ ଦ୍ୱାରା କାର୍ଯ୍ୟ କରିଥାଏ। ଆମୋକ୍ସିସିଲିନ ଭଳି ଆଣ୍ଟିବାୟୋଟିକ ଔଷଧ ମଧ୍ୟ ଅନୁରୂପ ପଦ୍ଧତିରେ କାର୍ଯ୍ୟ କରେ।

**ବ୍ୟାକ୍ଟେରିଆର ସୁରକ୍ଷା ପ୍ରୋଟିନ ବଳୟ**

ବ୍ୟାକ୍ଟେରିଆର ସୁରକ୍ଷା ପ୍ରୋଟିନ ବଳୟ ତିନୋଟି ଅତ୍ୟାବଶ୍ୟକ ପ୍ରୋଟିନ ଯଥା ଏମ ରେ, ମୁରଜି ଏବଂ ମୁରଜେକୁ ନେଇ ଗଠିତ। ଏହି ପ୍ରୋଟିନ ସବୁ ବ୍ୟାକ୍ଟେରିଆର ଅନ୍ତଃଝିଲ୍ଲୀ ଦେଇ ପେପ୍ଟିଡୋଗ୍ଲାଇକାନ ନିର୍ମାଣ ପ୍ରକ୍ରିୟାକୁ ପରିଚାଳିତ କରନ୍ତି। ଏହି ପ୍ରୋଟିନଗୁଡ଼ିକ ବାହ୍ୟଝିଲ୍ଲୀ ବାହାରେ କୋଷଭିତ୍ତି ଗଠନ କରିବା ପାଇଁ ଆବଶ୍ୟକ ଉପାଦାନଗୁଡ଼ିକୁ ପରିବହନ କରିବାରେ ସାହାଯ୍ୟ କରନ୍ତି। ଯଦି ଏଗୁଡିକ ମଧ୍ୟରୁ କୌଣସି ଗୋଟିଏ ପ୍ରୋଟିନ ଅକାମୀ ହୋଇଯାଏ, ତେବେ ପେପ୍ଟିଡୋଗ୍ଲାଇକାନ ଉତ୍ପନ୍ନ ହୋଇପାରେ ନାହିଁ ଏବଂ ଘଟଣାକ୍ରମେ ବ୍ୟାକ୍ଟେରିଆର ମୃତ୍ୟୁ ଘଟେ। ସୁତରାଂ ଏହି ବ୍ୟବସ୍ଥା ହିଁ ନୂତନ ଆଣ୍ଟିବାୟୋଟିକ ଔଷଧର କାର୍ଯ୍ୟକାରିତା ପାଇଁ ବୈଜ୍ଞାନିକମାନଙ୍କର ଏକ ପ୍ରମୁଖ ଲକ୍ଷ୍ୟସ୍ଥଳୀ ରୂପେ ସାବ୍ୟସ୍ତ ହୋଇଥାଏ। ଯଦିଓ ଗବେଷକମାନେ ଏହି ପ୍ରୋଟିନଗୁଡ଼ିକର କାର୍ଯ୍ୟପ୍ରଣାଳୀ ଉପରେ କିଛିଟା ଅବଗତ, ଏ କ୍ଷେତ୍ରରେ ମଧ୍ୟ ଅନେକ ତଥ୍ୟ ରହସ୍ୟାବୃତ ହୋଇ ରହିଛି।

ଏବେକାର କୌଣସି ଅନୁମୋଦିତ ଔଷଧ ବ୍ୟାକ୍ଟେରିଆର ଏହି ତିନୋଟି ପ୍ରୋଟିନ ଗଠନକୁ ସିଧାସଳଖ ପ୍ରତିହତ କରେ ନାହିଁ। ତଥାପି, କ୍ଲେମନ୍ସ କୁହନ୍ତି ଯେ, ଭବିଷ୍ୟତରେ ଏପରି ପଦ୍ଧତି ବିକାଶର ସମ୍ଭାବନା ଅଛି। ସେ କହନ୍ତି, ''ଆମେ ଜାଣୁ ଯେ ଆମେ ପ୍ରକୃତିରୁ କିମ୍ବା ରାସାୟନଗାରରେ ସଂଶ୍ଳେଷିତ କିଛି ସୂକ୍ଷ୍ମ ଅଣୁର ସନ୍ଧାନ କରି ପାରିବା, ଯାହା ବ୍ୟାକ୍ଟେରିଆ ଶରୀରର ଏହି ପ୍ରୋଟିନଗୁଡ଼ିକର ଗଠନକୁ ପ୍ରତିହତ କରିପାରିବ। ଉତ୍ସାହଜନକ ଭାବରେ, ସଦ୍ୟତମ ଆବିଷ୍କାରରୁ ଜଣାପଡିଛି ଯେ ବ୍ୟାକ୍ଟେରିଆଗୁଡ଼ିକୁ ଆକ୍ରମଣ କରୁଥିବା ବ୍ୟାକ୍ଟେରିଓଫେଜ ଭାଇରସଗୁଡିକ ବ୍ୟାକ୍ଟେରିଆର ପ୍ରତିରକ୍ଷା ବଳୟ ଭେଦ କରି ଏହି ନୂତନ ପଦ୍ଧତିର ସୂତ୍ରଧର ହୋଇ ପାରିବେ।'' (କ୍ରମଶଃ...)

-ଏଜୁକେସନ ଅଫିସର
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ଭୁବନେଶ୍ୱର
ମୋ : ୮୦୧୮୭୦୮୮୪୮

## ଓଜନ ନିୟନ୍ତ୍ରିତ ରଖେ ମହୁ



ନିୟମିତ ମହୁ ଖାଇଲେ ତାହା ଓଜନ କମାଇବାରେ ସାହାଯ୍ୟ କରିଥାଏ। ଏଭଳି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ପରିମାଣରେ ମହୁ ଖାଇବାକୁ ଦିଆଯାଇଥିଲା। କିଛି ମାସ ବ୍ୟବଧାନ ପରେ ସେମାନଙ୍କର ଓଜନ ପୂର୍ବାପେକ୍ଷା କେତେକାଂଶରେ ନିୟନ୍ତ୍ରଣରେ ରହିଥିବା ସିଡ୍‌ନୀ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଜାଣିପାରିଛନ୍ତି। ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଗୋଟିଏ ଲେମ୍ବୁ ରସ ଓ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ମଧ୍ୟ ଓଜନ ହ୍ରାସ ପାଏ। ମହୁରେ ମଧ୍ୟ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ରହିଛି। ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ଯେ, ନିୟମିତ ମହୁ ଖାଇଲେ ତାହା ହୃଦ୍‌ରୋଗ ଏପରିକି ଷ୍ଟ୍ରୋକ୍ ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। ଉଚ୍ଚ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ମହୁ ଶରୀରରେ ଶର୍କରାର ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ଡାଇବେଟିସ୍ ସମସ୍ୟା ଥିବା ବ୍ୟକ୍ତିଙ୍କ ପାଇଁ ମହୁ ବେଶ୍ ଉପଯୋଗୀ। ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଛୋଟ ପିଲାମାନଙ୍କୁ ମୁଖ୍ୟତଃ ଥଣ୍ଡା, କାଶ ଓ କଫ ବେଶି ହୋଇଥାଏ। ସେମାନଙ୍କ ପାଇଁ ଏହା ବରଦାନ ସଦୃଶ। ଘରୋଇ ଉପଚାର ଭାବରେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ସେମାନଙ୍କୁ ଆରାମ ମିଳିଥାଏ। ଏହା ଆମ ମସ୍ତିଷ୍କ କାର୍ଯ୍ୟଧାରାକୁ ସକ୍ରିୟ ରଖିବା ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ କେତେକାଂଶରେ ସହାୟକ ହୋଇଥାଏ।

## ଆଲ୍‌ଜିମର୍ସ ସମସ୍ୟାର ସହଜ ଉପଚାର



ବିଶେଷଭାବରେ ବୟସ୍କ ବ୍ୟକ୍ତିଙ୍କ ଠାରେ ଆଲଜିମର୍ସ ସମସ୍ୟା ଅଧିକ ପରିମାଣରେ ଦେଖାଦେଇଥାଏ। ଏହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡିଥାଏ। ତେବେ ଏହାଠାରୁ ନିଜକୁ ଦୂରେଇ ରଖିବା ଲାଗି କେତୋଟି ସହଜ ତଥା ସରଳ ଉପାୟ ରହିଛି। ପ୍ରଥମ କଥା ହେଲା ସବୁବେଳେ ଏପରି ଖାଦ୍ୟ ଖାଆନ୍ତୁ ଯାହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ଆହୁରି ସକ୍ରିୟ ରହିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିଜକୁ ଅବସାଦ ଏବଂ ଟେନସନ୍ ଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ଏଭଳି ଏକ ଜୀବନଶୈଳୀ ଅନୁସରଣ କରନ୍ତୁ, ଯାହାର ସୁପ୍ରଭାବ ମସ୍ତିଷ୍କ ଉପରେ ପଡିବ। ଉପରୋକ୍ତ ବିଷୟଗୁଡିକ ଆଲଜିମର୍ସ ଆଶଙ୍କାକୁ କେତେ ଦୂରେଇ ରଖେ ସେ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରି ଜାଣିପାରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଖାଦ୍ୟପେୟ, ଏକ ରୁଟିନ୍ ଜୀବନଶୈଳୀ ଏବଂ ଯେତେସମ୍ଭବ ଟେନସନ୍ ଏବଂ ଅବସାଦଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଥିଲା। ପରିଶେଷରେ ଏମାନଙ୍କୁ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତି ନିଜକୁ ଆଲଜିମର୍ସ ଠାରୁ କେତେକାଂଶରେ ଦୂରେଇ ରଖିବାରେ ସକ୍ଷମ ହୋଇଥିଲେ ବୋଲି ସର୍ଭେ ରିପୋର୍ଟରୁ ଜଣାପଡ଼ିଛି।

## ଜାଣିରଖନ୍ତୁ



ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଉଚିତ। ଖାଦ୍ୟ ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଉଚିତ। ଆହାର ଗ୍ରହଣ ପୂର୍ବରୁ ଭଗବାନଙ୍କୁ ଅର୍ପଣ କରିବା ଏକ ଭଲ ଅଭ୍ୟାସ। ଖାଉଥିବା ବେଳେ କଥାବାର୍ତ୍ତା ନ ହେବା ଭଲ। ତା'ସହ ଏହି ସମୟରେ ଟିଭି ଦେଖିବା ମଧ୍ୟ ଠିକ୍ ନୁହେଁ। ସବୁବେଳେ ଖାଦ୍ୟ ସେବନରେ ମନ ନିବେଶ କରି ଏହାକୁ ପ୍ରଭୁଙ୍କ ପ୍ରସାଦ ସମ ସେବନ କରିବା ଉଚିତ୍। ଖାଇବା ୧ଘଣ୍ଟା ପରେ ପାଣି ପିଇବା, ଥଣ୍ଡା ଜିନିଷ, ଆଇସକ୍ରିମ୍ ଆଦି ନଖାଇବା ଦ୍ୱାରା ପାଚନ ଭଲ ଭାବେ ହୋଇଥାଏ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡା ଆଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ଖାଇବା ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ଆମେ ଖାଉଥିବା ଖାଦ୍ୟ ଯଦି ଠିକ୍ ଭାବରେ ହଜମ ନ ହୁଏ, ତେବେ ଗ୍ୟାଷ୍ଟ୍ରିକ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ଖାଦ୍ୟ ଖାଇବା ବେଳେ ଶାନ୍ତ ମନରେ ଖାଆନ୍ତୁ। ଏହି ସମୟରେ ଆଦୌ ଟେନ୍‌ସନ୍‌ର ବଶବର୍ତ୍ତୀ ହୁଅନ୍ତୁ ନାହିଁ। ମନ ଯଦି ଅଶାନ୍ତ ଥିବା ବେଳେ ଖାଦ୍ୟ ଖାଇଲେ ତେବେ ତାହାର ପ୍ରଭାବ ପାଚନ କ୍ରିୟା ଉପରେ ପଡିଥାଏ।

## ସ୍ୱାସ୍ଥ୍ୟ ସୂଚନା

➢ ଆଜିକାଲି ନିଜ ସ୍ୱାସ୍ଥ୍ୟ ପ୍ରତି ବେଶ୍ ଯତ୍ନବାନ ହୁଅନ୍ତୁ। ନିୟମିତ ସମୟ ବ୍ୟବଧାନରେ ହେଲ୍‌ଥ ଚେକ୍‌ଅପ୍ କରାଇ ନିଅନ୍ତୁ। ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡିତ ତେବେ ଡାକ୍ତରଙ୍କ ପରାମର୍ଶକୁ ଠିକ୍ ଭାବରେ ଅନୁସରଣ କରନ୍ତୁ।

➢ ଆଖୁରସ ପିଇବା ଦ୍ୱାରା ଆମ ଶରୀରରେ ହଜମ ପ୍ରକ୍ରିୟା ଠିକ୍ ରହିଥାଏ। ଏଥିରେ ଏଭଳି ଉପକାରୀ ତତ୍ତ୍ୱ ରହିଛି, ଯାହା ପାକସ୍ଥଳୀ ସଂକ୍ରମଣ ଆଶଙ୍କାରୁ କେତେକାଂଶରେ ଦୂରେଇ ରଖିଥାଏ।



➢ ସଜନା ଶାଗ ରକ୍ତରେ ଏବଂ ପରିସ୍ରାରେ ଶର୍କରା ଏବଂ ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖେ। ଏହାବ୍ୟତୀତ ରକ୍ତଚାପ ସନ୍ତୁଳିତ ରହିବା ସହ ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣ ବୃଦ୍ଧି ପାଇଥାଏ।

➢ ଯଦି ଆପଣ କୌଣସି ରୋଗରେ ଆକ୍ରାନ୍ତ ହୋଇଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ହେଲେ, ମନେ ରଖନ୍ତୁ ପରାମର୍ଶ କରିବା ପୂର୍ବରୁ ଡାକ୍ତରଙ୍କ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ।

➢ ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।

## ଅସ୍ଥିକୁ ମଜଭୁତ କରେ ଗାଜର

ଗାଜରରେ ଅନେକ ଉପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଏହାକୁ ନିୟମିତ ଖାଇଲେ ତାହା ଅସ୍ଥିକୁ ମଜଭୁତ ରଖିଥାଏ। ଅସ୍ଥିଜନିତ ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିପାରିଛନ୍ତି। ଏହି ବ୍ୟକ୍ତିମାନଙ୍କୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଗାଜର ସାମିଲ କରିବାକୁ କୁହାଯାଇଥିଲା। ତା'ସହ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର ପ୍ରଭାବ ସେମାନଙ୍କର ଅସ୍ଥି ଉପରେ କିପରି ପଡୁଛି ତାହାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ପରିଶେଷରେ ଜଣାପଡିଥିଲା ଯେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଅସ୍ଥିଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥିଲେ। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଖାଇବା ଦ୍ୱାରା ତାହା ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଥିରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ଆଣ୍ଟିବଡ଼ି ଗଠନ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ। ଗାଜର ମଧ୍ୟ ରକ୍ତରେ ଶର୍କରାର ପରିମାଣକୁ ନିୟନ୍ତ୍ରିତ ରଖିବାରେ ସାହାଯ୍ୟ କରେ।



## ସ୍ମରଣ ଶକ୍ତି ବୃଦ୍ଧି ଓ ମନପସନ୍ଦର ଗୀତ



ସଙ୍ଗୀତ ଏପରି ଏକ ମାଧ୍ୟମ ଯାହା ଭାରାକ୍ରାନ୍ତ ମନକୁ ହାଲୁକା କରିଥାଏ। ଏହାର ଏକ ଉପକାରୀ ଗୁଣ ବିଷୟରେ ନିକଟରେ ଜଣାପଡିଛି। ଯଦି ଜଣେ ବ୍ୟକ୍ତି ନିୟମିତ ମନ ପସନ୍ଦର ଗୀତ ଶୁଣନ୍ତି, ତେବେ ତାହାର ସୁପ୍ରଭାବ ସ୍ମରଣ ଶକ୍ତି ଉପରେ ପଡିଥାଏ। ୟୁନିଭର୍‌ସିଟି ଅଫ୍ ଟରୋଣ୍ଟୋର ମନୋବିଜ୍ଞାନୀମାନେ କରିଥିବା ଏକ ସର୍ଭେରୁ ଏକଥା ଜଣାପଡିଛି। ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ନିଜର ପ୍ରିୟ ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ଆମ ସ୍ନାୟୁ କୋଷଗୁଡ଼ିକୁ ଆରାମ ଲାଗିଥାଏ, ଯାହାର ଭଲ ପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ। ଏହାଦ୍ୱାରା ମଧ୍ୟ ମସ୍ତିଷ୍କ ସହ ଯୋଡ଼ି ହୋଇ ରହିଥିବା ସ୍ନାୟୁକୋଷଗୁଡ଼ିକ ଧୀରେ ଧୀରେ ଚଳଚଞ୍ଚଳ ହୋଇ ଉଠନ୍ତି। ଏହାଫଳରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲିତ ରୁହେ। ଯେ କୌଣସି କାର୍ଯ୍ୟ କରିବା ପାଇଁ ମନରେ ଆଗ୍ରହ ମଧ୍ୟ ସୃଷ୍ଟି ହୁଏ। ଏହି ସର୍ଭେର ଅନ୍ତର୍ଭୁକ୍ତ ବ୍ୟକ୍ତିମାନେ ନିୟମିତ ନିଜ ମନ ପସନ୍ଦର ଗୀତ ଶୁଣିଥିଲେ। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି କେତେକାଂଶରେ ବୃଦ୍ଧି ପାଇଥିଲା।

## ଅବସାଦରୁ ରକ୍ଷା ପାଇବା ଲାଗି...

ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ଆମକୁ ଏକ ରୋଗମୁକ୍ତ ଜୀବନଯାପନ କରିବାରେ କେତେକାଂଶରେ ସହାୟକ ହୋଇଥାଏ। ଆଜିକାଲି କେତେକ କାରଣରୁ ଅବସାଦ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଏଥିରୁ ନିଜକୁ ରକ୍ଷା କରିବାର ଏକ ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ସବୁବେଳେ ଉତ୍ତମ ଖାଦ୍ୟ ଖାଆନ୍ତି ତେବେ ତାଙ୍କର ମାନସିକତା କେତେକାଂଶରେ ସକାରାତ୍ମକ ରହିଥାଏ। ଏହାଦ୍ୱାରା ଆଉ ଏକ ଉପକାର ମଧ୍ୟ ମିଳିଥାଏ। ଏଭଳି ଅଭ୍ୟାସ ଫଳରେ ଜଣେ ନିଜକୁ ଅବସାଦଠାରୁ ଦୂରେଇ ରଖିପାରିବ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି। ପ୍ରାୟ ନିୟମିତ ଉତ୍ତମ ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ଖାଦ୍ୟପେୟରେ ଅନିୟମିତତା, ଏଣୁତେଣୁ ଖାଦ୍ୟ ଖାଇବା ଦ୍ୱାରା ସମୟ କ୍ରମେ ଜଣେ ବ୍ୟକ୍ତି ଡିପ୍ରେସନ ବା ଅବସାଦର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ତା'ସହ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ସବୁବେଳେ ଖାଇବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି।



# ଅଧା କ୍ଷମତାରେ ଚାଲୁଛି ୟୁରିଆ ପ୍ଲାଣ୍ଟ

■ଭାରତ ଉପରେ ପଶ୍ଚିମ ଏସିଆ ଯୁଦ୍ଧର ପ୍ରଭାବ

■ଆଗାମୀ ଖରିଫ୍‌ରେ ଦେଖାଦେଇପାରେ ୟୁରିଆ ସଙ୍କଟ



ନୂଆଦିଲ୍ଲୀ, ୨୨।୩ (ପି.ଟି.)

ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଯୋଗୁ ଭାରତର ସାର କାରଖାନାଗୁଡ଼ିକ ଏବେ ବଡ଼ ସଙ୍କଟ ଦେଇ ଗତି କରୁଛନ୍ତି। ହର୍ମୁଜ ପ୍ରଣାଳୀ (ଷ୍ଟ୍ରେଟ୍ ଅଫ୍ ହର୍ମୁଜ) ଦେଇ ଏଲ୍‌ଏନ୍‌ଜି(ତରଳ ପ୍ରାକୃତିକ ଗ୍ୟାସ୍) ପରିବହନ ବାଧାପ୍ରାପ୍ତ ହୋଇଛି। ଫଳରେ ଦେଶର ୟୁରିଆ କାରଖାନାଗୁଡ଼ିକ ଏବେ ମାତ୍ର ୫୦ ପ୍ରତିଶତ କ୍ଷମତାରେ ଚାଲୁଥିବା ରବିବାର ଶିଳ୍ପ ସୂତ୍ରରୁ ଜଣାପଡ଼ିଛି।

ଭାରତର ସବୁଠାରୁ ବଡ଼ ଗ୍ୟାସ୍ ଟର୍ମିନାଲ ପରିଚାଳନା କରୁଥିବା ପେଟ୍ରୋନେଟ୍ ଏଲ୍‌ଏନ୍‌ଜି ଲିମିଟେଡ୍ 'ଫୋର୍ସ ମେଜର' ଘୋଷଣା କରିଛି। ଏହାର ଅର୍ଥ ହେଉଛି ଯୁଦ୍ଧ ସ୍ଥିତି ଯୋଗୁ ସେମାନେ ଚୁକ୍ତି ଅନୁଯାୟୀ ଗ୍ୟାସ୍ ଯୋଗାଇବାରେ ଅସମର୍ଥ। ଉପରମୁଣ୍ଡର ଯୋଗାଣକାରୀ କମ୍ପାନୀଗୁଡ଼ିକ ଗ୍ୟାସ୍ ପଠାଇବାରେ ଅସମର୍ଥ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ସରକାରୀ ଗ୍ୟାସ୍ ବିତରକ କମ୍ପାନୀ ଯଥା ଗେଲ୍, ଆଇଓସି ଏବଂ ବିପିସିଏଲ୍ ପରି କମ୍ପାନୀଗୁଡ଼ିକ ସାର କାରଖାନାଗୁଡ଼ିକୁ ଯୋଗାଉଥିବା ଗ୍ୟାସ୍ ପରିମାଣକୁ ୬୦ରୁ ୬୫ ପ୍ରତିଶତକୁ କମାଇ ଦେଇଛନ୍ତି। କେତେକ ୟୁରିଆ ୟୁନିଟ୍‌ରେ ପ୍ରକୃତ ଯୋଗାଣ ୫୦ ପ୍ରତିଶତରୁ ମଧ୍ୟ କମ୍ ରହିଛି। ଏଭଳିସ୍ଥଳେ ଦେଶର ୟୁରିଆ ପ୍ଲାଣ୍ଟଗୁଡ଼ିକ ସେମାନଙ୍କର ସମ୍ପୂର୍ଣ୍ଣ କ୍ଷମତାର ମାତ୍ର ୫୦ ପ୍ରତିଶତରେ କାମ କରୁଛନ୍ତି। ଉତ୍ପାଦନ କମିଥିଲେ ମଧ୍ୟ ଏହି ପ୍ଲାଣ୍ଟଗୁଡ଼ିକରେ ଶକ୍ତି ବ୍ୟୟ ପ୍ରାୟ ୪୦ ପ୍ରତିଶତ ବଢ଼ିଯାଇଛି। କାରଣ ବଡ଼ ମେଶିନ୍‌ଗୁଡ଼ିକୁ କମ୍ ଲୋଡ୍‌ରେ ଚଲାଇଲେ ସେଗୁଡ଼ିକ ଅଧିକ ଇନ୍ଧନ ଖର୍ଚ୍ଚ କରନ୍ତି।

ସାର ଉତ୍ପାଦନ ହ୍ରାସ ପାଇଥିବାରୁ ଚାଷ ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା କରାଯାଉଛି। ଆଗକୁ ଖରିଫ୍ ଋତୁ ଆସୁଥିବାରୁ ସାରର ଚାହିଦା ବଢ଼ିବ। ବର୍ତ୍ତମାନ ଭାରତ ପାଖରେ ୬୧.୧୪ ଲକ୍ଷ ଟନ୍ ୟୁରିଆ ମହଜୁଦ ଅଛି (ଯାହା ଗତ ବର୍ଷ ତୁଳନାରେ ଅଧିକ)। ହେଲେ ଉତ୍ପାଦନ ଏଭଳି କମ୍ ରହିଲେ, ଚାଷ ସମୟରେ ସାରର ଅଭାବ ଦେଖାଦେଇପାରେ। କାରଖାନା କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ଗ୍ୟାସ୍ ଯୋଗାଣ କମାଇବା ପାଇଁ ଅତି ବିଳମ୍ବିତ ରାତିରେ ସୂଚନା ମିଳୁଛି। ଏଭଳିସ୍ଥଳେ ବଡ଼ ପ୍ଲାଣ୍ଟଗୁଡ଼ିକୁ ହଠାତ୍ ବନ୍ଦ କରିବା ବା ଲୋଡ୍ କମାଇବା ଦ୍ୱାରା ମେଶିନ ଖରାପ ହେବା ସହ ଦୁର୍ଘଟଣାର ଭୟ ମଧ୍ୟ ରହିଛି। ଅନ୍ୟପକ୍ଷରେ ଗେଲ୍ ପକ୍ଷରୁ ଗ୍ୟାସ୍ ଦରକୁ ନେଇ ନୂଆ ନିୟମ ମାର୍ଚ୍ଚ ୧ରୁ ଲାଗୁ କରାଯାଇଛି। ବିଭିନ୍ନ ପ୍ରକାରର ପୁଲ୍ଡ ପ୍ରାଇସ୍ ଯୋଗୁ ସାର କମ୍ପାନୀଗୁଡ଼ିକ ପାଇଁ ଉତ୍ପାଦନ ଖର୍ଚ୍ଚ ହିସାବ କରିବା କଷ୍ଟକର ହୋଇପଡୁଛି, ଯାହା ସେମାନଙ୍କୁ ଆର୍ଥିକ କ୍ଷତି ଆଡ଼କୁ ଠେଲି ଦେଉଛି।

## ସାମଗ୍ରୀ ପରିବହନରେ ବିଳମ୍ବ, କଞ୍ଚାମାଲ ଅଭାବ ଚିନ୍ତା ବଢ଼ାଇଛି: ସିଆଇଆଇ

ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁ ଭାରତର ବାଣିଜ୍ୟ କାରବାର ଓ ଶିଳ୍ପ ଉତ୍ପାଦନ ଗୁରୁତର ପ୍ରଭାବିତ ହେଉଛି। ରବିବାର ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ କୁହାଯାଇଛି ଯେ, ବିଶ୍ୱ ବାଣିଜ୍ୟ ମାର୍ଗରେ ବାଧା ସୃଷ୍ଟି ହେବା ଫଳରେ ଭାରତୀୟ କମ୍ପାନୀଗୁଡ଼ିକ ଅନେକ ଜଟିଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସିଆଇଆଇ ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ ଏକ ବିବୃତିରେ କହିଛନ୍ତି, ସମୁଦ୍ର ପଥରେ ସାମଗ୍ରୀ ପରିବହନ ବିଳମ୍ବ ହେବା ସହ ଜରୁରୀ ଶକ୍ତି ଉତ୍ସ ମିଳିବାରେ ସମସ୍ୟା ଦେଖାଦେଇଛି। ବିଶେଷକରି ସେହିସବୁ କ୍ଷେତ୍ର ଅଧିକ ପ୍ରଭାବିତ ହୋଇଛି, ଯେଉଁଗୁଡ଼ିକ ବିଦେଶରୁ ଆସୁଥିବା କଞ୍ଚାମାଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଯୁଦ୍ଧ ଯୋଗୁ କେବଳ ସାମଗ୍ରୀ ଆସିବାରେ ବିଳମ୍ବ ହେଉନାହିଁ, ବରଂ ଉତ୍ପାଦନ ପାଇଁ ଆବଶ୍ୟକ ହେଉଥିବା ଅନେକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲର ଘୋର ଅଭାବ ଦେଖାଦେଲାଣି। ଏହାର ପ୍ରଭାବ ଉଭୟ ରପ୍ତାନି ଓ ଆମଦାନୀ ଉପରେ ପଡ଼ିଥିବାବେଳେ ଶକ୍ତି ବଜାରରେ ମଧ୍ୟ ଅସ୍ଥିରତା ସୃଷ୍ଟି ହୋଇଛି ବୋଲି ବାନାର୍ଜୀ କହିଛନ୍ତି।

## ପୂର୍ବତଟ ରେଳପଥର ୨୭୫ ଏମ୍‌ଟି ପଣ୍ୟ ପରିବହନ



ଭୁବନେଶ୍ୱର,୨୨।୩ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ମାର୍ଚ୍ଚ ୨୦ ସୁଦ୍ଧା ୨୭୫ ନିୟୁତ ଟନ୍ (ଏମ୍‌ଟି) ପରିବହନ ଲକ୍ଷ୍ୟ ହାସଲ କରି ପଣ୍ୟ ପରିବହନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ନିର୍ଦ୍ଧାରିତ ସମୟର ୧୧ ଦିନ ପୂର୍ବରୁ ଏହି ସଫଳତା ହାସଲ କରିଛି। ପୂର୍ବତଟ ରେଳପଥ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ୨୭୫.୬ ଏମ୍‌ଟି ପଣ୍ୟ ପରିବହନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିର ୨୪୯.୬ ଏମ୍‌ଟି ସହିତ ତୁଳନା କଲେ ୧୦.୪% ଅଭିବୃଦ୍ଧି ଦର୍ଶାଉଛି। ଅନ୍ୟପଟେ ପୂର୍ବତଟ ରେଳପଥ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ୨୫୦ଏମ୍‌ଟି ଅନଲୋଡିଂ ଅତିକ୍ରମ କରିଛି, ଯାହା ଗତ ବର୍ଷର ସମାନ ଅବଧିରେ ୨୩୬.୫ ନିୟୁତ ଟନ୍ ଅନଲୋଡିଂ ସଂଖ୍ୟା ତୁଳନାରେ ଯଥେଷ୍ଟ ଉନ୍ନତି ଆଣିଛି। ପୂର୍ବତଟ ରେଳପଥ ପଣ୍ୟ ପରିବହନରେ, ବିଶେଷ କରି କୋଇଲା, ଲୁହାପଥର, ଇସ୍ପାତ ଏବଂ ଅନ୍ୟାନ୍ୟ ବଲ୍କ ସାମଗ୍ରୀଗୁଡ଼ିକରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି, ଯାହା ଦେଶର ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରୁଛି।

## ଭାରତୀୟ ରେଳପଥ ରନିଂ ଷ୍ଟାଫ୍‌ଙ୍କ ଭତ୍ତା ହାର ବୃଦ୍ଧି

ଭୁବନେଶ୍ୱର,୨୨।୩ (ଅନୁରାଧା ମହାରଣା)

ଭାରତୀୟ ରେଳପଥ ରନିଂ ଷ୍ଟାଫ୍‌ଙ୍କ ପାଇଁ ଭତ୍ତା ହାର ବୃଦ୍ଧି କରିଛି। ଭାରତୀୟ ରେଳପଥ ତା'ର ରନିଂ ଷ୍ଟାଫ ଅର୍ଥାତ୍ ଲୋକୋ ପାଇଲଟ, ଆସିଷ୍ଟାଣ୍ଟ ଲୋକୋ ପାଇଲଟ, ଫାୟାରମ୍ୟାନ, ଗାର୍ଡ (ବର୍ତ୍ତମାନ ଟ୍ରେନ ମ୍ୟାନେଜର୍) ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ୨୦୨୪ ଜାନୁଆରୀ ୧ରୁ କାର୍ଯ୍ୟକାରୀ ହେବାକୁ ଯାଉଥିବା ଏହି ନିଷ୍ପତ୍ତି ଅନୁଯାୟୀ କିଲୋମେଟ୍ରେଜ ଭତ୍ତା ଏବଂ ଏଏଲ୍‌କେର ହାରକୁ ବୃଦ୍ଧି କରାଯାଇଛି। ଏହି ବୃଦ୍ଧି ଡିଅରନେସ ଆଲାଉନ୍ସ (ଡିଏ) ୫୦% ହେବା ପରେ ଏହାଦ୍ୱାରା ହଜାର ହଜାର ରେଳ କର୍ମଚାରୀ ଉପକୃତ ହେବେ। ନୂଆ ହାର ଅନୁଯାୟୀ, ଲୋକୋ ରନିଂ ଷ୍ଟାଫ ପାଇଁ ପ୍ରତି ୧୦୦ କିଲୋମିଟର ପାଇଁ କିଲୋମେଟ୍ରେଜ ଭତ୍ତା ଏବଂ ପ୍ରତି ୧୬୦ କିଲୋମିଟର ପାଇଁ ଏଏଲ୍‌କେ ନିର୍ଦ୍ଧାରଣ କରାଯାଇଛି। ଲୋକୋ ପାଇଲଟ (ମେଲ୍) ପାଇଁ ୬୦୬ଟଙ୍କା ଓ ୯୬୯ଟଙ୍କା, ଲୋକୋ ପାଇଲଟ (ପ୍ୟାସେଞ୍ଜର୍)/ସିନିୟର ମୋଟରମ୍ୟାନ ପାଇଁ ୬୦୦ଟଙ୍କା ଓ ୯୬୦ଟଙ୍କା, ଲୋକୋ ପାଇଲଟ (ଗୁଡ୍‌ସ) ପାଇଁ ୫୯୪ ଟଙ୍କା ଓ ୯୫୧ଟଙ୍କା, ଶଣ୍ଟିଂ ଗ୍ରେଡ-୧ ପାଇଁ ୪୬୧ ଟଙ୍କା ଓ ୭୩୭ଟଙ୍କା ଏବଂ ଅନ୍ୟାନ୍ୟ ଗ୍ରେଡ ଅନୁଯାୟୀ ହାର ସ୍ଥିର କରାଯାଇଛି। ସେହିପରି ଫାୟାରମ୍ୟାନ ଓ ଆସିଷ୍ଟାଣ୍ଟ ଲୋକୋ ପାଇଲଟମାନଙ୍କ ପାଇଁ ମଧ୍ୟ ବିଭିନ୍ନ ସ୍ତରରେ ବୃଦ୍ଧି କରାଯାଇଛି। ଟ୍ରାଫିକ ରନିଂ ଷ୍ଟାଫ ଅର୍ଥାତ୍ ଗାର୍ଡମାନଙ୍କ ପାଇଁ ମଧ୍ୟ ନୂଆ ହାର ଲାଗୁ ହୋଇଛି। ମେଲ/ଏକ୍ସପ୍ରେସ ଗାର୍ଡ ପାଇଁ ୫୪୯ ଟଙ୍କା ଓ ୮୭୮ଟଙ୍କା, ସିନିୟର ପ୍ୟାସେଞ୍ଜର୍ ଓ ଗୁଡ୍‌ସ ଗାର୍ଡଙ୍କ ପାଇଁ ୫୪୩ ଟଙ୍କା ଓ ୮୬୯ ଟଙ୍କା, ଗୁଡ୍‌ସ ଗାର୍ଡ ପାଇଁ ୫୩୭ଟଙ୍କା ଓ ୮୫୯ ଟଙ୍କା ଏବଂ ଆସିଷ୍ଟାଣ୍ଟ ଗାର୍ଡମାନଙ୍କ ପାଇଁ ଯଥାକ୍ରମେ ୩୨୦ଟଙ୍କା ଓ ୫୧୨ଟଙ୍କା ଏବଂ ବ୍ରେକ୍ସମ୍ୟାନଙ୍କ ପାଇଁ ୩୦୫ ଟଙ୍କା ଓ ୪୮୮ ଟଙ୍କା ହାର ନିର୍ଦ୍ଧାରଣ କରାଯାଇଛି। ଏହି ସଂଶୋଧନ ରେଲୱେ ସର୍ଭିସେସ (ରିଭାଇଜ୍ଡ ପେ) ରୁଲ୍ସ, ୨୦୧୬ ଅଧୀନରେ କରାଯାଇଛି ଏବଂ ଭତ୍ତା ପ୍ରଦାନର ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତ ପୂର୍ବଭଳି ରହିଛି।

## ଏଫ୍‌ପିଆଇ ନିୟମ ସରଳ କରିବ ସେବି

ଭୁବନେଶ୍ୱର,୨୨।୩ (ଅନୁରାଧା ମହାରଣା)

ସେବି ବୋର୍ଡ ସୋମବାର ବୈଠକରେ ବିଦେଶୀ ପୋର୍ଟଫୋଲିଓ ନିବେଶକ ପାଇଁ ଫଣ୍ଡ ସେଟଲମେଣ୍ଟ ନିୟମ ସରଳ କରିବା ସହ ବଜାର ମଧ୍ୟସ୍ଥଙ୍କ ନିୟମାବଳୀରେ ପରିବର୍ତ୍ତନ ଉପରେ ଆଲୋଚନା କରିବ। ପ୍ରସ୍ତାବ ଅନୁଯାୟୀ ଏଫପିଆଇମାନେ ସମାନ ଦିନର ବିକ୍ରିରୁ ପ୍ରାପ୍ତ ଟଙ୍କାକୁ କ୍ରୟ ବାଧ୍ୟବାଧକତା ସହ ନେଟ କରି କେବଳ ନେଟ ପରିମାଣ ପୂରଣ କରିପାରିବେ। ଏହା ଅପରେଶନାଲ ଦକ୍ଷତା ବଢ଼ାଇବ ଓ ଫଣ୍ଡିଙ୍ଗ ଖର୍ଚ୍ଚ କମାଇବ। ବିଶେଷକରି ଇଣ୍ଡେକ୍ସ ରିବାଲାନ୍ସିଙ୍ଗ ଦିନରେ ଏହା ସୁବିଧା ଦେବ। ଏହା ବ୍ୟତୀତ ବୋର୍ଡ 'ଫିଟ ଏଣ୍ଡ ପ୍ରପର୍ ପର୍ସନ' ମାନଦଣ୍ଡ ସଂସ୍କାର, ଇଜ୍ ଅଫ୍ ଡୁଇଙ୍ଗ ବିଜନେସ ପ୍ରସ୍ତାବ ଉପରେ ଉଚ୍ଚସ୍ତରୀୟ ପ୍ୟାନେଲ ରିପୋର୍ଟରେ ଗୁରୁତ୍ୱ ଦିଆଯିବ। ଏହି ବୈଠକ ଅଧ୍ୟକ୍ଷ ତୁହିନକାନ୍ତ ପାଣ୍ଡେଙ୍କ ପଞ୍ଚମ ବୋର୍ଡ ବୈଠକ ହେବ।

## ଏସ୍‌ବିଆଇ ପେନ୍‌ସନର୍ସ ସଂଘର ସାଧାରଣ ସଭା




ଭୁବନେଶ୍ୱର,୨୨।୩ (ଅନୁରାଧା ମହାରଣା)

କଟକ ଶହୀଦ ଭବନରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଭୁବନେଶ୍ୱର ମଣ୍ଡଳ ସଂଘର ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଗଣେଶ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ଜେନେରାଲ ମ୍ୟାନେଜର କୌଶଲ କିଶୋର ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଭୁବନେଶର ମଣ୍ଡଳର ମଣ୍ଡଳ ଉନ୍ନୟନ ଅଧିକାରୀ ଶାମଦେନ ଦୋରଜୀ ଲାମା, ଷ୍ଟେଟ ବ୍ୟାଙ୍କ ଅଧିକାରୀ ସଂଘର ସାଧାରଣ ସମ୍ପାଦକ ଅମିତାଭ ଦାସ ଓ ୪ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସଂଘର ଉପ ସଭାପତି ନିର୍ମଳ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ଦାଶ ପ୍ରାରମ୍ଭିକ ସୂଚନା ଦେବାସହ ସଭ୍ୟମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀମାନଙ୍କର ବିଭିନ୍ନ ସମସ୍ୟା ପ୍ରତି ଇଣ୍ଡିଆନ ବ୍ୟାଙ୍କର୍ସ ଆସୋସିଏଶନ ଓ କେନ୍ଦ୍ର ସରକାରଙ୍କ ଉଦାସୀନତା ନେଇ ଘୋର ଉଦ୍‌ବେଗ ପ୍ରକାଶ କରିଥିଲେ। ସଂଘର ଅଭିଯୋଗ ଅନୁଯାୟୀ ଦୀର୍ଘବର୍ଷ ଧରି ପେନ୍‌ସନଭୋଗୀ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ଅଧିକାରୀଙ୍କର ପେନ୍‌ସନ ସମ୍ବନ୍ଧୀୟ ଜରୁରୀ ସମସ୍ୟାର ସମାଧାନ ଯଥା ବେତନ ସଂଶୋଧନ ସମୟରେ ପେନ୍‌ସନଭୋଗୀଙ୍କ ମୂଳ ଦରମାର ସଂଶୋଧନ କରିବା ଓ କମ୍ୟୁଟେଶନ ଅବଧି ୧୫ ବର୍ଷ ପରିବର୍ତ୍ତେ ୧୦ ବର୍ଷ କରିବାକୁ ଦାବି କରିଥିଲେ। ନିର୍ବାଚନ ଅଧିକାରୀ କୃଷ୍ଣଚନ୍ଦ୍ର ରାଉତ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଅବସରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କର ନାମ ଘୋଷଣା କରିଥିଲେ।

## ପହିଲାରୁ ପାନ୍ କାର୍ଡ ଆବେଦନରେ ପରିବର୍ତ୍ତନ

ଭୁବନେଶ୍ୱର,୨୨।୩ (ଅନୁରାଧା ମହାରଣା)




ପାନ୍ କାର୍ଡ ପାଇଁ ପହିଲାରୁ ଆବେଦନ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯିବ। ନୂଆ ନିୟମ ନୂଆ ପାନ୍ କାର୍ଡ ଆବେଦନକାରୀଙ୍କୁ ସିଧାସଳଖ ପ୍ରଭାବିତ କରିବ। ମାର୍ଚ୍ଚ ୩୧ ମଧ୍ୟରେ କେବଳ ଆଧାର କାର୍ଡ ଦେଇ ପାନ୍ କାର୍ଡ ଆବେଦନ କରିହେବ । ମାତ୍ର ଏପ୍ରିଲ ୧ରୁ ଆବେଦନକାରୀଙ୍କୁ ଅତିରିକ୍ତ ଦସ୍ତାବିଜ ଦାଖଲ କରିବାକୁ ପଡ଼ିବ, ଯାହା ପ୍ରକ୍ରିୟାକୁ ଅଧିକ ସମୟସାପେକ୍ଷ ଓ କଠିନ କରିଦେବ। ନୂଆ ନିୟମ ଅନୁଯାୟୀ ପାନ୍ କାର୍ଡ ଆବେଦନରେ ଆଧାର ସହିତ ଜନ୍ମ ତାରିଖର ପ୍ରମାଣ ଦସ୍ତାବିଜ ଆବଶ୍ୟକ ହେବ। ଏଥିରେ ଜନ୍ମ ପ୍ରମାଣପତ୍ର, ଭୋଟର୍ ଆଇଡି, ପାସପୋର୍ଟ, ଡ୍ରାଇଭିଙ୍ଗ ଲାଇସେନ୍ସ, ୧୦ମ ଶ୍ରେଣୀର ସାର୍ଟିଫିକେଟ କିମ୍ବା ଅନ୍ୟ ସରକାରୀ ଦସ୍ତାବିଜ ଅନ୍ତର୍ଭୁକ୍ତ କରାଯିବ। ଏହାଦ୍ୱାରା ପାନ୍ କାର୍ଡରେ ଥିବା ତଥ୍ୟ ଆଧାର ସହ ପୂରା ମେଳ ଖାଇବ ଏବଂ କାର୍ଡ ଅଧିକ ସୁରକ୍ଷିତ ହେବ। ଏହା ସହିତ ଆଧାରରେ ଥିବା ନାମ, ଜନ୍ମ ତାରିଖ ଓ ଅନ୍ୟ ବିବରଣୀ ଠିକ୍ ଓ ଅପଡେଟ ରହିବା ଅତ୍ୟନ୍ତ ଜରୁରୀ। ନଚେତ୍ ଆବେଦନରେ ଅସୁବିଧା ହୋଇପାରେ। ସରକାର ନୂଆ ଆବେଦନ ଫର୍ମ ମଧ୍ୟ ପ୍ରଚଳନରେ ଆଣିବେ, ଯାହା ୧ ଏପ୍ରିଲ ୨୦୨୬ରୁ ଅନିବାର୍ଯ୍ୟ ହେବ। ପୁରୁଣା ଫର୍ମ ଗ୍ରହଣ କରାଯିବ ନାହିଁ।

## କ୍ରିଟିକାଲ ମିନେରାଲ୍ସ ରେସରେ ଭାରତ ହେବ ଗେମ ଚେଞ୍ଜର୍

ନୂଆଦିଲ୍ଲୀ, ୨୨।୩

ଆଧୁନିକ ପ୍ରଯୁକ୍ତି ଓ ଇଲେକ୍ଟ୍ରିକ ଯାନର ଭବିଷ୍ୟତ ଦୁର୍ଲଭ ଖଣିଜ (ରେୟାର୍ ଆର୍ଥ ଏଲିମେଣ୍ଟ୍ସ) ଉପରେ ନିର୍ଭର କରୁଛି। ଏହି ଖଣିଜର ପ୍ରକ୍ରିୟାକରଣ ଓ ଉତ୍ପାଦନରେ ଚୀନର ଏକଚାଟିଆ କବଜା ରହିଛି, ଯାହାର ଅଂଶ ପ୍ରାୟ ୯୦% ଏବଂ ମ୍ୟାଗ୍ନେଟ ଉତ୍ପାଦନରେ ୯୩% ରହିଛି। ଏହି ନିୟନ୍ତ୍ରଣ ଯୋଗୁଁ ଚୀନ ବାରମ୍ବାର ଅନ୍ୟ ଦେଶକୁ ଚାପ ଦେଇଆସିଛି। ଭାରତ ଏହି ନିର୍ଭରଶୀଳତାରୁ ମୁକ୍ତି ପାଇବା ସହ ଦୁନିଆକୁ ଏକ ବିଶ୍ୱସନୀୟ ବିକଳ୍ପ ଦେବାକୁ ପ୍ରସ୍ତୁତ ହେଉଛି। ଜାନୁଆରୀ ୨୦୨୫ରେ ଲଞ୍ଚ ହୋଇଥିବା 'ନ୍ୟାସନାଲ କ୍ରିଟିକାଲ ମିନେରାଲ୍ସ ମିଶନ' ମାଧ୍ୟମରେ ଦେଶ ଭିତରେ ଏହି ଖଣିଜର ଅନୁସନ୍ଧାନ, ପ୍ରକ୍ରିୟାକରଣ ଓ ବ୍ୟବହାରକୁ ବଢ଼ାଇବାକୁ ଯୋଜନା କରାଯାଇଛି। ପୂର୍ବରୁ ଏହି କ୍ଷେତ୍ର କେବଳ ସରକାରୀ କମ୍ପାନୀଙ୍କ ମଧ୍ୟରେ ସୀମିତ ଥିଲା, କିନ୍ତୁ ଏବେ ପ୍ରାଇଭେଟ ସେକ୍ଟରକୁ ମଧ୍ୟ ଖୋଲା ଯାଇଛି। ଭାରତ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ସହ 'ମିନେରାଲ୍ସ ସିକ୍ୟୁରିଟି ପାର୍ଟନରଶିପ' (ଏମଏସପି) ମାଧ୍ୟମରେ ଏକ ସୁରକ୍ଷିତ ସପ୍ଲାଇ ଚେନ ଗଠନ କରୁଛି। ଦକ୍ଷିଣ ଏସିଆରେ ଭାରତର ଭୌଗୋଳିକ ଅବସ୍ଥାନ ଓ ପଡ଼ୋଶୀ ଦେଶମାନଙ୍କ ସହ ସମ୍ପର୍କ ଏହାର ସବୁଠାରୁ ବଡ଼ ଶକ୍ତି। ଆଫଗାନିସ୍ତାନରେ ଲାନ୍ଥାନମ ଓ ସିରିୟମ, ମ୍ୟାନମାରରେ ଡିସପ୍ରୋସିୟମ, ଶ୍ରୀଲଙ୍କା ଓ ବାଲାଂଦେଶରେ ମୋନାଜାଇଟ, ନେପାଳ ଓ ଭୁଟାନରେ ଟାଣ୍ଟାଲମ, ଲିଥିୟମ ଭଳି ଖଣିଜ ପ୍ରଚୁର ରହିଛି।

## ପହିଲାରୁ ଡିଜିଟାଲ ପେମେଣ୍ଟରେ ନୂଆ ନିୟମ

ନୂଆଦିଲ୍ଲୀ, ୨୨।୩

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଡିଜିଟାଲ ପେମେଣ୍ଟକୁ ଆହୁରି ସୁରକ୍ଷିତ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛି। ୨୦୨୫ ସେପ୍ଟେମ୍ବର ୨୫ରେ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ, ଏପ୍ରିଲ ୧ରୁ ସମସ୍ତ ଘରୋଇ ଡିଜିଟାଲ ଟ୍ରାଞ୍ଜାକ୍ସନ ପାଇଁ ୨-ଫ୍ୟାକ୍ଟର୍ ଅଥେଣ୍ଟିକେଶନ ବାଧ୍ୟତାମୂଳକ ହେବ। ବ୍ୟାଙ୍କ ଓ ଫିନଟେକ କମ୍ପାନୀମାନେ ବିଭିନ୍ନ ସୁରକ୍ଷା ବିକଳ୍ପ ପ୍ରଦାନ କରିପାରିବେ ଯେପରି ପାସୱାର୍ଡ କିମ୍ବା ପିନ୍, ବାୟୋମେଟ୍ରିକ୍ସ, ଆପ ଭିତରେ ଜେନେରେଟ ହେଉଥିବା ସଫ୍ଟୱେର୍ ଟୋକେନ, ହାର୍ଡୱେର୍ ଟୋକେନ କିମ୍ବା ଏସ୍‌ଏମ୍‌ଏସ୍-ଆଧାରିତ ଓଟିପି। ମାତ୍ର ଓଟିପି କେବଳ ଏକାକୀ ଯଥେଷ୍ଟ ହେବ ନାହିଁ। ଓଟିପି ଚୋରି ହେଉଛି। ବର୍ତ୍ତମାନ ସିମ ସ୍ୱାପ, ଫିସିଙ୍ଗ କଲ୍, ମାଲୱେର୍ ଆଦି ମାଧ୍ୟମରେ ଅନେକ ଠକେଇ ହେଉଛି। ଏହି ସମସ୍ୟାକୁ ରୋକିବା ପାଇଁ ଆରବିଆଇ ଟେକ୍ନୋଲୋଜି-ନିରପେକ୍ଷ ପଦ୍ଧତି ଆଣୁଛି, ଯେପରି ଡିଭାଇସ ବାଇଣ୍ଡିଙ୍ଗ (କେବଳ ନିର୍ଦ୍ଦିଷ୍ଟ ଫୋନରୁ ପେମେଣ୍ଟ) କିମ୍ବା ବାୟୋମେଟ୍ରିକ୍ସ। ଏହି ନୂଆ ନିୟମର ସବୁଠାରୁ ବଡ଼ ଫାଇଦା ହେଉଛି ଗ୍ରାହକଙ୍କ ସୁରକ୍ଷା। ଯଦି ବ୍ୟାଙ୍କ କିମ୍ବା ପେମେଣ୍ଟ ଆପ ଏହି ନିୟମ ପାଳନ ନକରି ଠକେଇ ହୁଏ, ତେବେ ବ୍ୟାଙ୍କ ପୂରା ଟଙ୍କା ଫେରସ୍ତ କରିବାକୁ ପଡ଼ିବ। ଏହା ବ୍ୟାଙ୍କମାନଙ୍କୁ ସୁରକ୍ଷା ବ୍ୟବସ୍ଥାରେ ଅଧିକ ନିବେଶ କରିବାକୁ ବାଧ୍ୟ କରିବ। ଏହା ସହିତ ରିସ୍କ-ଆଧାରିତ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଲାଗୁ ହେବ। ଛୋଟ ଟ୍ରାଞ୍ଜାକ୍ସନ ପାଇଁ ସରଳ ପ୍ରକ୍ରିୟା ରହିବ ମାତ୍ର ବଡ଼ କିମ୍ବା ଅସ୍ୱାଭାବିକ ଟ୍ରାଞ୍ଜାକ୍ସନ ପାଇଁ ଅଧିକ ଯାଞ୍ଚ ଲାଗି ବାୟୋମେଟ୍ରିକ୍ସ କିମ୍ବା ଫେସ ଆଇଡି ମଗାଯିବ। ଅକ୍ଟୋବର ୧ରୁ ଅନ୍ତର୍ଜାତୀୟ ଅନଲାଇନ ଟ୍ରାଞ୍ଜାକ୍ସନ ପାଇଁ ମଧ୍ୟ କଡ଼ା ଅଥେଣ୍ଟିକେଶନ ନିୟମ ଲାଗୁ ହେବ। ଏହି ପରିବର୍ତ୍ତନ ଡିଜିଟାଲ ଠକଙ୍କୁ ରୋକିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

## କୋଇଲା ଗ୍ୟାସିଫିକେଶନ ଭାରତର ଶକ୍ତି ସୁରକ୍ଷାକୁ ମଜଭୁତ କରିବ: କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୨୨।୩ (ଅନୁରାଧା ମହାରଣା)



କୋଇଲା ଗ୍ୟାସିଫିକେଶନ ଭାରତର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା, ଆମଦାନୀ ନିର୍ଭର ହ୍ରାସ କରିବା ଓ ଶିଳ୍ପ ବିକାଶକୁ ସମର୍ଥନ ଦେବାରେ ମୁଖ୍ୟ ଭୂମିକା ତୁଲାଇବ। କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡି ଭାରତ ବିଦ୍ୟୁତ୍ ସମ୍ମିଳନୀ ୨୦୨୬ରେ ଯୋଗ ଦେଇ ଏପରି କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଦେଶର ଦ୍ରୁତ ବିକାଶଶୀଳ ଅର୍ଥନୀତି ପାଇଁ ବିକାଶ ଓ ପରିବେଶ ସ୍ଥାୟିତ୍ୱ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଜରୁରୀ । ବର୍ତ୍ତମାନ ଉତ୍ପାଦନ, ଅବସଂରଚନା, ଡିଜିଟାଲ ସଂଯୋଗ ଓ ନବପ୍ରବର୍ତ୍ତନ କ୍ଷେତ୍ରରେ ଦେଶ ଦୃଢ଼ ଅଗ୍ରଗତି କରୁଛି। ଭାରତରେ ପ୍ରାୟ ୪୦୦ ବିଲିୟନ ଟନ୍ କୋଇଲା ଭଣ୍ଡାର ରହିଛି, ଯାହା ବିଶ୍ୱରେ ସର୍ବାଧିକ। ଶକ୍ତି ମିଶ୍ରଣରେ କୋଇଲାର ଅଂଶ ୫୫% ଏବଂ ବିଦ୍ୟୁତ୍ ଉତ୍ପାଦନରେ ୭୪%। ବର୍ତ୍ତମାନ ବାର୍ଷିକ ଚାହିଦା ୧ ବିଲିୟନ ଟନ ପରିମାଣରେ ରହିଛି ଏବଂ ୨୦୪୭ ସୁଦ୍ଧା ଏହା ବହୁଗୁଣ ବଢ଼ିବ। ତଥାପି ୨୦୭୦ ସୁଦ୍ଧା ନେଟ ଜିରୋ ଲକ୍ଷ୍ୟ ପ୍ରତି ଦେଶ ପ୍ରତିବଦ୍ଧ। କୋଇଲା ଗ୍ୟାସିଫିକେଶନ କୋଇଲାକୁ ସିନଗ୍ୟାସରେ ପରିଣତ କରି ସ୍ୱଚ୍ଛ ଇନ୍ଧନ, ରାସାୟନିକ ପଦାର୍ଥ, ସାର ଓ ହାଇଡ୍ରୋଜେନ ଉତ୍ପାଦନ କରେ। ଏହା ଦେଶୀୟ ସମ୍ପଦର ଦକ୍ଷ ବ୍ୟବହାର ସହ ଅର୍ଥନୈତିକ ସ୍ଥିରତା ବଢ଼ାଇବ। ଭାରତ ୮୩% କ୍ରୁଡ ତୈଳ, ୫୦% ପ୍ରାକୃତିକ ଗ୍ୟାସ ଓ ୯୦%ରୁ ଅଧିକ ମିଥାନେଲ ଓ ସାର ଆମଦାନୀ କରୁଥିବାରୁ ଶକ୍ତି ସୁରକ୍ଷା ରଣନୈତିକ ପ୍ରାଥମିକତା। ସରକାର ଜାତୀୟ କୋଇଲା ଗ୍ୟାସିଫିକେଶନ ମିଶନ ଆରମ୍ଭ କରିଛନ୍ତି, ଲକ୍ଷ୍ୟ ୨୦୩୦ ସୁଦ୍ଧା ୧୦୦ ମିଲିୟନ ଟନ୍। ୮,୫୦୦ କୋଟି ଟଙ୍କାର ପ୍ରୋତ୍ସାହନ ପ୍ୟାକେଜ ଘୋଷଣା ହୋଇଛି। ପ୍ରାୟ ୬୪,୦୦୦ କୋଟି ଟଙ୍କାର ନିବେଶ ପ୍ରକ୍ରିୟାରେ ରହିଛି। ଅଣ୍ଡରଗ୍ରାଉଣ୍ଡ କୋଇଲା ଗ୍ୟାସିଫିକେଶନ (ୟୁସିଜି) ଭଳି ଉନ୍ନତ ପ୍ରଯୁକ୍ତି ଅଗମ୍ୟ ଭଣ୍ଡାରର ବ୍ୟବହାର ଓ ପରିବେଶ ପ୍ରଭାବ ହ୍ରାସ ପାଇଁ ଉପଯୋଗୀ।

GOVT. OF ODISHA
OFFICE OF THE SUPERINTENDING ENGINEER, MINOR IRRIGATION DIVISION, GAJAPATI
AT/PO: PARALAKHEMUNDI, DIST: GAJAPATI.
e-mail- eemi_gajapati@yahoo.co.in eemigajapatiparalakhemundi@gmail.com
e-Procurement Notice No. 809 Date. 19/03/2026
BID IDENTIFICATION NO. MIDGJP-08/2025-26
No.32001/233/2526 : The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Double** Cover System in **ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N)** from the eligible class of contractors.
1. Name of the work : **Improvement to Minor Irrigation Projects under Critical Scheme/ 2026-27.**
2. No. of works : **2 Nos. (Two)**
3. Estimated cost **Rs. 59.00 to 84.00 Lakhs.**
4. Class of Contractor : **"B" class Contractor**
5. Period of completion : **6 (Six)** calendar months (Including Rain Season)
6. Date and time of availability of bid documents in the portal: from **10.30 Hours of 26.03.2026 to 17.00 Hours of 04.04.2026**.
7. Last date/time for receipt of bids in the portal : **17.00 Hours of 04.04.2026**
8. Date of opening of Technical Bid: 11.00 Hours on 06.04.2026.
9. Name and address of the Officer inviting Bid : Superintending Engineer, Minor Irrigation Division, Gajapati, At/PO- Paralakhemundi, Dist.- Gajapati. PIN-761200
Further details can be seen from the e-procurement portal https://tendersodisha.gov.in
Sd./- Superintending Engineer
MI Division, Gajapati
Paralakhemundi
OIPR-32001/32013/1/25-26/0001

No.32001/232/2526
GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
CENTRAL IRRIGATION CIRCLE, BHUBANESWAR
'e' Procurement Notice No. ACECIC - 15/2025-26

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding: From | Bid documents available online for bidding: To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, BHUBANESWAR | PRD-08/2025-26 | Protection to Scoured Bank on KSDR Embankment from RD.13.400 Km to 13.725 Km. | 248.90 | 249000/- (Online) | 10000/- (Online) | "B" & "A" Class | 24.03.2026 At 10.00 Hours | 07.04.2026 At 17.00 Hours | 08.04.2026 At 11.00 Hours | 06 (Six Calendar Months) |

e-mail ID : secic_dowr@yahoo.com
Further detail conditions can be seen from Govt. website www.tenderorissa.gov.in
Sd./- Additional Chief Engineer,
Central Irrigation Circle
OIPR-32001/32160/1/25-26/0001

Bhubaneswar Smart City Limited
5th Floor, ICOMC Tower, Bhoi Nagar, Unit-IX, Bhubaneswar- 751022
E-mail Id: bbsr.bscl@gmail.com, CIN: U74990OR2016PLC020016
Telephone-0674-2548428 FAX: 0674-2540811
No.13001/709/2526
NOTICE INVITING BID
Bid Identification No. 511 Dt. 19-03-2026
The General Manager-I invites proposals from the agencies for Upgradation, Commissioning and Maintenance of Adaptive Traffic Signals at 50 Junctions, 6 Pelicans and 5 Blinkers along with Supply, installation, commissioning and maintenance of new Adaptive Traffic Signal Control System at 25 Locations with Emergency Vehicle Priority System, including Implementation and Maintenance of Traffic Management Analytics Solution along with Simulation and Prediction Module in Bhubaneswar City.

| Sl. No. | Name of the Work | Concerned Nodal Officer with Head quarters | EMD/Bid Security (in Rs.) (Offline) | Cost of Bid Document (in Rs.) (Offline) | Period of Service |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | Selection of agency for Upgradation, Commissioning and Maintenance of Adaptive Traffic Signals at 50 Junctions, 6 Pelicans and 5 Blinkers along with Supply, installation, commissioning and maintenance of new Adaptive Traffic Signal Control Syatem at 25 Locations with Emergency Vehicle Priority System, including Implementation and Maintenance of Traffic Management Analytics Solution along with Simulation and Prediction Module in Bhubaneswar City | General Manager-I | Rs.50,00,000/- | Rs.11,800/- (Tender Cost : Rs.10,000/- + G.S.T. Rs.1,800/-) | 6 Years and 270 Days |

1. The REQUEST FOR PROPOSAL document shall be available in the website https://tendersodisha.gov.in/ from 20-03-2026 (05:00 PM) to 04-04-2026 (05:00 P.M) for online bidding. The bidders have to participate in ONLINE bidding only. The web-site for "ONLINE BIDDING" is https://tendersodisha.gov.in/.
2. The Bidders shall submit an amount of Rs. 10,000/- +18% GST towards cost of RFP in shape of DD (Non-refundable) column No.5 drawn from any Nationalize/Scheduled Bank payable at Bhubaneswar in favour of Bhubaneswar Smart City Limited.
3. After the date & time of receipt of bid is over, the original Bid security and Demand Draft towards cost of bid documents shall be submitted in the office of the undersigned on or before 11:30 hours of 06-04-2026, during office hours on working days failing which the bid will be rejected.
4. The technical bid will be opened on 06-04-2026 at 15:30 hours in the board room of Bhubaneswar Smart City Limited, 5th Floor, ICOMC Tower, Bhoi Nagar, Unit - 9, Bhubaneswar - 751022, Odisha in the presence of bidders/representative who wish to attend. If the office happens to be closed on the schedule date of opening of the tender then the bid will be opened on the next working day at same time and same venue.
5. The Competent Authority reserves the right to postpone/cancel the REQUEST FOR PROPOSAL and intimation thereof will be sent by e-mail to the Bidders.
6. Further details with any addendum, corrigendum and cancellation can be seen from the website https://tendersodisha.gov.in/.
Sd./- General Manager-I
Bhubaneswar Smart City Limited
OIPR-13001/13070/1/25-26/0008

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମୁକ୍ତେଶ୍ୱର କ୍ରିକେଟ କ୍ଲବ ଚାମ୍ପିୟନ

**ଭୁବନେଶ୍ୱର, ୨୨।୩ (ତପନ ସ୍ୱାଇଁ)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ (ଏମ୍‌ସିସି) ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ 'ଖିମ୍‌ଜି କପ୍' ଅଲ୍ ଓଡ଼ିଶା ସିନିୟର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ ପ୍ରଗତି ସ୍ପୋର୍ଟିଂକୁ ୧୩ ରନରେ ହରାଇ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ମୁକ୍ତେଶ୍ୱର ୪୦ ଓଭରରେ ୪ ଉଇକେଟ ହରାଇ ୨୭୪ ରନ କରିଥିଲା। ଦଳ ପକ୍ଷରୁ ଅର୍ଶଦ କିଶୋର ୬୬ ବଲ୍‌ରୁ ୧୦୨ ରନର ଦ୍ରୁତ ଶତକୀୟ ଇନିଂସ ଖେଳିଥିଲେ। ସ୍ୱପ୍ନ ଭୂୟାଁ ୪୧ ରନ କରିଥିଲେ। ବିପକ୍ଷ ଦଳର ଶାନ୍ତନୁ ମିଶ୍ର ୩ ଉଇକେଟ ନେଇଥିଲେ। ଜବାବରେ ପ୍ରଗତି ରଘୁନାଥ ମଲ୍ଲ ଓ ଆୟୁଷ ବାରିକଙ୍କ ୧୬୮ ରନର ଭାଗୀଦାରି ସତ୍ତ୍ୱେ ୪୦ ଓଭରରେ ୯ ଉଇକେଟ ହରାଇ ୨୬୧ ରନରେ ସୀମିତ ରହିଥିଲା। ରଘୁନାଥ ୯୬ ଓ ଆୟୁଷ ୮୪ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ଆଶୁତୋଷ ମାରାଣ୍ଡି ୫ଟି ଓ ଶ୍ରୀରାଜ ପଟ୍ଟନାୟକ ୩ ଉଇକେଟ ନେଇଥିଲେ।



ଚାମ୍ପିୟନ ମୁକ୍ତେଶ୍ୱର କ୍ରିକେଟ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

ଏମ୍‌ସିସିର ଅର୍ଶଦ କିଶୋର ପ୍ଲେୟର ଅଫ୍ ଦି ଫାଇନାଲ ଓ ଶ୍ରେଷ୍ଠ ଉଇକେଟ କିପର, ଅନୁରାଗ ଷଡ଼ଙ୍ଗୀ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଓ ଶ୍ରେଷ୍ଠ ବ୍ୟାଟର, ଦୀନେଶ ମାଝି ଇମର୍ଜିଂ ଖେଳାଳି ଏବଂ ପ୍ରଗତିର ମିଳନ ସାମଲ ଶ୍ରେଷ୍ଠ ବୋଲର ପୁରସ୍କାର ପାଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧ ଲକ୍ଷ ଏବଂ ରନରଅପ୍ ଦଳକୁ ୬୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ତଥା ବର୍ତ୍ତମାନର ବିସିସିଆଇ ସିନିୟର ଚୟନ କମିଟି ସଦସ୍ୟ ଶିବ ସୁନ୍ଦର ଦାସ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଖିମ୍‌ଜିର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜି ଏବଂ ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୁକ୍ତେଶ୍ୱର କ୍ଲବ ସଭାପତି ତଥା ବିଧାୟକ ବାବୁ ସିଂ, କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂ ଚୌହାନ, ସମ୍ପାଦକ ଗୌର ପ୍ରସାଦ ନନ୍ଦ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଏଲ୍‌ଏଲ୍‌ସିସି 'ଏ' ବିଜୟୀ

**ଭୁବନେଶ୍ୱର, ୨୨।୩ (ତପନ ସ୍ୱାଇଁ)**

ସ୍ଥାନୀୟ ଆଇଆର୍‌ସିରେ ଚାଲିଥିବା ୧୪ ବର୍ଷରୁ କମ୍ ୫ମ ଏଲ୍‌ଏଲ୍‌ସିସି କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚରେ ଏଲ୍‌ଏଲ୍‌ସିସି 'ଏ' ଦଳ ଜାଗୃତି କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି। ଟସ୍‌ଜିତି ବ୍ୟାଟିଂ କରିଥିବା ଏଲ୍‌ଏଲ୍‌ସିସି ୩୫ ଓଭରରେ ୮ ଉଇକେଟ ହରାଇ ୨୬୦ ରନ କରିଥିଲା। ଆର୍ଯ୍ୟନ ପାଟଶାଣୀ ସର୍ବାଧିକ ୬୮ (୭୬ ବଲ) ଓ ସୁନୀଲ ନାୟକ ୫୨ (୫୪ ବଲ୍) ରନ କରିଥିଲେ। ବିପକ୍ଷ ଦଳର ଅଂଶୁମାନ ନାୟକ, ସୋହନ ସ୍ୱରୂପ, ସ୍ୱୟମ ଦାସ ଓ ସାଇ ସଙ୍କେତ ନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଜାଗୃତି କ୍ଲବ ୨୨.୧ ଓଭରରେ ୧୦୫ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ସ୍ୱୟମ ଦାସ ସର୍ବାଧିକ ୨୫ ରନ କରିଥିଲେ। ବିଜୟୀ ଦଳର ଜୟଦୀପ ରାଜ ୩ଟି ଏବଂ ପ୍ରତୀକ ସାମନ୍ତରାୟ ଓ ମୋହନିତ ପଙ୍କଜ ସାହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ୭୮ ରନ କରିବା ସହ ଗୋଟିଏ ଉଇକେଟ ନେଇଥିବା ଆର୍ଯ୍ୟନ ପାଟଶାଣୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ସିରିଜ ବରାବର ସ୍ଥିତିକୁ ଆଣିଲା ଦକ୍ଷିଣ ଆଫ୍ରିକା

**ୱେଲିଂଟନ, ୨୨।୩ (ଏପି)**

ସ୍ପିନରଙ୍କ ଚମତ୍କାର ବୋଲିଂ ଯୋଗୁ ଦକ୍ଷିଣ ଆଫ୍ରିକା ଏଠାରେ ରବିବାର ଅନୁଷ୍ଠିତ ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୧୮ରନରେ ପରାଜିତ କରିଛି। ଏଥିସହିତ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜ ୨-୨ ସ୍ତରକୁ ନେଇ ଆସିଛି। ମ୍ୟାଚରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୫ଉଇକେଟ ବିନିମୟରେ ୧୬୪ ରନ କରିଥିଲା। ଦଳର କୋନ୍ନର ଇଷ୍ଟରହୁଇଜେନ୍ ୩୩ ବଲ୍‌ରେ ତାଙ୍କର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ଯଦିଓ ବ୍ୟକ୍ତିଗତ ୫୭ରନ ସ୍କୋରରେ ଆଉଟ ହୋଇଯାଇଥିଲେ, ତାଙ୍କର ଏହି ଇନିଂସ ମ୍ୟାଚ୍‌ରେ ଫରକ ଆଣି ଦେଇଥିଲା। ବିଜୟ ଲକ୍ଷ୍ୟ ପିଛା କରିବାକୁ ଯାଇ ନ୍ୟୁଜିଲାଣ୍ଡ ଏକଦା ପାୱାର ପ୍ଲେ ପରେ ୬୩/୨ ସ୍କୋରରେ ସୁବିଧାଜନକ ସ୍ଥିତିରେ ଥିଲା। ତେବେ ପଦାର୍ପଣକାରୀ ଖେଳାଳି ବାମହାତୀ ପ୍ରିନେଲାନ ସୁବ୍ରାୟେନ (୨/୧୩) ଓ କେଶବ ମହାରାଜ (୨/୨୨) ନ୍ୟୁଜିଲାଣ୍ଡର ମିଡିଲଅର୍ଡରରେ ବିପର୍ଯ୍ୟୟ ଘଟାଇ ମ୍ୟାଚ୍‌କୁ ଦକ୍ଷିଣ ଆଫ୍ରିକା ସପକ୍ଷରେ ନେଇ ଆସିଥିଲେ। ତେବେ ପାଖାପାଖି ୩ବର୍ଷ ପରେ ନ୍ୟୁଜିଲାଣ୍ଡ ଲାଇନ୍‌ଅପ୍‌କୁ ଫେରିଥିବା ଡେନ୍ କ୍ଲିଭର ୧୬ ବଲ୍‌ରୁ ୨୬ରନ କରିବା ଦ୍ୱାରା ନ୍ୟୁଜିଲାଣ୍ଡ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ତେବେ ସେ ସୁବ୍ରାୟେନଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ। ଜିମ୍ମି ନିଶାମ ସମାନ ଓଭରରେ ଦୁଇଥର ଜୀବନଦାନ ପାଇବା ପରେ ଓଟନିଲ ବାର୍ଟମ୍ୟାନଙ୍କ ବଲ୍‌ରେ କ୍ୟାଚ୍‌ଆଉଟ ହୋଇଥିଲେ। ଜେରାଲ୍ଡ କୋଜି ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ କେଶବ ମହାରାଜ ଓ ଓଟନେଲ ବାର୍ଟମ୍ୟାନ, ପ୍ରିନେଲାନ ସୁବ୍ରାୟେନ ୨ ଲେଖାଏଁ ଉଇକେଟ ହାତେଇଥିଲେ।


ଶଟ୍ ଖେଳିବା ଅବସରରେ କୋନ୍ନର ଇଷ୍ଟରହୁଇଜେନ୍।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୧୬୪/୫ (କୋନ୍ନର ଇଷ୍ଟରହୁଇଜେନ-୫୭, ରୁବିନ୍ ହର୍ମାନ-୨୮*, ଟୋନି ଡି' ଜୋର୍ଜି-୨୩; କାଇଲ ଜେମିସନ-୨/୨୯, ବେନ୍ ସିଅର୍ସ-୧/୨୨, କୋଲ୍ ମ୍ୟାକୋଞ୍ଚି-୧/୨୬)। ନ୍ୟୁଜିଲାଣ୍ଡ : ୧୮.୫ ଓଭରରେ ୧୪୫/ଅଲଆଉଟ (ଟିମ୍ ରବିନସନ-୩୨, ଡେନ୍ କ୍ଲିଭର-୨୬; ଜେରାଲ୍ଡ କୋଜି-୩/୩୧, ପ୍ରିନେଲାନ ସୁବ୍ରାୟେନ-୨/୧୩, କେଶବ ମହାରାଜ-୨/୨୨, ଓଟନେଲ ବାର୍ଟମ୍ୟାନ-୨/୩୦)।

# ପଞ୍ଜାବ ଉଚିତ ଦିଗରେ ଆଗଉଛି: ପଠାନ

**ନୂଆଦିଲ୍ଲୀ, ୨୨।୩(ପି.ଟି.)**

ଭାରତର ପୂର୍ବତନ ଅଲରାଉଣ୍ଡର ଇର୍ଫାନ ପଠାନଙ୍କ ମତରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ଏବେ ଉଚିତ ଦିଗରେ ଆଗାଉଛି। ଦଳ ଅକ୍ସନରେ ଭଲ କରିବା ସହ ଚଳିତ ଥର ଦୀର୍ଘ ବର୍ଷର ଅପେକ୍ଷାର ଅନ୍ତ ଘଟାଇ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟାଇଟଲ ଜିତିବା ଲାଗି ଆଶା ବଢ଼ାଇଛି। ଏଥିଲାଗି ପଞ୍ଜାବର ନେତୃତ୍ୱରେ ସ୍ୱଷ୍ଟତା ଓ ଶକ୍ତିଶାଳୀ ଦଳ ଗଠନକୁ ପଠାନ ଶ୍ରେୟ ଦେଇଛନ୍ତି। ପଞ୍ଜାବ ଗତ ସିଜନରେ ରନରଅପ୍ ଭାବେ ଅଭିଯାନ ଶେଷ କରିଥିଲା।

'ପଞ୍ଜାବ ଦଳର ପ୍ରଦର୍ଶନରେ ଦେଖାଦେଇଥିବା ପରିବର୍ତ୍ତନ ପଛରେ ନେତୃତ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅକ୍ସନ ଟେବୁଲରେ ଅଧା ଆଇପିଏଲ୍ ଜିତାଯାଏ। ଅକ୍ସନରେ ବଡ଼ ପର୍ସ ଦରକାର ନାହିଁ। ସେମାନଙ୍କୁ ଦରାକର ଥିବା ଖେଳାଳି ମିଳିଲେ ଏବଂ ସେମାନେ ଫାଇନାଲରେ ପହଞ୍ଚିଲେ। ସେମାନେ ଖୁବ ବଡ଼ ନିଷ୍ପତ୍ତି ନେଇଥିଲେ। ପ୍ରଦର୍ଶନ କରିବାରେ ବିଫଳ ହୋଇଥିବା ଗ୍ଲେନ ମ୍ୟାକ୍ସୱେଲଙ୍କ ଭଳି ଖେଳାଳିଙ୍କୁ ସେମାନେ ବାଦ୍ ଦେଇଥିଲେ। ବର୍ତ୍ତମାନ ସେମାନଙ୍କ ପାଖରେ ଆଜମତୁଲା ଓମାରଜାଇ, ମାର୍କୋ ଜାନସେନ, ମାର୍କସ ଷ୍ଟୋଇନିସଙ୍କ ଭଳି ବିଦେଶୀ ଅଲରାଉଣ୍ଡର ରହିଛନ୍ତି। ସେମାନେ ଶ୍ରେୟସ ଆୟାରଙ୍କୁ ଦଳର କ୍ୟାପ୍ଟେନ କରିବା ପାଇଁ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରିଥିଲେ। ବର୍ତ୍ତମାନ ଏହି ଦଳର ଚିନ୍ତାଧାରରେ ସ୍ୱଷ୍ଟତା ଆସିଛି। ମୋ ମତରେ ପଞ୍ଜାବ ବର୍ତ୍ତମାନ ଉଚିତ ଦିଗରେ ଆଗେଇବା ଆରମ୍ଭ କରିଛି' ବୋଲି ପଠାନ କହିଛନ୍ତି।


ପୁରୀ ବିଚ୍‌ରେ ଚାଲିଥିବା ଫିଟ୍ ଇଣ୍ଡିଆ କାର୍ନିଭାଲ ଅବସରରେ ରବିବାର ଏମ୍‌ପି ସମ୍ବିତ ପାତ୍ର ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ କୋଲକାତା 'ସାଇ'ର ଆଞ୍ଚଳିକ ନିର୍ଦ୍ଦେଶକ ଶିବାନନ୍ଦ ମିଶ୍ର ଉପସ୍ଥିତ ଅଛନ୍ତି।

# ରାଜ୍ୟ ଓପନ ଚେସ୍: ନଟବର ଚାମ୍ପିୟନ

**ଭୁବନେଶ୍ୱର, ୨୨।୩ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ବଡ଼ଗଡ଼ସ୍ଥିତ ଓଁ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ୨ୟ ଲକ୍ଷ୍ମୀଧର ଶତପଥୀ ସ୍ମାରକୀ ରାଜ୍ୟ ଓପନ ଚେସ୍‌ରେ ନଟବର ଦାସ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୫ ପଏଣ୍ଟ ପାଇଛନ୍ତି। ରବୀନ୍ଦ୍ର କୁମାର ଓଝା ଓ ଲରେନ୍ସ ପ୍ରଧାନ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଏଜ୍‌ଗ୍ରୁପ୍ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, କମଳା ଏଣ୍ଟରପ୍ରାଇଜେସ ପରିଚାଳନା ନିର୍ଦ୍ଦେଶକ ମାନସ ଶତପଥୀ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସସ୍ମିତା ଶତପଥୀ, ମାଧବ ଶତପଥୀ ଓ ସ୍ୱୟମ ପ୍ରକାଶ ଶତପଥୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ବିନା ଦର୍ଶକରେ ହେବ ପିଏସ୍ଏଲ୍

**ଲାହୋର, ୨୨।୩ (ପି.ଟି.)**

ମାର୍ଚ୍ଚ ୨୬ରୁ ପାକିସ୍ତାନ କ୍ରିକେଟ ଲିଗ୍ (ପିଏସ୍ଏଲ୍) ଅନୁଷ୍ଠିତ ହେବ। ତେବେ ଇରାନ-ୟୁଏସ୍ଏ-ଇସ୍ରାଏଲ ଯୁଦ୍ଧ ଯୋଗୁ ପ୍ରତିଯୋଗିତା ବିନା ଦର୍ଶକରେ ଅନୁଷ୍ଠିତ ହେବ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ ମହସିନ ନକ୍‌ଭି କହିଛନ୍ତି, ସଦ୍ୟତମ ପିଏସ୍ଏଲ୍ ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଏହି ଟି୨୦ ଲିଗ୍‌କୁ କେବଳ ଦୁଇଟି ଭେନ୍ୟୁ କରାଚୀ ଓ ଲାହୋର ମଧ୍ୟରେ ସୀମିତ ରଖାଯାଇଛି। ନକ୍‌ଭି କହିଛନ୍ତି, ପିଏସ୍ଏଲ୍ ହେଉଛି ଏକ ଇଣ୍ଟରନ୍ୟାଶନାଲ ବ୍ରାଣ୍ଡ ଏବଂ ଏହା ଆମପାଇଁ ଗର୍ବର ବିଷୟ। ଲିଗ୍ କାର୍ଯ୍ୟସୂଚୀ ଅନୁସାରେ ମାର୍ଚ୍ଚ ୨୬ରେ ଆରମ୍ଭ ହେବାକୁ ଯାଉଛି, କିନ୍ତୁ କୌଣସି ଦର୍ଶକଙ୍କୁ ଅନୁମତି ମିଳିବ ନାହିଁ। ତେବେ ପାକିସ୍ତାନରେ ସୁରକ୍ଷାକୁ ନେଇ ନକ୍‌ଭି ଯାହା କହିଛନ୍ତି, ପିଏସ୍ଏଲ୍ ସିଇଓ ସଲମନ ନସିର ହାଲ୍‌କାରେ ନେଇଛନ୍ତି।


# Classified Everyday
**0674-2580101, 9692975378**


**REAL ESTATE**
**SALE**

3BHK Flats near 200sqft. Sikharchandi Chandaka Road, Sundarpur (The New Patia) Bhubaneswar. Rera & BDA approved. Near DN Wisdom Tree School and KIMS Hospital. Bricks work completed. Book Site Visit- 8018461579, 9437095996. D-105

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ **IIT**, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/**Duplex** ମିଳୁଛି। **8327785834.** D-3649

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



All types of physiotherapy and massage contact 9556924059 / 7656969134. D-3668

**LOST**

ମୁଁ, ଅଭିଲିପ୍ସା ତ୍ରିପାଠୀ, ପିତା: ମନୋଜ ତ୍ରିପାଠୀ, କଟକ, ମୋର ବି.ଟେକ୍ ସାର୍ଟିଫିକେଟ୍, ଯାହା ୧୮।୦୩।୨୦୨୬ ତାରିଖରେ ମାନସିଂହ ପାଟଣାରୁ ବକ୍ସି ବଜାରକୁ ଯିବା ସମୟରେ ହଜିଯାଇଛି। କେହି ପାଇଥିଲେ ଦୟାକରି ଯୋଗାଯୋଗ କରନ୍ତୁ: ୯୯୦୨୯୭୭୫୫୫। ଧ-୩୭୧୮

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**AFFIDAVIT**

By virtue of an affidavit CF No.- 209/ 21.01.2026 Executed before the Executive Magistrate Khordha, I, Suresh Chandra Mallick, S/o.- Late Satrughan Mallick, At- GGP Colony, Rasulgarh, Bhubaneswar declared that my daughter's actual name is Sai Smital Mallick but in the School Register her name reflected as Sai Smitol Mallick. That Sai Smitol Mallick & Sai Smital Mallick, D/o.- Suresh Chandra Mallick @ Suresh Ch Mallick is one and same person. D-3720

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


**ଦ୍ଧୋବୁଣି ନାହାକ**
ଆବିର୍ଭାବ: ୦୧।୦୧।୧୯୪୫
ତିରୋଧାନ: ୦୧।୦୪।୨୦୨୫
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର: ଚିତ୍ତରଞ୍ଜନ, ରାମଚନ୍ଦ୍ର, ପୁତ୍ରବଧୂ: ତପସ୍ୱିନୀ ଓ ରିଙ୍କି, ଝିଅ: ବାସନ୍ତୀ, ଦେବକୀ, ସମାପ୍ତି, ଜ୍ୱାଇଁ: କବି, ସୁରେଶ, କୃଷ୍ଣଚନ୍ଦ୍ର, ନାତିନାତୁଣୀ: ପଦ୍ମନାଭ, ଏଞ୍ଜେଲ, କାହ୍ନା, ବଳରାମ, ଶୁଭଶ୍ରୀ, ସିଲୁ, ଜିଜ୍ଞାସା ଏବଂ ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୩୭୧୫

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


**ସ୍ୱର୍ଗତା ତୃପ୍ତିମୟୀ ମିଶ୍ର**
ଆବିର୍ଭାବ: ୦୨।୧୦।୧୯୬୮
ତିରୋଧାନ: ୧୩।୦୩।୨୦୨୬
ଗ୍ରାମ: ତାଳ ସଡ଼କ, ରାଜ ରଣପୁର, ନୟାଗଡ଼
"ଚାଲିଗଲ ସିନା ଫେରିବ ନାହିଁ ବୋଲି,
ରହିଗଲା ଖାଲି ସ୍ମୃତିର ସେ ଦୀପାଞ୍ଜଳି।"
ତୁମର ଅକାଳ ବିୟୋଗ ଆମ ପରିବାର ପାଇଁ ଏକ ଅପୂରଣୀୟ କ୍ଷତି। ତୁମର ସେହି ନିଃସ୍ୱାର୍ଥପର ସ୍ନେହ, ତ୍ୟାଗ ଏବଂ ଅମୂଲ୍ୟ ଆଦର୍ଶ ଆମ ଜୀବନ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ଓ ମୋକ୍ଷପ୍ରାପ୍ତି ନିମନ୍ତେ ଚକାଡୋଳା ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା। ତୁମର ଆଶୀର୍ବାଦ ଆମ ଉପରେ ସଦା ଶୁଭଦାୟୀ ହେଉ।
-:ଶୋକାକୁଳ:-
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ
ଧ-୩୭୧୬

**REMEMBRANCE**


Kumari Amrita Satapathy
Sikharpur, Cuttack
DOB : 26.10.1998 / DOD : 22.03.2025
It's been a year, and the ache of your absence is still as sharp as the day you left. I find myself wanting to call you to share a silly thought, a piece of news, or just to hear your voice. They say it gets easier, but I think I've just learned how to carry you with me—in every smile, every quiet moment, and every memory that makes me laugh through the tears. You were the best friend In the form of my little sister. You were the best human I could have asked for in my life and I miss you more than I have the vocabulary to say. Rest in peace, my dearest Dudule...
Debasmita Satapathy (Mamali Nani)
ଧ-୩୭୧୭

**ସଂକ୍ଷେପରେ**

## ରାମଲୀଳା ନାଟକ ପାଇଁ ପ୍ରସ୍ତୁତି

**ଲୋଇସିଂହା,୨୨।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ସର୍ବପୁରାତନ ଦଧିବାମନ ରାମଲୀଳା ନାଟ୍ୟକଳା ପରିଷଦ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ରାମମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ଲକ୍ଷ୍ମଣ ସାହୁ ଅଧ୍ୟକ୍ଷତା କରିଥିଲେ। ରାମନବମୀ ଏବଂ ମାର୍ଚ୍ଚ ୨୭ରୁ ୧୪ ଦିନ ଧରି ହେବାକୁ ଥିବା ରାମଲୀଳା ନାଟକକୁ ଆଡମ୍ବର ସହକାରେ ପାଳନ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଚଳିତବର୍ଷର କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଲକ୍ଷ୍ମଣ ସାହୁ ସଭାପତି, ସୀତାକାନ୍ତ ମିଶ୍ର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଭମ କରନ, ଗୋବିନ୍ଦ ପଧାନ , କିରଟି ପଧାନ, କାଶୀନାଥ ପଧାମ, ଶ୍ରୀକାନ୍ତ ତ୍ରିପାଠୀ, ଶିବଶଙ୍କର ସାହୁ, ରଞ୍ଜନ ମନହୀରା ଓ ଏସ. ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ୧୯୩୧ ମସିହାରୁ ଏହି ଅନୁଷ୍ଠାନର କଳାକାରମାନେ ନିଷ୍ଠା ଓ କାଷ୍ଠାର ସହ ରହି ୧୪ ଦିନ ଧରି ରାମଲୀଳା ନାଟକ ପରିବେଷଣ କରି ଆସୁଛନ୍ତି।

## କଣ୍ଟାବାଞ୍ଜି ବୈଷୟିକ କଲେଜରେ ଅଗ୍ନିବୀର ସଚେତନତା କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି,୨୨।୩(ଗୁରୁ ଦୟାଲ ହଂସ)**

କଣ୍ଟାବାଞ୍ଜି ବୈଷୟିକ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଅଗ୍ନିବୀର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମନୋଜ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସେନା ଅଧିକାରୀ କାହ୍ନୁଚରଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମିଶ୍ର ଅଗ୍ନିବୀର ଯୋଜନାର ଗୁରୁତ୍ୱ, ଦେଶସେବାର ସୁଯୋଗ ଓ ଯୁବପିଢ଼ିଙ୍କ ପାଇଁ ଏହାର ଉପକାରିତା ବିଷୟରେ କହିଥିଲେ। ସେ ଛାତ୍ରୀଛାତ୍ରମାନଙ୍କୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହି ଦେଶ ସେବା ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ କରିଥିଲେ। ଯୁକ୍ତ ଦୁଇ ପ୍ରଭାରୀ ରାଜେଶ କୁମାର ମହାନ୍ତି, ପ୍ରଶାସନିକ ଅଧିକାରୀ ଯଶୋବନ୍ତ ନାରାୟଣ ମିଶ୍ର ଓ ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଗ୍ନିବୀର ଯୋଜନା ଉପରେ ଆଲୋକପାତ କରିଥିଲେ। ଉମେଶ ବାଗ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ବବିତା ଦେବଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସବିତା ମହାପାତ୍ର, ପ୍ରଭାସିନୀ ରାଉତରାୟ, ଅଧ୍ୟାପକ କରୁଣାକର ନାଏକ ଓ କୃଷ୍ଣ ମେହେରଙ୍କ ସମେତ ବହୁ ସଂଖ୍ୟକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# 'କବିତା ମନ, ହୃଦୟର କଥା କହେ'

**ବିଶ୍ୱ କବିତା ଦିବସ ପାଳିତ**

**ବଲାଙ୍ଗୀର,୨୨।୩(ବୀରେନ୍ଦ୍ର କୁମାର ଝାଙ୍କର)**



ବିଶ୍ୱ କବିତା ଦିବସ ପାଳନ ଅବସରରେ ମଞ୍ଚାସୀନ କବି ଓ ଅନ୍ୟମାନେ।

ବଲାଙ୍ଗୀରର ଅଗ୍ରଣୀ ସାହିତ୍ୟିକ-ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ 'ରଚନା' ଓ ଜିଲା ସାମ୍ବାଦିକ ସଂଘ ମିଳିତ ଆୟୋଜନରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ବିଶ୍ୱ କବିତା ଦିବସ ଉପଲକ୍ଷେ ଶନିବାର ସନ୍ଧ୍ୟାରେ ବହୁଭାଷୀ କବି ସମ୍ମେଳନ ଅନୁଷ୍ଠିତ ହୋଇଥିଲା। କବି ଆନନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ 'ମୋ ପାଇଁ କବିତା' ବିଷୟରେ ଯୁବକବି ଗଣେଶ ବାରିକ, ଯୋଗେଶ୍ୱରୀ ଦାଶ ଓ ରମାକାନ୍ତ ନାଏକ ଯୋଗଦେଇ ନିଜର ପିଲାଦିନରୁ କିପରି କବିତା ପ୍ରତି ଆକୃଷ୍ଟ ହେଲେ ଓ ଏବେ ନିଜ ଭାବନାକୁ କବିତା ଭିତରେ କିପରି ଉତାରି ପାରୁଛନ୍ତି ସୁନ୍ଦର ଭାବରେ କହିବା ସହ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ କବି ଆଲୋକ ହୋତାଙ୍କ କୋଶଲି କବିତା ସଂକଳନ 'ବଏଲା ହୋ' ଉନ୍ମୋଚିତ ହୋଇଥିଲା। ଏହି ଉନ୍ମୋଚନ ପର୍ବରେ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟା କବି ଡା. ଜ୍ୟୋର୍ତିମୟୀ ସାହୁ ଯୋଗଦେଇ କବିଙ୍କୁ ଶୁଭେଚ୍ଛା ଜଣାଇ କବିତାର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭା ପରିଚାଳନା କରିଥିଲେ କବି ସସ୍ମିତା ନେପାକ। ଧନ୍ୟବାଦ ଦେଇଥିଲେ 'ରଚନା'ର ସଭାପତି ସନାତନ ଠାକୁର। ପରେ କବି ଲିଲି ପଟେଲ ଏବଂ ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ସଂଯୋଜନାରେ ବହୁଭାଷୀ କବିତା ଆସର ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ତଥା ଆଖପାଖ ସହରର ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ଧନ୍ୟବାଦ ଦେଇଥିଲେ 'ରଚନା'ର ସହସମ୍ପାଦକ କବି ରତ୍ନମୟ ତ୍ରିପାଠୀ। ଏହି କାର୍ଯ୍ୟକ୍ରମରେ ରଚନା ଓ ସଂଘର କର୍ମକର୍ତ୍ତା, ବୁଦ୍ଧିଜୀବୀ ଓ ବହୁ କବିତା ପ୍ରେମୀ ଯୋଗ ଦେଇଥିଲେ। କବିତା ମନର କଥା କହେ, ହୃଦୟର କଥା କହେ, ସମାଜର କଥା କହେ। କବିତା ଭିତରେ ଥାଏ ମଣିଷର କୋହ, ଲୁହ, କ୍ଷୋଭ, ଅଭିମାନ ପୁଣି ଆତ୍ମସନ୍ତୋଷର ଭାବ। ଗୋଟିଏ ସମାଜର ସଂସ୍କୃତି, ଲୋକକଥା, ପର୍ବପର୍ବାଣୀ ଓ ସାମାଜିକ ଚଳଣିର ଚିତ୍ର କବିତା ପଢିଲେ ଜାଣିହୁଏ ବୋଲି କବିମାନେ ମତ ପ୍ରକାଶ କରିଥିଲେ।

## ବିନା ସୂଚନା ଫଳକରେ ବୁର୍ଡା-ସିଆଲବାହାଲି ରାସ୍ତା କାମ

**ଲୋଇସିଂହା,୨୨।୩(ସୁଶାନ୍ତ ବାରିକ)**

ଗତ ୫ବର୍ଷ ପୂର୍ବେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ବୁର୍ଡା-୨୬ ନଂ ଜାତୀୟ ରାଜପଥରୁ ସିଆଲବାହାଲି ପର୍ଯ୍ୟନ୍ତ ରାସ୍ତା କାମ କରାଯାଇଥିଲା। ସେତେବେଳେ ନିମ୍ନମାନର କାମ ଯୋଗୁ ମାସେ ନ ପୂରୁଣୁ ରାସ୍ତା ଶୋଚନୀୟ ହୋଇ ପଡିଥିଲା। ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡିଥିଲା। ରାସ୍ତାର ୫ ବର୍ଷିଆ ମିଆଦ ପୁରି ଯିବା ପରେ ନୂତନ ଟେଣ୍ଡର କରାଯାଇ ଉକ୍ତ ରାସ୍ତା କାମ ପୁଣି ଆରମ୍ଭ ହୋଇଛି। ସେହି ପୁରୁଣା ରାସ୍ତା ଉପରେ ମୋରମ ବିଛାଇ ମେଟାଲିଂ କାମ ଆରମ୍ଭ କରାଯାଇଛି । କେଉଁ ସ୍ୱାର୍ଥରେ ଆରଡି ବିଭାଗ ପକ୍ଷରୁ ରାସ୍ତା କାମ ସମ୍ପର୍କରେ ଅଦ୍ୟାବଧି ସୂଚନା ଫଳକ ଲଗାଯାଇନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆରଡି ବିଭାଗ ପକ୍ଷରୁ ବୁର୍ଡା ପଞ୍ଚାୟତ ସଦର ଗ୍ରାମ ବୁର୍ଡାରୁ ସିଆଲବାହାଲିକୁ ଉକ୍ତ ପିଚୁ ରାସ୍ତା ନିର୍ମାଣ କରାଯାଉଛି । କାମ ଆରମ୍ଭରୁ ସୂଚନା ଫଳକ ଲାଗିବାର ନିୟମ ରହିଛି। କିନ୍ତୁ ବିଭାଗ ପକ୍ଷରୁ ଏହାର ଖୋଲା ଉଲ୍ଲଂଘନ କରାଯାଇ କାମ ଆରମ୍ଭ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାସ୍ତା ଖୋଳି ରୋଲର ଚଳାଇ ବାଲି ପକାଇବା କଥା। କିନ୍ତୁ ସେହି ପୁରୁଣା ରାସ୍ତାକୁ ନ ଖୋଳି ଶୋଚନୀୟ ରାସ୍ତା ଉପରେ ଅଳ୍ପ ଅଳ୍ପ ମୋରମ ବିଛାଇ ତା ଉପରେ ମେଟାଲିଂ କରାଯାଉଛି । କାମରେ ସ୍ୱଚ୍ଛତା ଅଣା ନ ଗଲେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଲୋକଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।



ରାସ୍ତା ନ ଖୋଳି ମୋରମ ବିଛାଇ ମେଟାଲିଂ ହୋଇଛି।

## ରାଜ୍ୟସ୍ତରୀୟ କୋଶଲୀ ନାଟବାଦୀ-ନାଟଯାତ୍ରା ଉଦ୍‌ଯାପିତ



ନାଟକ 'କାଠର ଚୌକି'ର ଏକ ଦୃଶ୍ୟ।

**ବଲାଙ୍ଗୀର,୨୨।୩(ବୀରେନ୍ଦ୍ର କୁମାର ଝାଙ୍କର)**

ସଦାଇପାଲି ରାମଜୀ ଯୁବକ ସଂଘ ପକ୍ଷରୁ ପଲ୍ଲିଶ୍ରୀ ବିହାରସ୍ଥିତ ରାଧାକୃଷ୍ଣ ମଣ୍ଡପଠାରେ ୪ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ କୋଶଲୀ ନାଟବାଦୀ-ନାଟଯାତ୍ରା ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ସୁଲୋଚନା ମିଶ୍ର ମା' ସମଲେଇଶ୍ୱରୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ଉଗ୍ରେସନ ଷଡ଼ଙ୍ଗୀ ଓ ଲୀଳା ନାଟକ କଳାକାର ସ୍ୱର୍ଗତ ପବିତ୍ର ନାଏକଙ୍କ ସ୍ମୃତିରେ ମଞ୍ଚ ସମର୍ପଣ କରାଯାଇଥିଲା। ସାଇଟ୍ କଲେଜ ପ୍ରତିଷ୍ଠାତା ସମାଜସେବୀ ଡ. ଶ୍ରୀକର ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ଗୋପାଳଜୀ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ବ୍ୟବସାୟୀ କିଶୋର ରଥ ଯୋଗଦାନ କରିଥିଲେ। ସାଇଟ୍ କଲେଜ ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମ୍ବଲପୁରର ନାଟ୍ୟ କଳାକାର ତୁଷାର ରଞ୍ଜନ ବାରିକ, ବିନିକାର ଗୋପାଳଚନ୍ଦ୍ର ପଣ୍ଡା ଓ ବଲାଙ୍ଗୀରର ରାମଚନ୍ଦ୍ର ବିଶ୍ୱାଳଙ୍କୁ ନାଟକ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶେଷରେ ରାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଅଶୋକ ବେହେରାଙ୍କ ନିର୍ଦ୍ଦେଶନାରେ ବରଗଡ ସୌଖୀନ କଳାକାର ସଂଘର କଳାକାରମାନେ ପରିବେଷଣ କରିଥିଲେ ନାଟକ 'କାଠର ଚୌକି'। ପରେ ସାଇଟ୍ କଲେଜ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ସାଇଟ ନର୍ସିଂ କଲେଜର ନିର୍ଦ୍ଦେଶିକା ତୃପ୍ତିମୟୀ ମିଶ୍ର, ନମିତା ପଟେଲ, ସ୍ନିଗଧା ମିନତୀ ଦାନୀ, ଲୋପାମୁଦ୍ରା ମିଶ୍ର, ଅନ୍ୱେଷା ସିଂଦେଓ, ବିଉଟି ମେହେର, ହେମନ୍ତୀ ମେହେର, ଆଦ୍ୟାଶା ବେହେରା, ବୃନ୍ଦାବନ ମହାକୁର, ଅଶୋକ ପଧାନ ସହଯୋଗ କରିଥିଲେ।

## ଭାଜପାର କର୍ମୀ ସମ୍ମିଳନୀ

**ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି**

**ଖପ୍ରାଖୋଲ,୨୨।୩(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡାଠାରେ ଭାଜପାର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ପଞ୍ଚାୟତ ପ୍ରମୁଖ ଦୟାନିଧି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବ୍ଲକ ପ୍ରଭାରୀ ପ୍ରବୋଧାନନ୍ଦ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଜିଲା ଉପ ସଭାପତି ଦେବକାନ୍ତ ପାଣିଗ୍ରାହୀ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ, ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ, ବିକାଶ ବେହେରା, କର୍ଣ୍ଣ ସିଂ ଠାକୁର, ସୁଦୀପ ପ୍ରଧାନ, ଦେବାନନ୍ଦ ଭୋଇ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ସହ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ କହିଥିଲେ। ସେହିପରି ମାନ୍ଦୁପଲା ପଞ୍ଚାୟତରେ ମଧ୍ୟ କର୍ମୀ ସମ୍ମିଳନୀ ଶଶି ପୂଝାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ।

## ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର

**କଣ୍ଟାବାଞ୍ଜି,୨୨।୩(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହିଆଁଲ ପଞ୍ଚାୟତର ଖୁଜୁଲୁମୁଣ୍ଡାଠାରେ ଶନିବାର ଦିନ ଭାଜପାର ଧାମନଡଙ୍ଗା ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି, ଭାଜପା ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚଟୁଆନକା ସରପଞ୍ଚ ଜ୍ଞାନ ରଞ୍ଜନ ତାଣ୍ଡି ,ଭାଜପା ମଣ୍ଡଳ ଧାମନଡଙ୍ଗା ସଭାପତି ରଞ୍ଜନ ମାଝୀ, ଏମ୍‌ପିଙ୍କ ପ୍ରତିନିଧି ଅକ୍ଷୟ ମେହେର, ଜିଲା ଉପସଭାପତି ପୁରନ୍ଦର ବାଗ, ମାୟାଧର ତାଣ୍ଡି, ଯୁଧିଷ୍ଠିର ଜାଲ ମଞ୍ଚାସୀନ ଥିଲେ। ତୁରେକେଲା ବ୍ଲକର ୧୯ଟି ପଞ୍ଚାୟତରୁ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଶିବିରରେ ଜିଲା ପଦାଧିକାରୀ ରେଣୁ ଗୋପାଳ ସାହୁ ପ୍ରଶିକ୍ଷଣ ଦେଇଥିଲେ।

## ଶ୍ରୀରାମ ମନ୍ଦିର ବିଗ୍ରହ ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

**ବଲାଙ୍ଗୀର,୨୨।୩(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରର ତାଲପାଲିପଡାରେ ନିର୍ମାଣ ହୋଇଥିବା ଶ୍ରୀରାମ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ଆୟୋଜକ କମିଟି ସହିତ ପଡାର ଶତାଧିକ ମହିଳା,ପୁରୁଷ ସାମିଲ ହୋଇଥିଲେ। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଶ୍ରୀରାମ ମନ୍ଦିରର ବିଗ୍ରହ ପ୍ରତିଷ୍ଠା ଓ ଚବିଶ ପ୍ରହର ନାମଯଜ୍ଞ ହେବ ବୋଲି ଆୟୋଜକ କମିଟିର ସଭାପତି ଚନ୍ଦ୍ରମଣି ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ପରିଚାଳନା କରିବାକୁ ଆୟୋଜକ କମିଟି ସଭାପତି ଚନ୍ଦ୍ରମଣି ତ୍ରିପାଠୀ, ଉପସଭାପତି ଋଷଭ ପୁଟେଲ, ଜାହ୍ନବୀ ନାଏକ, ସମ୍ପାଦକ ଅରବିନ୍ଦ ପରୁଆ, ସହସମ୍ପାଦକ ଅଶ୍ୱିନୀ ସାଏ, କୋଷାଧ୍ୟକ୍ଷ ମହେନ୍ଦ୍ର ସାଏ ଓ ସହ କୋଷାଧ୍ୟକ୍ଷ ଦୁର୍ବାଦଳ ପଟେଲ ରହିଛନ୍ତି। ମନ୍ଦିର ପ୍ରତିଷ୍ଠା କର୍ତ୍ତା ଭାବରେ ଦେବାନନ୍ଦ ପଟେଲ ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ପଟେଲ, ଚବିଶ ପ୍ରହରୀ ନାମ ଯଜ୍ଞରେ କର୍ତ୍ତା ଭାବେ ରାମକୃଷ୍ଣ ସାଏ ଓ ତାଙ୍କ ସ୍ତ୍ରୀ ଦୀପ୍ତିମୟୀ ସାଏ ରହିବେ। ସୁଶାନ୍ତ ମିଶ୍ର ପୂଜକ ଦାୟିତ୍ୱ ନିର୍ବାହ କରିବେ। କମିଟି ସହିତ ପଡାର ବରିଷ୍ଠ ନାଗରିକମାନେ ଉପଦେଷ୍ଟା ରହିଛନ୍ତି। ପ୍ରକାଶ ଯେ, ଗଉଁତିଆ ଦୁର୍ଗାପ୍ରସାଦ ସାଏଙ୍କ ଉଦ୍ୟମରେ ଏଠାରେ ମନ୍ଦିର ନିର୍ମିତ ହୋଇଥିଲା ।



ତାଲପାଲିପଡ଼ାରେ କଳସ ଶୋଭାଯାତ୍ରା।

## ଲନ୍‌ବଲ ସଂଘ ପକ୍ଷରୁ ରାଜେଶ୍ୱରୀଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗୀର,୨୨।୩(ବୀରେନ୍ଦ୍ର କୁମାର ଝାଙ୍କର)**

ଏସିଆନ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ତରଫରୁ ମନୋନୀତ ହୋଇଥିବା ବଲାଙ୍ଗୀରର ଲନ୍‌ବଲ ଖେଳାଳି ରାଜେଶ୍ୱରୀ ସେଠୀଙ୍କୁ ଜିଲା ଲନ୍‌ବଲ ଆସୋସିଏଶନ ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧନା ଦିଆଯାଇଥିଲା। ଏସିଆନ ଚମ୍ପିଆନଶିପ୍ ସିଲେକ୍ସନ କ୍ୟାମ୍ପରେ ଓଡିଶାରୁ ଦୁଇ ଖେଳାଳି ରାଜେଶ୍ୱରୀ ସେଠ ଏବଂ ରୋଶନୀ ସାହୁ ଯୋଗ ଦେଇଥିଲେ। ଏଥିରେ ରାଜେଶ୍ୱରୀ ଅଣ୍ଡର ୨୫ ବର୍ଗରେ ତୃତୀୟ ସ୍ଥାନ ଲାଭ କରିଥିଲେ। ସେ ଆସନ୍ତା ୨୫ ମାର୍ଚ୍ଚରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଭାରତୀୟ ଲନ୍‌ବଲ କ୍ୟାମ୍ପରେ ଯୋଗଦାନ କରିବେ। ଏହାପରେ ୫ରୁ ୧୨ ଏପ୍ରିଲ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୧୭ତମ ଏସିଆନ ଚାମ୍ପିୟନଶିପରେ ଯୋଗଦାନ କରିବାର ଅଛି। ତାଙ୍କର ଏହି ସଫଳତା ବଲାଙ୍ଗୀର ସମେତ ସାରା ରାଜ୍ୟର ଲନ୍‌ବଲ ଖେଳାଳିଙ୍କୁ ପ୍ରେରଣା ଯୋଗାଇଛି। ସଂଘ ତରଫରୁ ରାଜେଶ୍ୱରୀଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସମୟରେ ବଲାଙ୍ଗୀର ସଂଘ ସଭାପତି ସୁମିତ ରଞ୍ଜନ ପୁରୋହିତ, କୋଚ କୈଳାଶ ମାଝୀ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ବୁଢ଼ୀପଦର ପ୍ରିମିୟର ଲିଗ୍ କ୍ରିକେଟ: ହାପି ଇଲେଭେନ୍ ଚାମ୍ପିୟନ

**ଲୋଇସିଂହା,୨୨।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢ଼ୀପଦର ପଞ୍ଚାୟତ ଖେଳପଡିଆରେ ଗତ ୧୮ ତାରିଖରୁ ଚାଲିଥିବା ବୁଢ଼ୀପଦର ପ୍ରିମିୟର ଲିଗ୍ କ୍ରିକେଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅଲ୍‌ଟିମେଟ ୧୧ ଦଳକୁ ୭ ଉଇକେଟରେ ହରାଇ ହାପି ଇଲେଭେନ୍ ଚାମ୍ପିୟନ ହୋଇଛି। ୬ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ଅଲଟିମେଟ ୧୧ ଦଳ ବ୍ୟାଟିଂ କରି ୫୪ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ହାପି ଇଲେଭେନ ଦଳ ୩ ଉଇକେଟ ହରାଇ ନିର୍ଦ୍ଧାରିତ ଓଭରରେ ୨ ବଲ ବାକି ଥାଇ ବିଜୟୀ ହୋଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ସୋନୁ ଓ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ ଅମନ ଭୋଇ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ସୁଶୀଲ କଠାର ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଯୁଧିଷ୍ଠିର ପଧାନ, ଖବରଦାତା ସୁଶାନ୍ତ ବାରିକ, ରାଧେଶ୍ୟାମ ହାତୀ ଯୋଗ ଦେଇଥିଲେ। ଆୟୋଜକଙ୍କ ତରଫରୁ ଚାମ୍ପିୟନ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ଓ ରନର ଅପ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଦିଆଯାଇ ପୁରସ୍କୃତ କରାଯାଇଥିଲା।

ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।



## ଛେଲବାହାଲ-କୁମୁଣ୍ଡେ ଆଭ୍ୟନ୍ତରୀଣ ରାସ୍ତା ଉନ୍ନତୀକରଣ ଦାବି

**ଲୋଇସିଂହା,୨୨।୩(ସୁଶାନ୍ତ ବାରିକ)**



ଛେଲବାହାଲ-କୁମୁଣ୍ଡେ ରାସ୍ତା ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛେଲବାହାଲରୁ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ଗ୍ରାମକୁ ଏକ ଆଭ୍ୟନ୍ତରୀଣ ରାସ୍ତା ସଂଯୋଗୀକରଣ ରହିଛି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ପ୍ରାୟ ୨ କିମି ବ୍ୟାପୀ ଏହି ମାଟି ରାସ୍ତା ଆଜି ବି ଶୋଚନୀୟ ଅବସ୍ଥାରେ ରହିଛି। ସାମାନ୍ୟ ବର୍ଷା ହେଲେ ଉକ୍ତ ରାସ୍ତା ଯାତାୟାତ ଅନୁପଯୋଗୀ ହୋଇପଡୁଛି । ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ଭାବଗତ, ସାମାଜିକ ଓ ଅର୍ଥନୈତିକ ସମ୍ପର୍କ ରହି ଆସିଛି। ଏଣୁ ଉକ୍ତ ରାସ୍ତାକୁ ପକ୍କା ରାସ୍ତା କରିବା ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି। ହେଲେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଲାଗି ରହିଛି। ୨ ୱାର୍ଡ ବିଶିଷ୍ଟ ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅଧୀନ ଛେଲବାହାଲ ଗାଁର ଲୋକସଂଖ୍ୟା ୧ ହଜାରରୁ ଊର୍ଦ୍ଧ୍ୱ ହେବ । ଛେଲବାହାଲ ଗ୍ରାମର ପ୍ରାୟ ଅଧା ଚାଷ ଜମି କୁମୁଣ୍ଡେ ଗାଁ ସୀମାନ୍ତକୁ ଲାଗି ରହିଛି। ସୁକତେଲ ନଦୀ ତଟରେ ଏହି ଚାଷ ଜମି ରହିଛି । ଖରିଫରେ ଧାନ ଚାଷ, ରବିରେ ପରିବା ଚାଷ ଏବଂ କେତେକ ଚାଷୀ ଆଖୁ ଚାଷ କରିଥାନ୍ତି । ଏହି ଆଭ୍ୟନ୍ତରୀଣ ରାସ୍ତା ଦେଇ ଛେଲବାହାଲ ଗାଁର ଚାଷୀମାନେ ପ୍ରତିଦିନ ଚାଷଜମିକୁ ଯିବା ଆସିବା କରିଥାନ୍ତି। ଛେଲବାହାଲର ଚାଷୀ ଉତ୍ପାଦନ କରୁଥିବା ପରିବାକୁ କୁମୁଣ୍ଡେରେ ବିକ୍ରି କରି ଗୁଜୁରାଣ ମେଣ୍ଟାଇଥାନ୍ତି। ଏହାବାଦ ଛେଲବାହାଲ ଗ୍ରାମର ପ୍ରାଥମିକ ଓ ହାଇସ୍କୁଲର ଅଧିକାଂଶ ଛାତ୍ରୀଛାତ୍ର କୁମୁଣ୍ଡ ଗ୍ରାମକୁ ଟ୍ୟୁଶନ ପାଇଁ ଆସିଥାନ୍ତି। ଏହାଛଡା ସୁକତେଲ ନଦୀର ଅପରପାର୍ଶ୍ୱରେ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକର ବିଲାଇସର୍ଡା, ଲୁକାପଡା ଆଦି ଗ୍ରାମ ରହିଛି। ତରଭା ବ୍ଲକର ମେଣ୍ଡା, ରାଣୀସର୍ଡା, ପୁଇଁତଲା ବ୍ଲକର ବିଭିନ୍ନ ଗ୍ରାମର ଲୋକେ ଉକ୍ତ ଆଭ୍ୟନ୍ତରୀଣ ରାସ୍ତା ବ୍ୟବହାର କରିଥାନ୍ତି। ବର୍ଷାଦିନରେ ଉକ୍ତ ରାସ୍ତା କାଦୁଅ ହୋଇ ଯାଉଥିବାରୁ ଅଧିକ ରାସ୍ତା ବୁଲିକି ଯାଇଥାନ୍ତି। ବର୍ଷାଦିନରେ ଛାତ୍ରୀଛାତ୍ର ଓ ସାଧାରଣ ଜନତାକୁ ହଇରାଣ ହେବାକୁ ପଡିଥାଏ। ଛେଲବାହାଲ-କୁମୁଣ୍ଡେ ଆଭ୍ୟନ୍ତରୀଣ ରାସ୍ତା ମୁଖ୍ୟମନ୍ତ୍ରୀ ସଡକରେ ସାମିଲ ହେଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ। ଏଣୁ ଲୋଇସିଂହା ବିଡିଓ ଓ ତରଭା ବିଡିଓ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ରାମଲୀଳା ନାଟକ ପାଇଁ ପ୍ରସ୍ତୁତି

ଲୋଇସିଂହା,୨୨।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ସର୍ବପୁରାତନ ଦଧିବାମନ ରାମଲୀଲା ନାଟ୍ୟକଳା ପରିଷଦ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ରାମମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ଲକ୍ଷ୍ମଣ ସାହୁ ଅଧ୍ୟକ୍ଷତା କରିଥିଲେ। ରାମନବମୀ ଏବଂ ମାର୍ଚ୍ଚ ୨୭ରୁ ୧୪ ଦିନ ଧରି ହେବାକୁ ଥିବା ରାମଲୀଲା ନାଟକକୁ ଆଡମ୍ବର ସହକାରେ ପାଳନ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଚଳିତବର୍ଷର କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଲକ୍ଷ୍ମଣ ସାହୁ ସଭାପତି, ସୀତାକାନ୍ତ ମିଶ୍ର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଭମ କରନ, ଗୋବିନ୍ଦ ପଧାନ , କିରଟି ପଧାନ, କାଶୀନାଥ ପଧାମ, ଶ୍ରୀକାନ୍ତ ତ୍ରିପାଠୀ, ଶିବଶଙ୍କର ସାହୁ, ରଞ୍ଜନ ମନହୀରା ଓ ଏସ. ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ୧୯୩୧ ମସିହାରୁ ଏହି ଅନୁଷ୍ଠାନର କଳାକାରମାନେ ନିଷ୍ଠା ଓ କାଷ୍ଠାର ସହ ରହି ୧୪ ଦିନ ଧରି ରାମଲୀଲା ନାଟକ ପରିବେଷଣ କରି ଆସୁଛନ୍ତି।

### କଣ୍ଟାବାଞ୍ଜି ବୈଷୟିକ କଲେଜରେ ଅଗ୍ନିବୀର ସଚେତନତା କାର୍ଯ୍ୟକ୍ରମ

କଣ୍ଟାବାଞ୍ଜି,୨୨।୩(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବୈଷୟିକ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଅଗ୍ନିବୀର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମନୋଜ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସେନା ଅଧିକାରୀ କାହ୍ନୁଚରଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମିଶ୍ର ଅଗ୍ନିବୀର ଯୋଜନାର ଗୁରୁତ୍ୱ, ଦେଶସେବାର ସୁଯୋଗ ଓ ଯୁବପିଢ଼ିଙ୍କ ପାଇଁ ଏହାର ଉପକାରିତା ବିଷୟରେ କହିଥିଲେ। ସେ ଛାତ୍ରୀଛାତ୍ରମାନଙ୍କୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହି ଦେଶ ସେବା ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ କରିଥିଲେ। ଯୁକ୍ତ ଦୁଇ ପ୍ରଭାରୀ ରାଜେଶ କୁମାର ମହାନ୍ତି, ପ୍ରଶାସନିକ ଅଧିକାରୀ ଯଶୋବନ୍ତ ନାରାୟଣ ମିଶ୍ର ଓ ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଗ୍ନିବୀର ଯୋଜନା ଉପରେ ଆଲୋକପାତ କରିଥିଲେ। ଉମେଶ ବାଗ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ବବିତା ଦେବଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସକାରାତ୍ମକ ଚିନ୍ତନ ଦ୍ୱାରା ସୁଖମୟ ଜୀବନ ସମ୍ଭବ

ସୋନପୁର,୨୨।୩(ମୃତ୍ୟୁଞ୍ଜୟ ଶତପଥୀ)



ଧାର୍ମିକ ସଚେତନତା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ସ୍ୱପରିବର୍ତ୍ତନରୁ ବିଶ୍ୱ ପରିବର୍ତ୍ତନ ସମ୍ଭବ। ଏଥିପାଇଁ ପରିବର୍ତ୍ତନ ପ୍ରଥମେ ନିଜଠାରୁ ଆରମ୍ଭ କରିବାକୁ ପଡିବ। ସକରାତ୍ମକ ଚିନ୍ତନ ଦ୍ୱାରା ହିଁ ଶାନ୍ତି ଓ ସୁଖମୟ ଜୀବନ ସମ୍ଭବ ହୋଇପାରିବ। ସୁବର୍ଣ୍ଣପୁର ସହର ସୁରେଶ୍ୱରୀ ମନ୍ଦିର ପଛପାର୍ଶ୍ୱରେ ଥିବା ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କେନ୍ଦ୍ର ସ୍ୱର୍ଣ୍ଣିମ ଭବନ ପରିସରରେ ଆୟୋଜିତ ଧାର୍ମୀକ ସଚେତନତା କାର୍ଯ୍ୟକ୍ରମ ସ୍ୱପରିବର୍ତ୍ତନରୁ ବିଶ୍ୱ ପରିବର୍ତ୍ତନରେ ଯୋଗଦେଇ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଶନିବାର ରାତିରେ ଏହି ଧାର୍ମୀକ ସଭା ଆୟୋଜିତ ହୋଇଥିଲା। ଏଥିରେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଜିଲାପାଳ କହିଥିଲେ, ଆମକୁ ସକରାତ୍ମକ ମନୋଭାବ ଆପଣେଇବାକୁ ପଡିବ। ଲୋକଙ୍କ ସୁଖ ଦୁଃଖରେ ସାମିଲ ହେବାକୁ ହେବ। ଏହାଦ୍ୱାରା ମନରୁ ନକରାତ୍ମକ ଚିନ୍ତାଧାରା ଆପେ ଆପେ ଦୁରେଇଯିବ। ସମାଜରେ ପରିବର୍ତ୍ତନ ଆସିବା ସହ ଧାର୍ମୀକ ଜାଗରଣ ସୃଷ୍ଟି ହୋଇ ପାରିବ ବୋଲି କହିଥିଲେ। କେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ବ୍ରହ୍ମା କୁମାରୀ ଜୟଶ୍ରୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜଯୋଗିନୀ ବି.କେ.ପାର୍ବତୀ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ସ୍ୱପରିବର୍ତ୍ତନରୁ ବିଶ୍ୱ ପରିବର୍ତ୍ତନ ବିଷୟରେ ବୁଝାଇଥିଲେ। ଜୀବନରେ ଶାନ୍ତି ଓ ମାନସିକସ୍ତରରେ ସୁଖ ପାଇଁ ଆଧାତ୍ମିକତା ହିଁ ଏକମାତ୍ର ମାଧ୍ୟମ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଭିନ୍ନ କେନ୍ଦ୍ରରୁ ଆସିଥିବା ବ୍ରହ୍ମାକୁମାରୀ ଭଉଣୀମାନେ ମଞ୍ଚାସୀନ ଥିଲେ। ସମ୍ବଲପୁର ମୁଖ୍ୟାଳୟ ନିର୍ଦ୍ଦେଶକ ବ୍ରହ୍ମାକୁମାରୀ ବିନି, ଅମୀର ଭାଇ, ଆରତୀ ଦିଦି, ଜ୍ୟୋତି, ମଞ୍ଜୁ, ଶିବାନୀ, ଧ୍ରୁବ, ଶ୍ୟାମସୁନ୍ଦର, ଭୀମ ଓ ବ୍ରହ୍ମ କୁମାର ଶିବୁ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସହରର ଅନେକ ବୁଦ୍ଧିଜୀବୀ, ଧର୍ମପାରାୟଣ ମହିଳା ଉପସ୍ଥିତ ଥିଲେ। ଜଗନ୍ନାଥ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ଖଡୁ ପ୍ରସାଦ ହୋତା ମାଲେଶ୍ରୀ ସମ୍ମାନରେ ସମ୍ମାନିତ

ବୀରମହାରାଜପୁର,୨୨।୩(ଯୁଗଳ କିଶୋର ମିଶ୍ର)

**ଲୋକ ମହୋତ୍ସବ ମାଲେଶ୍ରୀର ତୃତୀୟ ସନ୍ଧ୍ୟା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନବମ ଲୋକ ମହୋତ୍ସବ ମାଲେଶ୍ରୀର ରବିବାର ଥିଲା ତୃତୀୟ ସନ୍ଧ୍ୟା। ଉପଜିଲାପାଳ ତଥା ଲୋକ ମହୋତ୍ସବ କମିଟି ଅଧ୍ୟକ୍ଷ ସୁରେନ୍ଦ୍ର ମେହେର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ରଘୁନାଥ ଜଗଦଲା ଯୋଗଦେଇଥିଲେ। ବିଶିଷ୍ଟ ଅତିଥିଭାବେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଏସ୍‌ଡିପିଓ ହେମନ୍ତ କୁମାର ରାଓ, ବୌଦ୍ଧ ଜିଲା ପରିଷଦ ସଦସ୍ୟ ରାକେଶ କୁମାର ତ୍ରିପାଠୀ, ଜିଲା ଭାଜପା ସଭାପତି ବେଣୁଧର ଦାସ, ଏମ୍‌ପି ନୋମିନି ନଳିନୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ବର୍ଷୀୟାନ କଳାକାର ଖଡୁ ପ୍ରସାଦ ହୋତାଙ୍କୁ ମାଲେଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହୋତ୍ସବ କମିଟି ସଦସ୍ୟ ଯୁଗଳ କିଶୋର ମିଶ୍ର ସଭା ପରିଚାଳନା କରିଥିବାବେଳେ ଧର୍ମ ନିରଞ୍ଜନ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅକ୍ଷୟ କୁମାର ରାଏ ଧନ୍ୟବାଦ ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ ପ୍ରଭାତ କୁମାର ଦାସ ମାଲେଶ୍ରୀ ବନ୍ଦନା ଗାନ କରିଥିବାବେଳେ ଅବିନାଶ ହୋତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଇଭେଣ୍ଟ ମ୍ୟାନେଜମେଣ୍ଟ ଭାବେ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇ ଫୁଲଚରା ଏବଂ ବିଶିପଡା ଦଳକୁ ପୁରସ୍କୃତ କରାଯାଇଥିଲା।

# ୧୫ ଶହ ବୋତଲ କଫ୍‌ସିରପ ଜବତ, ୩ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ କଫସିରପ ବୋତଲ।

ଡୁଙ୍ଗୁରିପାଲି, ୨୨।୩ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ପୋଲିସ ରବିବାର ସକାଳେ ଏକ ବସ୍‌ରୁ ୧୫ଶହ ବୋତଲ କଫସିରଫ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ୩ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥାନା ଅଧିକାରୀ ଡୋଳାମଣି ନାଏକ କହିଛନ୍ତି। ଅଭିଯୁକ୍ତମାନେ ହେଲେ ବରଗଡ ଜିଲା ଗାଇସିଲେଟର ଉମେଶ ସାହୁ (୨୪), ବଲାଙ୍ଗୀର ବରପାଲିପଡାର ଅମ୍ବିଦ ନାଏକ(୨୩) ଓ ଆଶିଷ ବର୍ଗେ (୨୩)। ସୂଚନା ଅନୁଯାୟୀ ରବିବାର ସକାଳ ପ୍ରାୟ ୫ଟାରେ ରାମପୁର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇଁ ରାମପୁର-ବିନିକା ରାସ୍ତାର ମହିଳା ମହାବିଦ୍ୟାଳୟ ନିକଟରେ ଭୁବନେଶ୍ୱରରୁ ଡୁଙ୍ଗୁରିପାଲି ଆସୁଥିବା ଏକ ଘରୋଇ ନାଇଟ କୋଚ ବସ୍‌କୁ ସନ୍ଦେହରେ ଅଟକାଇ ଥିଲା। ବସ୍ ଯାଞ୍ଚ କରି କଫସିରପ ପେଟି ଜବତ କରିଥିଲେ। ଏହାକୁ ଚାଲାଣ କରୁଥିବା ୩ଜଣଙ୍କୁ ପୋଲିସ ଗିରଫ କରି ଥାନାକୁ ଆଣିଥିଲା। ମାଜିଷ୍ଟ୍ରେଟଭାବେ ରାମପୁର ଅତିରିକ୍ତ ତହସିଲଦାର ରୋହିତ ବାଗଙ୍କ ଉପସ୍ଥିତରେ ପେଟିରେ ଥିବା କଫସିରଫ ବୋତଲ ସବୁକୁ ଗଣତି ପରେ ୧୫ ଶହ ବୋତଲ ଥିବା ଜଣାପଡିଥିଲା।

# ଭାଜପାର କର୍ମୀ ସମ୍ମିଳନୀ

ଖପ୍ରାଖୋଲ,୨୨।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡାଠାରେ ଭାଜପାର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ପଞ୍ଚାୟତ ପ୍ରମୁଖ ଦୟାନିଧି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବ୍ଲକ ପ୍ରଭାରୀ ପ୍ରବୋଧାନନ୍ଦ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଜିଲା ଉପ ସଭାପତି ଦେବକାନ୍ତ ପାଣିଗ୍ରାହୀ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ, ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ, ବିକାଶ ବେହେରା, କର୍ଣ୍ଣ ସିଂ ଠାକୁର, ସୁଦୀପ ପ୍ରଧାନ, ଦେବାନନ୍ଦ ଭୋଇ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ସହ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ କହିଥିଲେ। ସେହିପରି ମାନ୍ଧୁପଲା ପଞ୍ଚାୟତରେ ମଧ୍ୟ କର୍ମୀ ସମ୍ମିଳନୀ ଶଶି ପୂଝାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ।

# ପିଏମ୍‌ଶ୍ରୀ ସରକାରୀ ବାଳକ ହାଇସ୍କୁଲ ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ତରଭା,୨୨।୩(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ପିଏମ୍‌ଶ୍ରୀ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବରିଷ୍ଠ ଶିକ୍ଷକ ସୁରଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ତରଭା ଏନଏସି ଅଧ୍ୟକ୍ଷା ବନ୍ଦିତା ନାୟକ ଯୋଗଦେଇଥିଲେ। ଅତିଥି ଭାବେ ଏବିଇଓ ସତ୍ୟନାରାୟଣ ମହାପାତ୍ର, କବି ରାଜମଣି ସାହୁ, ହରିବନ୍ଧୁ ପାଣିଗ୍ରାହୀ ସଭାପତି ମୋ ସ୍କୁଲ ଅଭିଯାନ ଓ ଏସଏମସି ସଭାପତି ନନ୍ଦିନୀ ରଣା ଯୋଗଦେଇଥିଲେ। ଅତିଥିମାନେ ଛାତ୍ରମାନଙ୍କୁ ପରିଶ୍ରମ, ଶିଷ୍ଟାଚାର ଓ ନୀତିମୂଲ୍ୟ ଅନୁସରଣ ପାଇଁ ପ୍ରେରିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରଯାଇଥିଲା। ବିଶେଷ ଆକର୍ଷଣଭାବେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସମ୍ବଲପୁରୀ ହାସ୍ୟ କଳାକାର ବିନ୍ଦୁ ଓ ତାଙ୍କ ଦଳ କାର୍ଯ୍ୟକ୍ରମକୁ ରଙ୍ଗୀନ କରିଥିଲେ। ବିଦ୍ୟାଳୟକୁ ୨୫ବର୍ଷ ଧରି ସେବା ପ୍ରଦାନ କରିଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଶ୍ୱିନୀ ପୋଢ଼ଙ୍କୁ ଅବସର ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ମଞ୍ଚ ପରିଚାଳନା କରିଥିଲେ ସଞ୍ଜୀବ କୁମାର ସେଠୀ।

# ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଡୁଙ୍ଗୁରିପାଲି,୨୨।୩ (ଦୀନବନ୍ଧୁ ସୁନା)



ଅତିଥିମାନେ ସମ୍ମାନପତ୍ର ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭା ଗୃହରେ ରବିବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅବସରପ୍ରାପ୍ତ ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ବୈଦ୍ୟନାରାୟଣ ପାଢ଼ୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ରୋଗୀ କଲ୍ୟାଣ ସମିତି ସଭାପତି ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଡାକ୍ତର ରଘୁନାଥ ମିଶ୍ର, ଅବସରପ୍ରାପ୍ତ ଚକ୍ଷୁ ବିଶେଷଜ୍ଞ ଶ୍ରୀଧର ବିଶ୍ୱାଳ, ବିଡ଼ିଓ ସଞ୍ଜୀବ କୁମାର ସାହୁ ମଞ୍ଚାସୀନ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ତଥା ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ସରୋଜ କୁମାର ସେଠଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ପରିଚୟ ପ୍ରଦାନ କରିଥିଲେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତି। ହିମାଂଶୁ ଶେଖର ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଗୋପାଳ ବାରିକ ଅବସରପ୍ରାପ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ପାଢ଼ୀଙ୍କୁ ଉପଢ଼ୌକନ ପ୍ରଦାନ କରିଥିଲେ। ରଘୁନାଥ ମିଶ୍ର ଓ ଶ୍ରୀଧର ବିଶ୍ୱାଳ ପ୍ରଶଂସାପତ୍ର ଦେଇ ସମ୍ମାନୀତ କରିଥିଲେ। ପାଢ଼ୀଙ୍କ ଚାକିରି ସମୟରେ ରୋଗୀଙ୍କୁ ଦେଇଥିବା ସ୍ୱାସ୍ଥ୍ୟସେବାକୁ ସ୍ମୃତିଚାରଣ କରିଥିଲେ ଭେଷଜ ବିଶେଷଜ୍ଞ ସଞ୍ଜୟ କୁମାର ପଧାନ। ଅନ୍ୟମାନଙ୍କ ମଧ୍ୟରେ ଆଲୋକ ରଞ୍ଜନ ପଣ୍ଡା, ଶାନ୍ତନୁ କୁମାର ମେହେର, ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ବଣିକ ସଂଘ ସଭାପତି ପ୍ରଦୀପ ମିଶ୍ର, ମଣିଲାଲ ଶର୍ମା, ବିଜୟା ନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ସୂଚନା ଫଳକରେ ବୁର୍ଡା-ସିଆଲବାହାଲି ରାସ୍ତା କାମ

ଲୋଇସିଂହା,୨୨।୩(ସୁଶାନ୍ତ ବାରିକ)



ଗତ ୫ବର୍ଷ ପୂର୍ବେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ବୁର୍ଡା-୨୬ ନଂ ଜାତୀୟ ରାଜପଥରୁ ସିଆଲବାହାଲି ପର୍ଯ୍ୟନ୍ତ ରାସ୍ତା କାମ କରାଯାଇଥିଲା। ସେତେବେଳେ ନିମ୍ନମାନର କାମ ଯୋଗୁ ମାସେ ନ ପୂରୁଣୁ ରାସ୍ତା ଶୋଚନୀୟ ହୋଇ ପଡିଥିଲା। ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡିଥିଲା। ରାସ୍ତାର ୫ ବର୍ଷିଆ ମିଆଦ ପୁରି ଯିବା ପରେ ନୂତନ ଟେଣ୍ଡର କରାଯାଇ ଉକ୍ତ ରାସ୍ତା କାମ ପୁଣି ଆରମ୍ଭ ହୋଇଛି । ସେହି ପୁରୁଣା ରାସ୍ତା ଉପରେ ମୋରମ ବିଛାଇ ମେଟାଲିଂ କାମ ଆରମ୍ଭ କରାଯାଇଛି। କେଉଁ ସ୍ୱାର୍ଥରେ ଆରଡି ବିଭାଗ ପକ୍ଷରୁ ରାସ୍ତା କାମ ସମ୍ପର୍କରେ ଅଦ୍ୟାବଧି ସୂଚନା ଫଳକ ଲଗାଯାଇନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆରଡି ବିଭାଗ ପକ୍ଷରୁ ବୁର୍ଡା ପଞ୍ଚାୟତ ସଦର ଗ୍ରାମ ବୁର୍ଡାରୁ ସିଆଲବାହାଲିକୁ ଉକ୍ତ ପିଚୁ ରାସ୍ତା ନିର୍ମାଣ କରାଯାଉଛି । କାମ ଆରମ୍ଭରୁ ସୂଚନା ଫଳକ ଲାଗିବାର ନିୟମ ରହିଛି। କିନ୍ତୁ ବିଭାଗ ପକ୍ଷରୁ ଏହାର ଖୋଲା ଉଲ୍ଲଂଘନ କରାଯାଇ କାମ ଆରମ୍ଭ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାସ୍ତା ଖୋଳି ରୋଲର ଚଳାଇ ବାଲି ପକାଇବା କଥା। କିନ୍ତୁ ସେହି ପୁରୁଣା ରାସ୍ତାକୁ ନ ଖୋଳି ଶୋଚନୀୟ ରାସ୍ତା ଉପରେ ଅଳ୍ପ ଅଳ୍ପ ମୋରମ ବିଛାଇ ତା ଉପରେ ମେଟାଲିଂ କରାଯାଉଛି। କାମରେ ସ୍ୱଚ୍ଛତା ଅଣା ନ ଗଲେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଲୋକଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବିଶ୍ୱଶାନ୍ତିର ବାର୍ତ୍ତାବହ ହେଉଛନ୍ତି କବି



କବିତା ଆସରରେ ଉପସ୍ଥିତ କବିମାନେ।

ସୋନପୁର,୨୨।୩(ମୃତ୍ୟୁଞ୍ଜୟ ଶତପଥୀ)

ବିଶ୍ୱ କବିତା ଦିବସ ଅବସରରେ ଶନିବାର ରାତିରେ ସୁବର୍ଣ୍ଣପୁର ଏୟୁପିଟିଏଫ କାର୍ଯ୍ୟାଳୟଠାରେ ସଭାପତି ଅନିତା ମେହେରଙ୍କ ଆବାହକତ୍ୱରେ କବିତା ଆସର ରଙ୍ଗ ବସନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମନ୍ତ୍ରିତ କବିମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ରଞ୍ଜିତା ପଣ୍ଡା ଓ ଆଦତେ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଆସରରେ କବି ଅମ୍ବୁଜ ବିହାରୀ ଶତପଥୀ ନିଜ ବକ୍ତବ୍ୟରେ କହିଥିଲେ, ଯୁଦ୍ଧ ବିଶ୍ୱକୁ ଶାନ୍ତି ପ୍ରଦାନ କରିବାରେ ବିଫଳ ହେବ। ବିଶ୍ୱରେ ଶାନ୍ତି ଫେରେଇବା ପାଇଁ ବିଶ୍ୱଶାନ୍ତି ଯଜ୍ଞର ପ୍ରକୃତ ବାର୍ତ୍ତାବହ ହେଉଛନ୍ତି କବି। ଏଣୁ ତାଙ୍କ ଭୂମିକା ସୁଦୃଢ ହେଉ ବୋଲି ସେ ମତପ୍ରକାଶ କରିଥିଲେ। ଆସରରେ କବି ଦେବଦାସ ମହାପାତ୍ର, ଭାର୍ଜନ କୁମାର ପ୍ରଧାନ, ବ୍ରତାନନ୍ଦ ଭୋଇ, ଅନୁପମା ମିଶ୍ର, ପ୍ରଦ୍ୟୁମ୍ନ ସାହୁ ଓ ସୁଧୀର ମିଶ୍ର କବିତା ପାଠ କରିଥିଲେ। କବି ଶ୍ରୀଧର ବାଗ କବିତାର ମୂଲ୍ୟବୋଧ ଓ ତାହାର ଦିଗ ସମ୍ପର୍କରେ ସମୀକ୍ଷା କରିଥିଲେ। କବି ରଞ୍ଜୁ ଅମାତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅଧାପିକା ଡ଼ ଇତିଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁଶୀଲ ପ୍ରଧାନ ଓ ଲଳିତ ନାଏକ ସହଯୋଗ କରିଥିଲେ।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମା'ବାପା

ବୌଦ୍ଧ,୨୨।୩ (ଅଜିତ କୁମାର ବାରିକ)

**ବଧୂହତ୍ୟା ଘଟଣାରେ ବୌଦ୍ଧ ଭାଜପା ନଗର ମଣ୍ଡଳ ସଭାପତିଙ୍କ ସମେତ ୪ ଜଣଙ୍କ ନାଁରେ ମାମଲା**

ବୌଦ୍ଧ ସହରର ନୂଆସାହିରେ ଘଟିଥିବା ବଧୂହତ୍ୟା ଘଟଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାରେ ବୌଦ୍ଧ ଭାଜପା ନଗର ମଣ୍ଡଳ ସଭାପତି ଗଜେନ୍ଦ୍ର ସାହୁଙ୍କ ସମେତ ତାଙ୍କ ପରିବାରର ଅନ୍ୟ ୪ ଜଣ ସଦସ୍ୟଙ୍କ ନାମରେ ବୌଦ୍ଧ ଥାନାରେ ଗତ ୧୮ ତାରିଖରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ହେଲେ ଏପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରୁନି। ତେଣୁ ରବିବାର ମୃତା ମହିଳାଙ୍କ ମାତାପିତା ବୌଦ୍ଧ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଗତ ୧୪ ତାରିଖରେ ବୌଦ୍ଧ ନୂଆସାହିର ଭାଜପା ନଗର ମଣ୍ଡଳ ସଭାପତି ଗଜେନ୍ଦ୍ର ସାହୁଙ୍କ ଭାଇ ଅଜିତ୍ ସାହୁଙ୍କ ପତ୍ନୀ ପ୍ରବୀଣା ସାହୁଙ୍କୁ ଗୁରୁତର ଅବସ୍ଥାରେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏନେଇ ଅଜିତ୍‌ଙ୍କ ପରିବାର ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିବା ପ୍ରବୀଣାଙ୍କ ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। କିନ୍ତୁ ସୂଚନାପାଇ ତାଙ୍କ ବାପା ନିଶାମଣି ସାହୁ, ମା' କମଳା ସାହୁ ବୌଦ୍ଧରେ ପହଞ୍ଚିବା ପୂର୍ବରୁ ପ୍ରବୀଣାଙ୍କୁ ଅଜିତ୍‌ଙ୍କ ପରିବାର ସଦସ୍ୟ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରିସାରିଥିଲେ। ତେବେ ରାସ୍ତାରେ ପ୍ରବୀଣାଙ୍କୁ ଆମ୍ବୁଲାନ୍ସରୁ ଅନ୍ୟ ଏକ ଗାଡିକୁ ସ୍ଥାନାନ୍ତର କରାଯାଇ ସମ୍ବଲପୁରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୭ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରବୀଣାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ତାଙ୍କ ବାପଘର ଲୋକେ ୧୮ ତାରିଖରେ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଗଜେନ୍ଦ୍ରଙ୍କ ସମେତ ତାଙ୍କ ଭାଇ ଅଜିତ୍, ଦୁଇ ଭଉଣୀ ନମିତା ଓ ସୁଜାତା ଏବଂ ସମ୍ପର୍କୀୟ ମନୋଜ ସାହୁଙ୍କ ନାମରେ ଥାନାରେ ଏକ ହତ୍ୟା ମାମଲା(ନଂ.୧୩୨/୨୬) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏଥିସହ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଥିଲା। ତେବେ ଅଭିଯୁକ୍ତମାନେ ପ୍ରବୀଣାଙ୍କୁ ହତ୍ୟା କରି ଖୋଲାଖୋଲି ବୁଲୁଥିବା ନେଇ ତାଙ୍କ ପରିବାର ସଦସ୍ୟ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରବୀଣାଙ୍କ ପରିବାର ସଦସ୍ୟ କହିଛନ୍ତି, ଝିଅ ଶରୀରରେ ଅନେକ କ୍ଷତ ଚିହ୍ନ ରହିଥିଲା। ମାଡ଼ ମାରି ନାକ ଫଟାଇ ଦିଆଯାଇଥିବାବେଳେ ଅନେକ ସ୍ଥାନରେ ମାଡ ଚିହ୍ନ ରହିଛି। ଏପରି କି ଗୋଟିଏ ହାତରେ କଟାଦାଗ ମଧ୍ୟ ରହିଛି। ଯଦି ଝିଅ କିଛି ଭୁଲ୍ କରିଥିଲା, ମାତାପିତା ହିସାବରେ ତାଙ୍କୁ ସୂଚନା ଦିଆଯାଇପାରିଥାନ୍ତା। କିନ୍ତୁ ପରିବାର ସଦସ୍ୟମାନେ ମିଶି ତାଙ୍କ ଝିଅକୁ ମାରିଦେବା ପରେ ଆତ୍ମହତ୍ୟାର ରୂପ ଦେଇଛନ୍ତି। ଏଥିସହ ରାଜନୈତିକ ଚାପ ପକାଇ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଛନ୍ତି ବୋଲି ନିଶାମଣି, କମଳା ଏବଂ ପ୍ରବୀଣାଙ୍କ ଭାଇ ପପିନ୍ ସାହୁ ଅଭିଯୋଗ କରିଛନ୍ତି। ଏସ୍‌ପି ଅନୁପସ୍ଥିତ ଥିବାରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଘଟଣାରେ ପୋଲିସ ଆଗକୁ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଛି । ଏନେଇ ଥାନାଧିକାରୀ ନଳିନୀକାନ୍ତ ଦାସ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ପାଉଁଶ ବୋଝେଇ ହାଇୱା ଜବତ

ବଡ଼ଗାଁ, ୨୨।୩(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ରାସ୍ତାରେ ଯାଉଥିବା ଏକ ପାଉଁଶ ବୋଝେଇ ହାଇୱାକୁ ବଡ଼ଗାଁ ତହସିଲ ବିଭାଗ ପକ୍ଷରୁ ରବିବାର ଅଟକ ରଖାଯାଇଥିଲା। ପରେ ବଡ଼ଗାଁ ପୋଲିସକୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯୋଗ୍ୟଯେ, ଝାରସୁଗୁଡାର ଏକ କାରଖାନାରୁ ନିର୍ଗତ ପାଉଁଶକୁ ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ପକା ଯାଉଛି। ଏହାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିବା ପରେ ମଧ୍ୟ ଏହି ବେଆଇନ ଡମ୍ପିଂ ବିଳମ୍ବିତ ରାତିରେ ଚାଲିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସୁଫଳ ମିଳୁନାହିଁ।

### ଦିନ ଦ୍ୱିପ୍ରହରରେ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ୍

ରାଉରକେଲା, ୨୨।୩(ସଙ୍ଗୀତା ଜେନା)

ସେକ୍ଟର ୩ ଥାନା ଅନ୍ତର୍ଗତ ଶକ୍ତିନଗର ଅଞ୍ଚଳରେ ରବିବାର ଦିନ ଦିପ୍ରହରରେ ଜଣେ ବ୍ୟକ୍ତିଙ୍କ ଘରେ ଜଣେ ମହିଳା ଏଟିଏମ କାର୍ଡ ଦେବା ଆଳରେ ପଶି ଲକ୍ଷାଧିକ ଟଙ୍କା ସୁନାଗହଣା ଚୋରି କରିନେଇ ଫେରାର ହୋଇଥିବା ସୂଚନା ମିଳିଛି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରୁଛି। ରାତି ୮ଟା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନାହିଁ। ସୂଚନା ଅନୁଯାୟୀ,ଶକ୍ତି ନଗର ଅଞ୍ଚଳରେ ଡି ମହାରଣା ସପରିବାର ରୁହନ୍ତି। ଶନିବାର ସକାଳ ୧୦ଟା ୩୦ରେ ମହାରଣା ତାଙ୍କ ବୋହୂ ସହ ରାଉରକେଲା ଷ୍ଟେସନ ଯାଇଥିଲେ। ଘରେ ତାଙ୍କ ପତ୍ନୀ ଭାଗ୍ୟବତୀ ଥିଲେ। ସେହି ସମୟରେ ଜଣେ ଅପରିଚିତ ମହିଳା ଆସି ଭାଗ୍ୟବତୀଙ୍କୁ ବୋହୂ ବିଷୟରେ ପଚାରିଥିଲେ। କିଛି ଏଟିଏମ କାର୍ଡ ଦେବାର ଅଛି ବୋଲି କହିଥିଲେ। ଭାଗ୍ୟବତୀ କୌଣସି କାମରେ ଛାତ ଉପରକୁ ଯାଇଥିବାବେଳେ ଅପରିଚିତ ମହିଳା ଘରେ ପଶି ଆଲମାରୀରୁ ସୁନାହାର, ସୁନା ଚେନ, କାନଫୁଲ ଚୋରି କରିନେଇ ଫେରାର ହୋଇଯାଇଥିଲେ।

# ରାସ୍ତା ଉପରେ ପୁଣି ରାସ୍ତା

## କୁତ୍ରା ବ୍ଲକରେ ୪ ଲକ୍ଷ ଟଙ୍କା ଅନିୟମିତତା ଅଭିଯୋଗ

କୁତ୍ରା, ୨୨।୩(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କନ୍ଦେଇମୁଣ୍ଡା ଗ୍ରାମପଞ୍ଚାୟତର କୁରୁଙ୍ଗା ନୁଆପଡାରେ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣକୁ ନେଇ ଗୁରୁତର ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସିଛି। ନୁଆସ ଏକ୍କାଙ୍କ ଘରଠାରୁ କୁଅର ଖାଲଖୋଙ୍କ ଘର ପର୍ଯ୍ୟନ୍ତ ଏହି ରାସ୍ତା ପଞ୍ଚାୟତ ସମିତି କୁତ୍ରା ଦ୍ୱାରା ପ୍ରାୟ ୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଫଳକରେ ଉଲ୍ଲେଖ ରହିଛି। ତେବେ ଏହି କାମର ଆରମ୍ଭ ଓ ଶେଷ ତାରିଖ କେଉଁଠି ମଧ୍ୟ ଦର୍ଶାଯାଇନାହିଁ। ଏଥିରୁ ପ୍ରକଳ୍ପର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁସାରେ ଯେଉଁଠି ପୂର୍ବରୁ ଏକ ସିମେଣ୍ଟ ରାସ୍ତା ଥିଲା ସେଠି ତା' ଉପରେ ପୁଣି ଏକ ନୂଆ ସିମେଣ୍ଟ ରାସ୍ତା ନିର୍ମାଣ କରାଯାଇଛି। ଏହା ମାଧ୍ୟମରେ ସରକାରୀ ଅର୍ଥର ଅପବ୍ୟୟ ଓ ଆତ୍ମସାତ ହୋଇଥିବା ଅଭିଯୋଗ



ଉଠିଛି। ଏହା ସମ୍ପର୍କରେ କନ୍ଦେଇମୁଣ୍ଡା ସରପଞ୍ଚ ସୁଧିର ମିଞ୍ଜଙ୍କୁ ପଚାରିବାରୁ, ରାସ୍ତା ଉପରେ ପୁଣି ରାସ୍ତା ତିଆରି ହୋଇଛି ଓ ଅର୍ଥ ଆତ୍ମସାତ ହୋଇଥିବା ସେ ସ୍ୱୀକାର କରିଛନ୍ତି। ଅଞ୍ଚଳରେ ଏପର୍ଯ୍ୟନ୍ତ ଅନେକ କଚା ରାସ୍ତା ରହିଥିବା ସତ୍ତ୍ୱେ ସେଗୁଡିକୁ ପକ୍କା କରାଯାଉନାହିଁ। କିନ୍ତୁ ଯେଉଁଠି ଆଗରୁ ରାସ୍ତା ରହିଛି ସେଠି ପୁଣି ନୂଆ ରାସ୍ତା ନିର୍ମାଣ କରାଯାଉଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ଏହାକୁ ନେଇ କୁତ୍ରା ବିଡ଼ିଓ ଗୋପୀନାଥ ଖାଖାଙ୍କୁ ପଚାରିବାରୁ, ସୋମବାର ଅଫିସ ଗଲେ କ'ଣ ହେଉଛି କ'ଣ ନାହିଁ ଦେଖିବି ବୋଲି ଉତ୍ତର ଦେଇଛନ୍ତି । ତେବେ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

## ଘୋଘରରେ ଷୋହଳ ପ୍ରହର, ସଉନାମରାରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ସମାପନ



ମହିଳା ଓ ପୁରୁଷ ନାମ ସଂକୀର୍ତ୍ତନ କରୁଛନ୍ତି।

ବାଲିଶଙ୍କରା, ୨୨।୩(ହୃଦାନନ୍ଦ ବାରିକ)

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ସଦର ପଞ୍ଚାୟତ ଘୋଘର ଗ୍ରାମରେ ଷୋହଳ ପ୍ରହର ନାମ ସଂକୀର୍ତ୍ତନ୍ୟ ସମାପନ ହୋଇଯାଇଛି। ୧୯ ତାରିଖ ସନ୍ଧ୍ୟାରେ ଗ୍ରାମର ମହିଳାମାନେ ଇବ ନଦୀରୁ ୧୦୮ କଳସ ଜଳ ଧାରଣା କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ୨୦ ତାରିଖ ଓ ୨୧ ତାରିଖ ଅଖଣ୍ଡ ନାମ ସଂକୀର୍ତ୍ତନ୍ୟ କରାଯାଇଥିବାବେଳେ ୨୨ ତାରିଖ ଗ୍ରାମ ପରିଭ୍ରମଣ ଦଧିଭାଣ୍ଡ ଭଞ୍ଜନ କରାଯାଇଥିଲା। କର୍ତ୍ତାଭାବେ ଦୁବରାଜ ଗୁରୁ ଓ ତାଙ୍କ ସହଧର୍ମିଣୀ ସେବତୀ ଗୁରୁ, ପୂଜକଭାବେ ଟଙ୍କଧର ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ଉକ୍ତ ଉତ୍ସବରେ ଆଖପାଖ ୧୫ଟି ସଂକୀର୍ତ୍ତନ୍ୟ ମଣ୍ଡଳୀ ଭାଗନେଇଥିଲେ। ଘୋଘର ଗ୍ରାମର ଯୁବକ ଓ ମହିଳାମାନେ ସକ୍ରିୟ ଭୂମିକା ଗ୍ରହଣ କରି କାର୍ଯ୍ୟଭାର ତୁଲାଇଥିଲେ। ସେହିପରି ସଉନାମରା ଗ୍ରାମରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ୍ୟ ସମାପନ ହୋଇଯାଇଛି। ୨୦ ତାରିଖ ଗ୍ରାମର କୀର୍ତ୍ତନ୍ୟ ମଣ୍ଡଳୀଙ୍କ ଦ୍ୱାରା ପୋଖରୀରୁ ୧୦୮ କଳସ ଧାରଣ କରି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ୨୧ ତାରିଖ ଅଖଣ୍ଡ ନାମସଂକୀର୍ତ୍ତନ୍ୟ କରି ୨୨ ତାରିଖ ଗ୍ରାମ ପରିକ୍ରମା, ନଗର କୀର୍ତ୍ତନ୍ୟ, ଦଧିଭାଣ୍ଡ ଭଞ୍ଜନ କରିଥିଲେ। କର୍ତ୍ତାଭାବେ ଜୟନ୍ତ ନାଏକ ଓ ତାଙ୍କ ସହଧର୍ମିଣୀ ଲତିକା ନାଏକ ଏବଂ ପୂଜକଭାବେ କୃଷ୍ଣଚନ୍ଦ୍ର ସା ଦାୟିତ୍ୱ ତୁଲାଇଥିଲେ। ଆଖପାଖ ୧୦ଟି କୀର୍ତ୍ତନ୍ୟ ମଣ୍ଡଳୀ ଭାଗ ନେଇଥିଲେ। ସଉନାମରା ଜୟ ଦୁର୍ଗା କମିଟିର ସଦସ୍ୟା ଓ ସଦସ୍ୟ ସମ୍ପୂର୍ଣ୍ଣ ସହାୟତା କରିଥିଲେ।

## ଛାତ୍ରୀଛାତ୍ରଙ୍କ ପ୍ରୟାସରେ ହନୁମାନ ମନ୍ଦିର ହେଲା ସ୍ୱଚ୍ଛ, ସବୁଜ



ମନ୍ଦିର ପରିସର ସଫେଇ କରାଯାଉଛି।

କୁତ୍ରା, ୨୨।୩(ଦେବାଶିଷ ସାହୁ)

ରାଜ୍ୟ ସରକାରଙ୍କ ପରିବେଶ ଶିକ୍ଷା ଇଇପି ଅଧୀନରେ ପରିବେଶ ସୁରକ୍ଷା ଓ ସଚେତନତା ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଖୁଟମୁଣ୍ଡା ସ୍ଥିତ ହନୁମାନ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ମାଷ୍ଟର ଟ୍ରେନର ଡ. ବିଭୀଷଣ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ସବୁଜ ବିହିନୀର ଛାତ୍ରୀଛାତ୍ରମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମେ ମନ୍ଦିର ପରିସରର ସଫାସୁତରା କାମ କରାଯାଇଥିଲା। ମନ୍ଦିର ପରିସରକୁ ଦୀର୍ଘକାଳ ପର୍ଯ୍ୟନ୍ତ ସ୍ୱଚ୍ଛ ରଖିବା ପାଇଁ ୨ଟି କଂକ୍ରିଟ ଡଷ୍ଟବିନ ପ୍ରସ୍ତୁତ କରାଯାଇ ସ୍ଥାପନ କରାଯାଇଥିଲା। ଏହା ପରେ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରଜାତିର ଫୁଲ ଓ ପରିବେଶ ଉପଯୋଗୀ ଚାରା ଲଗାଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଦିପିକା କେର୍କେଟା, ଜଗନ୍ନାଥ କିଶାନ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପ୍ରେରିତ କରିଥିଲେ। ସେହିପରି ମନ୍ଦିର ପରିଚାଳନା ପରିଷଦର ସଭାପତି କୈସ୍ତୁଭୂଷଣ ହୋତା, ଉପସଭାପତି ଭିଷ୍ମଦେବ ବେହେରା ଓ ପୂଜକ ମଙ୍ଗଲୁ ଚୌଧୁରୀଙ୍କ ସହ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଏହି ସମାଜସେବା ମୂଳକ ଓ ପରିବେଶମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

## ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

ବଡ଼ଗାଁ, ୨୨।୩(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ପଞ୍ଚାୟତର ମୁଣ୍ଡା ଗାଁଠାରେ ସ୍ଥାନୀୟ ଜୟ ବଜରଙ୍ଗ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଆୟୋଜିତ ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି। ଏହି ନାମ ସଙ୍କୀର୍ତ୍ତନରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ନାୟକ, ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା, ସ୍ଥାନୀୟ ସରପଞ୍ଚ ରାଜେଶରୀ କାଲୋ , ଅଧ୍ୟାପକ ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ବ୍ୟକ୍ତି ମାନେ ସଂକୀର୍ତ୍ତନରେ ସାମିଲ ହୋଇଥିଲେ। ଆୟୋଜକ କମିଟି ସଭାପତି କୈଳାସ ଚନ୍ଦ୍ର ସିଂ, ସମ୍ପାଦକ ଜୟତରାମ ପ୍ରଧାନ, ରେଣୁବାଳା ପ୍ରଧାନ, ସଭ୍ୟ ଆଦିତ୍ୟ ବେହେରା, ରେଗନ ଚୈଧୁରୀ, ହୃଦାନନ୍ଦ ପ୍ରଧାନ,ବୈଦେହୀ ପ୍ରଧାନ ପ୍ରମୁଖ ବ୍ୟକ୍ତି ମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

## ବିଜେଡି ସଙ୍ଗଠନକୁ ସୁଦୃଢ଼ ପାଇଁ ତାଲିମ କର୍ମଶାଳା



ବୀରମିତ୍ରପୁର ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ବୁଥସ୍ତରୀୟ କର୍ମଶାଳାରେ ବିଧାୟକ ରୋହିତ ଜୋସେଫ ତିର୍କୀ କର୍ମୀମାନଙ୍କୁ ସଙ୍ଗଠନ ସୁଦୃଢ଼ ନିମନ୍ତେ ତାଲିମ ପ୍ରଦାନ କରୁଛନ୍ତି।

କୁଆଁରମୁଣ୍ଡା, ୨୨।୩(ମହେନ୍ଦ୍ର କୁମାର ସାହୁ)

ବୀରମିତ୍ରପୁର ବିଜେଡି କାର୍ଯ୍ୟାଳୟରେ ରବିବାର ବୁଥସ୍ତରୀୟ ଏଜେଣ୍ଟମାନଙ୍କୁ ନେଇ ଏକ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ଦଳକୁ କିଭଳି ଆଗାମୀ ଦିନରେ ଅଧିକ ଶକ୍ତିଶାଳୀ କରାଯିବ ସେନେଇ ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ ଉପସ୍ଥିତ ସମସ୍ତ ବୁଥସ୍ତରୀୟ ଏଜେଣ୍ଟ ଓ ଆଗଧାଡ଼ିର କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ବିଧାୟକ ତିର୍କୀଙ୍କ ନେତୃତରେ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ବୀରମିତ୍ରପୁର ନଗର ସଭାପତି କୁନା ଦେଓ, ବିଧାୟକଙ୍କ ନଗର ପ୍ରତିନିଧି ଶଶି ସାଗର, ବୀରମିତ୍ରପୁର ମ୍ୟୁନିସିପାଲିଟିର ଉପାଧ୍ୟକ୍ଷା ନିବେଦିତା ବାଗେ, ବରିଷ୍ଠ ନେତା ଜଗଦୀଶ ଅଗ୍ରୱାଲ, ୱାର୍ଡ କାଉନ୍‌ସିଲର କମଲେଶ ସିଂ, ନିର୍ମଳା କୁଜୁର, ଛାତ୍ର ନେତା ମହମ୍ମଦ ଏଜାଜ ଆଲମ, ବରିଷ୍ଠ ନେତା ମାନସ ନନ୍ଦ, ସାଜିଦ ଆଲମ, ଅଶୋକ ନାୟକ, ରାଜା ଆଲମ, ପ୍ରମୋଦ ବୁଡ଼ା, ସାରିକା ଏବଂ ଅନ୍ୟ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ହିନ୍ଦୁ ଏକତା, ସୁରକ୍ଷା ଉପରେ ଗୁରୁତ୍ୱ




କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରବୀଣ ଭାଇ ତୋଗାଡିଆ ଓ ଅନ୍ୟ ଅତିଥିମାନେ।

### ସୁନ୍ଦରଗଡ଼ରେ ପ୍ରବୀଣଭାଇ ତୋଗାଡିଆ

ସୁନ୍ଦରଗଡ, ୨୨।୩(ଜୟ ନାରାୟଣ ମେଣ୍ଡୁଲି)

ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦର ପ୍ରତିଷ୍ଠାତା ସଭାପତି ପ୍ରବୀଣ ଭାଇ ତୋଗାଡିଆ ରବିବାର ସନ୍ଧ୍ୟାରେ ସୁନ୍ଦରଗଡରେ ପହଞ୍ଚିଛନ୍ତି। ଏହି ଅବସରରେ ତୋଗାଡିଆ ସ୍ଥାନୀୟ ସଂସ୍କୃତି ଭବନରେ ଆୟୋଜିତ ହିନ୍ଦୁ ସମ୍ମିଳନୀରେ ଯୋଗଦେଇ ସମ୍ବୋଧିତ କରିଥିଲେ। ସେ ତାଙ୍କ ଅଭିଭାଷଣରେ ହିନ୍ଦୁ ଏକତା ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାପୂର୍ବରୁ ତୋଗାଡିଆ ରାଉରକେଲାରୁ ସୁନ୍ଦରଗଡ ଅଭିମୁଖେ ବାହାରି ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କୁ ଭେଟି ଆଲୋଚନା କରିଥିଲେ। କୁତ୍ରା ବ୍ଲକ ପଞ୍ଚରାଠାରେ ଆୟୋଜିତ ହିନ୍ଦୁ ସମ୍ମିଳନୀରେ ଯୋଗଦେଇ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିଥିଲେ। ଏହାପରେ ସୁନ୍ଦରଗଡ ସହରରେ ପହଞ୍ଚିବା ପରେ ସ୍ଥାନୀୟ ରାଣୀ ବଗିଚା ଠାରୁ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଶତାଧିକ କର୍ମୀ ତାଙ୍କୁ ଏକ ବାଇକ ରାଲିରେ ସଂସ୍କୃତି ଭବନ ପର୍ଯ୍ୟନ୍ତ ପାଛୋଟି ଆଣିବା ସହ ସମ୍ବର୍ଦ୍ଧନା ଜଣାଇଥିଲେ। ହିନ୍ଦୁ ପରିଷଦର ଜିଲା ସଭାପତି କିଶୋର ମିଶ୍ର ଓ ସମ୍ପାଦକ ଲବ ରଣାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୋମବାର ସକାଳେ ଝାରସୁଗୁଡା ଜିଲା ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଛି।

## ନବ ନିଯୁକ୍ତ ରାଜ୍ୟ, ଜିଲା ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା

ସୁନ୍ଦରଗଡ, ୨୨।୩
(ଜୟ ନାରାୟଣ ମେଣ୍ଡୁଲି)

ଭାରତୀୟ ଜନତା ପାର୍ଟି, ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ପକ୍ଷରୁ ରବିବାର ତସଲାଡ଼ିହି ସ୍ଥିତ ଫାର୍ମ ହାଉସଠାରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଉପସଭାନେତ୍ରୀ ତଥା ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଓ ସମ୍ମାନୀତ ଅତିଥିଭାବେ ଜିଲା ସଭାପତି ଗିରୀଶଚନ୍ଦ୍ର ସାହୁ ଯୋଗଦେଇ ନବ ନିଯୁକ୍ତି ରାଜ୍ୟ ପଦାଧିକାରୀ ଓଡ଼ିଶା ପ୍ରଦେଶର ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ଭାବେ ସୁନ୍ଦରଗଡ଼ ଜିଲା ପୂର୍ବତନ ଜିଲା କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ଯଶୋବନ୍ତ ନାଏକ, ସୁନ୍ଦରଗଡ଼ ସାଙ୍ଗଠନିକ ଜିଲାର ଜିଲା କୃଷକ ମୋର୍ଚ୍ଚା ଜିଲା ସଭାପତି ଭାବେ ବରିଷ୍ଠ ନେତା ବିମଲ ପଟେଲ, ଓଡ଼ିଶା ପ୍ରଦେଶ ଯୁବମୋର୍ଚ୍ଚାର ରାଜ୍ୟ କୋଷାଧକ୍ଷ ଭାବେ ଉଦୀୟମାନ ଯୁବନେତା ଅଂଶୁଲ ପଟେଲ ଏବଂ ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଭାବେ ରିତେଶ ପୃଷ୍ଟିଙ୍କୁ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ସହିତ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟ ଅତିଥି ତାଙ୍କ ଭାଷଣରେ କହିଥିଲେ, ଏପରି ସମ୍ବର୍ଦ୍ଧନା ସଭା ଦଳ ଓ ସମାଜରେ ତୃଣମୂଳ ସ୍ତରରେ ଉତ୍କୃଷ୍ଟ ଓ ନିଷ୍ଠାବାନ ଭାବେ ସେବାମୂଳକ କାର୍ଯ୍ୟକରି ଆଜି ଏକ ରାଷ୍ଟ୍ରୀୟ ଦଳ ଭାଜପାରେ ଓଡ଼ିଶା ପ୍ରଦେଶର ରାଜ୍ୟ ପଦାଧିକାରୀ ଭାବେ ଦାୟିତ୍ୱ ମିଳିପାରିଛି। ସେ ସମସ୍ତ ନବ ନିଯୁକ୍ତ ପଦାଧିକାରୀଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ।



ନବ ନିଯୁକ୍ତ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ପଟେଲ, ଟାଙ୍ଗରପାଲି ମଣ୍ଡଳ ସଭାପତି ନରେଶ ପୁରୋହିତ, କିରେଇ ମଣ୍ଡଳ କାର୍ଯ୍ୟକାରୀ ସଭାପତି ସିମେଶ୍ୱର ଲରିଆ, ମଖାପଡ଼ା ମଣ୍ଡଳ ସଭାପତି ହରିପ୍ରିୟା ପଟେଲ, ସୁନ୍ଦରଗଡ଼ ବ୍ଲକ ଉପଅଧ୍ୟକ୍ଷା ଚନ୍ଦ୍ରମା ମେହେରଙ୍କ ସମେତ ଜିଲାର ଶତାଧିକ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପରକ୍ଷିତ ସାହୁ ସଭା ପରିଚାଳନା କରିଥିବାବେଳେ ପୂର୍ବତନ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଜୁଏଲଙ୍କ ଜନ୍ମଦିନରେ ଦୀପ ଦାନ, ଫଳ ବଣ୍ଟନ

ସୁନ୍ଦରଗଡ, ୨୨।୩(ଜୟ ନାରାୟଣ ମେଣ୍ଡୁଲି)

ଏମ୍‌ପି ତଥା କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କ ଜନ୍ମ ଜୟନ୍ତୀ ଅବସରରେ ରବିବାର ସୁନ୍ଦରଗଡ଼ ପୌରପରିଷଦ ଅଧ୍ୟକ୍ଷା ତନୟା ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କାର୍ଯ୍ୟକର୍ତ୍ତା ସହର ସ୍ଥିତ ଆସ୍ଥା ଗୃହ, ଲୁହୁରାଡ଼ିପା ସ୍ଥିତ ବୃଦ୍ଧା ଆଶ୍ରମ ଏବଂ ସୁବଳୟା ସ୍ଥିତ ଶିଶୁ ଆଦୃତ ସେବା ସଦନ ଠାରେ ଫଳ ବଣ୍ଟନ କରିଥିଲେ। ସମସ୍ତ ଅନ୍ତେବାସୀ ଏମପି ଓରାମଙ୍କ ଦୀର୍ଘାୟୁ ଓ ନିରାମୟ ଜୀବନ କାମନା କରିଥିଲେ। ଏହାପରେ ସୁନ୍ଦରଗଡ଼ ସ୍ଥିତ ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା ଓ ଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଜନ୍ମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ନଗର ଜିଲା ସମ୍ପାଦକ ଅମୀୟ ପଟ୍ଟନାୟକ, ଜିଲା ଯୁବ ମୋର୍ଚ୍ଚା ସଭାପତି ଶ୍ରୀକାନ୍ତ ଭଞ୍ଜ, ମଣ୍ଡଳ ପ୍ରତିନିଧି ମିତ୍ରଭାନୁ ପଟେଲ, ନଗର ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ପିଙ୍କୁ ପୃଷେଠ, ୱାର୍ଡ କାଉନସିଲର ଦୀପାଞ୍ଜଳୀ ନନ୍ଦ, ଭାରତୀ ପଟେଲ, ପୂର୍ବତନ ନଗର ମଣ୍ଡଳ ସଭାପତି ଅଶୋକ ସାହୁ, ରାଜ କିଶୋର ଭଟ୍ଟାଚାର୍ଯ୍ୟ, ସୂର୍ଯ୍ୟ ନାରାୟଣ, ଅରବିନ୍ଦ ପଟେଲ, ପିଙ୍କୁ ବାଦଲ, ଦିବ୍ୟ କାଲୋ, ଭବାନୀ ପୃଷେଠ, ସନ୍ତୋଷ ପୃଷ୍ଟି, ମାନସ ଦାସ, ସଚ୍ଚିଦାନନ୍ଦ ବୁଖରା ଏବଂ ଅସ୍ମିତ ପଟେଲ ପ୍ରମୁଖ ସାମିଲ ଥିଲେ।

## ଜାତୀୟସ୍ତରରେ ରୌପ୍ୟ ମେଡାଲ ପାଇଲେ ସ୍ୱାଧୀନ

ବଡ଼ଗାଁ, ୨୨।୩(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଇତମା ଗ୍ରାମର ଦିବ୍ୟାଙ୍ଗ ସ୍ୱାଧୀନ ମାହାର ପାରା ନ୍ୟାସନାଲ ଗେମରେ ସିଲଭର ମେଡାଲ ପାଇଛନ୍ତି। ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ୧୭ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତାରେ ସ୍ୱାଧୀନ ଲମ୍ଫ ଡ଼ିଆଁରେ ରୌପ୍ୟ ପଦକ ପାଇ ଅଞ୍ଚଳର ଗୌରବ ବଢାଇଛନ୍ତି। ତାଙ୍କ କୋଚ ଶ୍ୟାମ ସୁନ୍ଦରଙ୍କ ସହିତ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ପୂର୍ବତନ ବିଧାୟିକା କୁସୁମ ଟେଟେ, ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ରଜତ କୁମାର୍ ପଟେଲ, ଗଣମାଧ୍ୟମ ପ୍ରତିନିଧି ଅଶୋକ ଷଡଙ୍ଗୀ, ଭେଷଜ ସାହୁ, ପୁଷ୍କର ମାଝୀ, ଗୁପ୍ତେଶ୍ୱର ରାଉତଙ୍କ ସହଯୋଗରୁ ସେ ଆଗେଇ ପାରିଥିବା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସ୍ୱାଧୀନ ପୂର୍ବରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ୱର୍ଣ୍ଣ ଓ ରୌପ୍ୟ ମେଡାଲ ପାଇଛନ୍ତି। ସ୍ୱାଧୀନ ନିଜ ଗାଁରେ କ୍ରୀଡାର ବିକାଶ ପାଇଁ ଯୁବତୀ ଯୁବକଙ୍କୁ ପ୍ରୋତ୍ସାହିତ କରି ଆସୁଛନ୍ତି। ତାଙ୍କ କୃତିତ୍ୱକୁ ନେଇ ଅଞ୍ଚଳର କ୍ରୀଡାବିତମାନେ ଶୁଭେଚ୍ଛା ଜଣାଇଛନ୍ତି।




ସ୍ୱାଧୀନ ମାହାରଙ୍କୁ ମେଡାଲ ଦିଆଯାଉଛି।

## କୁଆପଥର ମାଡ଼ରେ ତୋଳାଳିଙ୍କ ଆର୍ଥିକ ସ୍ଥିତି ଦୋହଲିଲା

### ଚିନ୍ତାରେ କେନ୍ଦୁପତ୍ର ତୋଳାଳି

ବଡ଼ଗାଁ, ୨୨।୩( ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ୧୬ ଓ ୧୭ ତାରିଖ ୨ ଦିନ ଧରି ଝଡ଼ ତୋଫାନ ସହ କୁଆ ପଥର ବର୍ଷା କେନ୍ଦୁପତ୍ର ତୋଳାଳିଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି। କୁଆପଥର ମାଡ଼ ଯୋଗୁ କେନ୍ଦୁପତ୍ର ଫାଟି ନଷ୍ଟ ହୋଇଯାଇଛି। ଫଳରେ କେନ୍ଦୁପତ୍ର ତୋଳାଳି ଯେଉଁ ଆଶା ରଖିଥିଲେ ତାହା ମଉଳିଯାଇଛି। ସୂଚନା ଅନୁଯାୟୀ, ବଡ଼ଗାଁ ବ୍ଲକରେ କେନ୍ଦୁପତ୍ର ବିଭାଗର ବରଙ୍ଗାକଛାର, ପଟୁଆବେଡା, ବାଟରୁପଡା, ସେନ୍ଦ୍ରୀଟାଙ୍ଗର, ଦାଣ୍ଡଜମରା, ମନହରପୁର ଓ ସିଙ୍ଗାରମୁଣ୍ଡାରେ କେନ୍ଦୁପତ୍ର ଫଡ଼ି ଅଛି। ଏହି ଅଞ୍ଚଳରୁ କେନ୍ଦୁପତ୍ର ସଂଗ୍ରହ ହୋଇଥାଏ। ଏହି କେନ୍ଦୁପତ୍ର ତୋଳି ଗ୍ରାମାଞ୍ଚଳର ଲୋକେ ତାଙ୍କର ଆର୍ଥିକ ସ୍ଥିତିକୁ ସୁଧାରି ପାରିଥାନ୍ତି।



କୁଆପଥର ମାଡ଼ରେ ଫାଟିଯାଇଛି କେନ୍ଦୁପତ୍ର।

ହେଲେ ଚଳିତ ବର୍ଷ ଅଦିନିଆ ବର୍ଷା ଓ କୁଆ ପଥର ମାଡ଼ରେ କେନ୍ଦୁପତ୍ର ନଷ୍ଟ ହୋଇଯାଇଛି। ଫଳରେ ତୋଳାଳିମାନେ ପତ୍ର ତୋଳି ଯେଉଁ ଆୟ କରୁଥିଲେ ସେଥିରେ ବାଧା ସୃଷ୍ଟି ହୋଇଛି। ଏସମ୍ପର୍କରେ ବଡ଼ଗାଁ କେନ୍ଦୁପତ୍ର ଅତିରିକ୍ତ ରେଞ୍ଜର ଅମିତ ମହାନ୍ତିଙ୍କୁ ପଚାରିବାରୁ, କୁଆ ପଥର ମାଡ଼ ଯୋଗୁ ଅଞ୍ଚଳର ପ୍ରାୟ ୪୦ ପ୍ରତିଶତ କେନ୍ଦୁପତ୍ର ଫାଟି ନଷ୍ଟ ହୋଇଯାଇଛି। ଚଳିତବର୍ଷ ତୋଳାଳି ମାନେ ଯେଉଁ ଆୟ କରୁଥିଲେ ସେଥିରୁ ବଞ୍ଚିତ ହେବେ ବୋଲି କୁହାଯାଇଛି।

**ମେହେନ୍ଦି ପ୍ରଶିକ୍ଷଣ ଶିବିର**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଭାରତ ବିକାଶ ପରିଷଦ ଝାରସୁଗୁଡ଼ା ଶାଖା ମହିଳା ସହଭାଗିତାରେ ସ୍ଥାନୀୟ ମିଶନ ଆଶ୍ରମଠାରେ ମେହେନ୍ଦି ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍ଦେଶ୍ୟ ଥିଲା ଯେ, ମହିଳାମାନେ ଏହି ଆଶ୍ରମ ବାହାରକୁ ଗଲା ପରେ ନିଜେ ସ୍ୱାବଲମ୍ବୀ ହୋଇପାରିବେ। ଏହି ଅବସରରେ ବରିଷ୍ଠ ଶିକ୍ଷୟିତ୍ରୀ ନନ୍ଦିନୀ ପଟେଲଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମହିଳା ସଂଯୋଜିକା ମାନସୀ ପଣ୍ଡାଙ୍କ ନେତୃତ୍ୱରେ ସମ୍ପାଦନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାପ୍ୟା ରାୟ, ସସ୍ମିତା ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

ବ୍ରଜରାଜନଗର,୨୨।୩(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଚନ୍ଦନୀଛକ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ମହିଳା ହେଲେ ମଞ୍ଜୁ ତିୱାରି। ସେ ସାଇ ମନ୍ଦିରରୁ ନବରାତ୍ରୀ କିର୍ତ୍ତନ ସାରି ଫେରୁଥିବାବେଳେ ଗାନ୍ଧୀ ଛକ ପଟରୁ ଏକ ବାଇକ୍‌ରେ ୨ ଜଣ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ଚେନ୍ ଲୁଟ୍ କରି ଫେରାର ହୋଇଯାଇଛନ୍ତି। ଏନେଇ ବ୍ରଜରାଜନଗର ଥାନାରେ ଅଭିଯୋଗ ହେବା ପରେ ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ସହ ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରାଯାଇଛି। ଦୁର୍ବୃତ୍ତ ଦ୍ୱୟ ହେଲ୍‌ମେଟ୍ ପିନ୍ଧିବା ସହ ଗାମୁଛା ଗୁଡାଇ ଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି।

### କଫ ସିରପ ଚୋରା ଚାଲାଣ: ୨ ଗିରଫ

ଝାରସୁଗୁଡ଼ା,୨୨।୩(ଆଶିଷ ରଞ୍ଜନ ଦାଶ)

କଫ ସିରପ ଚୋରାଚାଲାଣ ଘଟଣାରେ ଝାରସୁଗୁଡ଼ା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାରସୁଗୁଡ଼ା ଜମେରା ଅଞ୍ଚଳର ନରେଶ ରୋହିଦାସ, ଜଗା ଓରଫ ଜଗନ୍ନାଥ ରୋହିଦାସ। ସେମାନଙ୍କଠାରୁ ୧୦୦ ବୋତଲ କଫ ସିରପ୍, ଗୋଟିଏ ବାଇକ, ୨ଟି ମୋବାଇଲ ଫୋନ, ୨୪୦ ଟଙ୍କା ଜବତ କରାଯାଇଛି। ଏନେଇ ଟାଉନ୍ ଥାନାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଉମାଶଙ୍କର ସିଂ ସୂଚନା ଦେଇଛନ୍ତି। ଗୋଇନ୍ଦା ସୂଚନା ଆଧାରରେ ଝାରସୁଗୁଡ଼ା ଏସପିଙ୍କ ନିର୍ଦ୍ଦେଶ ଏବଂ ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଝାରସୁଗୁଡ଼ା ଥାନା ଆଇଆଇସିଙ୍କ ସହିତ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଚିଥୁଆପଡ଼ା ଅଞ୍ଚଳରେ ଚଢ଼ାଉ କରି ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକାଇଥିଲା। ଯାଞ୍ଚ ସମୟରେ ସେମାନଙ୍କ ପାଖରୁ ବେଆଇନ କଫ ସିରପ୍ ଜବତ କରାଯାଇଛି। ଏନେଇ ଝାରସୁଗୁଡ଼ା ଥାନାରେ ଏକ ମାମଲା(ନଂ. ୧୭୩/୨୬) ରୁଜୁ ହୋଇଛି।

### ଫିଫା କ୍ରୀଡ଼ା ଛାତ୍ରାବାସରେ ପ୍ରଶିକ୍ଷଣ ନେବାକୁ ଅନିଶ ମନୋନୀତ

ଝାରସୁଗୁଡ଼ା,୨୨।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ୧୪ ବର୍ଷ ବୟସ ସବ୍‌ଜୁନିୟର ଫୁଟ୍‌ବଲ ଗ୍ରୁପ୍‌ର ସଦସ୍ୟ ତଥା ଝାରସୁଗୁଡ଼ା ଏକାଡାଲି ଉଚ୍ଚ ବିଦ୍ୟାଳୟର ଛାତ୍ର ଅନିଶ



କୁମାର ବେସନ ମୁଖ୍ୟମନ୍ତ୍ରୀ ଫୁଟ୍‌ବଲ୍ ଟୁର୍ନାମେଣ୍ଟରେ ଉନ୍ନତ ମାନର ଖେଳ ପ୍ରଦର୍ଶନ କରିଥିଲେ। ଫଳରେ ଫୁଟ୍‌ବଲ୍ ଆସୋସିଏଶନ ଚୟନ କର୍ତ୍ତାମାନେ ଅନିଶଙ୍କୁ ରାଜ୍ୟ ସରକାର ଅଧୀନ ଫିଫା ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରେ ପ୍ରଶିକ୍ଷଣ ନେବା ପାଇଁ ଶନିବାର ମନୋନୀତ କରିଛନ୍ତି। ଏନେଇ ଜିଲା ଫୁଟ୍‌ବଲ୍ ସଂଘକୁ ଚିଠି ପଠାଯାଇଛି। ଏହି ଚିଠି ହସ୍ତଗତ ହେବା ପରେ ପୁରାତନ ଓଡ଼ିଶା ଦଳର ଫୁଟ୍‌ବଲ୍ ଖେଳାଳି ଭଗବାନ ଡିଲା, ରାମ ବିଳାସ ବିଶ୍ୱକର୍ମା, ପ୍ରକାଶ ଡିଲା ଓ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଜ୍ଜଳ କୁମାର ପଟେଲ ପ୍ରଭୃତି ଶୁଭେଚ୍ଛା ଜଣାଇଛନ୍ତି।

### ୨୪ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

ଝାରସୁଗୁଡ଼ା,୨୨।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ କେ. କଣ୍ଠାପାଲିଠାରେ ୨୪ ପ୍ରହର ନାମଯଜ୍ଞ ପାଇଁ ରବିବାର ସନ୍ଧ୍ୟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଚୂଡ଼ାମଣି ପ୍ରଧାନ, ସଂଯୁକ୍ତା ପ୍ରଧାନ, ପୂଜକ ଗୋପାଳ ଦାସଙ୍କ ସମେତ ଗ୍ରାମର ଶତାଧିକ ମହିଳା, ପୁରୁଷ ଯୋଗଦେଇଥିଲେ। ଗ୍ରାମର ଅବଧୂତ ପ୍ରଧାନ, ଅମୂଲ୍ୟ ପ୍ରଧାନ, ଶରତ ସା, ଶୈବ ପଟେଲ, ପୁଷ୍ପଜିତ୍ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ନାମଯଜ୍ଞ ସୋମବାରଠାରୁ ଆରମ୍ଭ ହୋଇ ବୁଧବାର ଶେଷ ହେବ।

# କଟୁଜୋର ଗ୍ରାମରେ ପାନୀୟଜଳ ସମସ୍ୟା

**ଗ୍ରାମବାସୀଙ୍କ ଭରସା ପାଲଟିଛି ନାଳ, ଚୁଆପାଣି**

ଝାରସୁଗୁଡ଼ା,୨୨।୩(ଆଶିଷ ରଞ୍ଜନ ଦାଶ)



କଟୁଜୋର ଗ୍ରାମର ମହିଳା ଚୁଆରୁ ପାଣି ସଂଗ୍ରହ କରୁଛନ୍ତି।

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ପିପିଲିମାଲ ଗ୍ରାମପଞ୍ଚାୟତର କଟୁଜୋର ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ବର୍ଷତମାମ ଏହି ସମସ୍ୟା ଦେଖାଦେଇଥିବାବେଳେ ଗ୍ରୀଷ୍ମଋତୁରେ ଜଳକଷ୍ଟ ଦ୍ୱିଗୁଣିତ ହୋଇଥାଏ। ଏଠାରେ ଅଧିକାଂଶ ନଳକୂପ ଓ ଡିପ୍ ବୋରୱେଲ ଅଚଳ ହୋଇପଡିଛି। ଅପରପକ୍ଷେ ଗ୍ରାମରେ ୩ଟି ନଳକୂଅ ଏବଂ ଗୋଟିଏ ଡିପ୍ ବୋର୍‌ୱେଲ କାର୍ଯ୍ୟକ୍ଷମ ଥିବାବେଳେ ଏଥିରୁ ଲୌହଯୁକ୍ତ ପାଣି ବାହାରୁଛି। ଫଳରେ ତାହା ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଗ୍ରାମବାସୀ ବାଧହୋଇ ଚୁଆ ଓ ନାଳପାଣିକୁ ବ୍ୟବହାର କରୁଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, କଟୁଯୋର ଗ୍ରାମରେ ୭୦ରୁ ଉର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି। ହେଲେ ସେମାନେ ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମରେ ବହୁ ନଳକୂପ ଅଚଳ ହୋଇପଡିଥିବାବେଳେ କେତେକ ନଳକୂପରୁ ଲୌହପାଣି ବାହାରୁଛି। ଅପରପକ୍ଷେ ଉକ୍ତ ଗ୍ରାମରେ ଘରକୁ ଘର ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇନାହିଁ। ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ପାଣି ପାଇପ ଘର ସମ୍ମୁଖରେ ଥିଲେ ମଧ୍ୟ ଜଳ ଯୋଗାଣ ହୋଇପାରୁନାହିଁ। ପାଣି ସମସ୍ୟା ଦୂରପାଇଁ ଗତବର୍ଷ ଏକ ଘରୋଇ କମ୍ପାନୀ ପକ୍ଷରୁ ଗୋଟିଏ ସୌରଶକ୍ତି ଚାଳିତ ଗଭୀର ନଳକୂପ ସ୍ଥାପନ କରାଯାଇଛି। ହେଲେ ଏହା ଗ୍ରାମବାସୀଙ୍କ ଆବଶ୍ୟକତା ପୂରଣ କରିପାରୁନାହିଁ। ଫଳରେ ଗ୍ରାମର ପିଲା ଓ ମହିଳା ହାତରେ ଗରା, ବାଲ୍ଟି ଧରି ଗ୍ରାମଠାରୁ ପ୍ରାୟ ୧ କିମି ଦୂର ଖାଲଡିପ ରାସ୍ତାରେ ଚାଲି ଚାଲି ଯାଇ ଲେଲେର ନାଳରୁ ପାଣି ସଂଗ୍ରହ କରୁଛନ୍ତି। ଏହି ପାଣି ଘରକୁ ଆଣି ରୋଷେଇ କାର୍ଯ୍ୟ ଓ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ସେହିପରି ଜଳ ସଂଗ୍ରହ ପାଇଁ କଟୁଜୋର ଗ୍ରାମଠାରୁ ପ୍ରାୟ ୫୦୦ ମିଟର ଦୂରରେ ଗ୍ରାମବାସୀ ଏକ ଛୋଟିଆ ଚୁଆ ଖୋଳିଛନ୍ତି। ଏହି ଚୁଆ ସମସ୍ତଙ୍କ ଆବଶ୍ୟକତା ପୂରଣ କରିପାରୁ ନ ଥିବାରୁ ଗ୍ରାମବାସୀ ଏଠାରୁ ପାଳିକରି ପାଣି ସଂଗ୍ରହ କରୁଛନ୍ତି। ହାତରେ ଗରା, ବାଲ୍ଟି ଏବଂ ଏକ ବେଲା ଧରି ଚୁଆ ପାଖରେ ପହଞ୍ଚିଥାଆନ୍ତି। ବେଲାରେ ପାଣି ଆଣି ଏହାକୁ ଛାଣି ବାଲ୍ଟି ଏବଂ ଗରାରେ ଭର୍ତ୍ତି କରିଥାନ୍ତି। ପରେ ଘରକୁ ଆଣି ତାହାକୁ ବ୍ୟବହାର କରିଥାନ୍ତି। ଏନେଇ କଟୁଜୋର ଗ୍ରାମର ଦୟାନିଧି ପ୍ରଧାନ, ସାଗର ପ୍ରଧାନ, ତିଳ ରକ୍ସା କହିଛନ୍ତି, ଦୀର୍ଘଦିନ ହେବ ଗ୍ରାମରେ ପାନୀୟଜଳ ସମସ୍ୟା ଲାଗିରହିଛି। ଆମେମାନେ ସ୍ୱଚ୍ଛ ପାଣି ପାଇବାରୁ ବଞ୍ଚିତ ହୋଇଛୁ। ଗ୍ରାମର ପ୍ରତ୍ୟେକ ଘରକୁ କିପରି ବିଶୁଦ୍ଧ ପାନୀୟ ଜଳ ପହଞ୍ଚିବ ସେନେଇ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରୁ ବୋଲି ସେମାନଙ୍କ ସହିତ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଲଖନପୁର ବିଡିଓ ବିନୟ କୁମାର ପଟେଲଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ପ୍ରତିଶୋଧ ନେବା ପାଇଁ ମହିଳାଙ୍କୁ ଗୁଳି କରିଥିଲେ

**ଗୁଳିମାଡ଼ ଘଟଣା: ଅଭିଯୁକ୍ତ ଗିରଫ**

ଝାରସୁଗୁଡ଼ା,୨୨।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସରବାହାଲ ତଳିପଡ଼ା ଅଞ୍ଚଳରେ ଘଟିଥିବା ଗୁଳିମାଡ଼ ଘଟଣାରେ ଟାଉନ୍ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ କିଲାସମା ଗ୍ରାମର ଲୋକେଶ କୁମାର ପଧାନ(୪୦)। ତାଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ୯ ରାଉଣ୍ଡ ଗୁଳି, ଘଟଣାସ୍ଥଳରୁ ଖୋକା, ଅପରାଧରେ ବ୍ୟବହୃତ ବାଇକ୍ ଓ ମୋବାଇଲ ଫୋନ ଜବତ କରାଯାଇଛି। ତେବେ ଅଭିଯୁକ୍ତ ପ୍ରମାଣ ନଷ୍ଟ କରିବା ପାଇଁ ନିଜ ପୋଷାକ ଜାଳି ଦେଇଥିବା ନେଇ ରବିବାର ଅପରାହ୍ନରେ ଝାରସୁଗୁଡ଼ା ଟାଉନ୍ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଉମାଶଙ୍କର ସିଂ ସୂଚନା ଦେଇଛନ୍ତି। ଅଭିଯୁକ୍ତ ପ୍ରତିଶୋଧ ପରାୟଣ ହୋଇ ଏପରି କରିଥିବା ତଦନ୍ତରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ବଡ଼ମାଲ ଅଞ୍ଚଳରେ ପୂର୍ବରୁ ଘଟିଥିବା ଏକ ମାମଲାରେ ଅଭିଯୁକ୍ତଙ୍କ ପୁଅର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସରବାହାଲ ତଳିପଡ଼ାରେ ଭଡା ରହୁଥିବା ବିଶ୍ୱ ବିଜୟିନୀ ଜେନା (୩୦)ଙ୍କ ନାବାଳକ ପୁଅଙ୍କ ସମ୍ପୃକ୍ତି ଥିବା ନେଇ ଲୋକେଶ ସନ୍ଦେହ କରିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଲୋକେଶ ଶୁକ୍ରବାର ରାତିରେ ବିଶ୍ୱ ବିଜୟିନୀଙ୍କ ଘରେ ପଶି ତାଙ୍କୁ ଗୁଳି କରିଥିଲେ। ଗୁଳି ଶବ୍ଦ ଶୁଣି ମହିଳାଙ୍କ ସ୍ୱାମୀ ସେଠାକୁ ଦୌଡ଼ି ଆସିବାରୁ ଅଭିଯୁକ୍ତ ତାଙ୍କୁ ମଧ୍ୟ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ବିଶ୍ୱ ବିଜୟିନୀଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ଭିମସାର୍‌କୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି।

# କ୍ରିକେଟ୍ ଟୁର୍ନାମେଣ୍ଟ: ଶାନ୍ତିନଗର ଟିମ୍ ଚାମ୍ପିୟନ



ଅତିଥିଙ୍କଠାରୁ ଚାମ୍ପିୟନ ଦଳର ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ଦେବଗଡ଼,୨୨।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସୋରଣଖୋଲ ଖେଳପଡିଆରେ ୫ ଦିନ ଧରି ୧୬ଟି ଟିମକୁ ନେଇ ବଜରଙ୍ଗୀ ଇଲେଭେନ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ପୁରୁଣାଗଡ଼ ଓ ଶାନ୍ତିନଗର (କୁରଡ଼) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୁରୁଣାଗଡ଼ ଟିମ୍ ବ୍ୟାଟିଂ କରି ୬ ଓଭରରେ ୮୯ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଶାନ୍ତିନଗର ଟିମ୍ ୫ ଓଭର ୪ ବଲ୍‌ରେ ୯୦ ରନ୍ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ସମ୍ମାନିତ ଅତିଥି ଭାବେ ତିଲେଇବଣି ସମିତିସଭ୍ୟ ଶୁକ୍ରୁ ମୁଣ୍ଡା, ସାମାଜିକ କର୍ମୀ ବୁଲୁ ଜୟସ୍ୱାଲ, ୱାର୍ଡ ସଭ୍ୟ ଟିଙ୍କୁ ସାହୁ, ଶିକ୍ଷକ ଦୋଳଗୋବିନ୍ଦ ବିଶ୍ୱାଳ ଯୋଗଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର ଅପ୍ ଟିମ୍‌କୁ କପ୍ ସହିତ ୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କରନ ବେହେରା ଏବଂ ଲକି ଦାସ ଅମ୍ପାୟର ଦାୟିତ୍ୱ ତୁଲାଇଥିବାବେଳେ ଉମେଶ ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ଖେଳାଳି ସରୋଜ ପରିଡ଼ା, ମନୋଜ ପରିଡ଼ା, ରବି ସାହୁ, ଡମ୍ବରୁ ପରିଡ଼ା, ଈଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା।

# କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଲେ ମା’ କନକଦୁର୍ଗା

ଦେବଗଡ଼,୨୨।୩(ଶଶାଙ୍କ ଶେଖର ଝାଙ୍କର)

ବାସନ୍ତିକ ନବରାତ୍ର ପୂଜାର ରବିବାର ଚତୁର୍ଥ ଦିବସରେ ଦେବଗଡ଼ ମଠସାହିସ୍ଥିତ ମା’ କନକଦୁର୍ଗା ମନ୍ଦିର ଚଳଚଞ୍ଚଳ ହୋଇଉଠିଥିଲା। ଏହି ଅବସରରେ ବିଭିନ୍ନ ପୂଜାର୍ଚ୍ଚନା ପରେ ମା’ କନକଦୁର୍ଗାଙ୍କୁ କୁଷ୍ମାଣ୍ଡା ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶ ଦର୍ଶନ କରିବା ପାଇଁ ମନ୍ଦିରରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ମା’ ଦକ୍ଷିଣକାଳୀ ଓ ଶନି ମନ୍ଦିରରେ ମଧ୍ୟ ବାସନ୍ତିକ ନବରାତ୍ର ପୂଜାର୍ଚ୍ଚନା ଚାଲିଛି।

# ଶିବିରରୁ ୪୬ ୟୁନିଟ୍ ରକ୍ତ ସଂଗ୍ରହ

ଦେବଗଡ଼,୨୨।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଲଇମୁରା ଥାନାର ନୂତନ କୋଠା ପରିସରରେ ଜିଲା ପୋଲିସ ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଲଇମୁରା ଥାନା ଅଧିକାରୀ ଗଙ୍ଗା ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୋଟ ୪୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ କୁମାର ମାହାନା, ସମ୍ମାନିତ ଅତିଥି ଭାବେ ଡିଏସ୍‌ପି (ଏଚ୍‌ଆର୍‌ପିସି) ଅମୂଲ୍ୟ ପୁନମ ଲାକ୍ରା, ଲଇମୁରା ସରପଞ୍ଚ ଏବଂ ଭାଜପା ନେତା ରଞ୍ଜିତ ପଟେଲ ଯୋଗଦେଇଥିଲେ। ଗ୍ରୀଷ୍ମଋତୁରେ ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ପୂରଣ କରିବା ଲକ୍ଷ୍ୟରେ ପୋଲିସ ଏଭଳି ଏକ ପଦକ୍ଷେପ ନେଇଛି। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ପୋଲିସ କର୍ମଚାରୀ, ଜନସାଧାରଣ ରକ୍ତଦାନ କରିଥିଲେ।

# ବେଲପାହାଡ଼ ଉତ୍ସବ ମଚାନ ଉଦ୍‌ଘାଟିତ



ଉତ୍ସବରେ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

ବେଲପାହାଡ଼,୨୨।୩(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ଠାରେ ଉତ୍ସବ ମଚାନ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବେଲପାହାଡ଼ସ୍ଥିତ ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ଭବ୍ୟ ଶୋଭାଯାତ୍ରା ବାହାରି ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା ପରେ ସଂସ୍କୃତିକ କାର୍ଯ୍ୟକ୍ରମ ସହ ସହର ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ମଚାନ ଉତ୍ସବ ଏବଂ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଥିଲା । ମଚାନ ଉତ୍ସବ ସଭାପତି ରାଜେଶ ଭୋଇ, ଅତିଥି ଭାବେ ରଘୁନନ୍ଦନ ପଣ୍ଡା, ବିକାଶ ଅଗ୍ରୱାଲ, ଆରତୀ ପ୍ରଧାନ, ବିକାଶ କଲେତ, ପ୍ରମୋଦ ସେନାପତି, ଭାସ୍କର ପଟେଲ, କୈଳାଶ ନାୟକ ପ୍ରମୁଖ ଯୋଗଦେଇ ଉତ୍ସବ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସକାରାତ୍ମକ ମନୋଭାବ ନେଇ କାମ କରନ୍ତୁ ଯୁବକ

**ଯୁବା ମଣ୍ଡଳ କାର୍ଯ୍ୟକ୍ରମ**

ଦେବଗଡ଼,୨୨।୩(ଶଶାଙ୍କ ଶେଖର ଝାଙ୍କର)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ମେରା ଯୁବା ଭାରତ ପକ୍ଷରୁ ସୁଗୁଡ଼ାସ୍ଥିତ ନେତାଜୀ କ୍ଲବ୍‌ଠାରେ ମେରା ଭାରତ ଯୁବା ମଣ୍ଡଳ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ଧରଣୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲା କ୍ରୀଡ଼ା ଅଧିକାରୀ ତାପସ କୁମାର ମହନ୍ତ ଯୋଗଦେଇ ଯୁବ ଅନୁଷ୍ଠାନଗୁଡ଼ିକ ମାଇଁ ଭାରତ ପୋର୍ଟାଲରେ ପଞ୍ଜୀକରଣ କରିବା ସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ନାୟକ, ସୁଗୁଡ଼ା ସମିତି ସଭ୍ୟ ଡମ୍ବରୁଧର ସାହୁ ଯୋଗଦେଇ ଯୁବକମାନେ ସକାରାତ୍ମକ ମନୋଭାବ ନେଇ କାମ କରିବାକୁ କହିଥିଲେ। ମେରା ଯୁବା ଭାରତ ଦେବଗଡ଼ର ପ୍ରଦୀପ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ କିପରି ଜିଲାର ସମସ୍ତ କ୍ଲବ୍‌କୁ ଏଥିରେ ସାମିଲ କରାଯିବ ସେ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ବିଭିନ୍ନ କ୍ଲବ୍‌କୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଇଥିଲା। କ୍ଲବ୍ ସଦସ୍ୟ ପରେଶ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# କାଉଁଶିବାହାଲ ଆଞ୍ଚଳିକ ଚଷା ସମାଜର ବାର୍ଷିକ ଅଧିବେଶନ

ଦେବଗଡ଼,୨୨।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ୍ କାଉଁଶିବାହାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ କମାରନାଳୀଠାରେ ଗୋଡସୁଗୁଡ଼ା ଆଞ୍ଚଳିକ ଚଷା ସମାଜର ବାର୍ଷିକ ଅଧିବେଶନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଧରଣୀଧର ପ୍ରଧାନ ସଭାପତିତ୍ୱ କରିଥିଲେ। ବନ୍ଧୁମିଳନ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, କେନ୍ଦ୍ରୀୟ ସମ୍ପାଦକ ଚୂଡ଼ାମଣି ପ୍ରଧାନ ଯୋଗଦେଇ ଚଷା ଜାତିର ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ ବକ୍ତବ୍ୟ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ସୁଶିଳ କୁମାର ପରିଡ଼ା, ଦୁର୍ଯ୍ୟୋଧନ ଧଳ, ଜଗନ୍ନାଥ ଧଳ, ନେତ୍ରାନନ୍ଦ ପ୍ରଧାନ ଓ ଶ୍ରଦ୍ଧାକର ସାହୁ ଯୋଗଦେଇଥିଲେ। ସମ୍ପାଦକ ନିରାକାର ପ୍ରଧାନ ଓ ସହସମ୍ପାଦକ ରବୀନ୍ଦ୍ର ସାହୁ ବାର୍ଷିକ ବିବରଣୀ ସହ ଆୟବ୍ୟୟ ଉପସ୍ଥାପନ କରିଥିଲେ। ଟିକେଶ୍ୱର ସାହୁ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଦେଇଥିଲେ।

# ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ଜିଲା ସମ୍ମିଳନୀ

ଦେବଗଡ଼,୨୨।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ଜିଲା ସମ୍ମିଳନୀ ସ୍ଥାନୀୟ ଶ୍ରୀ ସତ୍ୟସାଇ ମନ୍ଦିରଠାରେ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଓଡ଼ିଶା ପୂଜ୍ୟ ରାଜ୍ୟ ସଭାପତି ସତ୍ୟ ସ୍ୱରୂପ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ରାଜ୍ୟ ବାଲ୍ ବିକାଶ ଯୁଗ୍ମ ସଂଯୋଜକ ଗୁରୁଦତ୍ତ ଜେନା, ରାଜ୍ୟ ଯୁଗ୍ମ ଯୁବ ସଂଯୋଜକ ଅଞ୍ଜନି ପଟ୍ଟନାୟକ, ମୁଖ୍ୟବକ୍ତା କେନ୍ଦୁଝର ଜୋନ୍-୧ ଜିଲା ସଭାପତି ରାଜେନ୍ଦ୍ର ବାରିକ, ଦେବଗଡ଼ ଜିଲା ସଭାପତି ହରିହର ନାଏକ ଯୋଗଦେଇଥିଲେ। ଏହି ଅବସରରେ ନଗର ସଙ୍କୀର୍ତ୍ତନ, ପ୍ରଶାନ୍ତି ପତାକା ଉତ୍ତୋଳନ, ଭଜନ, ବେଦପାଠ ଓ ମଙ୍ଗଳ ଆଳତି କରାଯାଇଥିଲା। ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ବର୍ଷ ଅବସରରେ ଏ ବର୍ଷ ବାଲ୍ ବିକାଶ ବର୍ଷ ଭାବେ ଘୋଷଣା କରାଯାଇଛି। ଏହି ସମ୍ମିଳନୀରେ ସଙ୍ଗଠନର ଜିଲା କର୍ମକର୍ତ୍ତା ତପନ ନାୟକ, ପୁରୁଷୋତ୍ତମ ବେହେରା, ନେତାଜୀ ପାଲ୍, ସରୋଜିନୀ ପାଣି, ଜିଲାର ସମିତି ଆବାହକ ମାନସ ରଞ୍ଜନ ସାହୁ, ଶ୍ରୀକୃଷ୍ଣ ସାହୁ, ତପନ ପାଲ୍‌ଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଦେବଗଡ଼ ସମିତିର ବିଦେଶୀ ସାହୁ, ଅମୂଲ୍ୟ ପାଣି, ସନ୍ତୋଷ ଗୁରୁ, ଅରୁଣ ବେହେରାଙ୍କ ସମେତ ସମିତିର ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଦେବଗଡ଼ ସମିତି ଆବାହକ ଅରବିନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।



ସମ୍ମିଳନୀରେ ଉପସ୍ଥିତ ବ୍ୟକ୍ତିବୃନ୍ଦ।

# ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

**ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସ୍ୱଚ୍ଛତା ଅଭିଯାନ**

ଝାରସୁଗୁଡ଼ା,୨୨।୩(ଆଶିଷ ରଞ୍ଜନ ଦାଶ)



ବଡ଼ମାଲ ଅଞ୍ଚଳରେ ରାସ୍ତାପାର୍ଶ୍ୱ ସଫେଇ କରାଯାଉଛି।

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଜିଲାରେ ବାୟୁ ପ୍ରଦୂଷଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଏକ ପଦକ୍ଷେପ ଗ୍ରହଣ ସ୍ୱରୂପ ଜିଲାର ୧୨ଟି ପ୍ରମୁଖ ଶିଳ୍ପ ଓ ଖଣି ସଂସ୍ଥାକୁ ବିଭିନ୍ନ ରାସ୍ତାର ସଫେଇ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି। ଏହି କ୍ରମରେ ଝାରସୁଗୁଡ଼ା ପୌରପାଳିକା ପକ୍ଷରୁ ବଡ଼ମାଲ ବଜାର ଅଞ୍ଚଳରେ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ମାଲ ବଜାର ଅଞ୍ଚଳ ପୌରପାଳିକା ସୀମା ବାହାରେ ଥିଲେ ମଧ୍ୟ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଜିଲାପାଳଙ୍କ ପରାମର୍ଶକ୍ରମେ ଏହି ଆଖପାଖ ଅଞ୍ଚଳକୁ ସଫା କରାଯାଇଛି। ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାନୁସାରେ, ଜାତୀୟ ଓ ରାଜ୍ୟ ରାଜପଥ ଏବଂ ଅନ୍ୟାନ୍ୟ ମୁଖ୍ୟ ରାସ୍ତାର ପ୍ରାୟ ୮୪ କିମି ପରିମିତ ଅଞ୍ଚଳକୁ ବିଭିନ୍ନ କମ୍ପାନୀ ମଧ୍ୟରେ ବଣ୍ଟନ କରାଯାଇଛି। ଏଥିମଧ୍ୟରେ ରୁଙ୍ଗଟାକୁ ଖେରୁଆଲରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ୫ କିମି, ବେଦାନ୍ତକୁ ବିଜୁ ପଟ୍ଟନାୟକ ଛକରୁ ସରବାହାଲ ହୋଇ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ୬ କିମି, ଏଲ୍. ଏନ୍. ମେଟାଲିକ୍‌କୁ ପ୍ରସନ୍ନ ପଣ୍ଡା ଛକରୁ ପଞ୍ଚପଡ଼ା ଛକ ପର୍ଯ୍ୟନ୍ତ ୧.୪ କିମି ଏବଂ ଟିପିଏସ୍ଏଲ୍‌କୁ ଲହଣ୍ଡାବୁଡ଼ରୁ ପଞ୍ଚପଡ଼ା ଛକ ସର୍କିଟ ହାଉସ ଛକ ପର୍ଯ୍ୟନ୍ତ ୩ କିମି ରାସ୍ତା ସଫେଇ ଦାୟିତ୍ୱ ଦିଆଯାଇଛି। ସେହିପରି ଆଇଓସିଏଲ୍ ଓ ଅଲଟ୍ରାଟେକ୍‌କୁ ଏସ୍‌ପି ଅଫିସ ଛକରୁ ଯଥାକ୍ରମେ ତାଲପଟିଆ ଓ ଧୁତୁରା ଛକ ପର୍ଯ୍ୟନ୍ତ ଦାୟିତ୍ୱ ଦିଆଯାଇଥିବାବେଳେ ଟିଆର୍‌ଏଲ୍ ଏବଂ ଏମ୍‌ସିଏଲକୁ ଲଖନପୁର ଏରିଆ ଶିବ ମହିମା ଛକରୁ ଗୋବିନ୍ଦପୁର ଟୋଲ୍ ପ୍ଲାଜା ପର୍ଯ୍ୟନ୍ତ ପ୍ରାୟ ୨୨ କିମି ରାସ୍ତା ସଫା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ ଓଏମ୍‌ପିଏଲ୍‌କୁ ଗାନ୍ଧୀ ଛକରୁ ପ୍ରସନ୍ନ ପଣ୍ଡା ଛକ, ଏମ୍‌ସିଏଲ୍ ଇବ୍ ଭ୍ୟାଲିକୁ ଗାନ୍ଧୀ ଛକରୁ ଶିବ ମହିମା ଛକ, ଓପିଜିସିକୁ ମୁଚବାହାଲ ଛକରୁ ବନହରପାଲି ଛକ ଓ ଜେଏସଡବ୍ଲ୍ୟୁ ଏନର୍ଜିକୁ ବନହରପାଲି ଛକରୁ ଧୁନ୍‌ଧୁନ୍ ଛକ ପର୍ଯ୍ୟନ୍ତ ଦାୟିତ୍ୱ ଦିଆଯାଇଛି। ପ୍ରତ୍ୟେକ କମ୍ପାନୀ ସେମାନଙ୍କ ନିର୍ଦ୍ଧାରିତ ଅଞ୍ଚଳରେ ଯାନ୍ତ୍ରିକ ଓ ମାନବିକ ପଦ୍ଧତିରେ ନିୟମିତ ଭାବେ ଧୂଳି ସଫେଇ କରିବାକୁ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହି ସମସ୍ତ କାର୍ଯ୍ୟ ଟ୍ରାଫିକ୍ କମ୍ ଥିବା ସମୟରେ କରାଯିବ ଏବଂ ଏହାର ଫଟୋ ପ୍ରତିଦିନ ପ୍ରଶାସନିକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଶେୟାର କରାଯିବ। ପ୍ରତି ୧୫ ଦିନରେ ଜିଲାପାଳଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଯେକୌଣସି ଅବହେଳା ପାଇଁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଧରିତ୍ରୀ
DHARITRI
ଧରିତ୍ରୀ 52 Years

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୩/୨୦୨୬ Bhubaneswar, Monday, March 23/ 2026




# ଜାନୁଆରୀରେ ଭାରତରେ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ୍

**ମେଲବୋର୍ନ,୨୨।୩(ପି.ଟି.)**

ଆସନ୍ତା ବର୍ଷ ଜାନୁଆରୀରେ ଅଷ୍ଟ୍ରେଲିଆ ଦଳ ଭାରତ ଗସ୍ତ କରି ୫ ମ୍ୟାଚ୍ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ୍ ଖେଳିବ। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ରବିବାର ଘୋଷିତ ୨୦୨୬-୨୭ ଇଣ୍ଟରନ୍ୟାଶନାଲ ସିଜନର କାର୍ଯ୍ୟସୂଚୀରେ ଏହା ଦର୍ଶାଯାଇଛି। ଅଷ୍ଟ୍ରେଲିଆ ଦଳ ଆସନ୍ତା ଡିସେମ୍ବରରୁ ୨୦୨୭ ମାର୍ଚ୍ଚ ପର୍ଯ୍ୟନ୍ତ ୧୪ ସପ୍ତାହ ମଧ୍ୟରେ ୧୦ ଟେଷ୍ଟ ଖେଳିବ। ଗୁରୁତ୍ୱପୂର୍ଣ୍ଣ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ୍ ଜାନୁଆରୀ ମଧ୍ୟାନ୍ତର କିମ୍ବା ଶେଷ ଆଡ଼କୁ ଆରମ୍ଭ ହୋଇପାରେ।

ଅଷ୍ଟ୍ରେଲିଆର ଘରୋଇ ସିଜନ ଚଳିତବର୍ଷ ଅଗଷ୍ଟରେ ବାଂଲାଦେଶ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରୁ ଆରମ୍ଭ ହେବ। ୨୦୨୭ ମାର୍ଚ୍ଚରେ ଏମ୍‌ସିଜିଠାରେ ଇଂଲଣ୍ଡ ବିପକ୍ଷରେ ଏକ ଦିବାରାତ୍ର ଟେଷ୍ଟ ମ୍ୟାଚ୍ ସହ ଘରୋଇ ସିଜନ ଶେଷ ହେବ। ଏହି ସିଜନରେ ଅଷ୍ଟ୍ରେଲିଆ ଦଳ ଘରୋଇ ପରିବେଶରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଅକ୍ଟୋବରରେ ଅଷ୍ଟ୍ରେଲିଆ ଦଳ ଦକ୍ଷିଣ ଆଫ୍ରିକା ଗସ୍ତ କରି ଟେଷ୍ଟ ସିରିଜ୍ ଖେଳିବ। ଏହାପରେ ଦଳ ନଭେମ୍ବରରେ ଇଂଲଣ୍ଡ ବିପକ୍ଷରେ ୮ ମ୍ୟାଚ୍ ବିଶିଷ୍ଟ ଧଳା ବଲ କ୍ରିକେଟ ସିରିଜ୍ ଖେଳିବ। ଅଧିନାୟକ ପ୍ୟାଟ କମିନ୍ସ, ଷ୍ଟିଭ ସ୍ମିଥ, ମିଚେଲ ଷ୍ଟାର୍କ, ଜୋଶ ହାଜେଲଉଡ, ନାଥନ ଲାୟନଙ୍କ ଭଳି ଖେଳାଳିମାନେ ଅନ୍ତିମ ଥର ଲାଗି ବର୍ଡର-ଗାଭାସ୍କର ଟ୍ରଫି ସିରିଜ୍‌ରେ ଖେଳିବେ। ଏମାନେ କଦାପି ଭାରତରେ ଟେଷ୍ଟ ସିରିଜ୍ ଜିତି ନାହାନ୍ତି। ଆଗକୁ ବ୍ୟସ୍ତବହୁଳ ସିଜନ ଥିବାରୁ ସିଏ ଦଳର ୩ ମୁଖ୍ୟ ପେସର ଷ୍ଟାର୍କ, କମିନ୍ସ ଓ ହାଜେଲଉଡ୍‌ଙ୍କୁ ସମ୍ପୂର୍ଣ୍ଣ ଫିଟ୍ ରଖିବାକୁ ଚାହୁଁଛି। ଏଥିଯୋଗୁ ସେମାନେ ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଯାଉଥିବା ଆଇପିଏଲ୍‌ର ପ୍ରାରମ୍ଭିକ ପର୍ଯ୍ୟାୟ ମିସ୍ କରିବେ।

**ଅଷ୍ଟ୍ରେଲିଆ ଟେଷ୍ଟ କାର୍ଯ୍ୟସୂଚୀ**

ଅଗଷ୍ଟ: ବାଂଲାଦେଶ ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ ସିରିଜ୍।

ଅକ୍ଟୋବର: ଦକ୍ଷିଣ ଆଫ୍ରିକାରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍।

ଡିସେମ୍ବର-ଜାନୁଆରୀ: ନ୍ୟୁଜିଲାଣ୍ଡ ବିପକ୍ଷରେ ୪ ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ ସିରିଜ୍।

ଜାନୁଆରୀ-ମାର୍ଚ୍ଚ: ଭାରତରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍।

ମାର୍ଚ୍ଚ ୧୧-୧୫: ଇଂଲଣ୍ଡ ବିପକ୍ଷରେ ଟେଷ୍ଟର ୧୫୦ତମ ବର୍ଷ ପୂର୍ତ୍ତି ମ୍ୟାଚ୍।

ଜୁନ: ଡବ୍ଲ୍ୟୁଟିସି ଫାଇନାଲ (ଯଦି ଯୋଗ୍ୟତା ହାସଲ କରେ)।

# ଏଲ୍‌ଏସ୍‌ଜିରେ ପନ୍ତ ନଂ-୩ରେ ବ୍ୟାଟିଂ କରିବେ

**ନୂଆଦିଲ୍ଲୀ,୨୨।୩(ପି.ଟି.)**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ଅଧିନାୟକ ରିଷଭ ପନ୍ତ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେଉଥିବା ଆଇପିଏଲ୍‌ରେ ନଂ-୩ ପୋଜିଶନରେ ବ୍ୟାଟିଂ କରିବେ। ଗତ ବର୍ଷ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଜଣେ ଅଧିନାୟକ ଓ ଟପ୍ ଅର୍ଡର ବ୍ୟାଟର ଭାବେ ଏକ ସଫଳ ସିଜନ ତାଙ୍କୁ ଭାରତୀୟ ଦଳର ଟି୨୦ ଯୋଜନାରେ ସାମିଲ କରିପାରେ। ପନ୍ତ ବର୍ତ୍ତମାନ କେବଳ ଭାରତୀୟ ଟେଷ୍ଟ ଦଳ ନିୟମିତ ସଦସ୍ୟ ହୋଇ ରହିଛନ୍ତି। ଦିନିକିଆ ଦଳରେ ତାଙ୍କୁ ଦ୍ୱିତୀୟ ପସନ୍ଦର ଉଇକେଟକିପର ଭାବେ ରଖାଯାଇଛି। ୨୦୨୪ରେ ଭାରତୀୟ ଦଳ ଟି୨୦ ବିଶ୍ୱକପ୍ ଜିତିବା ପରଠାରୁ ୨୮ ବର୍ଷୀୟ ପନ୍ତ ସ୍ଥାନ ହରାଇଛନ୍ତି। ବର୍ତ୍ତମାନ ଭାରତୀୟ ଟି୨୦ ଦଳରେ ସଞ୍ଜୁ ସାମସନ ଓ ଇଶାନ କିଶନଙ୍କ ଉପସ୍ଥିତି ଯୋଗୁ ପନ୍ତଙ୍କୁ ଜାତୀୟ ଦଳକୁ ଫେରିବା ପାଇଁ କିଛି ସ୍ୱତନ୍ତ୍ର କରିବାକୁ ପଡ଼ିବ। ଏଥିସହିତ ସେ ଆଗାମୀ ଆଇପିଏଲ୍‌ରେ ତାଙ୍କର ୨୭ କୋଟି ଟଙ୍କାର ମୂଲ୍ୟକୁ ଯଥାର୍ଥ ପ୍ରମାଣିତ କରିବା ଲକ୍ଷ୍ୟରେ ରହିବେ।

ଗତ ବର୍ଷ ପନ୍ତ ପ୍ରାୟତଃ ମ୍ୟାଚ୍‌ରେ ନଂ-୪ ପୋଜିଶନରେ ଖେଳିଥିଲେ। ସିଜନ ଶେଷ ଆଡ଼କୁ ସେ ନଂ-୩ ପୋଜିଶନରେ ବ୍ୟାଟିଂ କରି ଭଲ ପ୍ରଦର୍ଶନ କରିଥିଲେ। ହେଲେ ସେତେବେଳକୁ ଏଲ୍‌ଏସ୍‌ଜି ଲାଗି ବିଳମ୍ବ ହୋଇସାରିଥିଲା। ପନ୍ତ ନଂ-୩ ପୋଜିଶନରେ ବ୍ୟାଟିଂ କଲେ, ନିକୋଲାସ ପୁରନଙ୍କୁ ମଧ୍ୟକ୍ରମରେ ବ୍ୟାଟିଂ କରିବାକୁ ପଡ଼ିବ। ଏଲ୍‌ଏସ୍‌ଜି ଏପ୍ରିଲ ୧ ତାରିଖରେ ତା'ର ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ଭେଟିବ।

"ପନ୍ତଙ୍କ ଖେଳିବା ଷ୍ଟାଇଲ ନଂ-୩ ପୋଜିଶନ ଲାଗି ସୁଟ୍ କରେ। ଏଥିରେ ଟିମ୍ ମ୍ୟାନେଜମେଣ୍ଟ ମଧ୍ୟ ଏକମତ। ଚଳିତ ବର୍ଷ ଏଡେନ ମାରକ୍ରମ, ମିଚେଲ ମାର୍ଶ ଓ ପନ୍ତ ଟପ୍ ଅର୍ଡରରେ ବ୍ୟାଟିଂ କରିବେ। ମିଡିଲ ଅର୍ଡରରେ ଖେଳାଳିଙ୍କ ପୋଜିଶନରେ ମ୍ୟାଚ୍‌ର ପରିସ୍ଥିତି ଆଧାରରେ ପରିବର୍ତ୍ତନ କରାଯିବ" ବୋଲି ସୂତ୍ରରୁ କୁହାଯାଇଛି। ଏଲ୍‌ଏସ୍‌ଜି ନିକଟରେ ମଧ୍ୟକ୍ରମର ବ୍ୟାଟର ଭାବେ ପୁରନ, ଆୟୁଷ ବଦୋନୀ, ଅବଦୁଲ ସମଦ ଓ ଶେହବାଜ ଅହମଦ ରହିଛନ୍ତି। ଗତ ସିଜନରେ ବୋଲିଂ ବିଭାଗର ଦଳର ଦୁର୍ବଳତା ଥିଲା। ଆହତ ସମସ୍ୟା କାରଣରୁ ମୟଙ୍କ ଯାଦବ ଓ ମହସିନ ଖାନ ଉପଲବ୍ଧ ନ ଥିବା ବେଳେ ବୋଲିଂ ୟୁନିଟ୍ ଦଳକୁ କୌଣସି ମ୍ୟାଚ୍ ଜିତାଇ ପାରି ନ ଥିଲା। ଏ ସମ୍ପର୍କରେ ଫ୍ରାଞ୍ଚାଇଜ ନିକଟସ୍ଥ ସୂତ୍ରରୁ କୁହାଯାଇଛି, ବ୍ୟାଟିଂ ବିଭାଗ ସମସ୍ୟାର କାରଣ ନୁହେଁ। ବୋଲିଂ ୟୁନିଟ୍ ଗତ ବର୍ଷ ଅପେକ୍ଷା ଭଲ ଜଣାପଡୁଛି। କିନ୍ତୁ କେଉଁ କମ୍ବିନେଶନ ସହ ଆମେ ଖେଳିବୁ, ତାହା ଉପରେ କାମ କରିବୁ। ମୟଙ୍କ ଏବେ ଫିଟ୍ ଅଛନ୍ତି। କିନ୍ତୁ ନେଟ୍ସରେ ତାଙ୍କୁ ଅଧିକରୁ ଅଧିକ ବୋଲିଂ କରିବାର ଆବଶ୍ୟକତା ରହିଛି। ଆଶା କରୁଛୁ ତାଙ୍କ ଉପରେ ଦଳ ଗତ ୪ରୁ ୫ ବର୍ଷରେ ଦେଖାଇଥିବା ଭରସାର ସେ ଭରଣ କରିବେ।

## ଅଧିକ ଚାପ ରହିବ

ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ଫାଫ ଡୁ ପ୍ଲେସିଙ୍କ ମତରେ ପନ୍ତ ଆଗାମୀ ଆଇପିଏଲ୍‌ରେ ସବୁଠୁ ଅଧିକ ଚାପରେ ରହିବେ। "ମୋ ମତରେ ପନ୍ତ ଆଗାମୀ ଆଇପିଏଲ୍ ସିଜନରେ ସର୍ବାଧିକ ଚାପରେ ରହିବେ। କିଛି ଖେଳାଳି ପ୍ରାଇସ୍ ଟ୍ୟାଗ୍ ଚାପରେ ଭଲ ପ୍ରଦର୍ଶନ କରନ୍ତି। କିନ୍ତୁ କିଛି ଖେଳାଳି ତାହା କରିପାରନ୍ତି ନାହିଁ। ମୋ ମତରେ ଗତ ସିଜନ ତାଙ୍କ ପାଇଁ ଖୁବ କଷ୍ଟକର ଥିଲା। ତାଙ୍କ ଦଳ ସଂଘର୍ଷ କରୁଥିବା ବେଳେ ସେ ରନ କରିବାକୁ ସଂଘର୍ଷ କରୁଥିଲେ। ଏଣୁ ଏହି ସିଜନରେ ସେ ପୁଣି ଚାପ ଅନୁଭବ କରିବେ। ଏହା ବ୍ୟତୀତ ଅଧିକ ବ୍ୟାଟିଂ ଉପରେ ନିର୍ଭର କରୁଥିବା ଏଲ୍‌ଏସ୍‌ଜି କେଉଁ ଭଳି ତା'ର ବୋଲରଙ୍କୁ ବ୍ୟବହାର କରିବ, ତାହା ଉପରେ ସଭିଙ୍କ ନଜର ରହିବ।

# ଡୁପ୍ଲାଣ୍ଟିସଙ୍କ କ୍ରମାଗତ ୪ର୍ଥ ଟାଇଟଲ




**ତୋରୁନ୍ (ପୋଲାଣ୍ଡ), ୨୨।୩ (ଏପି)**

## ୱାର୍ଲ୍ଡ ଇନ୍‌ଡୋର ପୋଲ୍‌ଭଲ୍ଟ

ଆର୍ମାଣ୍ଡ ଡୁପ୍ଲାଣ୍ଟିସ ଅନ୍ୟ ଏକ ପୋଲ୍ ଭଲ୍ଟ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ଗ୍ରୀସ୍‌ର ଏମ୍ମାନୌଇଲ କାରାଲିସ୍‌ଙ୍କଠାରୁ ତାଙ୍କୁ କଡ଼ା ଟକ୍କରର ସାମ୍ନା କରିବାକୁ ପଡ଼ିଥିଲା। ଡୁପ୍ଲାଣ୍ଟିସ ଏକ ଟୁର୍ନାମେଣ୍ଟର ରେକର୍ଡ ପୋଲ୍‌ଭଲ୍ଟ ୬.୨୫ ମିଟର ସହ ତାଙ୍କ କ୍ରମାଗତ ଚତୁର୍ଥ ୱାର୍ଲ୍ଡ ଇନ୍‌ଡୋର ଟାଇଟଲ ହାସଲ କରିଛନ୍ତି। ବର୍ଷକପୂର୍ବେ ନାନ୍‌ଜିଙ୍ଗାର ସେ ଯେତିକି ଉଚ୍ଚତାରେ ଟାଇଟଲ ଜିତିଥିଲେ ଏଥର ତା'ଠାରୁ ୧୦ମିଟର ଅଧିକ ଉଚ୍ଚତା ଡେଇଁଥିଲେ। ଡୁପ୍ଲାଣ୍ଟିସ ତାଙ୍କ ପ୍ରଥମ ପ୍ରୟାସରେ ୬.୧୦, ୬.୧୫ କ୍ଲିଅର କରିଥିଲେ। ପରେ ସେ ୬.୨୫ କ୍ଲିଅର କରିଥିଲେ, ଯଦିଓ ବାର୍ ସାମାନ୍ୟ ହଲି ଯାଇଥିଲା। କାରାଲିସ ୬.୧୦ ଓ ୬.୧୫ ଅତିକ୍ରମ କରିଥିଲେ। ସେ ୬.୨୫ ମିଟର ପ୍ରୟାସ କରି ବିଫଳ ସହ ରନରଅପ୍ ହୋଇଥିଲେ। ଗତ ସପ୍ତାହରେ ସ୍ୱିଡିଶ ମିଟିଂରେ ସେ ୬.୩୨ ମିଟର ପ୍ରୟାସ କରି ତାଙ୍କ ନାମରେ ରହିଥିବା ବିଶ୍ୱରେକର୍ଡ ୬.୩୧ ମିଟରକୁ ଅତିକ୍ରମ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସୂଚନାଯୋଗ୍ୟ, ସ୍ୱିଡିଶ ମିଟିଂ ଏବେ ଡୁପ୍ଲାଣ୍ଟିସଙ୍କ ନାମରେ 'ମୋଣ୍ଡୋ କ୍ଲାସିକ୍' ରଖାଯାଇଛି। ଡୁପ୍ଲାଣ୍ଟିସ କହିଛନ୍ତି, ଏଠାରେ ତାଙ୍କୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଟାଇଟଲ ଜିତି ସେ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି। ତେଣୁ ସେ ବିଶ୍ୱ ରେକର୍ଡ କରିବା ପାଇଁ ଚେଷ୍ଟା କରି ନ ଥିଲେ।




Finance Partners: TVS CREDIT, IDFC FIRST Bank ALWAYS YOU FIRST, SHRIRAM Finance, L&T Finance, Muthoot Finance, TATA CAPITAL Two Wheeler Loans

#Ex- showroom price of TVS Sport ES variant in Odisha. Prices are subject to change without any prior notice. ^Offer applicable on all variants of TVS Sport and TVS Radeon. Limited period offer. **Finance at the sole discretion of the financer. No offers can be combined and redeemed together. Accessories shown here may not be part of standard fitment. T&C apply.

**FOR ALL BULK/INSTITUTIONAL REQUIREMENTS PLEASE MAIL: corporate.customersupport@tvsmotor.com Authorised Main Dealers: SAMBALPUR :** KISHORE TVS : 9778371171, BOLANGIR : RAJALAXMI TVS : 8260437538, BARGARH : SHUBHAMM TVS : 8860625628. JHARSUGUDA : MARUTI TVS : 9124590071/9124590070, SONEPUR : MINERVA TVS : 6370700730, 6370700732, BHAWANIPATNA : MAA BANJARI TVS: 8926220488,8926242352; JUNAGARH : MAA BANJARI TVS: 9437939586, 7978323005. **Authorised Dealers:** BELPAHAR : 8249880971, NUAPARA : 9938098888, BARAGARH : 9938739550, ATTABIRA : 9583558398. PAIKAMAL : 9938119999, BHEDEN : 7008822177, GODBAGHA : 9438043220, DIPTIPUR : 9937119913. PADAMPUR : 8018570957, JAGADALPUR : 7974013864, AGALPUR : 8658048760, PATNAGARH : 9938621078. RAJ KHARIAR : 9439144433. KANTABANJI : 8596980487, GAISILAT : 7683848645, SAINTALA : 9861471371. BANGAMUNDA : 9937526500, TUSURA : 9437890955, UDANBANDH : 9437626855, LATHOR : 7008086417. TITILAGARH : 9776516666, BELPARA : 7008771977, BRAJRAJNAGAR : 9937077883, DEOGARH : 9437392892. MODIPARA : 9337016000, BAMRA : 9668005302, KUCHINDA : 9777189689, KANTAPALI : 9437096134. DHAMA : 7735079641, RAIRAKHOL : 9937503010, DUNGRIPALLY : 9937926986, KANTAMAL : 7008225996. BIRMAHARAJPUR : 8018860710, BOUDH : 9668507569, BAUNSUNI : 9938312281 NARLA : 9437707650. KESINGA : 9437625573, CHARBAHAL : 9178236679, M. RAMPUR : 9078855864, SINAPALI : 9937906526. LADUGAON : 8594857691, DHARAMGARH : 9938883405, KALAMPUR : 7008516495.

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ